
ଛତିଶଗଡରେ ମିଡିଆ ଜଗତକୁ ନୂଆ ଦିଶା | ୬

# ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store


ସଲମାନଙ୍କ ପ୍ରଥମ ପସନ୍ଦ ଥିଲେ ପ୍ରିୟଙ୍କା | ୮

RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଦ୍ୱାବିଂଶତମ ବର୍ଷ ସଂଖ୍ୟା-୬୩ Vol. 22 No-63 3 JUNE 2025 TUESDAY, BHUBANESWAR ମଙ୍ଗଳବାର, ୩ ଜୁନ୍ ୨୦୨୫ ପୃଷ୍ଠା-୮ ମୂଲ୍ୟ: ୭.୦୦


## ସଂକ୍ଷେପରେ...

### ନିଖିଳ ପବନ କଲ୍ୟାଣ ଜନଗଣନା ଡିସିଓ

ଭୁବନେଶ୍ୱର ୨।୬ (ଭାସ୍କର ନ୍ୟୁଜ୍) : ବରିଷ୍ଠ ଆଇଏଏସ୍ ଅଧିକାରୀ ନିଖିଳ ପବନ କଲ୍ୟାଣଙ୍କୁ ଜନଗଣନା ଡିସିଓ ଭାବେ ଦାୟିତ୍ୱ ଦିଆଯାଇଥିବା ବେଳେ ଓଡ଼ିଶାର ଡିସିଆର୍ ଭାବେ କାର୍ଯ୍ୟ କରିବା ନେଇ କେନ୍ଦ୍ର କାର୍ମିକ ମନ୍ତ୍ରଣାଳୟ ପକ୍ଷରୁ ଓଡ଼ିଶା ମୁଖ୍ୟ ସଚିବଙ୍କୁ ଚିଠି ଆସିଛି। ସେ ୨୦୨୫ ଡିସେମ୍ବର ୩୧ ପର୍ଯ୍ୟନ୍ତ କିମ୍ବା ପରବର୍ତ୍ତି ଆଦେଶ ପର୍ଯ୍ୟନ୍ତ ଏହି ଦାୟିତ୍ୱରେ ରହିବେ।

### ର୍‍ୟାଗିଂ ଅଭିଯୁକ୍ତଙ୍କୁ ଜରିମାନା

ବ୍ରହ୍ମପୁର ୨।୬ (ଭାସ୍କର ନ୍ୟୁଜ୍) : ବ୍ରହ୍ମପୁର ସ୍ଥିତ ଏମ୍‌କେସିଜି ମେଡ଼ିକାଲ କଲେଜ ଓ ହସ୍ପିଟାଲର ଜଣେ ଚତୁର୍ଥ ବର୍ଷର ଛାତ୍ରଙ୍କୁ ର୍‍ୟାଗିଂ ଅଭିଯୋଗରେ ଦୁଇ ହାଉସ୍ ସର୍ଜନଙ୍କୁ ୨୫ହଜାର ଟଙ୍କା ଲେଖାଏଁ ଜରିମାନା ଲାଗୁ କରାଯାଇଛି। ହସ୍ପିଟାଲ୍‌ର ଆଣ୍ଟି ର୍‍ୟାଗିଂ ସେଲ୍‌ର ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି।

### ନିଟ୍ ପିଜି ପରୀକ୍ଷା ସ୍ଥଗିତ

ନୂଆଦିଲ୍ଲୀ ୨।୬ : ଜୁନ ୧୫ରେ ହେବାକୁ ଥିବା ନିଟ୍ ପିଜି ୨୦୨୫ ପରୀକ୍ଷାକୁ ସ୍ଥଗିତ ରଖାଯାଇଛି । ଏହି ପରୀକ୍ଷାକୁ ଗୋଟିଏ ସିଫ୍ଟରେ କରିବାକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେବା ପରେ ନ୍ୟାସନାଲ ବୋର୍ଡ ଅଫ ଏକଜାମିନେସନ୍ସ ଇନ ମେଡିକାଲ ସାଇନସେସ (ଏନବିଏଏମଏସ) ପକ୍ଷରୁ ପରୀକ୍ଷା ସ୍ଥଗିତ ରଖିବାକୁ ନିଷ୍ପତ୍ତି ନେଇଛି। ପରୀକ୍ଷାରେ ସ୍ୱଚ୍ଛତା ରକ୍ଷା ପାଇଁ ଗୋଟିଏ ସିଫ୍ଟରେ ପରୀକ୍ଷା ଆୟୋଜନ କରିବାକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଏନବିଏଏମଏସ ପକ୍ଷରୁ କୁହାଯାଇଛି ଏଥିପାଇଁ ଅଧିକା ପରୀକ୍ଷା କେନ୍ଦ୍ର କରାଯିବ।

ସେନ୍‌ସେକ୍ସ: ୮୧,୪୫୧.୦୧
ସର୍ବାଧିକ: ୩୭.୪ ଡିଗ୍ରୀ
ସର୍ବନିମ୍ନ: ୨୮.୮ ଡିଗ୍ରୀ

**୨।୬ ।୨୦୨୫ ର ମତାମତ**

ବେଆଇନ ବିସ୍ଫୋରକ ନେଇ କଠୋର କାର୍ଯ୍ୟାନୁଷ୍ଠାନ ଜରୁରି ନୁହେଁ କି ?




**ଆଜିର ପ୍ରସଙ୍ଗ**

କରେନା ସଂକ୍ରମଣ ନେଇ ସମସ୍ତେ ସଚେତନ ହେବା ଉଚିତ୍ ନୁହେଁ କି ?

ମତାମତ ଦେବା ପାଇଁ ଲଗ୍‌ଅନ୍ କରନ୍ତୁ www.odishabhaskar.com

## ତୀର୍ଯ୍ୟକ


ଅର୍ଚ୍ଚିତ ଅନିର୍ବାଣ




ମୁଖ୍ୟମନ୍ତ୍ରୀଙ୍କର ଭଦ୍ରକ ସଭାରେ
ହୋଇଥିଲା ଭାରି ଭିଡ଼,
ମଞ୍ଚାସୀନ ଥିଲେ ମହା ମହାରଥୀ
ସାନ, ମଝିଲା ଓ ବଡ଼ ।
ଥିଲା ବିଜେଡ଼ିର ଗଡ଼,
ଏବେ ଲାଗୁଥିଲା ବିଜେପିର ଅବା
ଦୁର୍ଗ ଏହା ମସ୍ତବଡ଼ !

## ୪ହଜାର ମୁହାଁ କରୋନା ସଂକ୍ରମଣ

# ଜାରି ହେବ କଟକଣା !



- ବ୍ୟସ୍ତ, ବିବ୍ରତ ହୁଅନି : ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ
- କେରଳରେ ସ୍ଥିତି ସାଂଘାତିକ
- ମୃତ୍ୟୁ ସଂଖ୍ୟା ୨୮ ଛୁଇଁଲା

ନୂଆଦିଲ୍ଲୀ ୨।୬ : ସାରା ଦେଶରେ ଦ୍ରୁତ ଗତିରେ ମାଡି ଚାଲିଛି କରୋନା ସଂକ୍ରମଣ। ଥମିବାର ନାଁ ନେଉନି। ପ୍ରତିଦିନ ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ସୂଚନା ଅନୁଯାୟୀ ଦେଶରେ ଏବେ ସକ୍ରିୟ ମାମଲା ୪ହଜାର ମୁହାଁ ହେବାକୁ ଲାଗିଛି। ସେହିପରି ମୃତ୍ୟୁ ସଂଖ୍ୟା ୨୮ରେ ପହଞ୍ଚିଛି। କେରଳ, ଦିଲ୍ଲୀ, ମହାରାଷ୍ଟ୍ର, ତାମିଲନାଡୁ ଇତ୍ୟାଦି ରାଜ୍ୟରେ କରୋନା ସଂକ୍ରମଣ ଉପରମୁହାଁ ହୋଇଛି। ଦିଲ୍ଲୀରେ ଆଉ ୬୧ଟି ନୂତନ ମାମଲା ଚିହ୍ନଟ ହେବା ପରେ ମୋଟ ମାମଲା ସଂଖ୍ୟା ୪୩୬ରେ ପହଞ୍ଚିଛି। ସେହିପରି ଉତ୍ତର ପ୍ରଦେଶରେ ସକ୍ରିୟ ମାମଲା ୧୪୯କୁ ବୃଦ୍ଧି ପାଇଛି। ମହାରାଷ୍ଟ୍ରରେ ମଧ ଦ୍ରୁତ ଗତିରେ କରୋନା ମାଡି ଚାଲିଛି। ୬୫ ଜଣ ନୂତନ ସଂକ୍ରମିତ ଚିହ୍ନଟ ହୋଇଥିବା ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ସୂଚନା ଦେଇଛି। ମହାରାଷ୍ଟ୍ରରେ ଯେଉଁ ୬୫ଟି ନୂତନ ମାମଲା ଚିହ୍ନଟ ହୋଇଛି ସେଥିମଧ୍ୟରୁ ମୁମ୍ବାଇରେ ୨୨ଜଣ, ପୁନେରେ ୨୫ଜଣ, ଥାନେରୁ ୯ଜଣ, ପିମ୍ପରିଚିଞ୍ଚୱାଡରୁ ୬ଜଣ, କୋହ୍ଲାପୁରରୁ ୨ଜଣ ଓ ନାଗପୁରରୁ ଜଣେ ଚିହ୍ନଟ ହୋଇଛନ୍ତି। ସେହିପରି ରାଜସ୍ଥାନରେ କରେନା ମାମଲା ନିରନ୍ତର ଭାବେ ବୃଦ୍ଧି ପାଇବାରେ ଲାଗିଛି। ଗତ ୨୪ଘଣ୍ଟା ମଧରେ ୨୦ଜଣ ନୂଆ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ବର୍ତ୍ତମାନ ସୁଦ୍ଧା ରାଜସ୍ଥାନରେ ୯୮ଜଣ ଆକ୍ରାନ୍ତ ଚିହ୍ନଟ ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ସୂଚନା ଦେଇଛି। ଗୁଜରାଟରେ ୩୨୦ ସକ୍ରିୟ ମାମଲା ଚିହ୍ନଟ ହୋଇଛି। ତେବେ ଗୁଜରାଟରେ କରେନାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିବା ପରେ ମୃତ୍ୟୁ ସଂଖ୍ୟା ୨୮ରେ ପହଞ୍ଚିଛି। ହରିୟାଣାରେ • ପୃଷ୍ଠା ୫ ଦେଖନ୍ତୁ

### ଓଡ଼ିଶାରେ କୋଭିଡ ଆକ୍ରାନ୍ତଙ୍କ ସଂଖ୍ୟା ୧୫କୁ ବୃଦ୍ଧି

ଭୁବନେଶ୍ୱର ୨।୬ (ଭାସ୍କର ନ୍ୟୁଜ) : ରାଜ୍ୟରେ କରୋନା ଆକ୍ରାନ୍ତ ସଂଖ୍ୟା ମଧ ବୃଦ୍ଧି ପାଇବାରେ ଲାଗିଛି। ରବିବାର ସୁଦ୍ଧା ମୋଟ ୧୨ଜଣ ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ସୋମବାର ଆଉ ୩ଜଣ ଚିହ୍ନଟ ହେବା ପରେ ଏହି ସଂଖ୍ୟା ୧୫ରେ ପହଞ୍ଚିଛି। ତେବେ ଏହି ସଂଖ୍ୟା କିଛି ଅଧିକ ନୁହେଁ ବୋଲି କହିଛନ୍ତି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନୀଳମଣି ମିଶ୍ର। ସେ କହିଛନ୍ତି ଏଥିପାଇଁ ବ୍ୟସ୍ତ ବିବ୍ରତ ହେବାର କୌଣସି କାରଣ ନାହିଁ। ଲକ୍ଷଣ ଦେଖା ଦେଲେ ଏବେ କେବଳ ଗୁରୁତର ଆକ୍ରାନ୍ତଙ୍କ କୋଭିଡ ଟେଷ୍ଟ କରାଯାଉଛି। ଯେତିକି ପରୀକ୍ଷା କରାଯାଉଛି ସେଥିରୁ କମ୍ ଆକ୍ରାନ୍ତ ଚିହ୍ନଟ ହେଉଛନ୍ତି। ତେଣୁ ଗହଳି ଜାଗାକୁ ନଯାଇ ମାସ୍କ ପିନ୍ଧନ୍ତୁ, ହାତ ଧୁଅନ୍ତୁ, ଆବଶ୍ୟକ ପଡିଲେ ଗ୍ଲୋବ୍ସ ବ୍ୟବହାର କରନ୍ତୁ ବୋଲି ଶ୍ରୀ ମିଶ୍ର ପରାମର୍ଶ ଦେଇଛନ୍ତି।

## ଭଦ୍ରକକୁ ୨୭୫କୋଟିର ଭେଟିଦେଲେ ମୁଖ୍ୟମନ୍ତ୍ରୀ

# ଭଦ୍ରକରେ ହେବ ଶିଳ୍ପର ବିକାଶ



- ୯ ପ୍ରକଳ୍ପର ଉଦ୍‌ଘାଟନ, ୪ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ
- ସରକାରୀ ବିଶ୍ୱବିଦ୍ୟାଳୟ ସ୍ଥାପନ ପାଇଁ ଘୋଷଣା
- ଶହିଦପୀଠଗୁଡ଼ିକର ହେବ ସୌନ୍ଦର୍ଯ୍ୟକରଣ

ଭୁବନେଶ୍ୱର, ୨।୬ (ଭାସ୍କର ନ୍ୟୁଜ୍): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୋମବାର ଭଦ୍ରକ ଜିଲ୍ଲାର ବାଲିଆପଡା ଠାରେ ପ୍ରାୟ ୨୭୫ କୋଟି ଟଙ୍କାର ସମୁଦାୟ ୧୩ଟି ପ୍ରକଳ୍ପର ଉଦଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହା ସହିତ ଭଦ୍ରକରେ ସରକାରୀ ବିଶ୍ୱବିଦ୍ୟାଳୟ ସ୍ଥାପନା ହେବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ବହୁ ଦିନରୁ ଦାବି ଥିବା ମେଡିକାଲ କଲେଜର ଭିତ୍ତିପ୍ରସ୍ତର ସ୍ଥାପନ ଖୁବ ଶୀଘ୍ର ଏହି ଜିଲ୍ଲାରେ ହେବ ଏବଂ ଏହା ସହିତ ଓଙ୍ଗଉଖ ପକ୍ଷରୁ ଭଦ୍ରକରେ ଏକ ଟେକ୍ନିକାଲ ଟେକ୍ସଟାଇଲ କମ୍ପ୍ଲେକ୍ସ ଓ ଏମ୍‌ସିପିଏଲ୍ ପ୍ରାଇଭେଟ୍ ଲିମିଟେଡ୍ ଦ୍ୱାରା ଗୋଟିଏ ଏଚ୍‌ଏମ୍‌ଏଲ୍‌ଏସ୍ ପଲିଷ୍ଟର ଉତ୍ପାଦନ କମ୍ପାନୀ ପ୍ରତିଷ୍ଠା କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ। ଏହାସହିତ, ଭଦ୍ରକ ରେ ଥିବା ସମସ୍ତ ଶହୀଦ ପୀଠ ମାନଙ୍କର ସୌନ୍ଦର୍ଯ୍ୟକରଣ ହେବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ। କାର୍ଯ୍ୟକ୍ରମରେ ଅଭିଭାଷଣ ରଖି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଥିଲେ ଯେ, ଆମର ସରକାର କ୍ଷମତାକୁ ଆସିବା ପରେ ବିପ୍ଳବୀ ମାଟି ଭଦ୍ରକରେ ଆଜି ବିକାଶର ଗତି ତ୍ୱରାନ୍ୱିତ ହୋଇଛି। ଯେଉଁ ପ୍ରତିଶ୍ରୁତି ଦେଇ ଆମେ ଲୋକଙ୍କ ସାହାଯ୍ୟ ଓ ସମର୍ଥନ ଲୋଡିଥିଲୁ, ତାକୁ କାର୍ଯ୍ୟରେ ପରିଣତ କରିବା ପାଇଁ ଆମେ ଗୋଟିଏ ମିନିଟ ବି ନଷ୍ଟ କରିନାହୁଁ। ଏହି ଭାବନାକୁ ମନରେ ରଖି ଗତ ପ୍ରାୟ ଏକବର୍ଷ ହେଲା ଆମ ସରକାର ଜନତାଙ୍କ ସେବାରେ ଉତ୍ସର୍ଗୀକୃତ ଭାବେ କାର୍ଯ୍ୟରତ। ଆମ ସରକାର ଆସିବାର ପ୍ରଥମ ଦିନରୁ ହିଁ ଲୋକଙ୍କ ବିଶ୍ୱାସ ଓ ଭରସାକୁ ବଜାୟ ରଖି ଚାରିଗୋଟି ପ୍ରତିଶ୍ରୁତିକୁ ପାଳନ କରିଥିଲୁ। ମାତ୍ର ୨୪ ମିନିଟରେ ସୁଭଦ୍ରା ଯୋଜନା, ଚାଷୀଭାଇ ଓ ଭଉଣୀଙ୍କୁ ଧାନ କିଣା ବାବଦକୁ କୁଇଣ୍ଟାଲ ପିଛା ଅଧିକ ୮୦୦ ଟଙ୍କା ପ୍ରଦାନ, ଶ୍ରୀ ମନ୍ଦିରର ଚାରିଦ୍ୱାର ଖୋଲା ଏବଂ ପ୍ରଭୁଙ୍କ ସେବା ପୂଜା ପାଇଁ ୫୦୦ କୋଟି ଟାଙ୍କର କର୍ପସ ଫଣ୍ଡ ପରି ନିଷ୍ପତ୍ତି ନେଇଥିଲୁ। ଏହି ୧୨ ମାସରେ ସରକାରର ସଫଳତାର ଫର୍ଦ୍ଦ ବହୁତ ଲମ୍ବା। ଏହାର ହିସାବ ଆମେ ଆସନ୍ତା ୧୨ ତାରିଖରେ ଜନତା ଜନାର୍ଦ୍ଦନଙ୍କୁ ଦେବୁ। ଜୀବନ ଜୈବିକା ରାଜ୍ୟର ବିକାଶ ପାଇଁ ଅପରିହାର୍ଯ୍ୟ। କୃଷି ଓ ଆନୁଷଙ୍ଗିକ କୃଷି ତଥା ଶିଳ୍ପର ବିକାଶ ମଧମରେ ରାଜ୍ୟର ପ୍ରତିଟି ନାଗରିକଙ୍କ ଆର୍ଥିକ ସ୍ଥିତିରେ ସୁଧାର ଆଣିବାକୁ ଆମର ଉଦ୍ୟମ ଜାରି ରହିଛି ବୋଲି • ପୃଷ୍ଠା ୫ ଦେଖନ୍ତୁ

## ପ୍ରକାଶ ପାଇଲା ଜେଇଇ ଆଡଭାନ୍ସ ରେଜଲ୍ଟ

# ରଜିତ୍ ଗୁପ୍ତା ସର୍ବଭାରତୀୟ ଟପ୍ପର



ନୂଆଦିଲ୍ଲୀ, ୨।୬: ଆଇଆଇଟି କାନପୁର ପକ୍ଷରୁ ଯୁଗ୍ମ ପ୍ରବେଶିକା ପରୀକ୍ଷା(ଜେଇଇ) ଆଡଭାନ୍ସ-୨୦୨୫ର ଫଳ ସୋମବାର ପ୍ରକାଶ ପାଇଛି। ଚଳିତବର୍ଷ ୧ ଲକ୍ଷ ୮୦ ହଜାର ୪୨୨ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ । ଆଇଆଇଟି ଦିଲ୍ଲୀ ଜୋନ୍‌ର ରଜିତ୍ ଗୁପ୍ତା ପ୍ରଥମ ସ୍ଥାନ ହାସଲ କରିଛନ୍ତି। ମୋଟ୍ ୧.୮୦ ହଜାରରୁ ଅଧିକ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୫୪, ୩୭୮ ଜଣ କୃତକାର୍ଯ୍ୟ ହୋଇଛନ୍ତି । ସେମାନଙ୍କ ମଧ୍ୟରୁ ୯,୪୦୪ ଛାତ୍ରୀ ରହିଛନ୍ତି । ଏଥର ସବୁ ବର୍ଗରେ କଟଅପ କମିଛି । ଆଇଆଇଟି ଦିଲ୍ଲୀ ଜୋନ୍‌ର ରଜିତ୍ ଗୁପ୍ତା ପ୍ରଥମ ସ୍ଥାନରେ ରହିଛନ୍ତି । ସେ ୩୬୦ରୁ ୩୩୨ ମାର୍କ ରଖିଛନ୍ତି । ଆଇଆଇଟି କାନପୁର ଦ୍ୱାରା ମେ' ୧୮ରେ ଦୁଇଟି ପର୍ଯ୍ୟାୟରେ ଦେଶରେ ୨୨୨ କେନ୍ଦ୍ରରେ ପରୀକ୍ଷା ହୋଇଥିଲା। ଏହା ସହିତ କାଠମାଣ୍ଡୁ ଓ ଦୁବାଇରେ ୨୨୪ କେନ୍ଦ୍ରରେ ପରୀକ୍ଷା ହୋଇଥିଲା । ଏଥର ୯୦ ହଜାର ପରୀକ୍ଷାର୍ଥୀ ଜେଇଇ- ଆଡଭାନ୍ସ ପାଇଁ ପଞ୍ଜୀକରଣ କରିଥିଲେ । ୩୬୦ ମାର୍କର ପରୀକ୍ଷା ହୋଇଥିଲା । ଯେଉଁଥିରେ ପେପର-୧ ଓ ପେପର-୨ ଦୁଇଟିରେ ୧୮୦-୧୮୦ ମାର୍କର ରହିଥିଲା । ଆଇଆଇଟି ଦିଲ୍ଲୀ ଜୋନ୍ ରଜିତ୍ ଗୁପ୍ତା ରାଙ୍କ ୧ ହାସଲ କରିଛନ୍ତି । କୋଟାରେ କୋଚିଂ ନେଉଥିବା ରଜିତ ୩୬୦ରୁ ୩୩୨ ମାର୍କ ରଖିଛନ୍ତି । ଦ୍ୱିତୀୟ ସ୍ଥାନରେ ଆଇଆଇଟି ଦିଲ୍ଲୀ ଜୋନ୍‌ର ସକ୍ଷମ ଜିନ୍ଦଲ ରହିଛନ୍ତି । ତୃତୀୟ ସ୍ଥାନରେ ଆଇଆଇଟି ବମ୍ବେ ଜୋନ୍‌ର ମାଜିଦ ମୁଜାହିଡ, ଚତୁର୍ଥରେ ପାର୍ଥ ମନ୍ଦର ରହିଛନ୍ତି । ଦେବଦତ୍ତା ମାଝୀ ୧୬ତମ ରାଙ୍କ ହାସଲ କରି ଛାତ୍ରୀଙ୍କ ମଧ୍ୟରେ ଶୀର୍ଷ ସ୍ଥାନ ହାସଲ କରିଛନ୍ତି। ଜେଇଇ ଆଡଭାନ୍ସ କମନ୍ ରାଙ୍କ ଲିଷ୍ଟ (ସିଆରଏଲ) ଶୀର୍ଷ ୧୫ରେ ସମସ୍ତେ ଛାତ୍ର । କଟଅଫ୍ କମିଲା- ଚଳିତ ବର୍ଷ ପ୍ରତି ବିଷୟ ଏବଂ ମୋଟ ଜେଇଇ ଆଡଭାନ୍ସ କଟଅପ କମିଛି। ସାଧାରଣ ରାଙ୍କ ପାଇଁ ୨୦.୫୬ ପ୍ରତିଶତ, ଜେନେରାଲ-ଇଡବଲ୍ୟୁଏସ ରାଙ୍କ ଲିଷ୍ଟ ଓ ଓବିସି-ଏନସିଏଲ ପାଇଁ ୧୮.୫୦ ପ୍ରତିଶତ ରହିଛି । ସେହିପରି ଏସସି, ଏସଟି ଓ ପିଡବ୍ଲ୍ୟୁ ପାଇଁ ରାଙ୍କ ୧୦.୨୮ ପ୍ରତିଶତ ରହିଛି ।

### ହଂସ ଦାରୁକା ଓଡ଼ିଶା ଟପ୍ପର



ଭୁବନେଶ୍ୱର ୨।୬ (ଭାସ୍କର ନ୍ୟୁଜ) : ସୋମବାର ଆଇଆଇଟି କାନପୁର ଦ୍ୱାରା ପରିଚାଳିତ ଜେଇଇ ଆଡଭାନ୍ସ ପରୀକ୍ଷାଫଳ ପ୍ରକାଶ ପାଇଛି। ଆଇଆଇଟି ଦିଲ୍ଲୀ ଜୋନ୍‌ର ଛାତ୍ର ରଜିତ ଗୁପ୍ତା ଅଲ୍‌ଇଣ୍ଡିଆ ଟପ୍ପର ହୋଇଥିବା ବେଳେ ଓଡ଼ିଶା ପାଇଁ ଗର୍ବ ଆଣିଛନ୍ତି ହସଂ ଦାରୁକା ଓ ନବନୀତ। ହଂସ ଦାରୁକା ଓଡ଼ିଶା ଟପ୍ପର ହୋଇଛନ୍ତି। ସେ ଅଲ୍‌ଇଣ୍ଡିଆ ର୍‍ୟାଙ୍କର ୩୯ନମ୍ବରରେ ରହିଛନ୍ତି। ସେହିପରି ନବନୀତ ୯୭ତମ ର୍‍ୟାଙ୍କରେ ରହି ଓଡ଼ିଶା ପାଇଁ ଗର୍ବ ଆଣିଛନ୍ତି।

## ମିଳିନି ନିମନ୍ତ୍ରଣ

# ଜି-୭ ସମ୍ମିଳନୀରେ ଭାଗ ନେଇ ନପାରନ୍ତି ମୋଦି



ନୂଆଦିଲ୍ଲୀ ୨।୬ : ଚଳିତବର୍ଷ ଜି-୭ ସମ୍ମିଳନୀରେ ଅଂଶ ଗ୍ରହଣ କରି ନପାରନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। କାରଣ ତାଙ୍କୁ ଏଯାଏଁ ନିମନ୍ତ୍ରଣପତ୍ର ମିଳିନାହିଁ। କାନାଡାରେ ହେବାକୁ ଥିବା ଏହି ସମ୍ମିଳନୀରେ ମୋଦୀଙ୍କ ଅଂଶ ଗ୍ରହଣ ସମ୍ଭାବନା ଖୁବ୍ କମ୍ ବୋଲି କୁହାଯାଉଛି। ଜି-୭ ହେଉଛି ବିଶ୍ୱର ସର୍ବାଧିକ ଶିଳ୍ପୋନ୍ନତ ଅର୍ଥନୀତି। ଯାହାକୁ ଫ୍ରାନ୍ସ, ଜର୍ମାନୀ, ଇଟାଲି, ଯୁକ୍ତରାଜ୍ୟ ଜାପାନ, ଯୁକ୍ତରାଷ୍ଟ୍ର ଏବଂ କାନାଡର ଏକ ଅନୌପଚାରିକ ଗୋଷ୍ଠି। ଏଥିରେ ୟୁରୋପୀୟ ସଂଘ (ଇୟୁ), ଆଇଏମ୍‌ଏଫ୍, ବିଶ୍ୱ ବ୍ୟାଙ୍କ ଏବଂ ଜାତିସଂଘ ମଧ ଯୋଗଦେଉଛନ୍ତି। ଦକ୍ଷିଣ ଆଫ୍ରିକା ଏବଂ ୟୁକ୍ରେନ୍ ଓ ଅଷ୍ଟ୍ରେଲିଆ କାନାଡରୁ ନିମନ୍ତ୍ରଣପତ୍ର ପାଇଥିବା ବେଳେ ପ୍ରଧାନମନ୍ତ୍ରୀ ମୋଦିଙ୍କ ନିକଟକୁ ନିମନ୍ତ୍ରଣପତ୍ର ଆସିନାହିଁ। ଫଳରେ ଏହି ସମ୍ମିଳନୀରେ ଯୋଗଦେବା ନେଇ ଅନିଶ୍ଚିତତା ପ୍ରକାଶ ପାଇଛି। ଆସନ୍ତା ୧୫ତାରିଖରୁ ୧୭ତାରିଖ ପର୍ଯ୍ୟନ୍ତ କାନଡାରେ ଏହି ଶିଖର ସମ୍ମିଳନୀ ଆୟୋଜିତ ହେବ। କିନ୍ତୁ ପ୍ରଧାନମନ୍ତ୍ରୀଙ୍କୁ କାହିଁକି ନିମନ୍ତ୍ରଣପତ୍ର ପଠାଯାଇନାହିଁ ସେ ନେଇ କିଛି ସ୍ପଷ୍ଟ ସୂଚନା ମିଳିପାରି ନାହିଁ। ବିଶେଷ ସୂତ୍ରରୁ ଜଣାପଡିଛି ଯେ, • ପୃଷ୍ଠା ୫ ଦେଖନ୍ତୁ

## ମାଟି ତଳେ ଲୁଚାଇଥିଲେ ମାଓବାଦୀ

# ଆଉ ଅଢ଼େଇ ଟନ୍ ବିସ୍ଫୋରକ ଜବତ



କୋଇଡା ୨।୬ (ଭାସ୍କର ନ୍ୟୁଜ) : ସୁନ୍ଦରଗଡ ଜିଲ୍ଲାକେ ବଲାଙ୍ଗ ଥାନା ବାଙ୍କୋପଥର ଖଣିରୁ ଝାଡଖଣ୍ଡ ଯାଉଥିବା ୪ଟନ୍ ବିଶିଷ୍ଟ ବିସ୍ଫୋରକ ବୋଝେଇ ଟ୍ରକ୍‌କୁ ମାଓବାଦୀମାନେ ଲୁଟି ନେଇଥିବା ବେଳେ ଧୀରେଧୀରେ ସେହି ବିସ୍ଫୋରକଗୁଡିକୁ ଜବତ କରାଯାଉଛି। ପୂର୍ବରୁ ୧ଟନ୍ ବିସ୍ଫୋରକ ଜବତ କରାଯାଇଥିବା ବେଳେ ସୋମବାର ପୁଣି ଝାଡଖଣ୍ଡର ଦରେଇକଳା ଥାନା ତିରିଲିପୋଷ ଜଙ୍ଗଲରୁ ସୁରକ୍ଷାକର୍ମୀ ଅଢ଼େଇ ଟନ୍ ବିସ୍ଫୋରକ ଜବତ କରିଛନ୍ତି। ମାଓବାଦୀମାନେ ଏହି ବିସ୍ଫୋରକୁ ମାଟି ତଳେ ଲୁଚାଇ ରଖିଥିଲେ। କୋବ୍ରା ବାଟାଲିଆନ୍, ସିଆର୍‌ପିଏଫ୍ ଯବାନମାନେ ଏବେ ବି ସରଣ୍ଡା ଜଙ୍ଗଲରେ ସର୍ଚ୍ଚ ଅପରେସନ ଜାରି ରଖିଛନ୍ତି। ଏହି ଘଟଣାରେ ଯଦିଓ କାହାକୁ ଗିରଫ କରାଯାଇନାହିଁ ତେବେ ଅବଶିଷ୍ଟ ବିସ୍ଫୋରକୁ ଜବତ ପାଇଁ ଉଦ୍ୟମ ଆରମ୍ଭ ହୋଇଛି। ଏହି ଘଟଣାର ତଦନ୍ତ ମଧ ଏବେ ବି ଚାଲୁ ରହିଛି। ଏନ୍‌ଆଇଏର, ସିଆର୍‌ପିଏଫ୍, ଓଡ଼ିଶା ପୋଲିସ ଏବଂ ସାଇଣ୍ଟିଫିକ୍ ଟିମ୍ ମେଣ୍ଟଭାବେ ଛାନ୍‌ଭିନ୍ କରୁଛନ୍ତି। ବିସ୍ଫୋରକ ଲୁଟ ଖବର ମିଳିବା ପରେ ଓଡ଼ିଶା ପୋଲିସ ମହାନିର୍ଦ୍ଦେଶକ ଯୋଗେଶ ବାହାଦୂର ଖୁରାନିଆ ଘଟଣାସ୍ଥଳକୁ ଯାଇ ତନାଘନା କରିବା ସହ ବିସ୍ଫୋରକ ଉଦ୍ଧାର ପାଇଁ ପୋଲିସକୁ ନିର୍ଦ୍ଦେଶ ଦେଇଥିଲେ। ସୋମବାର ମଧ ଶ୍ରୀ ଖୁରାନିଆ ବରିଷ୍ଠ ଅଧିକାରୀଙ୍କ ସହ ଘଟଣାସ୍ଥଳକୁ ଯାଇ ତନାଘନା କରିଥିବା ସୂଚନା ମିଳିଛି। ଏଥିପୂର୍ବରୁ ଗତ ବୁଧବାର ଶ୍ରୀ ଖୁରାନିଆ ଆଇଜି ଅପେରସନ ଦୀପକ କୁମାର, ପଶ୍ଚିମାଞ୍ଚଳ ଡିଆଇଜି ବ୍ରିଜେଶ ରାୟ, ସୁନ୍ଦରଗଡ ଏସ୍‌ପି ପ୍ରତ୍ୟୁଷ ଦିବାକର ପ୍ରମୁଖ ଘଟଣାସ୍ଥଳରେ ଛାନ୍‌ଭିନ୍ କରିଥିଲେ। ଏହାଛଡା ସିଆର୍‌ପିଏଫ୍ ଆଇଜି ଅମିତେନ୍ଦ୍ରନାଥ ସିହ୍ନା ଏବଂ ସିଆର୍‌ପିଏଫ୍‌ର ବରିଷ୍ଠ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଥିଲେ। ଗୋଟିଏ ପଟେ ମାଓବାଦୀମାନେ ଶାନ୍ତି ଆଲୋଚନା ପାଇଁ ଆହ୍ୱାନ ଦେଉଥିବା ବେଳେଅନ୍ୟ ପଟେ ବିସ୍ଫୋରକ ଲୁଟ୍ ଘଟଣା ସେମାନଙ୍କୁ ଦୋମୁହାଁ ଚରିତ୍ରକୁ ପଦାରେ ପକାଇ ଦେଇଛି।

## ଡିଜିପିଙ୍କ ଅଧ୍ୟକ୍ଷତାରେ ରଥଯାତ୍ରା ବୈଠକ

# ଶୃଙ୍ଖଳିତ କରିବାକୁ ପରାମର୍ଶ




କଟକ ୨।୬ (ଭାସ୍କର ନ୍ୟୁଜ୍) : ଆସନ୍ତା ଜୁନ ମାସ ୨୭ ତାରିଖରେ ପୁରୀର ବିଶ୍ୱପ୍ରସିଦ୍ଧ ରଥଯାତ୍ରା ଅନୁଷ୍ଠିତ ହେବ। ଏହି ରଥଯାତ୍ରାକୁ ଶୃଙ୍ଖଳିତ ଏବଂ ସୁପରିଚାଳନା କରିବା ନିମନ୍ତେ ସୋମବାର ଅପରାହ୍ନରେ କଟକସ୍ଥିତ ରାଜ୍ୟ ପୋଲିସ ମୁଖ୍ୟ କାର୍ଯ୍ୟାଳୟଠାରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଶ୍ରୀ ଯୋଗେଶ ବାହାଦୁର ଖୁରାନିଆଙ୍କ ଅଧ୍ୟକ୍ଷତାରେ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଡିଜିପି ଶ୍ରୀ ଖୁରାନିଆ ରଥଯାତ୍ରାକୁ ଶୃଙ୍ଖଳିତ କରିବା ପାଇଁ ସକ୍ରିୟ ତଥା ସଜାଗ ରହିବାକୁ ବରିଷ୍ଠ ପୋଲିସ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଶ୍ରୀ ଜଗନ୍ନାଥ ମନ୍ଦିର ପରମ୍ପରା ଅନୁଯାୟୀ ଶ୍ରୀଜୀଉଙ୍କ ରୀତିନୀତି ବିଭିନ୍ନ ତାରିଖରେ ପାଳନ କରାଯିବ ଓ ଶ୍ରୀଜୀଉଙ୍କ ଗୁରୁତ୍ୱପୂର୍ଣ୍ଣ ନୀତିକାନ୍ତି ମଧ୍ୟରେ ଜୁନ ୧୧ ତାରିଖରେ ଦେବସ୍ନାନ ପୂର୍ଣ୍ଣିମା, • ପୃଷ୍ଠା ୫ ଦେଖନ୍ତୁ

## ବାହାନଗା ରେଳ ଦୁର୍ଘଟଣାକୁ ୨ବର୍ଷ

# ଏବେ ବି ମନେ ପଡ଼ିଲେ ଛାତି ଥରି ଉଠେ



ବାହାନଗା ୨।୬ (ଭାସ୍କର ନ୍ୟୁଜ) : କଥାରେ ଅଛି ଦିନ ଯାଏ, ଚିହ୍ନ ରହେ। ଏତ ଖାଲି ଚିହ୍ନ ନୁହେଁ ବରଂ କ୍ଷତ ଚିହ୍ନ। ଇଏ ଏମିତି ଏକ କ୍ଷତ ଚିହ୍ନ ଯାହା ରକ୍ତର କାହାଣୀ ଲେଖିଦେଇ ଗଲା। ଜୀବନ ନେଲା ଯନ୍ତ୍ରଣା ଭରି ଦେଇ ଦାଗ ରଖିଦେଲା। ସେଦିନର ସେହି ଅଶୁଭ ଶୁକ୍ରବାର ଆଉ ଆଜି ଭିତରେ ବହୁତ କିଛି ବଦଳି ଯାଇଛି। ଅସଜଡା ଟ୍ରାକ୍ ସଜାଡି ହୋଇଛି। ଧାରଣା ଉପରେ କରମଣ୍ଡଳ ପୁଣି ଗଡୁଛି। ହେଲେ ସେଦିନ ଅନେକ ସ୍ୱପ୍ନ ଆଉ ସମ୍ଭାବନା ନେଇ ଘରୁ ବାହାରି ଆସିଥିବା ପାଦଗୁଡିକ ଆଉ ଘରକୁ ଫେରିନାହାନ୍ତି। ୨୦୨୩ଜୁନ୍ ୨ତାରିଖ ଶୁକ୍ରବାର ସମୟ ପାଖାପାଖି ସନ୍ଧ୍ୟା ୭ଟା। ବାଲେଶ୍ୱର ଜିଲ୍ଲା ବାହାନଗାରେ ଘଟିଥିଲା ଶତାବ୍ଦୀର ସବୁଠାରୁ ବଡ ରେଳ ଦୁର୍ଘଟଣା। କେହି କିଛି ବୁଝିବା ଆଗରୁ ସାମ୍ନାସାମ୍ନି ଧକ୍କା ହୋଇଥିଲା ଦୁଇଟି ଏକ୍ସପ୍ରେସ୍ ଆଉ ଏକ ମାଲବାହୀ ଟ୍ରେନ୍। ଏଥିରେ ୨୯୬ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୯୦୦ରୁ ଅଧିକ ଯାତ୍ରୀ ଆହତ ହୋଇଥିଲେ। ଶତାବ୍ଦୀର ସବୁଠାରୁ ବଡ ଟ୍ରେନ୍ ଦୁର୍ଘଟଣାଭାବେ ଦେଶକୁ ଦୋହଲାଇ ଦେଇଥିଲା ଏହି ଦୁର୍ଘଟଣା। କରମଣ୍ଡଳର ସେହି କରୁଣ କାହାଣୀକୁ ଆଜି ପୁରିଲା ୨ବର୍ଷ। ହେଲେ ସେହି ଭୟଙ୍କର ଦୁର୍ଘଟଣା ମନେ ପଡିଗଲେ ଏବେ ବି ଛାତି ଥରିଉଠୁଛି। କିଏ ଜାଣିଥିଲା ସେଦିନର ସେହି ଶୁକ୍ରବାର ଅନେକଙ୍କ ପାଇଁ କାଳ ପାଲଟିବ। କିଏ ଟ୍ରେନ୍ ଚକ ତଳେ ରହିଗଲା ତ ଆଉ କିଏ ବଗୀରେ ଚାପି ହୋଇଗଲା। ଆଉ କିଏ ବିଦ୍ୟୁତ୍ ସ୍ପର୍ଶରେ ଆସି ବଗୀ ଭିତରେ ହିଁ ଶବ ହୋଇଗଲା। ବଢ଼ି ଚାଲିଲା ମୃତ୍ୟୁ ସଂଖ୍ୟା। ବାହାନଗାରେ ମୁହାଁମୁହିଁ ଧକ୍କା ହୋଇଥିଲା କରମଣ୍ଡଳ ଏକ୍ସପ୍ରେସ୍ ସହ ବାଙ୍ଗାଲୋର-ହାଓ୍ୱଡା ସୁପରଫାଷ୍ଟ ଏକ୍ସପ୍ରେସ୍। ଘୋର ଅନ୍ଧକାର ଭିତରେ ଉଦ୍ଧାର ପାଇଁ କିଏ ବିକଳ ହେଉଥିଲା ତ ଆଉ କିଏ ପରିବାର ପାଇଁ କାନ୍ଦି କାନ୍ଦି ମାଟିରେ ଲୋଟି ପଡୁଥିଲା। ଦୁର୍ଘଟଣା ଖବର ମିଳିବା ପରେ ପ୍ରଥମେ ସହାୟତାର ହାତ ବଢ଼ାଇଥିଲେ ସ୍ଥାନୀୟ ଲୋକେ। ମାନବିକତା ଦେଖାଇ ଉଦ୍ଧାର କାର୍ଯ୍ୟରେ ନିଜକୁ ନିୟୋଜିତ କରିଥିଲେ। ଡାକ୍ତରଖାନାରେ • ପୃଷ୍ଠା ୫ ଦେଖନ୍ତୁ

ଓଡ଼ିଶା ଭାସ୍କର
ODISHA BHASKAR
# ରାଜ୍ୟ ଖବର



ବୋଲଗଡ଼ (ଭାସ୍କର ନ୍ୟୁଜ) : ବୋଲଗଡ଼ ବ୍ଲକ ଅନ୍ତର୍ଗତ ସଂପୁର ଗ୍ରାମର ଆରାଧ୍ୟ ଠାକୁର ଶ୍ରୀ ବାଲୁଙ୍କେଶ୍ୱର ଦେବଙ୍କ ମନ୍ଦିର ପରିସରରେ ଲୋକ ମତ ଓ ଲୋକ ପରମ୍ପରା ଅନୁଯାୟୀ ମହାଦେବ ଶିବ ଏବଂ ଦେବୀ ପାର୍ବତୀଙ୍କର ବିବାହ ଶନିବାର ଦିନ ସମ୍ପନ୍ନ ହୋଇଯାଇଛି। ଏହାପରେ ମନ୍ଦିର ସମୀପ ରଜ ପଡ଼ିଆ ନାଟ୍ୟ ମଣ୍ଡପରେ ପରିବେଶବିତ କୃଷ୍ଣଚନ୍ଦ୍ର ଝପଟସିଂହଙ୍କ ପୌରୋହିତ୍ୟ ଓ ସମାଜସେବୀ ନିରଞ୍ଜନ ନାୟକଙ୍କ ସଂଯୋଜନାରେ 'ଶିବ ବିବାହ ଓ ଶୀତଳ ଷଷ୍ଠୀ' ପ୍ରସଙ୍ଗ ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ଖଙ୍ଗୁରିଆ ଗ୍ରାମ ପଞ୍ଚାୟତର ବିଜେଡି ସଭାପତି ଚିତ୍ତରଞ୍ଜନ ମିଶ୍ର ମୁଖ୍ୟ ଅତିଥି, ବେଗୁନିଆସ୍ଥିତ ଗୋପବନ୍ଧୁ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରମୋଦ କୁମାର ସ୍ୱାଇଁ ମୁଖ୍ୟ ବକ୍ତା, କଳାକାର ଅଚ୍ୟୁତାନନ୍ଦ ସ୍ୱାଇଁ ସମ୍ମାନିତ ଅତିଥି ରୂପେ ଯୋଗଦେଇ ପ୍ରଥମେ ସମ୍ବଲପୁରରେ ଲୋକ ମତ ଓ ଲୋକ ପରମ୍ପରା ଅନୁଯାୟୀ ସମ୍ବଲପୁରରେ ଅନୁଷ୍ଠିତ ଶିବ ବିବାହ ଓ ଶୀତଳଷଷ୍ଠୀ ପର୍ବ ପାଳନ ସମ୍ପର୍କରେ ଆଲୋକପାତ କରିଥିଲେ। ପରେ ସଂପୁର ପାଇକସାହି ମା' ବିମଳାଇ ବାଳିକା ନାଟ୍ୟ ସଂସଦର ପରିଚାଳକଙ୍କ ତତ୍ତ୍ୱାବଧାନରେ ଉକ୍ତ ମଞ୍ଚରେ ପ୍ରଥମ କରି ବାଳିକା ରାମନାଟକ ମଞ୍ଚସ୍ଥ ହୋଇଥିଲା। ନେତ୍ର ରଞ୍ଜନ ମିଶ୍ର, ସନ୍ତୋଷ ପ୍ରଧାନ, ଜନାର୍ଦ୍ଦନ ନାୟକ, ବାବୁଲି ସିଂହ, ଇଲା ସିଂହ, ବୀର ଜେନା, ଦେବଦର୍ଶୀ ଜୟସିଂହ, କରୁଣାକର ନାୟକ, ପ୍ରବୀର କୁମାର ମହାନ୍ତିଙ୍କ ସମେତ ସଂପୁର ଗ୍ରାମବାସୀ ସହଯୋଗ କରିଥିଲେ । ନାଟ୍ୟ ନିର୍ଦ୍ଦେଶକ ନୃସିଂହ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।



# ଓଟିଇଟି ପରୀକ୍ଷା ନେଇ ଚିନ୍ତାରେ ଶିକ୍ଷକ-ଶିକ୍ଷୟିତ୍ରୀ

ଧାମନଗର (ଭାସ୍କର ନ୍ୟୁଜ୍) : ସ୍ୱତନ୍ତ୍ର ଓଡ଼ିଶା ଶିକ୍ଷକ ଯୋଗ୍ୟତା ପରୀକ୍ଷା-୨୦୨୫କୁ ଧାମନଗରରେ ଶିକ୍ଷକଙ୍କ ମଧ୍ୟରେ ଭାଳେଣି ପଡ଼ିଛି। ଦୀର୍ଘ ଦେଢ଼ ଦଶନ୍ଧି ଧରି ଏଭଳି ଏକ ପରୀକ୍ଷା କବଳରୁ ବଞ୍ଚିଥିବା ଶିକ୍ଷକ-ଶିକ୍ଷୟିତ୍ରୀ ଏବେ ଛନକା ହୋଇପଡ଼ିଛନ୍ତି। ପାଠ ପଢ଼ାଉଥିଲେ ବି ନିଜେ ପରୀକ୍ଷା ଦେବାକୁ କେବେ ଭାବିନଥିବା ଶିକ୍ଷକ ଶିକ୍ଷୟିତ୍ରୀ ଏବେ ବହି ଦୋକାନରେ ଭିଡ଼ ଲଗାଇଛନ୍ତି। ହାତରେ ମାତ୍ର ୪୯ ଦିନ। ତାରି ଭିତରେ ପାଠ ପଢ଼ି ପରୀକ୍ଷା ଦେବେ। ପରୀକ୍ଷାରେ ୬୦ ପ୍ରତିଶତ ମାର୍କ ରଖିଲେ କୃତକାର୍ଯ୍ୟ ହେବେ ବୋଲି ଧରାଯିବ। ଆଉ କୃତକାର୍ଯ୍ୟ ହେଲେ ତାଙ୍କର ପଦୋନ୍ନତି ହେବ। ନହେଲେ ସେଇମିତି ସମାନ ପଦରେ ଚାକିରୀ କାଳ ସରିବ। ପରୀକ୍ଷାକୁ ନେଇ ଶିକ୍ଷକ ଶିକ୍ଷୟିତ୍ରୀମାନେ ଏଥିପାଇଁ ଚିନ୍ତିତ କି, ଯେଉଁ ପେପରରେ ସେମାନେ ପରୀକ୍ଷା ଦେବାକୁ ସ୍ଥିର ହୋଇଛି, ସେ ବାବଦରେ ଏମାନଙ୍କର ଧ୍ୟାନ କି ଧାରଣା ନାହିଁ। ଯେଉଁ ପାଠ ପିଲାଙ୍କୁ ପଢ଼ାଉଛନ୍ତି ସେ ପାଠରେ ପରୀକ୍ଷା ଦେବେ ନାହିଁ। ଜାତୀୟ ଶିକ୍ଷା ନୀତି ଆଧାରରେ ପରୀକ୍ଷା ପାଇଁ ସିଲାବସ୍ ହୋଇଥିବାରୁ ଧାମନଗରର ୨୦୦ରୁ ୨୫୦ ଶିକ୍ଷକ ଶିକ୍ଷୟିତ୍ରୀ ଏବେ ଚିନ୍ତାରେ। ଯେଉଁ ଶିକ୍ଷକ ଶିକ୍ଷୟିତ୍ରୀମାନେ ୨୦୦୧, ୨୦୦୩, ୨୦୦୫, ୨୦୦୮, ୨୦୧୦ ଓ ୨୦୧୧ରେ ନିଯୁକ୍ତି ପାଇଥିଲେ, ସେହିମାନେ ଏଥର ପରୀକ୍ଷା ଦେବେ। ରାଜ୍ୟରେ ୨୦୧୨ରେ ଓଟିଇଟି ପରୀକ୍ଷା ପ୍ରଚଳନ କରାଗଲା। ଏଣୁ ଏନସିଟିଇ ନିୟମ ଆଧାରରେ ୨୦୧୧ ପୂର୍ବରୁ ଯେଉଁମାନେ ଚାକିରି କରିଥିବେ ସେମାନେ ପରୀକ୍ଷା ଦେବେ। କେବଳ ଏତିକି ନୁହେଁ, ପଦୋନ୍ନତି ନେବା ଲାଗି ଶିକ୍ଷକ ଯୋଗ୍ୟତା ପରୀକ୍ଷାକୁ ଏନସିଟିଇ ବାଧ୍ୟତାମୂଳକ କରିଛି। ଏହି ନିୟମ ଆଧାରରେ ଯେଉଁମାନେ ଗତ କିଛି ବର୍ଷ ମଧ୍ୟରେ ଅର୍ଥାତ ୨୦୧୨ ପରେ ପଦୋନ୍ନତି ପାଇଛନ୍ତି, ସେମାନଙ୍କ ଭବିଷ୍ୟତ କଣ ହେବ ସେନେଇ ଆଶଙ୍କାରେ ଅଛନ୍ତି। କେତେକ ଶିକ୍ଷକ ଶିକ୍ଷୟିତ୍ରୀ କିଛିବର୍ଷ ପୂର୍ବରୁ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଓ ପ୍ରଧାନଶିକ୍ଷକ ପଦକୁ ପଦୋନ୍ନତି ପାଇଛନ୍ତି। ସେମାନେ ଆଶଙ୍କା କରୁଛନ୍ତି ଯେ, ପରୀକ୍ଷାରେ ଯଦି ବିଫଳ ହୁଅନ୍ତି ସେମାନଙ୍କୁ ପୁଣି ମୂଳ ପଦକୁ ଫେରାଇ ଦିଆଯିବ। ଏଭଳି ସ୍ଥିତିରେ, ସେମାନଙ୍କ ଠାରୁ କନିଷ୍ଠ ଥିବା ଓ ୨୦୧୨ ପରେ ଓଟିଇଟି ଦେଇ ନିଯୁକ୍ତି ପାଇଥିବା ଶିକ୍ଷକ ଶିକ୍ଷୟିତ୍ରୀ ପଦୋନ୍ନତି ପାଇଯିବେ। ଆଉ ଏମାନେ ତାଙ୍କର ଜୁନିଅର ହୋଇ କାମ କରିବେ। ଏଭଳି ସ୍ଥିତିରେ ଶୈକ୍ଷିକ ପରିବେଶରେ ଅସଙ୍ଗତି ଦେଖାଦେବ ବୋଲି କିଛି ଶିକ୍ଷକ ଶିକ୍ଷୟିତ୍ରୀ କହିଛନ୍ତି। ରାଜ୍ୟରେ ଜାତୀୟ ଶିକ୍ଷା ନୀତି ଲାଗୁ ହେବା ପରେ ଜାତୀୟ ଶିକ୍ଷକ ଶିକ୍ଷା ପରିଷଦର ନିୟମ ଅନୁସାରେ ସମସ୍ତ ଶିକ୍ଷକ ଶିକ୍ଷକ ଯୋଗ୍ୟତା ପରୀକ୍ଷା ଦେବାକୁ ବାଧ୍ୟ। ଏଣୁ ୨୦୧୧ ପୂର୍ବରୁ ଯେଉଁମାନେ ଶିକ୍ଷକ ଶିକ୍ଷୟିତ୍ରୀ ଭାବେ ଚାକିରୀ କରିଛନ୍ତି, ସେମାନଙ୍କ ପାଇଁ ଓଟିଇଟି ପରୀକ୍ଷା ଦେବା ବାଧ୍ୟତାମୂଳକ ହୋଇଯାଇଛି। ସେହି କ୍ରମରେ ଗତ ମାସ ୭ ତାରିଖରେ ଚାକିରୀରେ ଥିବା ଶିକ୍ଷକଙ୍କ ପାଇଁ ସ୍ୱତନ୍ତ୍ର ଓଟିଇଟି ପରୀକ୍ଷା କରିବା ଲାଗି ମାଧ୍ୟମିକ ଶିକ୍ଷା ପରିଷଦ ବିଜ୍ଞପ୍ତି ପ୍ରକାଶ କରିଥିଲା। ଏଥିଲାଗି ମେ ୯ ତାରିଖରୁ ୨୨ ତାରିଖ ଯାଏ ଆବେଦନ କରିବାକୁ ଦିନ ଧାର୍ଯ୍ୟ ହୋଇଥିଲା। ଆସନ୍ତା ମାସ ୨୦ ତାରିଖରେ ଦୁଇଟି ସିଟିଂରେ ମୋଟ୍ ୧୫୦ ମାର୍କର ଦୁଇଟି ପେପରର ପରୀକ୍ଷା କରାଯିବ। ସାଧାରଣ ବର୍ଗଙ୍କ ପାଇଁ ପାସ୍ ମାର୍କ ୯୦ଥିବାବେଳେ ଏସସି, ଏସ୍‌ଟି ପାଇଁ ୭୫ ମାର୍କ ରହିଛି।

## ବରିଷ୍ଠ ଶିକ୍ଷାବିତ୍‌ଙ୍କ ପରଲୋକ

ବୋଲଗଡ (ଭାସ୍କର ନ୍ୟୁଜ୍) : ବୋଲଗଡ଼ ବ୍ଲକ ଡ଼ାବରଧୁଆପାଟଣା ପଞ୍ଚାୟତ ଘୋରଡିଆ ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ବ୍ରଜବନ୍ଧୁ ସାମନ୍ତରାୟ ୭୬ ବର୍ଷ ବୟସରେ ପରଲୋକ ଗମନ କରିଛନ୍ତି । ସେ ମସ୍ତିଷ୍କଜନିତ ରୋଗରେ ପୀଡିତ ଥାଇ ଗତ ୨ମାସ ଧରି ଭୁବନେଶ୍ୱରରେ ଚିକିତ୍ସିତ ହେଉଥିବା ବେଳେ ଗ୍ରାମସ୍ଥିତ ନିଜ ବାସଭବନରେ ଇହଲୀଳା ସମ୍ବରଣ କରିଛନ୍ତି। ସେ ଜଣେ ସାରସ୍ୱତ ସାଧକ ଭାବେ ଅଞ୍ଚଳର ଅନେକ ସାହିତ୍ୟ ଅନୁଷ୍ଠାନ ସହ ଜଡ଼ିତ ଥିବାବେଳେ ବ୍ୟଙ୍ଗ କବି ଭାବେ ପ୍ରସିଦ୍ଧି ଲାଭ କରିଥିଲେ। ମୃତ୍ୟୁ ପରେ ତାଙ୍କ ଶେଷଦର୍ଶନ ପାଇଁ ସ୍ଥାନୀୟ ଅଞ୍ଚଳର ବହୁ ସାହିତ୍ୟିକ, ସାମାଜିକକର୍ମୀ, ଶିକ୍ଷାବିତ୍, ଖବରଦାତା, ରାଜନେତା ଓ ସାଧାରଣ ଲୋକ ବାସଭବନରେ ପହଞ୍ଚିଥିଲେ। ତାଙ୍କ ମରଶରୀରକୁ ଗ୍ରାମ ପରିକ୍ରମା ପରେ ଗ୍ରାମ୍ୟ ଶ୍ମଶାନ ରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା।

# ରାସନ କାର୍ଡ ପାଇଁ ଖରାରେ ସିଝୁଛନ୍ତି ହିତାଧିକାରୀ



ଆଳି (ଭାସ୍କର ନ୍ୟୁଜ୍) : ରାଜ୍ୟ ସରକାର ନୂଆ ରାସନ କାର୍ଡ ଆବେଦନ କରିବା ପାଇଁ ଘୋଷଣା କରିଛନ୍ତି। ଯେଉଁମାନେ ନୂଆ ରାସନ କାର୍ଡ ପାଇଁ ଆବେଦନ କରିଛନ୍ତି ସମସ୍ତଙ୍କୁ ଇକେଓ୍ୱାଇସି ସରକାର ବାଧ୍ୟତା ମୂଳକ କରିଛନ୍ତି । ସେହି କ୍ରମରେ କେନ୍ଦ୍ରାପଡ଼ା ଜିଲ୍ଲା ଆଳି ବ୍ଲକ ପରିସରରେ ଥିବା ଖାଦ୍ୟ ଖାଉଟି ଯୋଗାଣ ଅଫିସରେ ନୂଆ ରାସନ କାର୍ଡ ଆବେଦନ କରିଥିବା ଲୋକଙ୍କ ଅସମ୍ଭାଳ ଭିଡ଼ ଦେଖିବାକୁ ମିଳିଛି । ସକାଳ ୭ ଟାରୁ ଲୋକେ ଇକେଓ୍ୱାଇସି ପାଇଁ ବ୍ଲକ ପରିସରରେ ଅପେକ୍ଷା କରିଛନ୍ତି । ବ୍ଲକ ପରିସରରେ ସାଧାରଣ ଲୋକଙ୍କ ପାଇଁ କୌଣସି ପ୍ରତୀକ୍ଷା ରୁମ୍ ନଥିବାରୁ ପ୍ରଚଣ୍ଡ ଖରା ତାତିରେ ଲୋକେ ଘଣ୍ଟା ଘଣ୍ଟା ଧରି ହନ୍ତସନ୍ତ ହେଉଛନ୍ତି । ରାଜ୍ୟ ସରକାର ଗ୍ରୀଷ୍ମ ପ୍ରବାହ ପାଇଁ ଜଳଛତ୍ରରେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରୁଛନ୍ତି । କିନ୍ତୁ ଅତି ନୈରାଶ୍ୟଜନକ କଥା ଲୋକଙ୍କ ପାଇଁ ବ୍ଲକ ପରିସରରେ ପାନୀୟ ଜଳର ବ୍ୟବସ୍ଥା ନାହିଁ। କେବଳ ସେତିକି ନୁହେ ବାରଣ୍ଡାରେ ଫ୍ୟାନ ମଧ୍ୟ ନାହିଁ ଯାହା ଫଳରେ ଲୋକେ ଗୁଳୁଗୁଳିରେ ହନ୍ତସନ୍ତ ହେଉଛନ୍ତି। କିନ୍ତୁ ଯେତେବେଳେ ବ୍ଲକ ପ୍ରଶାସନ ଅଧିକାରୀମାନେ ଏସି ଭିତରେ ରହି ସୁଖ ନେଉଛନ୍ତି ସେତିକିବେଳେ ପ୍ରଶାସନ ତରଫରୁ ସାଧାରଣ ଲୋକଙ୍କ ପାଇଁ ଫ୍ୟାନର ବ୍ୟବସ୍ଥା ମଧ୍ୟ ନାହିଁ । ଦୀର୍ଘଦିନ ହେବ ଦାବୀ ହୋଇ ଆସୁଥିବା ସାଧାରଣ ଲୋକଙ୍କ ପାଇଁ ଗୋଟେ ଶୌଚାଳୟ ନାହିଁ । ପୂର୍ବରୁ ପଞ୍ଚାୟତ ସମିତି ବୈଠକରେ ମଧ୍ୟ ସରପଞ୍ଚ ଓ ସମିତି ସଭ୍ୟମାନଙ୍କ ଦ୍ୱାରା ଏ ନେଇ କ୍ଷୋଭ ପ୍ରକାଶ ହୋଇଥିଲା ବେଳେ ଆଲୋଚ୍ୟ ବିଷୟ ପାଲଟି ଥିବା ଏହି ସମସ୍ୟା ଆଜିଯାଏଁ ଦୂର ହୋଇ ପାରିଲା ନାହିଁ । ବିଶେଷ କରି ଶୌଚାଳୟ ନଥିବାରୁ ବ୍ଲକକୁ ଆସୁଥିବା ମହିଳାମାନେ ବହୁତ ହଇରାଣ ହେଉଛନ୍ତି। ଆଜିର ଭିଡ଼ ବହୁତ ଥିବାରୁ ଆସିଥିବା ହିତାଧିକାରୀ ଶେଷରେ ବାଧ୍ୟ ହୋଇ ଆଳି ମଣ୍ଡଳ ଉନ୍ନୟନ ଅଧିକାରୀଙ୍କ ନିକଟରେ ଶୌଚାଳୟ, ପିଇବା ପାଣିର ବ୍ୟବସ୍ଥା ଓ ଫ୍ୟାନ ଲଗେଇବା ପାଇଁ ଦାବିପତ୍ର ଦେଇଛନ୍ତି। ଏ ନେଇ ଆଳି ବିଡ଼ିଓ ଅବିନାଶ ବିଶ୍ୱଜିତ ସେଠି ପତିକ୍ରିୟାରେ କହିଛନ୍ତି ମୁଁ ଲୋକମାନଙ୍କ ଲିଖିତ ପତ୍ର ପାଇଛି ଖୁବଶୀଘ୍ର ପିଇବା ପାଣି ଓ ଫ୍ୟାନର ବ୍ୟବସ୍ଥା କରାଯିବ।

## ବାଣ ବ୍ୟବସାୟୀ ଛୋଟା ହାଡ଼ିଆଙ୍କ ପରଲୋକ



ରଘୁନାଥପୁର (ଭାସ୍କର ନ୍ୟୁଜ୍) : ରଘୁନାଥପୁର ବ୍ଲକ ଅନ୍ତର୍ଗତ ଗୁଆଳିପୁର ଗ୍ରାମର ବହୁ ପୁରୁଣା ବାଣ ବ୍ୟବସାୟୀ ହାଡିବନ୍ଧୁ ପଟ୍ଟନାୟକଙ୍କର ୯୧ବର୍ଷ ବୟସରେ ପରଲୋକ ହୋଇଯାଇଛି। ଦୀର୍ଘଦିନ ଧରି ସେ ଅସୁସ୍ଥ ଥିଲେ ବି ଘରେ ରହି ଚିକିତ୍ସିତ ହେଉଥିଲେ। ଛୋଟ ବେଳୁ ସେ ବାଣ ତିଆରି କରି ବାଣ ବିସ୍ଫୋରଣରେ ଭିନ୍ନକ୍ଷମ ହୋଇଥିଲେ ବି ସେ ତାଙ୍କ ପେସା ଛାଡି ନଥିଲେ। ବର୍ତ୍ତମାନ ଯୁଗରେ ବିଭିନ୍ନ ରଙ୍ଗବେରଙ୍ଗି ବାଣର ଚାହିଦା ବଢ଼ି ଯାଇଥିଲେ ବି ହାଡିବନ୍ଧୁଙ୍କ ହାତ ତିଆରି ଗୋଲା, ଆଟମବମ୍, ଦଶଅବତାର, ରକେଟ, ହାବିଳି ଓ ଆକାଶଘରି ଆଉ ଦେଖିବାକୁ ମିଳୁନାହିଁ। ସେତେବେଳେ ହାଡ଼ିଆ ବାଣ ବୋଲି ଗୁଆଳି ପୁରଗ୍ରାମକୁ ବୁଝାଉଥିଲା। ତାଙ୍କର ମୃତ୍ୟୁ ଖବର ପାଇବା ପରେ ସ୍ଥାନୀୟ ଅଞ୍ଚଳର ବହୁ ବିଶିଷ୍ଟ ବ୍ୟକ୍ତିମାନେ ଆସି ତାଙ୍କ ବାସଭବନରେ ପହଞ୍ଚି ପୁଷ୍ପମାଲ୍ୟ ଅର୍ପଣ କରି ତାଙ୍କର ଶେଷ ଦର୍ଶନ କରିଥିଲେ। ତାଙ୍କ ମରଶରୀରକୁ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଯାଇଥିଲା। ଏହି ଶୋଭାଯାତ୍ରାରେ ସମାଜସେବୀ ଜ୍ଞାନରଞ୍ଜନ ପଟ୍ଟନାୟକ, ସମିତି ସଭ୍ୟ କମଳା କାନ୍ତ ପରିଡ଼ା, ନୃସିଂହ ପଟ୍ଟନାୟକ, ବନବିହାରୀ ପଟ୍ଟନାୟକ, ଜଗବନ୍ଧୁ ନାୟକ, ଦିଲ୍ଲୀପ ନାୟକ, ହରିହର ଦାସ, ପ୍ରକାଶ ପଟ୍ଟନାୟକ, ସାରଦା ପଟ୍ଟନାୟକ, ଅଜିତ ମହାରଣା, ଅଶୋକ ପଟ୍ଟନାୟକ, ତପନ ମହାରଣା ଓ ପ୍ରଶାନ୍ତ ପଟ୍ଟନୟକ ପ୍ରମୁଖ ଯୋଗଦେଇଥିଲେ। ଗ୍ରାମ ମଶାଣିରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ତାଙ୍କ ନାତି ଚିରଞ୍ଜିବୀ ପଟ୍ଟନାୟକ ମୁଖାଗ୍ନି ଦେଇଥିଲେ।

# 'ଆସ ଫେରିଯିବା ୧୯୯୮କୁ'




କୁଜଙ୍ଗ (ଭାସ୍କର ନ୍ୟୁଜ୍) : ଜଗତସିଂହପୁର ଜିଲ୍ଲା କୁଜଙ୍ଗ ବ୍ଲକ ପଙ୍କପାଳ ପଞ୍ଚାୟତ ପଙ୍କପାଳ ଉଚ୍ଚ ବିଦ୍ୟାଳୟରେ ଶିକ୍ଷା ଅର୍ଜନ କରିଥିବା ୧୯୯୮ବ୍ୟାଚର ପୁରାତନ ଛାତ୍ର-ଛାତ୍ରୀମାନଙ୍କ ଦ୍ୱାରା ପଙ୍କପାଳସ୍ଥିତ ଚୌଧୁରୀ ଡେଷ୍ଟି ନେସନ୍ କଲ୍ୟାଣ ମଣ୍ଡପ ପରିସରରେ ଦ୍ୱିତୀୟ ବାର୍ଷିକ ବନ୍ଧୁ ମିଳନ କାର୍ଯ୍ୟକ୍ରମ ମହା ସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଏହି ବନ୍ଧୁ ମିଳନର ନାଁ ରଖାଯାଇଛି ଆସ ଫେରିଯିବା ସେହି ଅଭୁଲା ସ୍ମୃତି ୯୮କୁ।ତେବେ ଦୀର୍ଘ ଦିନର ସେହି ଅଭୁଲା ସ୍ମୃତି ଓ ପିଲା ଦିନର ସାଙ୍ଗ ସାଥିଙ୍କୁ ଭେଟ୍ ହୋଇ ପରସ୍ପର ମଧ୍ୟରେ କୋଳା କୋଳି ହୋଇଥିଲେ। ଏହି କାର୍ଯ୍ୟକ୍ରମରେ ଶିକ୍ଷକ ଗୋବିନ୍ଦ ଚନ୍ଦ୍ର ସାହୁ, ବାନାମ୍ବର୍ ଶତପଥୀ,ବଟ କୃଷ୍ଣ ପ୍ରଧାନ, ମୁରାରୀ ଚନ୍ଦ୍ର ମିଶ୍ର, କୁଳମଣୀ ଦାସ, ଓଝା ପଦ୍ମନାଭ ମିଶ୍ର, ଯଦୁନାଥ ଜସମୁକ୍, ଗୋପବନ୍ଧୁ ଓଝା,ରିତା ଞ୍ଜଳି ଦାସ ପ୍ରମୁଖ ବନ୍ଧୁମିଳନ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବିଶ୍ୱଜିତ୍ ପଟ୍ଟନାୟକ, ଶୁଭ ପ୍ରସାଦ ବିଶ୍ୱାଳ, ସଚ୍ଚିକାନ୍ତ ଦାସ, ସଞ୍ଜୟ ପାତ୍ରଙ୍କ ସମେତ ସମସ୍ତ ଛାତ୍ର-ଛାତ୍ରୀ ମାନେ ଯୋଗ ଦେଇ ୯୮ବ୍ୟାଚର ଦ୍ୱିତୀୟ ବାର୍ଷିକ ବନ୍ଧୁ ମିଳନ କାର୍ଯ୍ୟକ୍ରମକୁ ପାଳନ କରିଥିଲେ।

# ଖରିଫ ଋଣରେ ସହଯୋଗ କରିବେନି କୃଷି ସମବାୟ ସମିତି କର୍ମଚାରୀ



ଆସିକା (ଭାସ୍କର ନ୍ୟୁଜ୍) : ଆସିକା ସମବାୟ ବ୍ୟାଙ୍କ ଲିଃ ସହ ସହବନ୍ଧିତ ୧୯୧ ପ୍ରାଥମିକ କୃଷି ସମବାୟ ସମିତିର କର୍ମଚାରୀ ମାନଙ୍କୁ ନେଇ ଗଠିତ ବ୍ୟାଙ୍କ ଏମ୍ପ୍ଲୋଇଜ ସଂଘର ବାର୍ଷିକ ସାଧାରଣ ସଭା ଆସିକା ସ୍ଥିତ ସତ୍ୟନାରାୟଣ ମନ୍ଦିର ପ୍ରାଙ୍ଗଣରେ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଅଧିବେଶନରେ କର୍ମଚାରୀ ମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। ବହୁଦିନ ଧରି ସଂଘ ପକ୍ଷରୁ ଦାବି କରାଯାଇଥିବା ପ୍ରମୁଖ ବିଷୟ ମଧ୍ୟରେ କର୍ମଚାରୀ ମାନଙ୍କ ଦରମା ଓ ୨୩୦ ପ୍ରତିଶତ(ଡି.ଏ) ମହଙ୍ଗା ଭତ୍ତା ହାରରେ ପ୍ରଦାନ କରିବା ପାଇଁ ଆସିକା ସମବାୟ କେନ୍ଦ୍ର ବ୍ୟାଙ୍କ ଲିଃ ଶୀର୍ଷ ମଞ୍ଜୁରୀ ପ୍ରଦାନ କରୁନଥିବାରୁ କର୍ମଚାରୀ ସଂଘ ପୁନଶ୍ଚ ଅସହଯୋଗ ଆନ୍ଦୋଳନ କରିବା ପାଇଁ ଆଜିର ସଭାରେ ସର୍ବ ସମ୍ମତି କ୍ରମେ ନିଷ୍ପତି ନେଇଥିବା ଜଣାପଡିଛି। ଅନ୍ୟ ଦାବି ମଧ୍ୟରେ କର୍ମଚାରୀ ମାନଙ୍କୁ ପଦୋନ୍ନତି ପ୍ରଦାନ ଏବଂ ସମିତିର ୫୦ ପ୍ରତିଶତ ଅଂଶଧନ ଫେରସ୍ତ ଇତ୍ୟାଦି ବିଷୟରେ ବ୍ୟାଙ୍କ କର୍ତ୍ତୃପକ୍ଷ କର୍ଣ୍ଣପାତ କରୁନଥିବାରୁ ଚଳିତ ଖରିଫ ଋଣ ଲଗାଣରେ ସଂଘ ଅସହଯୋଗ କରିବା ପାଇଁ ସ୍ଥିର କରିଛି। ଉକ୍ତ ଅଧିବେଶନରେ ସଂଘର ସଭାପତି ଶିବରାମ ମହାଙ୍କୁଡ଼ ସଭାପତିତ୍ୱ କରିଥିବା ବେଳେ ଉପସଭାପତି ଅଶୋକ କୁମାର ସ୍ୱାଇଁ , ସାଧାରଣ ସମ୍ପାଦକ ପ୍ରତାପ ଚନ୍ଦ୍ର ପାତ୍ର ଓ ଯୁଗ୍ମ ସମ୍ପାଦକ କାହ୍ନୁଚରଣ ସ୍ୱାଇଁ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ।

## ଗୁମାଡେରା ଗୌରୀଶଙ୍କର ମନ୍ଦିରରେ ଶୀତଳଷଷ୍ଠୀ ଉତ୍ସବ ପାଳିତ



ବେଲପାହାଡ଼, (ଭାସ୍କର ନ୍ୟୁଜ୍) : ଝାରସୁଗୁଡ଼ା ଜିଲା ଗୁମାଡେରା ଗୌରୀ ଶଙ୍କର ମନ୍ଦିରରେ ଶୀତଳ ଷଷ୍ଠୀ ଯାତ୍ରା ତଥା ଭଗବାନ ଶିବ ପାର୍ବତୀଙ୍କ ବିବାହ ମହୋତ୍ସବ ପାଳିତ ହୋଇ ଯାଇଛି । ଶନିବାର ସନ୍ଧ୍ୟାରେ ରୀତିନୀତିରେ ଭଗବାନ ଶିବ ପାର୍ବତୀଙ୍କ ବିବାହ ସମ୍ପନ୍ନ ହେବା ସହିତ ପ୍ରସାଦ ସେବନ ଓ ପରେ ଦେବ ଦମ୍ପତିଙ୍କ ବିଦାୟ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସେହିପରି ରବିବାର ସନ୍ଧ୍ୟାରେ ସଞ୍ଜ ଆଳତି, ବିଶାଳ ଶୋଭାଯାତ୍ରାରେ ନଗର ପରିକ୍ରମା ଓ ପ୍ରସାଦ ସେବନ ପରେ ଏହା ସମାପ୍ତ ହୋଇଛି। ଚଳିତ ବର୍ଷ କନ୍ୟା ପାର୍ବତୀଙ୍କ ମାତାପିତା ଭାବରେ ଗୁମାଡେରା ମାଳିପଡ଼ାର କହ୍ନେୟା ଶର୍ମା ଓ ତାଙ୍କ ପତ୍ନୀ ମାୟା ଶର୍ମା ଦାୟିତ୍ୱ ତୁଲାଉଥିବାବେଳେ ବର ଶିବଙ୍କ ମାତାପିତା ଭାବରେ ଗୁମାଡେରାର ମନୋଜ ସ୍ୱାଇଁ ଓ ତାଙ୍କ ପତ୍ନୀ ରଶ୍ମିତା ସ୍ୱାଇଁ ଦାୟିତ୍ୱ ତୁଲାଇଥିଲେ। ପୂଜକ ଭାବରେ ପଣ୍ଡିତ ସୁରେଶ ଚନ୍ଦ୍ର କର ଓ ଦିଲୀପ ପଣ୍ଡା ପୂଜାର୍ଚ୍ଚନା କରିଥିଲେ। ଏହି ଶୋଭାଯାତ୍ରାରେ ମାଳିପଡ଼ା, ଜାହାଜପଡ଼ା କୀର୍ତ୍ତନ ମଣ୍ଡଳୀ, ବେଲପାହାଡ଼ ସୁଭଦ୍ରା ଘଣ୍ଟ ମଣ୍ଡଳୀ, ଗୁମାଡେରାର ସମ୍ବଲପୁରୀ ଦୁଲଦୁଲି ବାଜା ଆଦି ସାମିଲ ରହିଥିବା ବେଳେ ବେଲପାହାଡ଼ର କଳାକାର ଦୀପକ ବୁଡ଼ା, ଚିନ୍ତାମଣି ମେହେର, ପରମେଶ୍ୱର ମାରେଇଙ୍କ ସୁପ୍ରସିଦ୍ଧ କଲ୍କୀ ଗ୍ରୁପର କ୍ରେଜ୍ ବିଶେଷ ଆକର୍ଷଣୀୟ ହୋଇଥିଲା। ଏଥିରେ ମନ୍ଦିର ସଭାପତି ଜମିଦାର ବ୍ରଜକିଶୋର ସିଂଦେଓଙ୍କ ସମେତ କୁଳମଣି ବଗାର, କହ୍ନେଇ ସେଠ, ସଚ୍ଚିଦାନନ୍ଦ ପଣ୍ଡା, ପୀତବାସ ପ୍ରଧାନ, ବ୍ରଜସୁନ୍ଦର ଶତପଥୀ, ସୁରେନ୍ଦ୍ର ଭୋଇ, ସୁବିର ରାଣା, ଆଲୋକ ମହାକୁଡ଼, ବିପ୍ଳବ ଅଗ୍ରୱାଲ, ଶୁଭେନ୍ଦୁ ପଟ୍ଟନାୟକ, ରାଜ କିଶୋର ରାଉତ, ବବନ ସିଂ, ଦୀନେଶ କରାଲୀ, ପୁରୋହିତ ସିଂ, ଅମରେନ୍ଦ୍ର ପ୍ରତାପ ସିଂ, ରାହୁଲ ମହାକୁଡ଼, ଭୂପେନ ସାଏଦେଓ, ସାଗର ସାହୁ, ଚତୁର୍ଭୁଜ ବଗାର, ହରିଓମ୍ ଯାଦବ, ରାହୁଲ ମହାକୁଡ଼, ସୁମିତ୍ରା ମହାନନ୍ଦିଆ, ଦୀପକ ମହାକୁଡ଼, ବିନ୍ଦୁ ଭୋଇ, ଆୟୁଷ ଯାଦବ, ଅଶ୍ୱିନୀ ପଣ୍ଡା, ସଚିନ ନାଏକ ପ୍ରମୁଖ ଯୋଗଦେଇ ସହଯୋଗ କରିଥିଲେ।

# ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର, ୧୫୦ ଜଣ ଚିକିତ୍ସିତ

ବେଲପାହାଡ଼,( ଭାସ୍କର ନ୍ୟୁଜ୍ ): ଝାରସୁଗୁଡ଼ା ଜିଲ୍ଲା ବେଲପାହାଡ଼ ସହରର ଖଲଗୁଡ଼ାଠାରେ ନୂତନ ଭାବେ କୃପା ଘରୋଇ ହସ୍ପିଟାଲ ଉଦ୍ଘାଟିତ ହୋଇଯାଇଛି। ଏହି ଅବସରରେ ଏକ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ବେଲପାହାଡ଼ ସହର ସମେତ ଆଖପାଖ ଆଖପାଖ ଅଞ୍ଚଳର ମୋଟ ୧୫୦ ଜଣ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଚିକିତ୍ସା କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ବୁର୍ଲା ଭୀମସାର୍ ଡାକ୍ତରଖାନାର ପୂର୍ବତନ ପ୍ରଫେସର ପି.କେ. ମିଶ୍ର, ସମ୍ମାନିତ ଅତିଥି ଭାବେ ବେଲପାହାଡ଼ର ବିଶିଷ୍ଟ ଡାକ୍ତର ଲତିକା ପଟେଲ ଯୋଗଦେଇ ଫିତା କାଟି ଏହାର ଶୁଭ ଉଦଘାଟନ କରିଥିଲେ। ବିଭିନ୍ନ ବିଶେଷଜ୍ଞ ଡାକ୍ତରଙ୍କ ମଧ୍ୟରେ ପ୍ରୀତି ରଞ୍ଜନ ପାତ୍ର, ମୋତିଲାଲ ପ୍ରଧାନ, ସ୍ୱାଗତ କୁମାର ଭୟାଁ, ସୁବ୍ରତ କୁମାର ପଟେଲ ପ୍ରମୁଖ ଯୋଗଦେଇ ରୋଗୀମାନଙ୍କ ଚିକିତ୍ସା କରିବା ସହ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମ ଆୟୋଜନରେ କୃପା ହସ୍ପିଟାଲର କର୍ମକର୍ତ୍ତାଙ୍କ ମଧ୍ୟରେ ମନୋଜ କୁମାର ବେହେରା, କେଶବ ସାହୁ, ପ୍ରକାଶ ସାହୁ, କୃଷ୍ଣଚନ୍ଦ୍ର ମେହେର, ରେଶ୍ମା କେର୍କେଟ୍ଟା, ଏଲିସ୍ ବିଲୁଙ୍ଗ, ସର୍ମିଷ୍ଠା ନାଏକ, ସୀତାରାମ ସେମେଲିଆ ପ୍ରମୁଖ ସହଯୋଗ କରିଥିଲେ। ଆଗାମୀ ଦିନରେ କିଭଳି ଏହି ହସ୍ପିଟାଲରେ ବିଭିନ୍ନ ବିଶେଷଜ୍ଞ ଡାକ୍ତରଙ୍କ ଦ୍ୱାରା ଲୋକଙ୍କୁ ଉନ୍ନତମାନର ଚିକିତ୍ସା ଯୋଗାଇ ଦିଆଯିବ ସେଥିପ୍ରତି ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି କୃପା ହସ୍ପିଟାଲର ମନୋଜ ବେହେରା ପ୍ରକାଶ କରିଛନ୍ତି।

## ୪୨ୟୁନିଟ୍ ରକ୍ତ ସଂଗ୍ରହ



ଟାଙ୍ଗୀ-ଚୌଦ୍ୱାର,(ଭାସ୍କର ନ୍ୟୁଜ୍): ଚୌଦ୍ୱାର ଦୌଲାତାବାଦସ୍ଥିତ ଆଞ୍ଚଳିକ ସ୍ପୋର୍ଟସ କ୍ଲବ ଆନୁକୁଲ୍ୟରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ରବିବାର ସ୍ଥାନୀୟ ଟିପିଏମ ଖେଳ ପଡିଆରେ ଅନୁଷ୍ଠିତ ହୋଇଯାଇଛି । କଟକ ସ୍ଥିତ ସେଣ୍ଟ୍ରାଲ ରେଡକ୍ରସ ରକ୍ତ ଭଣ୍ଡାରର କର୍ମଚାରୀ ମାନେ ଶିବିରରେ ୪୨ୟୁନିଟ୍ ରକ୍ତ ସଂଗ୍ରହ କରିଥିଲେ । ପୌରାଧକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, କାଉନସିଲର ଅଜୟ ବେହେରା, ଦିଲ୍ଲିପ ଭୁୟାଁ, ସୁବ୍ରତ ସାମଲ ପ୍ରମୁଖ ଏଥିରେ ଅତିଥି ଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ । କ୍ଲବର କର୍ମକର୍ତ୍ତା ଅଭିରାମ ସ୍ୱାଇଁ, ଦୀପକ କୁମାର ନାୟକ, ସୁରଜ କୁମାର ଭୁୟାଁ, ମନୋଜ ବେହେରା, ଅମିତାଭ ଭଦ୍ର, ଅଜୟ ଭୁୟାଁ, କିଶୋର ପ୍ରଧାନ, ବିଭୁତି ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ରାଜସ୍ୱ ସହାୟକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା



କେନ୍ଦୁଝର (ଭାସ୍କର ନ୍ୟୁଜ୍): କେନ୍ଦୁଝର ସଦର ବ୍ଲକ କାର୍ଯ୍ୟାଳୟର ବରିଷ୍ଠ ରାଜସ୍ୱ ସହାୟକ ଶ୍ରୀ ପୂର୍ଣ୍ଣଚନ୍ଦ୍ର ବାରିକଙ୍କ ସରକାରୀ ଚାକିରୀରୁ ଅବସର ଗ୍ରହଣ ଉଦ୍ଦେଶ୍ୟରେ ଏକ ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବ କଲେକ୍ଟରେଟ୍ ଦରବାର ହଲ୍‌ଠାରେ ଗତକାଲି ଶନିବାର ଦିନ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମନ୍ଦରଧର ମହାଳିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମସ୍ତ ଅଧିକାରୀ ଓ କର୍ମଚାରୀ ବୃନ୍ଦ ଯୋଗଦାନ କରିଥିଲେ। ଓଡିଶା ରାଜସ୍ୱ ଅମଲା ସଂଘର ଜିଲ୍ଲା ସଭାପତି ଜିତେନ୍ଦ୍ର କୁମାର ମହାପାତ୍ର ବିଦାୟୀ କର୍ମଚାରୀଙ୍କ ସମୟାନୁବର୍ତ୍ତିତା, ସମସ୍ତ କାର୍ଯ୍ୟର ପୁଙ୍ଖାନୁପୁଙ୍ଖ ତର୍ଜମା ସହିତ ତାର ସମାଧାନ କରି କର୍ମଚାରୀ ମାନଙ୍କର ଆଦର୍ଶ ହୋଇପାରିଥିବାରୁ ଧନ୍ୟବାଦ୍ ଜଣାଇଥିଲେ । ଡେପୁଟି କଲେକ୍ଟର ସଂଗ୍ରାମ କେଶରୀ ପରିଡା, ସହକାରୀ ଜିଲ୍ଲାପାଳ ଶ୍ରୀ ସରୋଜ କୁମାର ମଲ୍ଲିକ ନିଜ ନିଜ ବକ୍ତବ୍ୟରେ ବିଦାୟୀ କର୍ମଚାରୀଙ୍କୁ ଭୂୟସୀ ପ୍ରସଂଶା କରିବା ସହିତ ତାଙ୍କର କାର୍ଯ୍ୟ ଦକ୍ଷତା ଆମମାନଙ୍କ ପାଇଁ ପ୍ରେରଣାଦାୟକ ହୋଇ ରହିବ ବୋଲି କହିଥିଲେ। ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମହାଳିକ ନିଜ ଅଭିଭାଷଣରେ ଶ୍ରୀ ବାରିକ ଦୀର୍ଘ ୩୪ ବର୍ଷ ନିଜ ଦାୟିତ୍ୱ ସୁଚାରୁରୂପେ ତୁଲାଇଥିବାରୁ ଧନ୍ୟବାଦ ଜଣାଇବା ସହିତ ଅବସର ପରେ ମା'ତାରିଣୀ ସମସ୍ତଙ୍କୁ ସୁଖଶାନ୍ତିରେ ରଖନ୍ତୁ ବୋଲି ପ୍ରାର୍ଥନା କରିଥିଲେ। ରାଧାରମଣ ଚକ୍ର, ମାଧବ ଚନ୍ଦ୍ର ସେଠୀ, ଭୁବନେଶ୍ୱର ମହାପାତ୍ର, ସନ୍ତୋଷ କୁମାର ରଣା, ସଚିନ କୁମାର ପଣ୍ଡା, ପୀତବାସ ମହାନ୍ତ, ଅନିମା ଭୋଳ, ବବିତା ସାହୁ, ସମ୍ପାଦକ ପ୍ରଭାତେନ୍ଦୁ ନାଏକଙ୍କ ସମେତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଅନ୍ୟ କର୍ମଚାରୀ ତଥା ଜିଲ୍ଲାର ସମସ୍ତ ରାଜସ୍ୱ କର୍ମଚାରୀ ବୃନ୍ଦ ଯୋଗଦାନ କରି ଅବସରକାଳୀନ କାର୍ଯ୍ୟକ୍ରମକୁ ପରିଚାଳନାରେ ସହଯୋଗ କରିଥିଲେ।

# ଦକ୍ଷତା ବିକାଶ କ୍ଷେତ୍ରରେ ଆଦିବାସୀ ଯୁବକ ଯୁବତୀ





କେନ୍ଦୁଝର, (ଭାସ୍କର ନ୍ୟୁଜ୍) : ଏକ ଐତିହାସିକ ପଦକ୍ଷେପରେ କେନ୍ଦୁଝର ଜିଲ୍ଲା ପ୍ରଶାସନ ଖଣି ପ୍ରଭାବିତ ବ୍ଲକଗୁଡ଼ିକର ଯୁବକ ଯୁବତୀଙ୍କୁ ସଶକ୍ତ କରିବା ପାଇଁ ଜିଲ୍ଲା ଖଣିଜ ପାଣ୍ଠି କେନ୍ଦୁଝରର ସହାୟତାରେ ଏକ ଗୁରୁତ୍ୱପୂର୍ଣ୍ଣ ଦୂରଦୃଷ୍ଟିସମ୍ପନ୍ନ ପଦକ୍ଷେପ ନେଇଛି। ସରକାରୀ ଶିଳ୍ପ ତାଲିମ କେନ୍ଦ୍ର, ବାଂଶପାଳକୁ ଏକ ଆଦର୍ଶ ଦକ୍ଷତା ବିକାଶ ପ୍ରତିଷ୍ଠାନରେ ବିକଶିତ କରାଯାଇଛି। ଆଦିବାସୀ ବହୁଳ ଅଞ୍ଚଳରେ ଅବସ୍ଥିତ ଏହି ପ୍ରତିଷ୍ଠାନ ଏବେ ଦୁର୍ଗମ ଅଞ୍ଚଳର ଛାତ୍ରଛାତ୍ରୀ ମାନଙ୍କ ପାଇଁ ନିଜ ଦକ୍ଷତା ବୃଦ୍ଧି କରିବା ସହ ସମ୍ପ୍ରତି ପ୍ରତିଯୋଗିତାପୂର୍ଣ୍ଣ ପରିବେଶରେ କର୍ମନିଯୁକ୍ତି ଲାଗି ଅସୀମ ସୁଯୋଗ ଆଣିଦେଇଛି । ଜିଲ୍ଲା ଖଣିଜ ପାଣ୍ଠି କେନ୍ଦୁଝରର କେବଳ ନାଗରିକ ଭିତ୍ତିଭୂମିକୁ ପାଣ୍ଠି ଯୋଗାଇନାହିଁ ବରଂ ଖଣି ପ୍ରଭାବିତ ଗ୍ରାମଗୁଡ଼ିକରେ ଛାତ୍ରଛାତ୍ରୀଙ୍କ ପାଇଁ ଆଗକୁ ବଢିବାର ଓ ଭବିଷ୍ୟତ ଗଢିବାର ପରିବେଶ ସୁନିଶ୍ଚିତ କରି ହଷ୍ଟେଲ ସୁବିଧା ଏବଂ କର୍ମଚାରୀ ବାସସ୍ଥାନ ବିକଶିତ କରିବାର ଯୋଜନା ମଧ୍ୟ ରଖିଛି। ଟାଟା ଷ୍ଟିଲ୍ ଫାଉଣ୍ଡେସନ୍ ସହିତ ଏକ ପିପିପି (ଚଚଚ) ଅଧୀନରେ ପରିଚାଳିତ, ଆଇଟିଆଇ ଫିଟର, ଇଲେକ୍ଟ୍ରିସିଆନ୍, ମେକାନିକ୍ ଇଲେକ୍ଟ୍ରିକ୍ ଯାନ ଏବଂ ଉଘଡ ମେସିନିଂ ଟେକ୍ନିସିଆନ୍ ଭଳି ସ୍ୱତନ୍ତ୍ର ଶିକ୍ଷା ପ୍ରଦାନ କରୁଛି । ଟାଟା ଷ୍ଟିଲ୍ ଫାଉଣ୍ଡେସନ୍ର କାର୍ଯ୍ୟକ୍ଷମ ସହାୟତା ସହିତ, ଶିଳ୍ପ-ଗ୍ରେଡ୍ ଯନ୍ତ୍ରପାତି ଏବଂ ସଂରଚିତ ମୂଲ୍ୟାଙ୍କନ ସହିତ ଉନ୍ନତ ତାଲିମ ସୁନିଶ୍ଚିତ କରିଛି। ୮୮ ଜଣ ଛାତ୍ରଛାତ୍ରୀଙ୍କ ପ୍ରବେଶ ସହିତ, ପ୍ରଥମ ବ୍ୟାଚ୍ ୧୦୦% ନିଯୁକ୍ତି ପାଇଁ ପ୍ରସ୍ତୁତ, ଯାହା ଜୀବିକା-ସଂଲଗ୍ନ ତାଲିମରେ କେନ୍ଦ୍ରିତ ନିବେଶର ପ୍ରଭାବକୁ ପ୍ରଦର୍ଶନ କରୁଛି। ଦ୍ୱିତୀୟ ବ୍ୟାଚ୍ ମଧ୍ୟ ଖୁବ୍ ଶୀଘ୍ର ଆରମ୍ଭ ହେବ ଯାହା ପାଇଁ ପଞ୍ଜୀକରଣ ଚାଲିଛି। ଏହି ପଦକ୍ଷେପ କେବଳ ସ୍କିଲ୍ଡ ଇନ୍ ଓଡିଶାର ମହାନ କାର୍ଯ୍ୟକ୍ରମକୁ ସମର୍ଥନ କରେ ନାହିଁ ବରଂ ଆତ୍ମନିର୍ଭର ଭାରତ ପ୍ରତି ଦୀର୍ଘକାଳୀନ, ସ୍ଥାୟୀ ଦକ୍ଷତା ବିକାଶ ପ୍ରତି ଡ଼ିଏମଏଫ କେନ୍ଦୁଝରର ପ୍ରତିବଦ୍ଧତାକୁ ମଧ୍ୟ ପ୍ରଦର୍ଶିତ କରୁଛି। ଜିଲ୍ଲାପାଳ ଶ୍ରୀ ବିଶାଲ ସିଂହ ଏହି ପରିପ୍ରେକ୍ଷୀରେ ଅତ୍ୟନ୍ତ ସନ୍ତୋଷ ପ୍ରକାଶ କରିଛନ୍ତି ଏବଂ ଜିଲ୍ଲାର ଅନ୍ୟାନ୍ୟ ଆଇଟିଆଇ ଗୁଡ଼ିକରେ ଏହି ମଡେଲକୁ ଅନୁସରଣ କରି ଉତ୍କର୍ଷତା ପ୍ରତିପାଦିତ କରିବାର ଯୋଜନାକୁ ଦୃଢ଼ କରିଛନ୍ତି। ଏପରି ପ୍ରୟାସ ମାଧ୍ୟମରେ, ପ୍ରଶାସନ ଖଣି ପ୍ରଭାବିତ ଅଞ୍ଚଳର ଯୁବକ/ଯୁବତୀ ମାନଙ୍କ ପାଇଁ ବହୁସ୍ତରୀୟ ଦକ୍ଷତା ତାଲିମ, ନିଶ୍ଚିତ ନିଯୁକ୍ତି ଏବଂ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଏକ ଦୃଢ଼ ପରିବେଶର ନିର୍ମାଣ କରୁଛି।

## ବନ୍ଦ ହୋଇଥିବା ସ୍କୁଲ ପୁଣି ଖୋଲିଲା

# ୫ ପ୍ରାଥମିକ ବିଦ୍ୟାଳୟକୁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଘୋଷଣା

ଜଳେଶ୍ୱର (ଭାସ୍କର ନ୍ୟୁଜ୍): ସମଗ୍ର ରାଜ୍ୟରେ ଯେଉଁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରଛାତ୍ରୀ ସଂଖ୍ୟା ୨୦ରୁ କମ୍ କିମ୍ବା ସମସ୍ତ ଶିକ୍ଷକ ଅବସର ନେଲେ ଉକ୍ତ ବିଦ୍ୟାଳୟ ଗୁଡିକ ବନ୍ଦ ହେବ ବୋଲି ପୂର୍ବରୁ ସରକାର ସିଦ୍ଧାନ୍ତ ନେଇଥିଲେ। ଏହି ଅନୁଯାୟୀ ରାଜ୍ୟରେ ବହୁ ବିଦ୍ୟାଳୟ ବନ୍ଦ ହୋଇଥିବା ବେଳେ ଜଳେଶ୍ୱରର ୧୧ଟି ବିଦ୍ୟାଳୟ ବନ୍ଦ ହେବ ବୋଲି ଜଣାଯାଇଥିଲା। କିନ୍ତୁ କେତେକ ଗ୍ରାମବାସୀ, ଶିକ୍ଷାବିତ୍ ଏ ସଂପର୍କରେ ବାରମ୍ବାର ସରକାରଙ୍କୁ ସେମାନଙ୍କ ଅସୁବିଧା ସଂପର୍କରେ ଜଣାଇ ଆସୁଥିବାରୁ ଗଣଶିକ୍ଷା ବିଭାଗ ନିର୍ଦ୍ଦେଶକଙ୍କ ଚିଠି ନଂ ୬୯୪୯ ତା ୯-୪-୨୫ରେ ଜଳେଶ୍ୱର ବ୍ଲକର ୬ଟି ବନ୍ଦ ହୋଇଥିବା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ନିକଟସ୍ଥ ପ୍ରାଥମିକ ବିଦ୍ୟାଳୟରେ ଖୋଲିବାକୁ ଜଳେଶ୍ୱର ଗୋଷ୍ଠୀ ଶିକ୍ଷାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ବିଦ୍ୟାଳୟ ଗୁଡିକ ମଧ୍ୟରେ ତେନ୍ତୁଳାସ୍ଥିତ ଏଏଚ୍‌ବି ୟୁପି ଏମ୍ଇ ବିଦ୍ୟାଳୟ, ଏକତାଳିସ୍ଥିତ ବାଲୁକେଶ୍ୱର ୟୁପି ଏମ୍ଇ ସ୍କୁଲ, ସୁଗୋସ୍ଥିତ ସୁଗୋ ୟୁପି ଏମ୍ଇ ବିଦ୍ୟାଳୟ, ପୁରୁଣାପାଣିସ୍ଥିତ ୟୁଏ ୟୁପି ଏମ୍ଇ ବିଦ୍ୟାଳୟ, ହାତିଗଡସ୍ଥିତ ହାତୀଗଡ ୟୁପି ଏମ୍ଇ ବିଦ୍ୟାଳୟର ଶିକ୍ଷକମାନେ ଅବସର ଗ୍ରହଣ କରିସାରିଥିବାରୁ ବନ୍ଦ ହୋଇଥିବା ଉପରୋକ୍ତ ବିଦ୍ୟାଳୟ ଗୁଡିକ ନିକଟସ୍ଥ ପ୍ରାଥମିକ ବିଦ୍ୟାଳୟରେ ୬ଷ୍ଠ ଓ ସପ୍ତମ ଶ୍ରେଣୀ ଛାତ୍ରଛାତ୍ରୀଭାବେ ଭର୍ତ୍ତି କରିବାକୁ ନିର୍ଦ୍ଦେଶ ରହିଛି । ଫଳରେ ଜଳେଶ୍ୱର ଗୋଷ୍ଠି ଶିକ୍ଷାଧିକାରୀ ଜଗବଂଧୁ ଜେନା ଉପରୋକ୍ତ ବିଦ୍ୟାଳୟର ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ/ଶିକ୍ଷୟତ୍ରୀ ଓ ପରିଚାଳନା କମିଟିର ସଭାପତିଙ୍କୁ ମୌଖିକ ନିର୍ଦ୍ଦେଶ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ଗତ ୨୯ତାରିଖ ଏକତାଳି ପ୍ରାଥମିକ ବିଦ୍ୟାଳୟ ପରିସରରେ ୬ଷ୍ଠ ଓ ୭ମ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ଭର୍ତ୍ତି କରାଯାଇଛି । ଶିକ୍ଷାବିତ୍ ରାମକୃଷ୍ଣ ସାହୁଙ୍କ ପ୍ରଚେଷ୍ଟା ଓ ସରକାରୀ କର୍ମଚାରୀଙ୍କ ସହାୟତାଯୋଗୁଁ ଏହା ହୋଇପାରିଥିବା ସଂପର୍କରେ ଗ୍ରାମବାସୀ କହିଛନ୍ତି । ବିଦ୍ୟାଳୟରେ ଆୟୋଜିତ ସଭାରେ ପ୍ରଧାନ ଶିକ୍ଷୟତ୍ରୀ ବିଣାପାଣି ଦେ ଅଧ୍ୟକ୍ଷତା କରିଥିବା ବେଳେ ସିଆର୍‌ସିସି ସୁବ୍ରତ ସେନାପତି ସରକାରଙ୍କ ଆଭିମୁଖ୍ୟ ସଂପର୍କରେ ସ୍ପଷ୍ଟ କରିଥିଲେ । ଗଜେନ୍ଦ୍ର ଦାସ, ଅଜିତ୍ ପ୍ରଧାନ, ଦେବସ୍ମିତା ନନ୍ଦ ବ୍ରହ୍ମଚାରୀ ବକ୍ତବ୍ୟ ରଖିଥିଲେ । ପ୍ରକାଶଯୋଗ୍ୟ ସୁଗୋ ୟୁପି ଏମ୍ଇ ସ୍କୁଲଟି ପୂର୍ବରୁ ବନ୍ଦ ହୋଇଥିବାରୁ ତାହା ସେହି ଗାଁର ପ୍ରାଥମିକ ବିଦ୍ୟାଳୟରେ ୬ଷ୍ଠ ଓ ସପ୍ତମ ଶ୍ରେଣୀକାର୍ଯ୍ୟ ଚାଲୁ ରହିଛି। ରାଜ୍ୟ ସରକାରଙ୍କ ଏପରି କାର୍ଯ୍ୟକ୍ରମକୁ ରାଜ୍ୟ ଅବସର ଶିକ୍ଷକ ସଂଘର ସଭାପତି ଖଗେନ୍ଦ୍ର ନାଥ ସାହୁ ଧନ୍ୟବାଦ ଜଣାଇଛନ୍ତି ।



କଟକ(ଭାସ୍କର ନ୍ୟୁଜ୍): ସି.ଡ଼ି.ଏ. ସେକ୍ଟର -୬ସ୍ଥିତ ଚନ୍ଦ୍ରଶେଖର ହରପାର୍ବତୀଙ୍କର ବିବାହ ପରେ ଦେବୀଦମ୍ପତିଙ୍କ ନଗର ପରିକ୍ରମା ମହାଆଡ଼ମ୍ବର ସହ ସିଡ଼ିଏ ସେକ୍ଟର-୬ ଅଞ୍ଚଳରେ ପରିକ୍ରମା କରିବା ସହ ଶ୍ରଦ୍ଧାଳୁଙ୍କୁ ଆଶୀର୍ବାଦ ସହ ଅଞ୍ଚଳରେ ଏକ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା । ମର୍କତ ନଗର ଆବାସିକ ସଂଘ ପକ୍ଷରୁ ବିଭିନ୍ନ ଭକ୍ତଙ୍କୁ ନବଦମ୍ପତିଙ୍କ ଆତିଥ୍ୟ ନିମନ୍ତେ ନିମନ୍ତିତ ଉପସ୍ଥିତ ଅତିଥିମ ହରପାର୍ବତୀଙ୍କ ଆତିଥ୍ୟ ଗ୍ରହଣ କରି ଶେଷରେ ପ୍ରସାଦସେବନରେ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ । ଅବସରପ୍ରାପ୍ତ ପ୍ରସାସନିକ ଅଧିକାରୀ ଚିତରଞ୍ଜନ ପାଲ, ସଦର ତହସିଲଦାର, ଡ଼ଃ ପ୍ରଦୀପ୍ତ କୁମାର ପ୍ରଧାନ, ଅବସରପ୍ରାପ୍ତ କଟକ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ଼ଃ ସଂଜିତ କୁମାର ପଟ୍ଟନାୟକ, ଦନ୍ତରୋଗ ବିଶେଷଜ୍ଞ ଡ଼ଃ ଏ.କେ ଖିଲାର, ଚକ୍ଷୁ ବିଶେଷଜ୍ଞ ଡ଼ଃ ନରେନ୍ଦ୍ର କୁମାର ସାହୁ, ଗଳା ନାଶା, କର୍ଣ୍ଣ ଡ଼ଃ ସଚିଦାନନ୍ଦ ପଣ୍ଡା, ସିଡ଼ିଏ ମାରୱାଡ଼ି ସମାଜର ସଭାପତି ରମଣ ବାଗେଡ଼ିଆ, ଶରତ ସାଙ୍ଗନେରିଆ, ପୂର୍ବତନ କର୍ପୋରେଟର ସଂଯୁକ୍ତା ସାହୁ ଓ ଆଇନଜିବୀ ଶାରଦା ଷଡ଼ଙ୍ଗୀ, ଆଇନଜିବୀ ଗଦାଧର ସାହୁ, ଶଶି ପ୍ରଧାନ, କନ୍ୟାପକ୍ଷ ପିତା ପ୍ରଦୀପ ସାହୁ, ବରପକ୍ଷ ପିତା ସନ୍ତୋଷ କୁମାର ନନ୍ଦ ନବଦମ୍ପତିଙ୍କ ଆର୍ଶିବାଦ ଗ୍ରହଣ କରିଥିଲେ ।



# ଐତିହାସିକ ମାଇ ସନ୍ ମନ୍ଦିର ପରିଦର୍ଶନ କଲେ ରାଜ୍ୟପାଳ



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଭାରତରୁ ଭିଏତନାମ ନିଆଯାଇଥିବା ଭଗବାନ ବୁଦ୍ଧଙ୍କ ପବିତ୍ର ଅବଶେଷ ଆଣିବା ପାଇଁ ଏବେ ଭିଏତନାମରେ ଥିବା ଓଡିଶାର ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍ପାଟି ରବିବାର ଦିନ କ୍ୱାଙ୍ଗ୍ ନାମ୍ ପ୍ରଦେଶର ପ୍ରସିଦ୍ଧ ମାଇ ସନ୍ ମନ୍ଦିର ପରିସର ପରିଦର୍ଶନ କରିଥିଲେ। ଏହି ୟୁନେସ୍କୋ ବିଶ୍ୱ ଐତିହ୍ୟ ସ୍ଥଳକୁ ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା ସହାୟତାରେ ପୁନରୁଦ୍ଧାର କରାଯାଉଥିବା ବେଳେ ରାଜ୍ୟପାଳଙ୍କ ପରିଦର୍ଶନ ଗୁରୁତ୍ୱ ବହନ କରୁଛି। ମାଇ ସନ୍ ଭିଏତନାମର ସବୁଠାରୁ ମହତ୍ୱପୂର୍ଣ୍ଣ ସାଂସ୍କୃତିକ ସ୍ଥଳ ମଧ୍ୟରୁ ଅନ୍ୟତମ ଏବଂ ଏହାର କେତେକ ହିନ୍ଦୁ ମନ୍ଦିର ଚତୁର୍ଥ ଶତାବ୍ଦୀର। ଏହି ପୁରୁଣା ମନ୍ଦିରଗୁଡ଼ିକ ଚମ୍ପା ରାଜ୍ୟ ଦ୍ୱାରା ନିର୍ମିତ ହୋଇଥିଲା ଏବଂ ଦକ୍ଷିଣ ପୂର୍ବ ଏସିଆର ସହଭାଗୀ ସାଂସ୍କୃତିକ ଅତୀତର ପ୍ରମୁଖ ପ୍ରତୀକ ଭାବେ ଦେଖାଯାଏ। ରାଜ୍ୟପାଳ ଏହି ପରିଦର୍ଶନ ସମୟରେ ଭାରତର ସହାୟତାରେ ଚାଲିଥିବା ପୁନରୁଦ୍ଧାର କାର୍ଯ୍ୟର ଅଗ୍ରଗତି ତଦାରଖ କରିଥିଲେ ଏବଂ ସଂପୃକ୍ତ ଅଧିକାରୀମାନେ ଏହି ସ୍ଥାନର ପ୍ରାଚୀନ ଢାଂଚାକୁ ସୁରକ୍ଷା ଦେବା ପାଇଁ ବ୍ୟବହୃତ ସ୍ୱତନ୍ତ୍ର କୌଶଳ ବିଷୟରେ ରାଜ୍ୟପାଳଙ୍କୁ ଅବଗତ କରାଇଥିଲେ। ସେଠାରେ ମନ୍ଦିର ପରିସର ଏକ ମନୋରମ ଉପତ୍ୟକାରେ ଅବସ୍ଥିତ, ଯାହା ସୁନ୍ଦର ପର୍ବତମାଳା ଓ ପ୍ରବାହମାନ ଝରଣା ଦ୍ୱାରା ଘେରିହୋଇ ରହିଛି। ଏହା ସପ୍ତମରୁ ତ୍ରୟୋଦଶ ଶତାବ୍ଦୀ ମଧ୍ୟରେ ଚମ୍ପା ସଭ୍ୟତାର ଏକ ଗୁରୁତ୍ୱପୂର୍ଣ୍ଣ ଆଧ୍ୟାତ୍ମିକ ଏବଂ ସାଂସ୍କୃତିକ କେନ୍ଦ୍ରଭାବରେ ବିଦିତ ଥିଲା। ବର୍ତ୍ତମାନ ପ୍ରାୟ ୭୦ଟି ମନ୍ଦିରର ସ୍ଥିତି ମାଇ ସନ୍ ଠାରେ ରହିଛି। ମନ୍ଦିରଗୁଡ଼ିକର ଅନନ୍ୟ ନିର୍ମାଣ ଶୈଳୀ ଖୋଲ ରେଖାକୁ ଲୁଚାଇ ରଖିଛି ଏବଂ ମନ୍ଦିରଗୁଡ଼ିକ ଶତାବ୍ଦୀ ଶତାବ୍ଦୀ ଧରି ଦୃଢ ରହି ଐତିହାସିକ ଏବଂ ସ୍ଥପତିମାନଙ୍କର ଆକର୍ଷଣ ସାଜିଛି। ଏହି ସ୍ଥାନଟି ଚମ୍ପା ରାଜ୍ୟ ଏବଂ ଭାରତ ଓ ଚୀନ ଭଳି ମହାନ ସଭ୍ୟତା ମଧ୍ୟରେ ସାଂସ୍କୃତିକ ସଂପର୍କକୁ ଦର୍ଶାଉଛି। ଓଡିଶାର ରାଜ୍ୟପାଳଙ୍କ ଏହି ଗସ୍ତ ଭାରତ ଏବଂ ଭିଏତନାମ ମଧ୍ୟରେ ଘନିଷ୍ଠ ସାଂସ୍କୃତିକ ଏବଂ ସହଭାଗୀ ଐତିହ୍ୟକୁ ସୁରକ୍ଷା ଦେବାରେ ଭାରତର ଭୂମିକାକୁ ସୂଚାଉଛି।

# କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବର୍ଷ ପୂର୍ତ୍ତି ଉପଲକ୍ଷେ ରାଜ୍ୟସ୍ତରୀୟ କର୍ମଶାଳା



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱ ବିଜେପି ସରକାର ଗତ ୧ ବର୍ଷ ମଧ୍ୟରେ ଉଭୟ ରାଜ୍ୟ ଓ କେନ୍ଦ୍ରୀୟ ଯୋଜନାଗୁଡିକୁ ଯେଉଁ ଭଳି ସଫଳତାର ସହ ଆଗକୁ ନେଉଛନ୍ତି, ସେ ବିଷୟରେ ଓଡିଶାବାସୀଙ୍କ ମଧ୍ୟରେ ବ୍ୟାପକ ସଚେତନତା ସୃଷ୍ଟି କରାଯିବ। କେନ୍ଦ୍ରରେ ମୋଦି ସରକାରଙ୍କ ୧୧ବର୍ଷ ଓ ରାଜ୍ୟରେ ବିଜେପି ସରକାରଙ୍କ ୧ବର୍ଷ ପୂର୍ତ୍ତି ଉପଲକ୍ଷେ ସେବା, ସୁଶାସନ ଓ ଗରିବ କଲ୍ୟାଣକୁ ଆଧାର କରି ବିଜେପି ଜନସାଧାରଣଙ୍କ ପାଖକୁ ଯିବ। ଆଜିର ସଶକ୍ତ ଭାରତ, ସୁରକ୍ଷିତ ଭାରତ ସମ୍ପର୍କିତ ବାର୍ତ୍ତା କାର୍ଯ୍ୟକର୍ତ୍ତାମାନେ ଲୋକଙ୍କ ପାଖରେ ପହଞ୍ଚାଇବେ। ବିଶେଷ କରି ଆୟୁଷ୍ମାନ ବୟୋବନ୍ଦନ ଯୋଜନାରେ ୭୦ ବର୍ଷରୁ ଊର୍ଦ୍ଧ୍ୱ ବୟସର ସମସ୍ତ ବ୍ୟକ୍ତି ଯେପରି ସାମିଲ ହେବେ ସେନେଇ ବ୍ୟାପକ କାର୍ଯ୍ୟକ୍ରମ କରାଯିବ। ଏଥିସହ ଗତ ୧ ବର୍ଷରେ ରାଜ୍ୟରେ ବିଜେପି ସରକାର ସମସ୍ତ ପ୍ରତିଶୃତିକୁ ପ୍ରତିବଦ୍ଧତା ସହ ପାଳନ କରିଆସୁଛନ୍ତି। ଡବଲ ଇଞ୍ଜିନ ସରକାରଙ୍କ ସଫଳତାର ବାର୍ତ୍ତା କାର୍ଯ୍ୟକର୍ତ୍ତା ଲୋକଙ୍କ ପାଖରେ ପହଂଚାଇବେ। ଏନେଇ ଜୁନ୍ ୯ରୁ ରାଜ୍ୟବ୍ୟାପି ବିଭିନ୍ନ କାର୍ଯ୍ୟକ୍ରମ କରାଯିବ ବୋଲି ପୂର୍ବତନ ରାଜ୍ୟ ସଭାପତି ତଥା ବିଜେପି ସରକାର ବର୍ଷ ପୂର୍ତ୍ତି କାର୍ଯ୍ୟକ୍ରମ ସଂଯୋଜକ ଶ୍ରୀ ସମୀର ମହାନ୍ତି କହିଛନ୍ତି। ଏହି ଅବସରରେ ରାଜ୍ୟ କାର୍ଯ୍ୟାଳୟରେ ରାଜ୍ୟସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ସଭାପତି ମନମୋହନ ସାମଲଙ୍କ ଅଧକ୍ଷତାରେ ଅନୁଷ୍ଠିତ କର୍ମଶାଳାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ରାଜ୍ୟ ପ୍ରଭାରୀ ବିଜୟପାଲ ସିଂ ତୋମାର, ରାଜ୍ୟ ସହପ୍ରଭାରୀ ସୁଶ୍ରୀ ଲତା ଉସେଣ୍ଡି, ରାଜ୍ୟ ସାଧାରଣ ସମ୍ପାଦକ (ସଂଗଠନ) ମାନସ କୁମାର ମହାନ୍ତି, ରାଜ୍ୟ ଉପସଭାପତି ବିରଂଚି ନାରାୟଣ ତ୍ରିପାଠୀ, ସାଂସଦ ବଳଭଦ୍ର ମାଝୀ ପ୍ରମୁଖ ଉପସ୍ଥିତ ରହି ବର୍ଷ ପୁର୍ତ୍ତି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଆହ୍ୱାନ ଦେଇଥିଲେ। ଆଜିର ଏହି କର୍ମଶାଳାରେ ରାଜ୍ୟ ପଦାଧିକାରୀ, ଜିଲ୍ଲା ସଭାପତି, ପୂର୍ବତନ ଜିଲ୍ଲା ସଭାପତି, ଜିଲ୍ଲାସ୍ତରୀୟ ଟିମର ସଦସ୍ୟମାନେ ଯୋଗ ଦେଇଥିଲେ। କର୍ମଶାଳା ପ୍ରସଙ୍ଗରେ ସୁଚନା ଦେଇ ଶ୍ରୀ ମହାନ୍ତି କହିଛନ୍ତି ଯେ, ଗତ ୭୮ ବର୍ଷ ଧରି ଯୋଜନାବଦ୍ଧ ଭାବେ ଓଡ଼ିଶାକୁ ପଛେଇ ରଖିବାରେ କଂଗ୍ରେସ ଓ ବିଜେଡି ପ୍ରମୁଖ ଭୂମିକା ଗହଣ କରିଥିଲେ। ଗତ ସରକାରଙ୍କ ତ୍ରୁଟିପୂର୍ଣ୍ଣ ନୀତି ପାଇଁ ରାଜ୍ୟବାସୀଙ୍କୁ ବହୁ ଦୁର୍ଦ୍ଦଶା ଭୋଗିବାକୁ ପଡ଼ିଥିଲା। ସେହିପରି କେନ୍ଦ୍ରରେ ଗତ ୫୦ ବର୍ଷ ମଧ୍ୟରେ ଉପା ସରକାରର କୁଶାସନ ଯୋଗୁ ଦେଶର ପ୍ରଗତି ବାଧାପ୍ରାପ୍ତ ହୋଇଥିଲା।



ସୂଚନା ଓ ଲୋକ ସମ୍ପର୍କ ବିଭାଗର ନିର୍ଦ୍ଦେଶକ ଭାବେ ଦାୟିତ୍ୱ ଗ୍ରହଣ କରୁଛନ୍ତି ଅନୁଜ କୁମାର ଦାସ ପଟ୍ଟନାୟକ

## ସ୍ତ୍ରୀର ତଣ୍ଟି ଚିପି ହତ୍ୟା କଲା ସ୍ୱାମୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାଜଧାନୀରେ ହତ୍ୟାକାଣ୍ଡ । ସ୍ତ୍ରୀର ତଣ୍ଟି ଚିପି ହତ୍ୟା କଲା ସ୍ୱାମୀ । ଏଭଳି ଘଟଣା ଘଟିଛି ମଞ୍ଚେଶ୍ୱର ଥାନା ଚକେଇଶିଆଣି ଅଞ୍ଚଳରେ । ଗତ ରାତିରେ କୌଣସି କାରଣକୁ ନେଇ ସ୍ୱାମୀ ସ୍ତ୍ରୀ ମଧ୍ୟରେ ଝଗଡା ହୋଇଥିଲା । ପରେ ସ୍ତ୍ରୀର ତଣ୍ଟିଚିପି ହତ୍ୟା କରିଥିବା ଅଭିଯୋଗ ଆଣିଛନ୍ତି ପରିବାର ଲୋକେ । ମୃତ ମହିଳା ହେଲେ ନନ୍ଦିତା ବେହେରା । ୨୦୧୮ ମସିହାରେ ନିଆଳି ଅଞ୍ଚଳର ଗୁପ୍ତେଶ୍ୱର ବେହେରାଙ୍କୁ ବିବାହ କରିଥିଲେ । ଗୁପ୍ତେଶ୍ୱର ଚକେସିଆଣିରେ ମୋବାଇଲ ଦୋକାନ କରିଥିଲେ । ସେପଟେ ଜ୍ୱାଇଁଙ୍କ ପରକୀୟା ପ୍ରୀତି ଥିଲା । ଯେଉଁ କାରଣ ପାଇଁ ସ୍ୱାମୀ ସ୍ତ୍ରୀ ମଧ୍ୟରେ କଳହ ଲାଗି ରହୁଥିଲା । ଯେଉଁ କାରଣ ପାଇଁ ନନ୍ଦିତାଙ୍କୁ ହତ୍ୟା କରିଥିବା କହିଛନ୍ତି ପରିବାର । ସେପଟେ ନନ୍ଦିତାଙ୍କୁ ହତ୍ୟା ପରେ ମୃତଦେହକୁ କ୍ୟାପିଟାଲ ହସ୍ପିଟାଲରେ ଛାଡ଼ି ଛୁ ମାରିଥିବା ଅଭିଯୋଗ ହୋଇଛି । ଘଟଣା ତଦନ୍ତ କରୁଛି ମଞ୍ଚେଶ୍ୱର ଥାନା ପୋଲିସ

## ଯୁକ୍ତ ୩ ନାମଲେଖା ପାଇଁ ଫର୍ମ ଦାଖଲ ଅବଧି ବୃଦ୍ଧି

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଯୁକ୍ତ ୩ ନାମଲେଖା ପାଇଁ ଫର୍ମ ଦାଖଲ ଅବଧି ବୃଦ୍ଧି ହୋଇଛି । ଜୁନ୍ ୪ ତାରିଖ ରାତି ୧୧ଟା ୪୫ ଯାଏଁ ଫର୍ମ ଦାଖଲ ଅବଧି ବୃଦ୍ଧି କରାଯାଇଛି । ଫର୍ମ ଦାଖଲ ଅବଧି ବଢ଼ାଇଲା ଉଚ୍ଚ ଶିକ୍ଷା ବିଭାଗ । ଅବଧି ବଢ଼ାଇବାକୁ ଛାତ୍ରଛାତ୍ରୀ ଓ ଅଭିଭାବକ ଦାବି କରିଥିଲେ ।

## ଲ' କମିଶନ ଅଧ୍ୟକ୍ଷଙ୍କୁ ଭେଟିଲେ ଆଇନଜୀବୀ ପରିଷଦର ଅଧ୍ୟକ୍ଷ

କଟକ(ଭାସ୍କର ନ୍ୟୁଜ): ଓଡ଼ିଶା ଲ' କମିଶନ ଅଧକ୍ଷ ଜଷ୍ଟିସ୍ ବିଶ୍ୱନାଥ ରଥଙ୍କୁ ରାଜ୍ୟ ଆଇନଜୀବୀ ପରିଷଦର ଅଧ୍ୟକ୍ଷ ସିତାଂଶୁ ମୋହନ ଦ୍ୱିବେଦୀ ସୌଜନ୍ୟ ମୂଳକ ସାକ୍ଷାତ କରିଛନ୍ତି । ଏହି ସାକ୍ଷାତ କାଳୀନ ଅବସରରେ ସିତାଂଶୁ ମୋହନ ଦ୍ୱିବେଦୀ ସାଂପ୍ରତିକ ବିଚାର ବ୍ୟବସ୍ଥା ତଥା ଆଇନଜୀବି ପରିଷଦ ଓ ଆଇନଜୀବୀମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ବିଷୟରେ ଆଲୋଚନା କରିବା ସହିତ ଓଡ଼ିଶା ରାଜ୍ୟ ଆଇନଜୀବି ପରିଷଦ ତରଫରୁ ଆଇନଜୀବୀ ମାନଙ୍କର କଲ୍ୟାଣ ନିମନ୍ତେ ଦିଆଯାଉଥିବା ଅନେକ କଲ୍ୟାଣମୂଳକ ପଦକ୍ଷେପ ବିଷୟରେ ଅବଗତ କରିଥିଲେ।

## ଏସ୍‌ସିବିରେ ଯୁବକକୁ ପୋଲିସ୍‌ର ମାଡ ଓ ଦୁର୍ବ୍ୟବହାର ଘଟଣା
## ପୀଡିତ ବ୍ୟକ୍ତିଙ୍କୁ କ୍ଷତିପୂରଣ ଅଭିଯୋଗ

କଟକ(ଭାସ୍କର ନ୍ୟୁଜ): ଏସ୍‌ସିବି ଟିକଟ କାଉଣ୍ଟର୍ ନିକଟରେ ଧାଡିରେ ଛିଡା ହୋଇଥିବା ଜଣେ ଯୁବକର ସାର୍ଟ ଚିରି ତାକୁ ମାଡ ମାରିବା ଏବଂ ଦୁର୍ବ୍ୟବହାର କରିବା ଘଟଣାରେ ସଂପୃକ୍ତ ପୋଲିସ୍ କର୍ମଚାରୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ପିଡିତ ବ୍ୟକ୍ତିକୁ ଉପଯୁକ୍ତ କ୍ଷତିପୁରଣ ପ୍ରଦାନ କରିବାକୁ ରାଜ୍ୟ ମାନବାଧିକାର ଆୟୁକ୍ତରେ ଏକ ମାମଲା ରୁଜୁ ହୋଇଛି । ଆବେଦନକାରୀ ଆଇନଜୀବୀ ଶିବ ଶଙ୍କର ମହାନ୍ତିଙ୍କ ପକ୍ଷରୁ କମିଶନରେ ଏହି ମାମଲା ରୁଜୁ କରାଯାଇଛି । ଏଥିରେ ଦର୍ଶାଯାଇଛି ଯେ ଶ୍ରୀରାମଚନ୍ଦ୍ର ଭଞ୍ଜ ଦେଓ ମେଡିକାଲ୍ କଲେଜ୍ ଏଣ୍ଡ୍ ହସ୍ପିଟାଲ୍ ପରିସରରେ ଆଶୁତୋଷ ସ୍ୱାଇଁ ନାମକ ଜଣେ ବ୍ୟକ୍ତି ଚିକିତ୍ସା ନିମନ୍ତେ ଗତ ଜୁନ୍ ୧ ତାରିଖରେ ଇଏନ୍‌ଟି ଓପିଡି ଟିକଟ କାଉଂଟର୍‌ରେ ଟିକଟ କାଟିବା ପାଇଁ ଧାଡିରେ ଛିଡା ହୋଇଥିବାବେଳେ ସେଠାରେ ଥିବା ପୁଲିସ୍ ତାକୁ ଦୁର୍ବ୍ୟବହାର କରିଥିଲା । ସ୍ୱଷ୍ଟ ଦିବାଲୋକରେ ଉକ୍ତ ପୋଲିସ୍ ଜଣକ ଆଶୁତୋଷକୁ ବାଡିଆପିଟା କରିବା ସହ ତା ସାର୍ଟକୁ ଚିରି ଦେଇଥିଲା । ଏହାପରେ ଉକ୍ତ ପୋଲିସ୍ କର୍ମଚାରୀ ଜଣକ ଆଶୁତୋଷର କାଗଜପତ୍ର ଚିରି ଦେବା ସହ ତାକୁ ଘଟଣା ସ୍ଥଳରୁ ଉଠାଇ ନେଇ ବେଆଇନ ଭାବେ ଥାନାରେ ଅଟକ ରଖିଥିଲେ । ସ୍ୱଷ୍ଟ ଦିବାଲୋକରେ ପୁଲିସ୍‌ର ଏପରି ଦୁର୍ବ୍ୟବହାର ଦୃଶ୍ୟ ବୈଦ୍ୟୁତିକ ଗଣ ମାଧ୍ୟମରେ ପ୍ରସାରିତ ହେବା ସହ ସାମାଜିକ ଗଣ ମାଧ୍ୟମରେ ଖୁବ୍ ପ୍ରସାରିତ ହୋଇଥିଲା । ପୋଲିସ୍‌ର ଏପରି ଘୃଣ୍ୟ କାର୍ଯ୍ୟ ଯୋଗୁ ଉକ୍ତ ବ୍ୟକ୍ତିର ମୌଳିକ ଅଧିକାର ଏବଂ ମାନବିକ ଅଧିକାର ଉଲଂଘନ ହୋଇଥିବା ଦର୍ଶାଇ ଆବେଦକାରୀ ଶ୍ରୀ ମହାନ୍ତି ଘଟଣାର ତଦ୍‌ତ କରିବାକୁ ରାଜ୍ୟ ମାନବାଧିକାର ଆୟୁକ୍ତ ପୋଲିସ୍ ମହାନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶ ଦିଅନ୍ତୁ ବୋଲି ପ୍ରାର୍ଥନା କରିଛନ୍ତି ।

## ଓଡିଶାରେ ସଂପୂର୍ଣ୍ଣ ଜଳ ଉତ୍ସର ଗଣନା ସଂପର୍କିତ ସମୀକ୍ଷା ବୈଠକ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଭାରତ ସରକାରଙ୍କ ଜଳଶକ୍ତି ବିଭାଗ, ନଦୀ ବିକାଶ ଏବଂ ଗଙ୍ଗା ସଂରକ୍ଷଣ ବିଭାଗ ମନ୍ତ୍ରାଳୟଙ୍କ ପରାମର୍ଶକ୍ରମେ ଏବଂ ଓଡ଼ିଶା ରାଜ୍ୟ ସରକାରଙ୍କ ସହଯୋଗରେ ଓଡ଼ିଶାରେ କେତେ ସଂଖ୍ୟକ ଜଳ ସଂପଦ ତଥା ଜଳ ଉତ୍ସ ରହିଛି, ସେସବୁର ଗଣନା ଓ ବିସ୍ତୃତ ତଥ୍ୟ ସଂଗ୍ରହ ବା ଡାଟା ବେସ୍ ପ୍ରସ୍ତୁତି ନିମନ୍ତେ ଜାରି ରହିଥିବା କାର୍ଯ୍ୟକ୍ରମ ସଂପର୍କରେ ଏକ ବୈଠକ ସୋମବାର ଅପରାହ୍ଣରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧକ୍ଷତାରେ ଲୋକସେବା ଭବନରେ ଅନୁଷ୍ଠିତ ହୋଇଯାଇଛି । ପ୍ରଥମ ଥର କରି ବୃହତ୍, ମଧ୍ୟମ ଜଳ ସେଚନ ପ୍ରକଳ୍ପ ଏବଂ ଝରଣାକୁ ଗଣନାରେ ସାମିଲ କରାଯାଇଛି। ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଗର୍ଗ ଗଣନା କାର୍ଯ୍ୟକ୍ରମ ସ୍ଥିତି ସଂପର୍କରେ ସବିଶେଷ ସମୀକ୍ଷା କରିଥିଲେ । ବୈଠକରେ ପ୍ରମୁଖ ଅଂଶୀଦାର ବିଭାଗ ଯଥା ଜଳ ସଂପଦ ବିଭାଗ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ, ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି, ଅର୍ଥନୀତି ଓ ପରିସଂଖ୍ୟାନ ନିର୍ଦ୍ଦେଶାଳୟ, ମୁଖ୍ୟଯନ୍ତ୍ରୀ, କ୍ଷୁଦ୍ର ଜଳସେଚନ, ଓଡିଶା ଉଠା ଜଳସେଚନ ନିଗମ, ଭାରତ ସରକାରଙ୍କ କେନ୍ଦ୍ରୀୟ ଭୂତଳ ଜଳ ବୋର୍ଡ, ରାଜ୍ୟ ଭୂତଳଜଳ ବୋର୍ଡଙ୍କ ଅଧିକାରୀ ତଥା ଯନ୍ତ୍ରୀମାନେ ଅଂଶଗ୍ରହଣ କରିଥିଲେ। ଜଳ ସଂପଦ ବିଭାଗର ଅଧିକ୍ଷଣ ଯନ୍ତ୍ରୀ, ଉପ ନିର୍ଦ୍ଦେଶକ, ଜିଲ୍ଲା ପ୍ରକଳ୍ପ ପରିଚାଳନା ୟୁନିଟ ଅଧିକାରୀ ଓ କର୍ମଚାରୀମାନ ମଧ୍ୟ ଆଭାସୀ ମାଧ୍ୟମରେ ବୈଠକରେ ଅଂଶଗ୍ରହଣ କରିଥିଲେ । ଜିଲ୍ଲା ସ୍ତରରେ ଅଧିକାରୀ, ଅଧିକ୍ଷଣ ଯନ୍ତ୍ରୀ, କାର୍ଯ୍ୟନିର୍ବାହୀ ଯନ୍ତ୍ରୀ, ଉପ ନିର୍ଦ୍ଦେଶକ, ଯୋଜନା ଓ ସଂଯୋଜନ ବିଭାଗ ପରସ୍ପର ସମନ୍ୱୟ ଓ ସହଯୋଗ ରଖି ଜଳସେଚନ ଓ ଝରଣା ଗଣନା ସଂପର୍କିତ ଗଣନାର ବୃହତ୍ ସଫଳତା ମିଳିପାରିବ ବୋଲି ଗୁରୁତ୍ୱ ଦିଆଯାଇଥିଲା ।

## 'ସାଥି' ଅଭିଯାନର ସଫଳ ରୂପାୟନ ପାଇଁ ନିର୍ଦ୍ଦେଶନା କାର୍ଯ୍ୟକ୍ରମ

କଟକ(ଭାସ୍କର ନ୍ୟୁଜ): ଜାତୀୟ ଆଇନସେବା ପ୍ରାଧିକରଣ ଓ ରାଜ୍ୟ ଆଇନସେବା ପ୍ରାଧିକରଣ, ଓଡିଶା ନିର୍ଦ୍ଦେଶ କ୍ରମେ ସାଥି' ଅଭିଯାନର ସଫଳ ରୂପାୟନ ପାଇଁ ଏକ ନିର୍ଦ୍ଦେଶନା କାର୍ଯ୍ୟକ୍ରମ କଟକ ଜିଲ୍ଲା ଆଇନସେବା ପ୍ରାଧିକରଣ ଦ୍ୱାରା ଆୟୋଜନ କରାଯାଇଛି। ଜିଲ୍ଲା ଆଇନସେବା ପ୍ରାଧିକରଣ, କଟକ ସଚିବ ଜଗଦୀଶ ଚନ୍ଦ୍ର ଜେନା ଅଧ୍ୟକ୍ଷତା କରିଥିଲେ। କଟକ ଜିଲ୍ଲାର ତହସିଲଦାର, ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ, ଜିଲ୍ଲା ମଙ୍ଗଳ ଅଧିକାରୀ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, କିଶୋର ନ୍ୟାୟ ଆଇନସମ୍ପର୍କିତ ମାମଲା ପରିଚାଳନା କରୁଥିବା ପୁଲିସ ଅଧିକାରୀ, ବିଭିନ୍ନ ଶିଶୁଯତ୍ନ ଅନୁଷ୍ଠାନର ଅଧିକ୍ଷକ, ପ୍ୟାନେଲ ଆଇନଜୀବୀ, ଆଇନ ସହଯୋଗୀ ସ୍ୱେଚ୍ଛାସେବି ଯୋଗଦାନ ଦେଇଥିଲେ ।

## ସରିଲା ୩୩ତମ ନୃତ୍ୟାଞ୍ଜଳି ମହୋତ୍ସବ
# ଶାସ୍ତ୍ରୀୟ ନୃତ୍ୟ ଓ ସଂଗୀତର ତାଳେ ତାଳେ ଝୁମିଲେ ଦର୍ଶକ



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ମହାପ୍ରଭୁ ଜଗତର ନାଥ ଶ୍ରୀ ଜଗନ୍ନାଥଙ୍କ ଅତି ପ୍ରିୟ ବିଶ୍ୱ ପ୍ରସିଦ୍ଧ ଓଡିଶୀ ନୃତ୍ୟ, ସଂଗୀତ ର ପ୍ରଚାର ଓ ପ୍ରସାର ପାଇଁ ଦୀର୍ଘ ୩୩ବର୍ଷ ଧରି ନିରବଛିନ୍ନ ଭାବେ କାର୍ଯ୍ୟ କରି ଆସୁଥିବା ନ୍ତନୃତ୍ୟାଞ୍ଜଳି' ଅନୁଷ୍ଠାନର ୩୩ତମ ମହୋତ୍ସବ ଉଦଯାପିତ ହୋଇଯାଇଛି । ପୂର୍ବାହ୍ନ ଓ ଅପରାହ୍ନ ଏବଂ ସାନ୍ଧ୍ୟ ଅଧିବେଶନ ପର୍ଯ୍ୟାୟରେ ୧୫୦ରୁ ଉର୍ଦ୍ଧ ନବୀନ ଓ ପ୍ରବୀଣ ଓଡିଶୀ ନୃତ୍ୟଶିଳ୍ପୀ କାର୍ଯ୍ୟକ୍ରମରେ ନୃତ୍ୟ ପରିବେଷଣ କରିଥିଲେ । ସନ୍ଧ୍ୟାର ସମ୍ବର୍ଦ୍ଧନା ଉତ୍ସବରେ ସମବାୟ ଓ ହସ୍ତତନ୍ତ ତଥା ବୟନ ଶିଳ୍ପମନ୍ତ୍ରୀ ପ୍ରଦୀପ ବଳସାମନ୍ତ, ନ୍ୟୁଜ ସେଭେନର ସମ୍ପାଦକ ଦେବନାରାୟଣ ସେଠୀ, ଉତ୍କଳ ସଂଗୀତ ମହାବିଦ୍ୟାଳୟ ଅଧ୍ୟକ୍ଷ ବିଜୟ କୁମାର ଜେନା, ନୃତ୍ୟାଞ୍ଜଳିର ସଭାପତି ଗୁରୁ ସୁକାନ୍ତ କୁମାର କୁଣ୍ଡୁ, ସମ୍ପାଦକ ଗୁରୁ ପୁଷ୍ପରଞ୍ଜନ ମଙ୍ଗରାଜ, କାର୍ଯ୍ୟକାରୀ ସଭାପତି ରଞ୍ଜନ ମଙ୍ଗରାଜ ଅତିଥି ରୂପେ ଯୋଗ ଦେଇ କଳାକାରଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଏହି ଅବସରରେ ବିଶିଷ୍ଟ ଅଭିନେତା ତଥା ନାଟ୍ୟକାର ଓ ନିର୍ଦ୍ଦେଶକ ସୁବୋଧ ପଟ୍ଟନାୟକଙ୍କୁ ନୃତ୍ୟାଞ୍ଜଳୀ ନାଟ୍ୟ ପୁରୁଷ ସମ୍ମାନ ଏବଂ ଉତ୍କଳ ସଂଗୀତ ମହାବିଦ୍ୟାଳୟର ନାଟ୍ୟ ବିଭାଗର ସର୍ବୋଚ୍ଚ ନମ୍ବରଧାରୀ ଛାତ୍ର ରାକେଶ ସାହୁଙ୍କୁ ପୂର୍ଣ୍ଣ ଚନ୍ଦ୍ର ମଙ୍ଗରାଜ ସମ୍ମାନରେ ସମ୍ମାନିତ କରାଯାଇଥିଲା । ସନ୍ଧ୍ୟା ଅଧିବେଶନର ପ୍ରାରମ୍ଭରେ ଗୁରୁ ଗୀତା ମଞ୍ଜରୀ ବେହେରାଙ୍କ ଓଡିଶୀ ସଂଗୀତ ପରିବେଷଣ, ଅଭିପ୍ସା ପତି, ଗୁରୁ ଦୀପ୍ତି ରାଉତରାୟ, ଶ୍ରଦ୍ଧାଞ୍ଜଳି ରାଉଳ, ଗୁରୁ ଲିଙ୍ଗରାଜ ସ୍ୱାଇଁଙ୍କ ଶଙ୍ଖନାଦ ଅନୁଷ୍ଠାନ ଶିଳ୍ପୀ ଓ ନୃତ୍ୟାଞ୍ଜଳି ଅନୁଷ୍ଠାନ ଶିଳ୍ପୀଙ୍କ ଗୁରୁ ପୁଷ୍ପରଞ୍ଜନ ମଙ୍ଗରାଜଙ୍କ ସଂଯୋଜନାରେ ଦଳଗତ ପରିବେଷଣ ଅତ୍ୟନ୍ତ ମନମୁଗ୍ଧକର ଥିଲା । ପୂର୍ବାହ୍ନ ଅଧିବେଶନ ଦିନ ୧୦ଟାରେ ଆରମ୍ଭ ହୋଇଥିଲା । ପୂର୍ବତଟ ରେଳବାଇ ଲୋକସମ୍ପର୍କ ଅଧିକାରୀ ବିଶ୍ୱାଭୁଷଣ ତପନ କୁମାର, ନ୍ୟୁଜ ୧୮ର ବାର୍ତ୍ତା ସମ୍ପାଦକ ମନ୍ମଥ ଜେନା, ଓଟିଭିର ସହାୟକ ସମ୍ପାଦକ ସୁଶାନ୍ତ ବିଷୋୟୀ, ଉତ୍କଳ ସଂଗୀତ ମହାବିଦ୍ୟାଳୟ ଓଡିଶୀ ସଂଗୀତ ପ୍ରାଧ୍ୟାପକ ଗୁରୁ ନିମାକାନ୍ତ ରାଉତରାୟ ଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ପୂର୍ବାହ୍ନ ଅଧିବେଶନକୁ ଉଦଘାଟନ କରିଥିଲେ ।

## ଆସିବ ୩ ବର୍ଷିଆ ଅବକାରୀ ପଲିସି

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଖୁବ୍‌ଶୀଘ୍ର ନୂଆ ମଦ ନୀତି ଆସିବା ନେଇ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ସୂଚନା ଦେଇଛନ୍ତି। ସେ କହିଛନ୍ତି ଚଳିତ ମାସ ଦ୍ୱିତୀୟ କିମ୍ବା ତୃତୀୟ ସପ୍ତାହ ବେଳକୁ ନୂଆ ମଦ ନୀତି ଲାଗୁ ହେବ। ନୂଆ ମଦ ନୀତିରେ ନୂଆ ଦୋକାନ ଖୋଲିବ ନାହିଁ। ଅନ୍ୟ ରାଜ୍ୟର ମଦ ନୀତି ଅନୁଧାନ ପାଇଁ ୩ଟି ଟିମ୍ ଆନ୍ଧ୍ର, ରାଜସ୍ଥାନ, କେରଳ ଓ ତାମିଲନାଡୁ ଗସ୍ତ କରିବେ। ଆସନ୍ତା ୭ ଓ ୮ ତାରିଖ ବେଳକୁ ଫେରିବା ପରେ ପଲିସିରେ ଯାହା ବାକି ଅଛି ପରିବର୍ତ୍ତନ ହୋଇ ଲାଗୁ ହେବ। ଫଳରେ ବେଆଇନ ମଦ, ଦଣ୍ଡବିଧାନ ଓ ପୁରୁଣା ପଲିସିର ଅସୁବିଧା ଦୂର ହେବ। ସବୁ କଥାକୁ ଆଖି ଆଗରେ ରଖି ୩ ବର୍ଷିଆ ପଲିସି ହେବ ବୋଲି କହିଛନ୍ତି ମନ୍ତ୍ରୀ।

## ମନ୍ତ୍ରୀଙ୍କ ଦ୍ୱାରା ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗର ସମୀକ୍ଷା

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଭୁବନେଶ୍ୱର ଲୋକସେବା ଭବନସ୍ଥିତ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗର ସମ୍ମିଳନୀ କକ୍ଷରେ ପଞ୍ଚାୟତିରାଜ ଓ ପାନୀୟ ଜଳ, ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବିନାରାୟଣ ନାଏକ ବିଭାଗର ବିଭିନ୍ନ ଯୋଜନାଗୁଡିକ ବିଷୟରେ ସବିସ୍ତୃତ ସମୀକ୍ଷା କରିଛନ୍ତି। ଏହି ସମୀକ୍ଷା ବୈଠକରେ, ମନ୍ତ୍ରୀ ବିଭାଗୀୟ ସମସ୍ତ ଅଧିକାରୀ, ସମସ୍ତ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଓ ଗୋଷ୍ଠୀ ଉନ୍ନୟନ ଅଧିକାରୀମାନଙ୍କୁ ଦିଗଦର୍ଶନ ଦେଇ ବିକଶିତ ଗାଁ ବିକଶିତ ଓଡ଼ିଶା କାର୍ଯ୍ୟକ୍ରମ ରାଜ୍ୟର ସମୃଦ୍ଧିକୁ ବହୁଗୁଣିତ କରିପାରିବ ବୋଲି ମତପ୍ରକାଶ କରିଥିଲେ। ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ସମୀକ୍ଷା ବୈଠକ ମଧ୍ୟରେ ନ୍ତବିକଶିତ ଗାଁ ବିକଶିତ ଓଡ଼ିଶା, ଅନ୍ତ୍ୟୋଦୟ ଗୃହ ଯୋଜନା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ), ଏମଜିଏନଆରଇଜିଏସ. ଓ ନିର୍ମାଣାଧୀନ ପାନୀୟ ଜଳ ପ୍ରକଳ୍ପ ଗୁଡ଼ିକ ଉପରେ ବିଶେଷ ଅଲୋଚନା ହୋଇଥିଲା। ବୈଠକରେ ମନ୍ତ୍ରୀ ଏହି ଯୋଜନାଗୁଡ଼ିକର ଅଗ୍ରଗତି ବିଷୟରେ ସୂଚିତ ହୋଇ ଆବଶ୍ୟକୀୟ ଦିଗଦର୍ଶନ ଦେଇଛନ୍ତି। ଏହି କାର୍ଯ୍ୟକ୍ରମର ସଫଳ ରୂପାୟନ ରାଜ୍ୟର ସମୃଦ୍ଧିକୁ ବହୁଗୁଣିତ କରିବ ବୋଲି ମନ୍ତ୍ରୀ ମତ ପ୍ରକାଶ କରିଥିଲେ। ଏହି ବୈଠକରେ ବିଭାଗୀୟ ଆୟୁକ୍ତ ତଥା ଶାସନ ସଚିବ ଗିରୀଶ ଏସ୍‌ଏନ୍ ବିଭାଗର ବିଭିନ୍ନ ପ୍ରକଳ୍ପ ଓ ଯୋଜନାର ଅଗ୍ରଗତି ସମ୍ବନ୍ଧରେ ମନ୍ତ୍ରୀଙ୍କୁ ସୂଚିତ କରିଥିଲେ।ଏହି ଅବସରରେ ସ୍ୱତନ୍ତ୍ର ପ୍ରକଳ୍ପ ନିର୍ଦ୍ଦେଶକ ଜ୍ୟୋତିପ୍ରକାଶ ଦାସ, ପାନୀୟ ଜଳ ନିର୍ଦ୍ଦେଶକ ଭିନିତ ଭରଦ୍ୱାଜ, ଓର୍ମାସର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଚକ୍ରବର୍ତ୍ତୀ ସିଂ ରାଠୋଡ଼, ପଞ୍ଚାୟତିରାଜ ନିର୍ଦ୍ଦେଶକ ଡ଼ ମହେଶ୍ୱର ସ୍ୱାଇଁ ଓ ଅନ୍ୟ ବରିଷ୍ଠ ଅଧିକାରୀଗଣ ମନ୍ତ୍ରୀଙ୍କୁ ବିଭିନ୍ନ ଯୋଜନାର କାର୍ଯ୍ୟକାରିତା ସମ୍ବନ୍ଧରେ ସୂଚିତ କରିଥଲେ।

# କମିଶନ ପଦବୀ ଖାଲି ନେଇ ରାଜ୍ୟ ସରକାରଙ୍କୁ ଘେରିଲା କଂଗ୍ରେସ




ଭୁବନେଶ୍ୱର(ଭାସ୍କର ନ୍ୟୁଜ): କମିଶନ ପଦବୀ ଖାଲି ନେଇ ରାଜ୍ୟ ସରକାରଙ୍କୁ ଘେରିଲା କଂଗ୍ରେସ । ସାମ୍ବାଦିକ ସମ୍ମିଳନୀ କରି ସରକାରଙ୍କୁ ପ୍ରଶ୍ନ କରିଛି କଂଗ୍ରେସ । ରାଜ୍ୟରେ ଶିଶୁ ଓ ନାରୀ ନିର୍ଯ୍ୟାତନା ବୃଦ୍ଧି ପାଉଛି । କିନ୍ତୁ ଠିକ ସେଇ ସମୟରେ ଖାଲିପଡିଛି ରାଜ୍ୟର ଅନେକ ଗୁରୁତ୍ୱପୂର୍ଣ୍ଣ ପଦବୀ । ରାଜ୍ୟରେ ନାହାଁନ୍ତି ମହିଳା କମିଶନ ଓ ଶିଶୁ ସୁରକ୍ଷା ଆୟୁକ୍ତ । ପଙ୍ଗୁ ହେଇଯାଇଛି ରାଜ୍ୟର ବିଭିନ୍ନ କମିଶନ । ବର୍ଷେ ହେଲାଣି ଲୋକାୟୁକ୍ତ ପଦବୀ ବି ଖାଲି ପଡ଼ିଛି । ମାର୍ଚ୍ଚ ମାସରୁ ଶିଶୁ ସୁରକ୍ଷା କମିଶନ ଖାଲି । ନଭେମ୍ବରରୁ ମହିଳା କମିଶନ ପଦବୀ ଖାଲି । ସରକାର ନିଜର ସ୍ୱେଚ୍ଛାଚାରିତା ଶାସନ କରିବା ପାଇଁ ପୂରଣ କରିପାରୁନାହାନ୍ତି କମିଶନ ପଦବୀ ବୋଲି ଅଭିଯୋଗ କରିଛି କଂଗ୍ରେସ । ବର୍ଷକର ସଫଳତାକୁ ସରକାର ବଖାଣିବାକୁ ଯାଉଛନ୍ତି ପ୍ରଚାର ପ୍ରସାର କରିକି, ହେଲେ ଏହି ବିଫଳତାକୁ ଦେଖିପାରୁନାହାନ୍ତି । ସରକାର ମାସେ ମଧ୍ୟରେ ଏହି ସବୁ ପଦବୀ ପୂରଣ କରନ୍ତୁ ନହେଲେ ରାସ୍ତାକୁ ଓଲହାଇବାକୁ ଚେତାବନୀ ଦେଇଛି କଂଗ୍ରେସ ।

# ଏଲ୍‌ଆଇସି ହାଉସିଂ ଫାଇନାନ୍ସ ଲିଃ.ର ଆଞ୍ଚଳିକ କାର୍ଯ୍ୟାଳୟ ଉଦ୍‌ଘାଟିତ

ଭୁବନେଶ୍ୱର, (ଭାସ୍କର ନ୍ୟୁଜ୍): ଭାରତର ସର୍ବବୃହତ ଗୃହ ଆର୍ଥିକ କମ୍ପାନୀ ଏଲ୍‌ଆଇସି ହାଉସିଂ ଫାଇନାନ୍ସ ଲିମିଟେଡ୍ (ଏଲଆଇସି ଏଚ୍‌ଏଫଏଲ୍) ଓଡ଼ିଶାର ଭୁବନେଶ୍ୱରରେ ଏହାର ୧୦ମ ଆଞ୍ଚଳିକ କାର୍ଯ୍ୟାଳୟ 'ପୂର୍ବ ତଟ ଆଞ୍ଚଳିକ କାର୍ଯ୍ୟାଳୟ' ଉଦ୍‌ଘାଟନ କରିଛି। ପୂର୍ବତଟ ଅଞ୍ଚଳ ଏଲ୍‌ଆଇସି ଏଚ୍‌ଏଫଏଲ୍ ପୂର୍ବ କେନ୍ଦ୍ରୀୟ କ୍ଷେତ୍ରରୁ ପୃଥକ, ଯେଉଁଥିରେ ୩ଟି ରାଜ୍ୟ ଯଥା ବିହାର, ଝାଡ଼ଖଣ୍ଡ ଏବଂ ଓଡ଼ିଶା ଅନ୍ତର୍ଭୁକ୍ତ ଥିଲା। ନୂତନ ପୂର୍ବତଟ ଅଞ୍ଚଳରେ ବର୍ତ୍ତମାନ ଏକମାତ୍ର ଓଡ଼ିଶା ରାଜ୍ୟର ଭୁବନେଶ୍ୱରରେ ଆଞ୍ଚଳିକ କାର୍ଯ୍ୟାଳୟ ଅବସ୍ଥିତ। ନୂତନ ଆଞ୍ଚଳିକ ହବ୍ ସମଗ୍ର ଓଡ଼ିଶା ରାଜ୍ୟକୁ ସମ୍ପୂର୍ଣ୍ଣ ଭାବରେ ସେବା ଯୋଗାଇବ ଏବଂ ଏହି ଅଞ୍ଚଳରେ କମ୍ପାନୀର ଅଭିବୃଦ୍ଧି ଏବଂ ସେବା ପ୍ରଦାନକୁ ତ୍ୱରାନ୍ୱିତ କରିବ। ବର୍ତ୍ତମାନ




ଏଲ୍‌ଆଇସି ଏଚ୍‌ଏଫଏଲ୍ ପୂର୍ବତଟ ଅଞ୍ଚଳରେ ୧୦ଟି କ୍ଷେତ୍ର କାର୍ଯ୍ୟାଳୟ, ୧ କ୍ଲଷ୍ଟର କାର୍ଯ୍ୟାଳୟ ଏବଂ ୧ ବ୍ୟାକ୍ ଅଫିସ ରହିଛି, ଯାହା ସାରା ଓଡ଼ିଶା ରାଜ୍ୟର ଲୋକଙ୍କ ଦ୍ୱାରଦେଶରେ ଗୃହ ଆବଶ୍ୟକତାକୁ ବୃଦ୍ଧି ଏବଂ ପହଞ୍ଚାଇବା ପାଇଁ ରଣନୀତିକ ଭାବରେ ସଂଲଗ୍ନ ହୋଇଛି। ଏହି ଉଦଘାଟନ ଉତ୍ସବରେ ଏଲ୍‌ଆଇସି ଏଚ୍‌ଏଫ୍‌ଏଲ୍ ବୋର୍ଡର ଅଧକ୍ଷ ଏବଂ ଏଲ୍‌ଆଇସି ଅଫ୍ ଇଣ୍ଡିଆର ସିଇଓ ଏବଂ ଏମ୍‌ଡି ସିଦ୍ଧାର୍ଥ ମହାନ୍ତି, ଏଲ୍‌ଆଇସି ଏଚ୍‌ଏଫ୍‌ଏଲ୍ ବୋର୍ଡର ସମସ୍ତ ସଦସ୍ୟ, ଏଲ୍‌ଆଇସି ହାଉସିଂ ଫାଇନାନ୍ସ ଲିମିଟେଡର ପରିଚାଳନା ନିର୍ଦ୍ଦେଶକ ଏବଂ ସିଇଓ ତ୍ରିଭୁବନ ଅଧିକାରୀ ଏବଂ ନବଗଠିତ ପୂର୍ବତଟ ଆଞ୍ଚଳିକ କାର୍ଯ୍ୟାଳୟର ଆଞ୍ଚଳିକ ପରିଚାଳକ ଶଙ୍କର ପରିଡା ଏବଂ ଏଲ୍‌ଆଇସି ଏଚ୍‌ଏଫ୍‌ଏଲ୍ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଆର୍ଥିକ ବର୍ଷ ୨୦୨୪-୨୫ ରେ, ଏଲ୍‌ଆଇସି ହାଉସିଂ ଫାଇନାନ୍ସ ଲିମିଟେଡ ସାରା ଭାରତରେ ଟ.୬୪,୦୨୨ କୋଟି ଟଙ୍କା ବଣ୍ଟନ କରିଥିଲା, ଯାହା ମଧ୍ୟରୁ ଟ.୧,୯୫୦ କୋଟି ଟଙ୍କା ଓଡ଼ିଶାରେ ଗୃହ ଋଣ ଏବଂ ଆବାସିକ ଏବଂ ବାଣିଜ୍ୟିକ ସମ୍ପତ୍ତି ଉପରେ ସମ୍ପତ୍ତି ଉପରେ ଋଣ ଏବଂ ରିଅଲ୍ ଇଷ୍ଟେଟ୍ ପ୍ରକଳ୍ପ ଋଣ ପ୍ରଦାନ କରିଥିଲା। ପୂର୍ବତଟ ଆଞ୍ଚଳିକ କାର୍ଯ୍ୟାଳୟ କାର୍ଯ୍ୟକ୍ଷମ ହେବା ସହିତ, କମ୍ପାନୀ ଚଳିତ ଆର୍ଥିକ ବର୍ଷରେ ଓଡ଼ିଶା ରାଜ୍ୟରେ ସମସ୍ତ କ୍ଷେତ୍ରରେ ଟ.୨,୫୦୦ କୋଟି ଟଙ୍କା ପ୍ରଦାନ କରିବାକୁ ଯୋଜନା କରୁଛି, ଯାହା ଏହି ଅଞ୍ଚଳର ଗୃହ କ୍ଷେତ୍ର ସମ୍ଭାବନା ଉପରେ ଦୃଢ଼ ବିଶ୍ୱାସ ପ୍ରଦର୍ଶନ କରୁଛି। ପୂର୍ବତଟ ଆଞ୍ଚଳିକ କାର୍ଯ୍ୟାଳୟର ପ୍ରତିଷ୍ଠା ଏଲ୍‌ଆଇସି ଏଚ୍‌ଏଫ୍‌ଏଲ୍ ସୁଲଭ, ସ୍ୱଚ୍ଛ ଏବଂ ଦକ୍ଷ ଆର୍ଥିକ ସମାଧାନ ମାଧ୍ୟମରେ ଓଡ଼ିଶାରେ ବ୍ୟକ୍ତି ଏବଂ ପରିବାରର ଗୃହ ଆବଶ୍ୟକତାକୁ ସମର୍ଥନ କରିବା ପାଇଁ ନିରନ୍ତର ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ। ଗତ ଦଶନ୍ଧିରେ ଏଲ୍‌ଆଇସି ହାଉସିଂ ଫାଇନାନ୍ସ ଲିମିଟେଡ୍ ରାଜ୍ୟରେ ମୋଟ ୪୦୫୫୮ ଗୃହ ଋଣ ପ୍ରଦାନ କରିଛି ଯାହାର ମୋଟ ପରିମାଣ ଟ.୧୦,୨୦୧ କୋଟି ଟଙ୍କା ଅଟେ।



"ଅନ୍ୟକୁ ସୁଖ ଦେବାରେ ହିଁ ବାସ୍ତବିକ ସୁଖ ମିଳିଥାଏ। ଅନ୍ୟର ସୁଖ ଲୁଟିବାରେ ନୁହେଁ।"

-ମୁନ୍‌ସୀ ପ୍ରେମଚନ୍ଦ



"କିଏ ତୁମର ବନ୍ଧୁ, କିଏ ତୁମର ଶତ୍ରୁ ଏହା ନଭାବି କର୍ତ୍ତବ୍ୟ କରିଚାଲ, ବନ୍ଧୁ ଆପେ ମିଳିଯିବେ।"

-ଡକ୍ଟର ରାଧାକ୍ରିଷ୍ଣନ୍



## ନିଶା ରାକ୍ଷସ କବଳରୁ ମୁକ୍ତି କାହିଁ ?

# ଦୃଢ଼ କାର୍ଯ୍ୟାନୁଷ୍ଠାନର ଆବଶ୍ୟକତା

ଦୁଇଦିନ ପୂର୍ବେ ଓଡ଼ିଶା ସମେତ ସାରା ବିଶ୍ୱରେ ତମାଖୁ ବର୍ଜନ ଦିବସ ପାଳିତ ହୋଇଛି। ଏହି ଅବସରରେ ତମାଖୁ ସମେତ ବିଷାକ୍ତ ମଦ ଓ ଡ୍ରଗ୍ସର ବ୍ୟବହାର ତଥା ପ୍ରସାରକୁ ରୋକିବା ଉଦ୍ଦେଶ୍ୟରେ ରାଜ୍ୟ ସରକାର ଏକ ସଚେତନତା କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି। ସାରା ବର୍ଷବ୍ୟାପୀ ଚାରିଟି ପର୍ଯ୍ୟାୟରେ ଚାଲିବାକୁ ଥିବା ଏହି କାର୍ଯ୍ୟକ୍ରମକୁ ଖୋଦ୍ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍‌ଘାଟନ କରିବା ସଙ୍ଗେ ସଙ୍ଗେ ସମସ୍ତ ପ୍ରକାର ନିଶା ସାମଗ୍ରୀ ଉପରେ ଅଙ୍କୁଶ ଲଗାଇବାକୁ ସୂଚନା ଦେବା ନିଶ୍ଚିତ ଭାବରେ ସ୍ୱାଗତଯୋଗ୍ୟ। ଏହି ଲକ୍ଷ୍ୟରେ ରାଜ୍ୟରେ ଅବକାରୀ ନୀତି ନୂଆ ରୂପରେ ଅଣାଯିବ ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଥିଲେ। ରାଜ୍ୟର ବାସ୍ତବ ସ୍ଥିତିକୁ ଅନୁଧ୍ୟାନ କଲେ ଗୋଟିଏ ବିଷୟ ସ୍ପଷ୍ଟ ହେଉଛି ଯେ, ନିଶା କାରବାର ଉଦ୍‌ବେଗଜନକ ଭାବରେ ବୃଦ୍ଧି ପାଇବାରେ ଲାଗିଛି, ଯାହା ସାମାଜିକ ଜୀବନକୁ କ୍ରମଶଃ ବିପନ୍ନ କରୁଛି। କେବଳ ମଦ ନୁହେଁ, ଗୁଟ୍‌ଖା, ତମାଖୁ, ଗଞ୍ଜେଇ ଓ ବ୍ରାଉନ୍ ସୁଗାର ସମେତ ବିଭିନ୍ନ ପ୍ରକାର ନିଶା କାରବାର ବର୍ଷକୁ ବର୍ଷ ବଢ଼ି ଚାଲିଥିବାବେଳେ ତମାଖୁ ବର୍ଜନ ଦିବସ ହେଉ ଅବା ନିଶା ନିବାରଣ ଦିବସରେ ଦିଆଯାଉଥିବା ବାର୍ତ୍ତା ମୂଲ୍ୟହୀନ ମନେ ହେଉଛି। ଗୁଟ୍‌ଖା ଓ ତମାଖୁ ଆଦିର ବ୍ୟବହାର, କାରବାର, ପରିବହନ ଓ ଉତ୍ପାଦନ ଉପରେ ରାଜ୍ୟ ସରକାର ବାରବର୍ଷ ପୂର୍ବେ ନିଷେଧାଦେଶ ଜାରି କରିଥିଲେ ହେଁ ତାହାର ସାମାନ୍ୟତମ ପ୍ରଭାବ ଅନୁଭୂତ ହେଉନାହିଁ। ବରଂ ଏବେ ବଜାରରେ ଖୋଲାଖୋଲି ଭାବରେ ଏହିସବୁ ସାମଗ୍ରୀ ଉପଲବ୍ଧ ହେଉଛି। ଏପରିକି ଅନେକ ଲୋକ ସିଗାରେଟ୍ ଭିତରେ ଗଞ୍ଜେଇ ଓ ବ୍ରାଉନ୍‌ସୁଗାର ଆଦି ପୂରାଇ କଳାବଜାର କରୁଥିବାର ଲକ୍ଷ୍ୟ କରାଯାଉଛି। ରାଜ୍ୟର ଗ୍ରାମାଞ୍ଚଳରୁ ସହରାଞ୍ଚଳ ପର୍ଯ୍ୟନ୍ତ ନିଶା କାରବାରର ଚେର ଲମ୍ବିଥିବା ବେଳେ ସରକାରୀ ସ୍ତରରେ କାର୍ଯ୍ୟାନୁଷ୍ଠାନର ଅଭାବ ଦେଖିବାକୁ ମିଳୁଛି। ଅବଶ୍ୟ ବେସରକାରୀ ସ୍ତରରେ ଅନେକ ସାମାଜିକ ସଂଗଠନ ଓ ବ୍ୟକ୍ତିବିଶେଷ ଏବେ ନିଶା ରାକ୍ଷସ ବିରୋଧରେ ସେମାନଙ୍କର ଅଭିଯାନ ଅବ୍ୟାହତ ରଖିଛନ୍ତି। କେତେକ ସ୍ଥାନରେ ମହିଳାମାନେ ସଂଗଠିତ ହୋଇ ମଦ ଦୋକାନ ଖୋଲାଯିବା ଓ ବେଆଇନ ମଦ କାରବାର ବିରୋଧରେ ସ୍ୱର ଉତ୍ତୋଳନ କରୁଛନ୍ତି। ଏସବୁ ସତ୍ତ୍ୱେ ସରକାର ନୀତିଗତ ଭାବରେ ସମ୍ପୂର୍ଣ୍ଣ ନିଶା ନିବାରଣ ନୀତି ଅପଣାଇ ସବୁପ୍ରକାର ନିଶା ବେପାରୀ, ବ୍ୟବହାରକାରୀ ତଥା ଉତ୍ପାଦନକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ ହିଁ ଏହି ସାମାଜିକ ସମସ୍ୟାର ଅନ୍ତ ଘଟିବ ବୋଲି ମତପ୍ରକାଶ ପାଉଛି। ଅତ୍ୟଧିକ ମଦ୍ୟପାନ ବା ଡ୍ରଗ୍ସ ସେବନ ଅନେକ ମାରାତ୍ମକ ରୋଗର ମୂଳ କାରଣ ହୋଇଥାଏ, ଯେଉଁଥି ପାଇଁ ପ୍ରତିବର୍ଷ ଅନେକ ଜୀବନ ଅକାଳରେ ଝଡ଼ି ପଡୁଛି। ଆମ ରାଜ୍ୟରେ ଗତ କିଛି ବର୍ଷ ଭିତରେ ମଦ କାରବାର ହୁ ହୁ ହୋଇ ବଢ଼ି ଚାଲିଛି। ଗତ ୨୦୦୦-୨୦୦୧ ଆର୍ଥିକ ବର୍ଷରେ ରାଜ୍ୟର ଅବକାରୀ ରାଜସ୍ୱ ପରିମାଣ ୧୩୫କୋଟି ୩୫ଲକ୍ଷ ଟଙ୍କା ଥିବା ସ୍ଥଳେ ୨୦୨୪-୨୫ ବର୍ଷ ବଜେଟ୍‌ରେ ଏହା ୮ ହଜାର ୬୮୦ କୋଟି ଟଙ୍କାକୁ ବୃଦ୍ଧି ପାଇଛି। ଚଳିତ ୨୦୨୫-୨୬ ଆର୍ଥିକ ବର୍ଷର ବଜେଟ୍‌ରେ ଅବକାରୀ ରାଜସ୍ୱ ପରିମାଣ ଆହୁରି ବୃଦ୍ଧି ପାଇ ୯ହଜାର ୭୫୪ କୋଟି ଟଙ୍କାରେ ପହଞ୍ଚିବା ନିଶା କାରବାର ବଢ଼ିବାର ସୂଚନା ଦେଉଛି। ଏକ ଜନମଙ୍ଗଳକାରୀ ରାଷ୍ଟ୍ରର ସରକାର ଲୋକଙ୍କ ସ୍ୱାସ୍ଥ୍ୟକୁ ବିପନ୍ନ କରାଇ ଆୟ ବୃଦ୍ଧି ନିମନ୍ତେ ପଦକ୍ଷେପ ଗ୍ରହଣ କରିବା କୌଣସି ପରିସ୍ଥିତିରେ ଗ୍ରହଣୀୟ ନୁହେଁ। ଆମ ଦେଶର ସମ୍ବିଧାନରେ ନିଶା ନିବାରଣ ପ୍ରସଙ୍ଗ ଉଲ୍ଲେଖ କରାଯାଇଥିବା ବେଳେ ୨୦୦୮ ମସିହା ଓଡ଼ିଶା ଅବକାରୀ ଆଇନରେ ମଧ୍ୟ ନିଶା ନିବାରଣ କାର୍ଯ୍ୟକାରୀ କରାଯିବାକୁ ପ୍ରତିଶ୍ରୁତି ଦିଆଯାଇଥିଲା। ଏହି ପୃଷ୍ଠଭୂମିରେ ବର୍ତ୍ତମାନର ରାଜ୍ୟ ସରକାର ନୂଆ ଅବକାରୀ ନୀତି ପ୍ରଣୟନ କଲାବେଳେ ସବୁ ବିଷୟ ଟିକିନିଖି ଅନୁଧ୍ୟାନ କରି ଦୃଢ଼ ପଦକ୍ଷେପ ଗ୍ରହଣ କରିବା ଏକାନ୍ତ ଜରୁରି।

# ଅବହେଳିତ ବିଶାଳ ବୃକ୍ଷ ବାର୍ଦ୍ଧକ୍ୟ



ସରିତା ସିଂ ମହାନ୍ତି
ଗୁଡିଆନାଳି, ଢେଙ୍କାନାଳ
ମୋ: ୭୦୦୮୧୭୩୪୮୭

ଗର୍ଭାବସ୍ଥା, ନବଜାତ ଶିଶୁ, କିଶୋର, ଯୌବନ ଶେଷରେ ବୃଦ୍ଧାବସ୍ଥା, ମନୁଷ୍ୟ ଶରୀରର ଗୋଟିଏ ଗୋଟିଏ ପରିବର୍ତ୍ତିତ ଅବସ୍ଥା। ପ୍ରତ୍ୟେକ ଅବସ୍ଥାରେ ମନୁଷ୍ୟର ଜୀବନଶୈଳୀରେ ମଧ୍ୟ ଅନେକ ପରିବର୍ତ୍ତନ ହୋଇଥାଏ। ସମସ୍ତ ଅବସ୍ଥା ଦେଇ ଜୀବନ ପଥ ଅତିକ୍ରମ କରିବା ବେଳେ ମଣିଷ ସଚେତନ ହୋଇପଡ଼େ ନିର୍ଦ୍ଧାରିତ ସମୟ ଆଗରୁ। କିନ୍ତୁ ଯେତେ ସଜାଗ ଓ ଯତ୍ନଶୀଳ ହେଲେ ମଧ୍ୟ ବାର୍ଦ୍ଧକ୍ୟ ଅବସ୍ଥା ମାନସିକ ଓ ଶାରୀରିକ କ୍ଷମତାକୁ ହ୍ରାସ କରିଦିଏ ତଥା ଅନେକ ରୋଗର ଶିକାର ହୋଇ ପରିଶେଷରେ ପଞ୍ଚତତ୍ତ୍ୱରେ ବିଲୀନ ହୋଇଯାଏ ଶରୀର।

ମନୁଷ୍ୟର ପ୍ରତ୍ୟେକ ଅବସ୍ଥାରେ ଶାରୀରିକ, ମାନସିକ ଏବଂ ସାମାଜିକ ପରିବର୍ତ୍ତନ ହେଉଥିବା ବେଳେ ବୃଦ୍ଧାବସ୍ଥା ବିଶେଷ ଭାବରେ ପ୍ରଭାବିତ କରିଥାଏ ଜୀବନକୁ। ଏକାକୀ, ନିଃସଙ୍ଗ ଜୀବନରେ ଉଦାସୀନତାର ଶିକାର ହୁଅନ୍ତି ବୃଦ୍ଧ/ବୃଦ୍ଧା ବ୍ୟକ୍ତିବିଶେଷ। ଅର୍ଥନୈତିକ ସ୍ଥିତିର ଆହ୍ୱାନ ମଧ୍ୟ ସ୍ୱୀକାର କରିବାକୁ ପଡ଼ିଥାଏ। ତେବେ କ'ଣ ଏ ବୃଦ୍ଧ ଅବସ୍ଥା ଏତେ ସାଙ୍ଘାତିକ? ନା ସମୟ କ୍ରମେ ଏହା ଏକ ମାନସିକତା। ପରିବାରରେ ସୁନ୍ଦର ବୁଝାମଣା, ସମର୍ଥନ, ଯତ୍ନ ଦ୍ୱାରା କ'ଣ ବୃଦ୍ଧାବସ୍ଥାକୁ ଅତିକ୍ରମ କରିହେବନି। ଏସବୁ ପାଇଁ ମଣିଷ ନିଜେ କେବେ ଚେଷ୍ଟା କରିନି ନା ତାକୁ କେବେ ସହଯୋଗ ମିଳିନି।

ସମଗ୍ର ବିଶ୍ୱରେ ଏକ ମହାମାରୀର ପ୍ରତିକାର ନିମନ୍ତେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଘନ ଘନ ଉପଦେଶ, ନୀତି, ନିୟମ ଜାରି କରୁଥିବା ବେଳେ ବୃଦ୍ଧାବସ୍ଥା ନିମନ୍ତେ ମଧ୍ୟ ସଚେତନତା ନିତ୍ୟାନ୍ତ ଆବଶ୍ୟକ। ଶିଶୁର ବିକାଶ ପରି ବୃଦ୍ଧାବସ୍ଥାରେ ମଧ୍ୟ ପୁଷ୍ଟିକର ଖାଦ୍ୟ, ଶାରୀରିକ କାର୍ଯ୍ୟକଳାପ, ତମାଖୁ ଏବଂ ମଦ୍ୟପାନର ବ୍ୟବହାର ଠାରୁ ଦୂରରେ ରହି କିପରି ଏକ ଐଶ୍ୱରୀୟ ବାତାବରଣରେ ବୃଦ୍ଧାବସ୍ଥାକୁ ଅତିବାହିତ କରିପାରିବ ଏ ମନୁଷ୍ୟ ତାହା ପ୍ରତି ମଧ୍ୟ ଉଚିତ୍ ପଦକ୍ଷେପ ନେବାର ଆବଶ୍ୟକତା ରହିଛି ।

ଏକ ଶିଶୁର ସମୟ କ୍ରମେ ରୂପାନ୍ତରିତ ଅବସ୍ଥା ବାର୍ଦ୍ଧକ୍ୟ। ଶୈଶବରେ ପରିଚୟ, ସ୍ମୃତିଶକ୍ତି ବିହୀନ, ସୁସ୍ଥ ଶରୀର ଯୁକ୍ତ ସନ୍ତାନ ପଛରେ ମାଆ, ବାପାଙ୍କ ସହିତ ବନ୍ଧୁ ପରିଜନ ତଥା ଏ ସମାଜ ସହଯୋଗ କରିଥାଏ ତା'ର ବିକାଶ ନିମନ୍ତେ। ଅଜ୍ଞାନରୁ ଆଲୋକକୁ ଆସି, ପୁଣିଥରେ ଆଲୋକରୁ ଅନ୍ଧକାର ପଥ ଦେଇ ପଞ୍ଚମହାଭୂତରେ ବିଲୀନ ହୋଇଯାଏ ଏ ଶରୀର ବୃଦ୍ଧାବସ୍ଥା ଦେଇ। ଶିଶୁ ଲାଳନପାଳନ ପାଉଥିବା ବେଳେ ବୃଦ୍ଧାବସ୍ଥାରେ ଯତ୍ନର ଘୋର ଅଭାବ ଦେଖାଯାଏ। ଶିଶୁଟିକୁ ମାଆର ପଣତ କାନି ଘଣ୍ଟ ଘୋଡ଼େଇ ରଖୁଥିବା ବେଳେ ବୃଦ୍ଧାବସ୍ଥାରେ ଅନାଥ ପ୍ରାୟ ଜୀବନ କଟେ। ସନାତନ ଧର୍ମକୁ ବିଶ୍ୱାସ କରି ଭଗବାନଙ୍କୁ ପୂଜା କରୁଥିବା ଆମ ସମାଜ ଏତିକି ବୁଝି ମଧ୍ୟ କାହିଁକି ଅବୁଝା ହୋଇଯାଏ ଯେ ପରମାତ୍ମାଙ୍କ ନିକଟରୁ ଗୋଟିଏ ଆତ୍ମା ଶିଶୁ ଶରୀର ଦେଇ ଧରାପୃଷ୍ଠକୁ ଆସେ। ନିଜର ପ୍ରାରବ୍ଧ ଏବଂ ବର୍ତ୍ତମାନର କର୍ମକୁ ସାଥୀ କରି ଜୀବନ ରଙ୍ଗ ମଞ୍ଚରେ ଅଭିନୟ ସାରି ପୁଣି ସେଇ ପରମାତ୍ମାଙ୍କ ସହ ଏକାକାର ହୋଇଯାଏ ବୃଦ୍ଧାବସ୍ଥା ଦେଇ। ତେବେ ବୃଦ୍ଧାବସ୍ଥା ତ ଭଗବାନଙ୍କୁ ପାଇବାର ଶେଷଦ୍ୱାର , ଯେଉଁଠି ଭଗବାନଙ୍କ ଦର୍ଶନ ହୁଏ। ଦୁଃଖର କଥା ଏଇ ଅବସ୍ଥାରେ ଏକାନ୍ତରେ, ଶାନ୍ତିରେ ଭଗବାନଙ୍କ ନାମ ଜପିବା ପରିବର୍ତ୍ତେ ବୃଦ୍ଧ/ବୃଦ୍ଧା ନିଜର ଖାଦ୍ୟ, ବସ୍ତ୍ର, ବାସଗୃହରେ ଶାନ୍ତିରେ କେବଳ ରହିବା ପାଇଁ ସଂଘର୍ଷ କରେ ଅଥବା ଜରାଶ୍ରମରେ ନିଜର କେହି ଆସିବା ବାଟକୁ ଚାହିଁ ଚାହିଁ ଶେଷ ନିଃଶ୍ୱାସ ତ୍ୟାଗ କରିଦିଏ। ଜୀବନ ଯାକର ସ୍ମୃତି, ଅନୁଭୂତି, ଅଭିଜ୍ଞତା, ଜମା କରିଥିବା ସମସ୍ତ ପୁଞ୍ଜି ସର୍ବସ୍ୱ ଦେଇଦେଲେ ମଧ୍ୟ ଅନେକ ପରିବାରରେ ବୃଦ୍ଧ/ବୃଦ୍ଧା ଅବହେଳିତ। କର୍ମମୟ ଜୀବନରେ ସମସ୍ତେ ଏତେ ବ୍ୟସ୍ତ ଆଜି ନିଜର ଯତ୍ନ ପାଇଁ ଯେଉଁଠି ସମୟର ଅଭାବ ସେଠି ବାର୍ଦ୍ଧକ୍ୟ ପୀଡ଼ିତଙ୍କ କଥା ବୁଝିବ କିଏ। କିଛି ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ଦିଆଯାଉଥିବା ସେବା ବୃଦ୍ଧ/ବୃଦ୍ଧାଙ୍କ ପାଇଁ 'ବୁଡି ଯାଉଥିବା ଲୋକ କୁଟା ଖିଅକୁ ଆଶ୍ରା' କରିବା ସଦୃଶ।

କେତେକ ପରିବାରରେ ବୃଦ୍ଧ/ବୃଦ୍ଧା ତ ଏମିତି ଶାରୀରିକ, ମାନସିକ ଯନ୍ତ୍ରଣା ଶିକାର ହୁଅନ୍ତି ଯାହା କଲମ ମୁନରେ ଲେଖିବା କଷ୍ଟସାଧ୍ୟ। ଧନ ସଞ୍ଚିଥିଲେ ବିପଦ, ଧନ ନ ସଞ୍ଚିଥିଲେ ବିପଦ। ନିଜର ସନ୍ତାନ ନଥିଲେ ଦୁଃଖ, ସନ୍ତାନ ଥିଲେ ଆହୁରି ଦୁଃଖ। ଆଉ କେଉଁଠି ନିଜର କର୍ମ ଜଞ୍ଜାଳକୁ ନେଇ ଏତେ ବ୍ୟସ୍ତ ଯେ ଦୂରରେ ନିଜ ଭିଟା ମାଟିରେ ଥିବା ପିତା ମାତା, ନ ଚାହୁଁଥିଲେ ମଧ୍ୟ ଅବହେଳିତ ହୋଇପଡନ୍ତି। କେଉଁଠି ପିଲାଙ୍କ ମଧରେ ବାଦ ବିବାଦ ମଧ୍ୟ ବୃଦ୍ଧ/ବୃଦ୍ଧାଙ୍କ ଯତ୍ନରେ ବ୍ୟାଘାତ ସୃଷ୍ଟି କରେ। ଶାରୀରିକ ଅକ୍ଷମତା ହେତୁ କେବଳ ଛାତିରେ କୋହ ଧରି ମୁହଁରେ କୃତ୍ରିମ ହସ ଫୁଟାଇ ଦିନ କାଟନ୍ତି ଆଜିର ବୃଦ୍ଧ ପିତାମାତା।

ଜୀବନରେ ଆକାଶକୁ ଛୁଇଁବାର ସଂଘର୍ଷରେ ମୁଣ୍ଡରେ ପାଚିଲା ଚୁଟି, ଗୋଟି ଗୋଟି କରି ବୟସର ପାହାଚ ଚଢ଼ିବାରେ ହାଡ଼ ସବୁ ଦୁର୍ବଳ, ତାକୁ ଡାକିଁ ଥାଏ ଅଙ୍କାବଙ୍କା ଚର୍ମର ନକ୍ସ। ନଇଁ ଯାଇଥିବା ଆଖିପତା କହେ, ମୁଁ ଏ ଜୀବନରେ ଘଟିଥିବା ସମସ୍ତ ଘଟଣାର ମୂକସାକ୍ଷୀ, ଯାହା ଦାନ୍ତ ପଡ଼ିଯାଇଥିବା ପାଟି ଆଜି କହି ପାରୁନାହିଁ। ଜୀବନର ସତ୍ୟତା ବୁଝିବା ବେଳକୁ, ସତ୍ୟର ସାଥିହୋଇ ରହିଯାଏ କେବଳ ବାର୍ଦ୍ଧକ୍ୟ। ଯାହାଙ୍କ ମସ୍ତିଷ୍କରେ ଅଗାଧ ଜ୍ଞାନ, ହୃଦୟରେ ଆତ୍ମୀୟଙ୍କ ପାଇଁ ଅନାବିଳ ସ୍ନେହ ଓ ଭଲପାଇବା, ମୁଖରୁ ବାହାରେ ତ, କେବଳ ଉପଦେଶ, ହାତ ଉଠେ, ତ କେବଳ ଆଶୀର୍ବାଦ ନିମନ୍ତେ ସେ ହେଉଛି ବାର୍ଦ୍ଧକ୍ୟ। ତେଣୁ ଅବହେଳା ନୁହଁ କୋଟି କୋଟି ପ୍ରଣାମ ସେହି ଆତ୍ମା ପରମାତ୍ମାଙ୍କ ସଙ୍ଗମ ସ୍ଥଳ ବାର୍ଦ୍ଧକ୍ୟ ଅବସ୍ଥାକୁ।

# ୟୁପିଏସ୍‌ସି ପରୀକ୍ଷାରେ ଭାରତ ସଂସ୍କାର ଚାହେଁ



ମହାମେଘବାହନ ଐର ଖାରବେଳ ସ୍ୱାଇଁ
Email: kharabelaswain(@gmail.com
ମୋ: ୯୪୩୭୦୨୦୨୯୦

ଯେତେବେଳେ ସିଭିଲ୍ ସର୍ଭିସ୍ ପରୀକ୍ଷାରେ ଫଳ ବାହାରେ ସେତେବେଳେ ସଫଳ ହୋଇଥିବା ଯୁବକଯୁବତୀମାନେ ଅତ୍ୟନ୍ତ ଖୁସି ହେଉଥିଲା ବେଳେ ବିଫଳ ହୋଇଥିବା ପରୀକ୍ଷାର୍ଥୀମାନେ ଘୋର ଦୁଃଖରେ ଭାଙ୍ଗି ପଡ଼ିଥାନ୍ତି। ଏହାର ମୁଖ୍ୟ କାରଣ ହେଲା, ୟୁପିଏସ୍‌ସି ପରୀକ୍ଷାରେ ଯେଉଁମାନେ ଉତ୍ତୀର୍ଣ୍ଣ ହୁଅନ୍ତି ସେମାନେ ଆଇଏଏସ୍, ଆଇପିଏସ୍ କେନ୍ଦ୍ରୀୟ ସେବା ଆଦି ଚାକିରି ପାଇଁ ମନୋନୀତ ହୋଇଥାନ୍ତି। ଏହାର ଅର୍ଥ ହେଉଛି, ଭାରତର ସବୁଠାରୁ କ୍ଷମତାଶାଳୀ ଚାକିରି ହେଉଛି ଏଗୁଡ଼ିକ ଯାହା ସଫଳ ବ୍ୟକ୍ତିମାନଙ୍କର ଭାଗ୍ୟକୁ ପରିବର୍ତ୍ତନ କରିଦିଏ। ଗଣମାଧ୍ୟମରେ ସାକ୍ଷାତକାରମାନଙ୍କରେ କୃତକାର୍ଯ୍ୟ ହୋଇଥିବା ଯୁବକ/ଯୁବତୀମାନେ କହନ୍ତି ଯେ, ସେମାନେ ବର୍ଷ ବର୍ଷ ଧରି ଏଥିପାଇଁ ପ୍ରସ୍ତୁତ ହୋଇଥାନ୍ତି। ଏକାଧିକ ପ୍ରଚେଷ୍ଟା ପରେ ସେମାନଙ୍କ ମଧ୍ୟରୁ କେତେକ ସଫଳ ହୋଇଥାନ୍ତି। ସେମାନଙ୍କ ଭିତରୁ ଜଣେ ସଫଳ ହୋଇଥିଲା ବେଳେ ୧୦ଜଣ ସଫଳ ହୋଇନଥାନ୍ତି। କିନ୍ତୁ ସେମାନେ ପ୍ରଚେଷ୍ଟା ଚଳେଇଥାନ୍ତି। ତେଣୁ ବିଫଳ ହେଲା ପରେ ସେମାନେ ସେମାନଙ୍କର ପୁରୁଣା ଅବସ୍ଥାକୁ ଫେରିଆସିଥାନ୍ତି। ଏଠାରେ ମୂଳ କଥା ହେଉଛି, ଯେଉଁ ଦୀର୍ଘ ବର୍ଷ ଧରି ସେମାନେ ଏହି ପରୀକ୍ଷା ପାଇଁ ପ୍ରସ୍ତୁତ ହୋଇଥାନ୍ତି, ତାହା କରିବାର ଆବଶ୍ୟକତା କ'ଣ ଥିଲା! ଏ ସମ୍ପର୍କରେ ସରକାର ଦୁଇଟି ପ୍ରକାର ବିଚାର କରିପାରନ୍ତି।

### ପରୀକ୍ଷାରେ ସଂସ୍କାର

ପ୍ରଥମ ସଂସ୍କାର ହେଉଛି ପରୀକ୍ଷା ଦେବା ପାଇଁ ଯୋଗ୍ୟତା କାହାର ଥାଏ। ଲକ୍ଷ ଲକ୍ଷ ଲୋକ ପ୍ରତିଯୋଗୀମାନେ ହଜାର ହଜାର ପଦବୀମାନଙ୍କ ପାଇଁ ପରୀକ୍ଷା ଦେଇଥାନ୍ତି। କିନ୍ତୁ ସେମାନଙ୍କର ସଫଳ ହେବାର ସମ୍ଭାବନା କମ୍ ଅଟେ। ତଥାପି ମଧ୍ୟ ପ୍ରାର୍ଥୀମାନେ ସେମାନଙ୍କର ସବୁ ସୁଯୋଗ ଗଲା ପର୍ଯ୍ୟନ୍ତ ପରୀକ୍ଷା ଦେଇ ଚାଲିଥାନ୍ତି, ଯଦିଓ ସେମାନେ ମଧ୍ୟ ଜାଣିଥାନ୍ତି ଯେ, ସେମାନଙ୍କର ସଫଳ ହେବାର ସମ୍ଭାବନା ଅନେକ କମ୍ ଅଟେ।

ଗୋଟିଏ ପ୍ରକାର ଧାରଣା ପ୍ରଚଳିତ ଯେ, ଯେଉଁ ପ୍ରାର୍ଥୀମାନେ ଦୁଇଟି ବା ତିନିଟି ସୁଯୋଗରେ ସଫଳ ହୋଇନଥାନ୍ତି ଓ ଯେଉଁମାନେ ବିକଳ୍ପ ଚାକିରିର ସମ୍ଭାବନାରେ ଘରୋଇ କ୍ଷେତ୍ରରେ ଉଦ୍ୟମ କରନ୍ତି। ସେମାନଙ୍କର ଘରୋଇ କ୍ଷେତ୍ରରେ ସଫଳତା ଆସିଥାଏ, ଯାହା ନିଜର ଆଶାକୁ ସଫଳ କରିଥାଏ। ତା'ର କାରଣ ହେଉଛି ପ୍ରତ୍ୟେକ ବ୍ୟକ୍ତି ସିଭିଲ୍ ସର୍ଭିସ୍ ପରୀକ୍ଷା ପାଇଁ ଯୋଗ୍ୟ ନୁହେଁ। ଅବଶ୍ୟ ଯେଉଁ ପ୍ରାର୍ଥୀମାନେ ପରୀକ୍ଷା ଦେବେ କି ନାହିଁ ବୋଲି ସ୍ଥିର କରନ୍ତି, ସେ ନିଷ୍ପତ୍ତି ହେଉଛି ସେମାନଙ୍କର। ଯାହା ହେଉ ଏହି ଧରଣର ବାରମ୍ବାର ପରୀକ୍ଷା ଦେବା ପାଇଁ ଅନେକ ଖର୍ଚ୍ଚ କରିବାକୁ ପଡ଼ିଥାଏ। କେତେକ କହନ୍ତି ଯେ, ଏହି ପରୀକ୍ଷାରେ ସଫଳ ହେବା ପାଇଁ ସେ ଏତେ ଅର୍ଥ ଓ ପ୍ରଚେଷ୍ଟା ବ୍ୟୟ କରିଛନ୍ତି ଯେ, ତାହା କରିବାର ନୁହେଁ। ବର୍ତ୍ତମାନ ଯଦି ସେ ପ୍ରଚେଷ୍ଟାକୁ ଛାଡ଼ିଦିଏ, ତା'ହେଲେ ସବୁକିଛି ଉଦ୍ୟମ ବିଫଳ ହେବ। ପୂର୍ବରୁ ନ ହୋଇଥିଲେ ମଧ୍ୟ ଆଗାମୀ ସୁଯୋଗରେ ସଫଳ ହେବେ ବୋଲି ପ୍ରାର୍ଥୀମାନେ ମନରେ ଭାବିଥାନ୍ତି। ତେବେ ଏ ଧରଣର ନିଷ୍ପତ୍ତି ନେବା ଅତ୍ୟନ୍ତ କଷ୍ଟକର ବ୍ୟାପାର। ସରକାର ଏ ସମ୍ପର୍କରେ ଯୋଗ୍ୟତାର ମାନକକୁ ପରିବର୍ତ୍ତିତ କରିବା ଉଚିତ।

### ବୟସ କମାଇବା

ଯେଉଁମାନେ ପ୍ରାର୍ଥୀମାନଙ୍କୁ ଏ ସମ୍ପର୍କରେ ନିଷ୍ପତ୍ତି ନେବା ପାଇଁ ଏହି ଅତି କଠିନ ବିକଳ୍ପକୁ ବାଛିବାକୁ ଛାଡ଼ିଦେଇଥାନ୍ତି ସେ କ୍ଷେତ୍ରରେ ସିଭିଲ୍ ସର୍ଭିସ୍ ପରୀକ୍ଷାରେ ପ୍ରବେଶ କରିବା ପାଇଁ ସରକାର ସୁଯୋଗମାନ କମାଇବା ଉଚିତ। ଗୋଟିଏ ସମୟ ଥିଲା, ଯେତେବେଳେ ସିଭିଲ ସର୍ଭିସ୍ ପରୀକ୍ଷା ଦେବା ପାଇଁ ମାତ୍ର ୨ଟି ସୁଯୋଗ ଦିଆଯାଉଥିଲା ଏବଂ ସେତେବେଳେ ପରୀକ୍ଷାର୍ଥୀମାନଙ୍କର ବୟସ ଥିଲା, ଏହି ପରୀକ୍ଷାରେ ଯୋଗଦେବା ପାଇଁ ୨୧ରୁ ୨୪ବର୍ଷ। ପରବର୍ତ୍ତୀ କାଳରେ ଏହି ବୟସର ସୀମାକୁ ବଢ଼ାଇ ଦିଆଯାଇଛି ଏବଂ ବର୍ତ୍ତମାନ ଜଣେ ବ୍ୟକ୍ତି ୨୧ରୁ ୩୨ବର୍ଷ ପର୍ଯ୍ୟନ୍ତ ଏହି ପରୀକ୍ଷା ଦେଇପାରିବେ। ଯେଉଁମାନେ ସମାଜରେ ବଞ୍ଚିତ ଶ୍ରେଣୀ ସେମାନଙ୍କୁ ଅଧିକରୁ ଅଧିକ ସମୟ ଦିଆଯାଉଛି ଏହି ପରୀକ୍ଷା ଦେବା ପାଇଁ। କିନ୍ତୁ ଯାହା ମନେହେଉଛି ଏହି ପରୀକ୍ଷା ଦେବାର ସୀମାକୁ ବହୁ ଅଧିକ ସ୍ତରକୁ ନିଆଯାଉଛି। ଯାହା ମନେ ହେଉଛି ଏହି ପରୀକ୍ଷା ଦେବା ପାଇଁ ସର୍ବାଧିକ ୩ଟି ସୁଯୋଗ ଦିଆଯିବା ଉଚିତ ଓ ବୟସକୁ ୨୭ରୁ ଊର୍ଦ୍ଧ୍ୱ ରଖାଯିବା ଉଚିତ ନୁହେଁ।

ବର୍ତ୍ତମାନ ସିଭିଲ ସର୍ଭିସ ପରୀକ୍ଷା ନହେଲେ ମଧ୍ୟ ସରକାରଙ୍କର ବିଭିନ୍ନ ପଦପଦବୀ ପାଇଁ ବୟସର ସୀମାକୁ ସବୁବେଳେ ଅଧିକରୁ ଅଧିକ ବଢ଼ାଇ ଦିଆଯିବା ବ୍ୟବସ୍ଥା ଚାଲିଛି। ବିଭିନ୍ନ ରାଜ୍ୟ ସରକାରମାନେ ନୁହନ୍ତି, ଓଡ଼ିଶା ସରକାର ମଧ୍ୟ ନିକଟ ଅତୀତରେ ସରକାରୀ ଚାକିରି କରିବାର ବୟସକୁ ୪୨ ପର୍ଯ୍ୟନ୍ତ ବଢ଼ାଇଛନ୍ତି।

ଗୋଟିଏ ସମୟ ଥିଲା ଯେତେବେଳେ ସିଭିଲ ସର୍ଭିସ ପରୀକ୍ଷା ପାଇଁ ବ୍ରିଟିଶ ଅମଳରେ ପରୀକ୍ଷା ଦେବାର ବୟସ ଥିଲା ୧୮। ୨୩ବର୍ଷ ପରେ ଆଉ କେହି ପରୀକ୍ଷା ଦେଇପାରୁନଥିଲେ ସେତେବେଳେ ସରକାରଙ୍କର ଧାରଣା ଥିଲା ଯେ, ୧୮ବର୍ଷ ବୟସରେ ଯୁବକ ବା ଯୁବତୀଟି ଥାଏ କଞ୍ଚାମାଟି। ସେତେବେଳେ ସେହି ଯୁବକ ବା ଯୁବତୀ ସମାଜରେ ବିଭିନ୍ନ ବ୍ୟବସ୍ଥା ଦ୍ୱାରା ପ୍ରଭାବିତ ନ ହୋଇ କେବଳ ଗୋଟିଏ ଆଦର୍ଶ ବଳରେ ପ୍ରଭାବିତ ହୋଇଥାଏ। ସେତେବେଳେ ଆଦର୍ଶ ଦ୍ୱାରା ପ୍ରଭାବିତ ହେବା ଫଳରେ ସରକାରୀ ଅଧିକାରୀଟି ତା'ର ସମସ୍ତ ଭଲପଣିଆ ସମାଜକୁ ଦେଇଥାଏ। କିନ୍ତୁ ପ୍ରାର୍ଥୀଟିର ବୟସ ଯେତେ ଅଧିକ ହୁଏ, ସେ ସେତେ ଅଧିକ ପରିମାଣରେ ସମାଜ ଦ୍ୱାରା ପ୍ରଭାବିତ ହୋଇଥାଏ, ଯେଉଁ ପ୍ରଭାବ ଅଧିକାଂଶ ସମୟରେ ତା' ଉପରେ ଖରାପ କଥା ପକାଇଥାଏ। ଜଣେ ବ୍ୟକ୍ତି ସମାଜ ଠାରୁ ଭଲ କଥା ଅନେକ ସମୟରେ ନ ଶିଖି ଖରାପ କଥାଗୁଡ଼ିକ ଶିଖିଥାଏ। ବ୍ରିଟିଶ ସରକାରଙ୍କ ବେଳେ ଏହି ୧୮ବର୍ଷିୟା କଞ୍ଚାମାଟିମାନେ ସମାଜକୁ ନିଜର ସାଧୁତା, ଦକ୍ଷତା ଓ ଦୃଢ଼ତା ଅନେକ ପରିମାଣରେ ପ୍ରଦର୍ଶିତ କରିପାରୁଥିଲେ, ଯାହାଫଳରେ ବ୍ରିଟିଶ ସରକାରଙ୍କ ବେଳର ଉଚ୍ଚ ଅଧିକାରୀମାନଙ୍କ ପରି ବର୍ତ୍ତମାନର ଉଚ୍ଚ ଅଧିକାରୀମାନେ ତାହା କରିପାରୁନାହାନ୍ତି। ଓଡ଼ିଶାରେ ସରକାରୀ ଚାକିରି ପାଇଁ ଯେଉଁ ବୟସର ସୀମା ୩୨ରୁ ୪୨କୁ ବଢ଼ାଇ ଦିଆଯାଇଛି ତାହା ସରକାରୀ ଅଧିକାରୀମାନଙ୍କର ଚରିତ୍ରକୁ ସୁଦୃଢ଼ କରିବାରେ କୌଣସି ଭୂମିକା ଗ୍ରହଣ କରିବ ନାହିଁ, ବରଂ ସେମାନଙ୍କ ଚରିତ୍ରକୁ ନଷ୍ଟ କରିବା ପାଇଁ ସୁଯୋଗ ଦେବ। ଯେଉଁ ପ୍ରାର୍ଥୀମାନେ ୪୨ବର୍ଷ ପର୍ଯ୍ୟନ୍ତ ସରକାରୀ ଚାକିରି ପାଉନାହାନ୍ତି, ସେମାନେ ଯେ ନିଶ୍ଚିତ ଭାବରେ ଅଯୋଗ୍ୟ ଏଥିରେ କୌଣସି ସନ୍ଦେହ ନାହିଁ। ଯଦି ସେମାନେ ଯୋଗ୍ୟ ହୋଇଥାନ୍ତେ, ତେବେ ସେମାନେ ଏତେ ଦିନ ପର୍ଯ୍ୟନ୍ତ ଚାକିରି ନ ପାଇଥାନ୍ତେ କାହିଁକି? ତେଣୁ ଯୌବନ ଛାଡ଼ି ପ୍ରାୟ ପ୍ରୌଢ଼ତ୍ୱ ଆସିଲା ବେଳକୁ ସେମାନଙ୍କୁ ସରକାରୀ ଚାକିରି ଦେଇ ଲାଭ କ'ଣ? ମାତ୍ର ୧୮ବର୍ଷ ଚାକିରି କରି ସେମାନେ କେତେ ଉଚ୍ଚକୁ ଉଠିବେ ଅବା ସମାଜକୁ କି ପ୍ରକାର ଅବଦାନ ଦେଇପାରିବେ। ବରଂ ଆଶଙ୍କା ରହିଛି ଯେ, ଏମାନେ ସରକାରୀ ଚାକିରିକି ଆସିବା ପୂର୍ବରୁ ନିଶ୍ଚିତ ଭାବରେ କିଛି ନା କିଛି କାର୍ଯ୍ୟ କରୁଥିବେ ଏବଂ ୪୨ବର୍ଷ ବେଳକୁ ସେମାନେ ଆଉ କଞ୍ଚା ମାଟି ହୋଇନଥିବେ। ସେମାନଙ୍କ ଚରିତ୍ର ଗୋଟିଏ ନିର୍ଦ୍ଦିଷ୍ଟ ରୂପ ଧାରଣ କରିସାରିଥିବ ଏବଂ ଏହା ପରେ ସରକାର ନିଜର ଲକ୍ଷ୍ୟ ମୁତାବକ ଏହି ବ୍ୟକ୍ତିମାନଙ୍କୁ ଗଢ଼ିପାରିବେ ନାହିଁ। ସେମାନେ ଟାଣ ମାଟି ହୋଇସାରିଥିବେ ଯେଉଁମାନଙ୍କୁ ଆଉ ନୂଆ କରି ରୂପ ଦେଇହେବ ନାହିଁ। ବର୍ତ୍ତମାନ ସିଭିଲ ସର୍ଭିସ ପରୀକ୍ଷାରେ ଜଣଙ୍କୁ ୬ଟି ସୁଯୋଗ ଦିଆଯାଉଛି। ଏହାଫଳରେ କେବଳ ପରୀକ୍ଷାରେ କେମିତି ଅଧିକ ନମ୍ବର ରହିବ ସେହି କୌଶଳଟି ପ୍ରାର୍ଥୀମାନେ ଶିଖୁଛନ୍ତି। ଏହାଦ୍ୱାରା ସେମାନଙ୍କର କୌଣସି ଅଧିକ ଯୋଗ୍ୟତା ପ୍ରତିଫଳିତ ହେଉନାହିଁ। ତେଣୁ ପରୀକ୍ଷା ଦେବାର ବୟସ ବଢ଼ାଇବା ଅବା ସୁଯୋଗ ଦିଆଯିବାର କୌଣସି ଆବଶ୍ୟକତା ନାହିଁ। ଏହାଛଡ଼ା ସିଭିଲ ସର୍ଭିସ ପରୀକ୍ଷାରେ ଅନେକ ପ୍ରକାର ବିକଳ୍ପ ବିଷୟ ଦିଆଯିବା ଉଚିତ ନୁହେଁ। କାରଣ ଯଦି ଗୋଟିଏ ପରୀକ୍ଷା ପାଇଁ ପ୍ରାର୍ଥୀମାନଙ୍କୁ ବଛା ହେଉଛି ତେବେ ସେମାନଙ୍କୁ ସମାନ ବିଷୟରେ ପରୀକ୍ଷା କରାଯିବା ଉଚିତ। ତାହା ନ କରି ଅଲଗା ଅଲଗା ବିଷୟରେ ପରୀକ୍ଷା କରାଗଲା ବେଳକୁ କେବଳ କେଉଁ ବିଷୟ ନେଲେ ଅଧିକ ନମ୍ବର ମିଳିବ ସେହି ବିଷୟରେ ପରୀକ୍ଷାର୍ଥୀମାନେ ଚେଷ୍ଟାରେ ଲାଗିଛନ୍ତି ଓ ନମ୍ବର ରଖିବାର କୌଶଳ ଶିଖୁଛନ୍ତି। ଦେଖାଯାଏ ଯେ, ଅନେକ ବ୍ୟକ୍ତି ଯେଉଁମାନେ ହେଉଛନ୍ତି ଭଲ ପ୍ରଶାସକ ସେମାନେ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇପାରନ୍ତି ନାହିଁ ଓ କିନ୍ତୁ ଯେଉଁମାନେ କେବଳ ନମ୍ବର ରଖି ଉଚ୍ଚସ୍ତରକୁ ସଫଳ ହୋଇଛନ୍ତି, ସେମାନେ ଭବିଷ୍ୟତରେ ଅତି ଦୁର୍ବଳ ପ୍ରଶାସକ ହୋଇ ନିଜକୁ ପ୍ରମାଣିତ କରିଛନ୍ତି। ଏଣୁ ସିଭିଲ ସର୍ଭିସ୍ ପାଇଁ ଦ୍ୱିତୀୟ ପର୍ଯ୍ୟାୟର କିଛି ପ୍ରାର୍ଥୀଙ୍କୁ ବଛାଯିବା ଉଚିତ୍, ଯେଉଁମାନେ କି ଅନ୍ୟ ଚାକିରିରେ ଥାଇ ସଫଳତା ଅର୍ଜନ କରିଥାନ୍ତି ଓ ସେମାନଙ୍କର ବୟସ ୪୦ରୁ ୪୨ବର୍ଷ ହୋଇଥାଏ। ତେବେ ବିଭିନ୍ନ ବିଶେଷଜ୍ଞମାନଙ୍କୁ କେତେକ ନିର୍ଦ୍ଦିଷ୍ଟ ପଦ ପାଇଁ ଅଣାଯିବା ହେଉଛି ଅଲଗା କଥା। ପ୍ରତ୍ୟେକ ବର୍ଷ ଆନୁଷ୍ଠାନିକ ବ୍ୟବସ୍ଥାରେ ଚିରସ୍ଥାୟୀ ମନୋନୟନ ସିଭିଲ ସର୍ଭିସକୁ ଅନ୍ୟ ବିଭିନ୍ନ ପେଷାଦାରୀ ବ୍ୟବସ୍ଥାରୁ ଅଣାଯିବା ଉଚିତ୍ ଯାହା ୟୁପିଏସି କରିବା ଉଚିତ୍ ଓ ପ୍ରଥମ ପର୍ଯ୍ୟାୟରେ ଚାକିରି ପରି ଏହି ଦ୍ୱିତୀୟ ପର୍ଯ୍ୟାୟର ମନୋନୟନ ହେବା ଉଚିତ ଯେଉଁମାନେ ଅନ୍ୟ ଚାକିରିରେ ଥାନ୍ତି ଓ ତାଙ୍କର ମଧ୍ୟମ ବୟସ ହୋଇଥିଲା ବେଳେ ସେମାନେ ସିଭିଲ ସର୍ଭିସକୁ ଆସିବେ ବୋଲି ପୂର୍ବ ପଦ୍ଧତି ଅନୁସାରେ ନିଷ୍ପତ୍ତି ହୋଇଥାଏ, ସେ କ୍ଷେତ୍ରରେ ସିଭିଲ ସର୍ଭିସ ପାଇଁ ମନୋନୀତ ହୋଇନପାରିଲେ ମଧ୍ୟ ସେମାନେ ଭାଙ୍ଗି ପଡ଼ିବେ ନାହିଁ କାରଣ ଅନ୍ୟ ସରକାରୀ ଚାକିରିରେ ସେମାନେ ପ୍ରତିଷ୍ଠିତ ହୋଇଥାନ୍ତି। ଆଇଏଏସ୍ କେବଳ ସେମାନଙ୍କ ପାଇଁ ଏକମାତ୍ର ବିକଳ୍ପ ହୋଇନଥାଏ। ବର୍ତ୍ତମାନର ସମୟରେ କଲେଜରୁ ବାହାରି ୨୦ବର୍ଷ ବୟସରେ ଯିଏ ଆଇଏଏସ୍ ମଧ୍ୟକୁ ପଶିଥାଏ, ତା'ର ଦୁଇଟି ଅସୁବିଧା ଥାଏ। ପ୍ରଥମତଃ, ସେ ପୃଥିବୀକୁ ଠିକ୍ ଭାବରେ ଜାଣିନଥାଏ ବା ବାସ୍ତବତାକୁ ବୁଝିନଥାଏ। ଦ୍ୱିତୀୟତଃ, ସେ ସରକାରଙ୍କୁ ବାହାରୁ ଠିକ୍ ଭାବରେ ବୁଝିନଥାଏ। ସରକାରର ବିଭିନ୍ନ ପ୍ରକାର ଅବସ୍ଥାକୁ ସେ ଜାଣିନଥାଏ। ସରକାରଙ୍କର ବିଭିନ୍ନ ବିଷୟ ସମ୍ପର୍କରେ ସେମାନଙ୍କର ଅଭିଜ୍ଞତା ନଥାଏ। ଅନେକ କ୍ଷେତ୍ରରେ ଦେଖାଯାଏ ଏହା ଫଳରେ ଜନସାଧାରଣ ଅତ୍ୟନ୍ତ ଦାୟିତ୍ୱହୀନ ପ୍ରଶାସନକୁ ସାମ୍ନା କରିଥାନ୍ତି। କିନ୍ତୁ ଯଦି ଅନ୍ୟ ଚାକିରିମାନଙ୍କରୁ ମଧ୍ୟ ବୟସରେ ଆସିଥିବା ବ୍ୟକ୍ତିମାନଙ୍କର ଏ ଧରଣର ଅଭାବ ନଥାଏ, ସେମାନେ ମିଳିତ ଭାବରେ ସିଭିଲ ସର୍ଭିସକୁ ଆହୁରି ଉନ୍ନତ ସ୍ତରକୁ ନେଇଥାନ୍ତି। ତେବେ ବର୍ତ୍ତମାନର ଆଇଏଏସ୍ ଚାକିରି ମଧ୍ୟକୁ ଯୁବକଯୁବତୀମାନଙ୍କୁ ନିଆଯିବାର ମଧ୍ୟ ବଡ଼ ଯୁକ୍ତି ରହିଛି। କାରଣ ସେମାନଙ୍କର ଗୋଟିଏ ଯୌବନ ସୁଲଭ ଉଦାମତା ଥାଏ, ସେମାନଙ୍କର କଞ୍ଚା ଉତ୍ସାହ ଥାଏ। ସେମାନଙ୍କର ପ୍ରଚେଷ୍ଟା କେବେହେଲେ ମଳିନ ହୋଇନଥାଏ ଯାହା ପ୍ରଶାସନିକ କ୍ଷେତ୍ରରେ କାମରେ ଲାଗୁଥାଏ। ସାରା ଦେଶରେ ଅନେକ ବଡ଼ ବଡ଼ କାର୍ଯ୍ୟକ୍ରମ ଗୁଡ଼ିକ ସାରା ଦେଶରେ ଯାହା ଚାଲିଛି ଯେମିତିକି ସ୍କୁଲମାନଙ୍କରେ ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମ, ମହାତ୍ମା ଗାନ୍ଧୀ କର୍ମନିଯୁକ୍ତି ଯୋଜନା କାର୍ଯ୍ୟକ୍ରମ(ମନରେଗା), ସୂଚନା ପାଇବାର ଅଧିକାର କ୍ଷେତ୍ରରେ ଯୁବ ଆଇଏଏସ୍ ଅଫିସରମାନେ ଭଲ ଦକ୍ଷତା ପ୍ରଦର୍ଶନ କରି ଦେଖାଇ ପାରିଛନ୍ତି। ତେଣୁ କିଛିଟା ସଂସ୍କାର ସହିତ ଏହାକୁ ଲାଗୁ କରାଯିବା ଉଚିତ୍।

ଓଡ଼ିଶା ଓ ଅନ୍ୟ କେତେକ ରାଜ୍ୟମାନଙ୍କରେ ସରକାରୀ ଚାକିରିରେ ପ୍ରବେଶର ସୀମାକୁ ୪୨ବର୍ଷ ପର୍ଯ୍ୟନ୍ତ ବଢ଼ାଇବାର ଆବଶ୍ୟକତା କ'ଣ ସେ ସମ୍ପର୍କରେ ବିଚାର କରାଯିବା ଉଚିତ। ପ୍ରଥମତଃ ଘରୋଇ କ୍ଷେତ୍ରରେ ମଧ୍ୟ ବିଭିନ୍ନ ଯୁବକ/ଯୁବତୀମାନେ ବିଳମ୍ବିତ ବୟସରେ ପ୍ରବେଶ କରିପାରିବେ ଓ ସେମାନଙ୍କର ଦକ୍ଷତା ଥିଲେ ଘରୋଇ କ୍ଷେତ୍ର ମଧ୍ୟ ସେମାନଙ୍କୁ ଏ କ୍ଷେତ୍ରରେ ନେଇପାରିବେ। କିନ୍ତୁ ସରକାରୀ କ୍ଷେତ୍ରରେ ଏତେ ବେଶୀ ଆଗ୍ରହ ମୁଖ୍ୟ କାରଣ ହେଉଛି ଯେ, ଏହି କ୍ଷେତ୍ରରେ କିଛି କାମ ନକଲେ ମଧ୍ୟ ସାଧାରଣତଃ କିଛି କ୍ଷତି ହେବନାହିଁ ବୋଲି ଅନେକଙ୍କର ଧାରଣା। ଆହୁରି ମଧ୍ୟ ଏ କ୍ଷେତ୍ରରେ କାମ ନକଲେ ମଧ୍ୟ ଚଳିବ ବୋଲି ଅନେକ ସମୟରେ ସର୍ବସାଧାରଣରେ ଧାରଣା ରହିଛି। ସରକାରୀ କ୍ଷେତ୍ରରେ ଦୁର୍ନୀତି ଭ୍ରଷ୍ଟାଚାରରେ ଲିପ୍ତ ହେଲେ ମଧ୍ୟ ଧରାପଡ଼ିବାର ସମ୍ଭାବନା ଅନେକ କ୍ଷେତ୍ରରେ କମ୍ ଥାଏ। ଏହାଫଳରେ ଏହି କ୍ଷେତ୍ରକୁ ଆସିବା ପାଇଁ ଅନେକ ଲୋକ ଆଗ୍ରହ ପ୍ରକାଶ କରିଥାନ୍ତି। ଏଣୁକରି ଏ କ୍ଷେତ୍ରରେ ଗୁରୁତ୍ୱ ଦିଆଯିବା ଉଚିତ୍ ଓ ବୟସର ସୀମାକୁ ବହୁତ ନ ବଢ଼ାଇ ପ୍ରଶାସନିକ କ୍ଷେତ୍ରରେ ଅଧିକାରୀମାନେ କିପରି ଅଧିକରୁ ଅଧିକ ଜନଦରଦୀ ହୋଇପାରିବେ ସେ ସମ୍ପର୍କରେ ଗୁରୁତ୍ୱ ଦିଆଯିବା ଆବଶ୍ୟକ।

# କ୍ରାନ୍ତିକାରୀ ଶିକ୍ଷକ ନେତା ପ୍ରଫେସର ଅବନୀ ବରାଳ



ହିମାଂଶୁ ଶେଖର ଆଚାର୍ଯ୍ୟ
ସଭାପତି, ଜିଲ୍ଲା ଶିକ୍ଷକ ମହାସଂଘ, ଜଗତସିଂହପୁର
ମୋ: ୯୩୩୭୨୨୧୯୨୪

ଶତ ସଂଗ୍ରାମର ଅନନ୍ୟ ଯୋଦ୍ଧା ଥିଲେ ଅବନୀ ବରାଳ। ଜନ୍ମ ନେଇଥିଲେ ୧୯୩୫ ମସିହା ଜୁନ୍ ୩ ତାରିଖରେ ଓ ଛାଡିଗଲେ ୨୦୧୩ ମସିହା ନଭେମ୍ବର ୭ ତାରିଖରେ। ତାଙ୍କ ବିୟୋଗରେ ଏକ ଯୁଗର ଅବସାନ ଘଟିଲା। ହେଲେ ଦୀର୍ଘ ୭୯ ବର୍ଷର ଘଟଣାବହୁଳ ଓ ସଂଗ୍ରାମୀ ଜୀବନ ଭିତରେ ଅନେକ ଆଲୋକଶିଖା ଏବେବି ଜାଜ୍ୱଲ୍ୟମାନ। ବେସରକାରୀ ଶିକ୍ଷାନୁଷ୍ଠାନ ଓ ସରକାରୀ ଅନୁଦାନ କଥା ଉଠିଲେ ପ୍ରଥମେ ତାଙ୍କ କଥା ହିଁ ମନରେ ଉଙ୍କିମାରେ। ସେ ହେଉଛନ୍ତି କ୍ରାନ୍ତିକାରୀ ଶିକ୍ଷକ ନେତା, ପ୍ରବୀଣ ଶିକ୍ଷାବିତ୍, ଅଗ୍ନିବର୍ଷୀ ବକ୍ତା, ସୁସାହିତ୍ୟିକ, ଅପ୍ରତିଦ୍ୱନ୍ଦୀ ସଂଗଠକ, ସାମ୍ୟବାଦ ଚିନ୍ତାନାୟକ, ନିଖିଳ ଉତ୍କଳ ଶିକ୍ଷକ ମହାସଂଘର ସାଧାରଣ ସମ୍ପାଦକ, ସର୍ବୋପରି ବିଶ୍ୱ ଶିକ୍ଷକ ସଂଗଠନର ଉପସଭାପତି।

୧୯୬୯ ମସିହାର ତତ୍କାଳୀନ ପରିସ୍ଥିତିରେ ବେସରକାରୀ ଶିକ୍ଷାନୁଷ୍ଠାନ ଚାକିରି ତାଳଗଛର ଛାଇ ସଦୃଶ ଥିଲା। ଶିକ୍ଷକମାନଙ୍କ ପାଇଁ କୌଣସି ଚାକିରି ସର୍ତ୍ତାବଳୀ ନଥିଲା। ଯାହାଫଳରେ ସକାଳେ ଥିବା ଚାକିରି ସଞ୍ଜ ବେଳକୁ ନଥିଲା। ଶିକ୍ଷକମାନେ ଗୋଟି ଶ୍ରମିକ ଠାରୁ ଅହୁରି ହୀନ ଅବସ୍ଥାରେ ଥିଲେ। ଏଭଳି ଦୟନୀୟ ସ୍ଥିତିରୁ ଶିକ୍ଷକମାନଙ୍କୁ ଉଦ୍ଧାର କରିବା ପାଇଁ ପୂଜ୍ୟ ବନମାଳୀ ବ୍ରହ୍ମଚାରୀ, ଅଧାପକ ଅବନୀ ବରାଳ ଓ କୈଳାସ ମହାପାତ୍ରଙ୍କ ଆହ୍ୱାନରେ ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘ, ମାଧ୍ୟମିକ ଶିକ୍ଷକ ସଂଘ, ପ୍ରାଥମିକ ଶିକ୍ଷକ ସଂଘ ଓ କଲେଜ ଶିକ୍ଷକ ସଂଘକୁ ନେଇ ୨୭.୭.୧୯୬୯ ମସିହାରେ ଖ୍ରୀଷ୍ଟ କଲେଜ ପରିସରରେ ମିଳିତ ଶିକ୍ଷକ କାର୍ଯ୍ୟାନୁଷ୍ଠାନ କମିଟି ଗଠିତ ହେଲା। ଏଇଠୁ ଶିକ୍ଷକ ଆନ୍ଦୋଳନର ମୂଳୁଦୁଆ ପଡିଲା। ଏହାର ଫଳସ୍ୱରୂପ ୧୯୬୯ ମସିହା ଅଗଷ୍ଟ ୧୬ ତାରିଖରେ ବେସରକାରୀ ଶିକ୍ଷକମାନଙ୍କ ପାଇଁ ଓଡ଼ିଶା ଶିକ୍ଷାନୀତି-୧୯୬୯ ପ୍ରଣୟନ ହେଲା।

୧୯୬୯ ଶିକ୍ଷା ଆଇନର ସଫଳତାକୁ ପୁଞ୍ଜିକରି ୧୯୭୧ ମସିହା ପବିତ୍ର ଗୁରୁଦିବସ ଦିନ ଭୁବନେଶ୍ୱର ଭଞ୍ଜ କଳାମଣ୍ଡପ ଠାରେ ନିଖିଳ ଉତ୍କଳ ଶିକ୍ଷକ ମହାସଂଘ ଗଠନ ହେଲା। ଏହାର ସଭାପତି ଭାବେ ଶିକ୍ଷକ ଗୌରବ ବନମାଳୀ ବ୍ରହ୍ମଚାରୀ ଓ ସାଧାରଣ ସମ୍ପାଦକ ଭାବେ ଅଧ୍ୟାପକ ଅବନୀ ବରାଳ ନିର୍ବାଚିତ ହୋଇଥିଲେ। ଏହା ଥିଲା ଶିକ୍ଷକ ସଂଗଠନ ଇତିହାସର ମାଇଲଖୁଣ୍ଟ। ଏମାନଙ୍କୁ ସହଯୋଗ କରିଥିଲେ ରାଜ କିଶୋର ପଟ୍ଟନାୟକ, ରାଜ କିଶୋର ଭୁଜବଳ, ଅନନ୍ତ କର, ଅର୍ଜୁନ ଦାଶ, ଶରତ ମହାପାତ୍ର, ଗୌରହରି ଶତପଥୀ, ଅଧ୍ୟାପକ ଭଗବାନ ଜେନା, ଗୟାଧର ରାଉତ, ଭୋଳାନାଥ ରାଉତ, ନିକୁଞ୍ଜ କିଶୋର ମହାନ୍ତି, (ଦିବଂଗତ) ଏବଂ ଅକ୍ଷୟ ଦାସ, ପ୍ରଫୁଲ୍ଲ ମହାପାତ୍ର, ଅଧ୍ୟାପକ ହିମାଂଶୁ ଆଚାର୍ଯ୍ୟ, ଶରତ ପରିଡା, ସୁଶିଲ ମଲ୍ଲିକ, ନିରଞ୍ଜନ ପଣ୍ଡା, ନିକୁଞ୍ଜ କିଶୋର ବେହେରା, ବିଜୟ ବିଶ୍ୱାଳ, ଶାରଦା ପ୍ରସନ୍ନ ସିଂହ, ସୁରେଶ ରାଉତ, ରାମଚନ୍ଦ୍ର ଆଚାର୍ଯ୍ୟ, ମହେଶ ଚୌଧୁରୀ, ନାରାୟଣ ବାରିକ, ଜୟପ୍ରକାଶ ପଣ୍ଡା ଓ ଆହୁରି ଅନେକ। ଏମାନଙ୍କ ସାହାଯ୍ୟ ଓ ସହଯୋଗରେ ଶିକ୍ଷକ ସଂଗଠନ କେବଳ ରାଜ୍ୟରେ ନୁହେଁ ସାରା ଦେଶରେ ଏକ ସଂଗ୍ରାମୀ ଜୀବନ୍ତ ଗଣ ଅନୁଷ୍ଠାନରେ ପରିଣତ ହୋଇଥିଲା। ମହାନ୍ ସ୍ୱାଧୀନତା ସଂଗ୍ରାମୀ ପ୍ରାଣନାଥ ପଟ୍ଟନାୟକଙ୍କ ସାହଚର୍ଯ୍ୟ ଓ ପ୍ରଗତିବାଦୀ କବି ଅନନ୍ତ ପଟ୍ଟନାୟକଙ୍କ ଆଦର୍ଶ ଓ ପରେ ପ୍ରାଣନାଥ କଲେଜରେ ଅଧାପନା ତାଙ୍କ ଜୀବନର ଗତିପଥକୁ ବଦଳାଇ ଦେଇଥିଲା। ଓଡ଼ିଶାର ଶିକ୍ଷକ ସମାଜ ଦୁଃଖରେ ନରୁହନ୍ତୁ, ସେମାନଙ୍କ ସମସ୍ୟାର ସମାଧାନ ହେଉ ସେଥିପାଇଁ ସେ ସର୍ବଦା ଚେଷ୍ଟିତ ଥିଲେ। ଏଥିପାଇଁ ଦୁର୍ବାର ଆନ୍ଦୋଳନ କରିବାକୁ ସେ ପଶ୍ଚାତପଦ ହୋଇନଥିଲେ। ୧୯୬୯, ୧୯୭୪, ୧୯୮୪, ୧୯୮୯ ମସିହାର ଆନ୍ଦୋଳନ ତା'ର ଗୋଟିଏ ଗୋଟିଏ ଉଦାହରଣ। ଏହିସବୁ ଆନ୍ଦୋଳନର ଫଳ ସ୍ୱରୂପ ଶିକ୍ଷକ ସମାଜ ପାଇଥିବା ସୁବିଧା ସୁଯୋଗ ତାଲିକା ବେଶ୍ ଦୀର୍ଘ। ଏହା ଭିତରେ ରହିଛି ପ୍ରଥମ ଶିକ୍ଷା ଆଇନ, ଚାକିରି ଭର୍ତ୍ତି, ଚାକିରି ନିରାପତ୍ତା, ଅବସରକାଳୀନ ସୁବିଧା, ମଧ୍ୟ ଇଂରାଜୀ ଓ ମାଧ୍ୟମିକ ବିଦ୍ୟାଳୟର ସରକାରୀକରଣ ଓ ୟୁଜିସି ବେତନ ସଂଶୋଧନ। ଏଥିପାଇଁ ଶିକ୍ଷକମାନଙ୍କୁ ଲାଠିମାଡ଼ ଖାଇବାକୁ ପଡିଛି, ବାୟୋନେଟ୍ ଆଘାତ ସହିବାକୁ ହୋଇଛି, କାରାବରଣ କରିବାକୁ ପଡିଛି ଓ ଚରମ ବଳିଦାନ ମଧ୍ୟ ଦେବାକୁ ପଡିଛି। ଏସବୁ ଭିତରେ ୧୯୭୪ ମସିହାରେ ଶିକ୍ଷକ ସମାଜକୁ ପ୍ରତ୍ୟକ୍ଷ ଅନୁଦାନ ଦେବା ହେଉଛି ତାଙ୍କର ସର୍ବଶ୍ରେଷ୍ଠ ଅବଦାନ।



ଜଣେ ଅପ୍ରତିଦ୍ୱନ୍ଦୀ ସଂଗଠକ ଭାବେ ଏକ ନିଆରା ପରିଚୟ ଥିଲା ଅବନୀ ବରାଳଙ୍କର। ଶିକ୍ଷକ ମହାସଂଘର ସମସ୍ତ ଆନ୍ଦୋଳନ ଅଗ୍ରଭାଗରେ ରହୁଥିଲେ ସେ। ଜଣେ ସଂଗଠକ ଭାବେ ୧୯୬୯ ବିଶେଷକରି ୧୯୭୧ ମସିହାରୁ ମୃତ୍ୟୁ ପର୍ଯ୍ୟନ୍ତ ପ୍ରାୟ ଚାରି ଦଶନ୍ଧି ଧରି ସେ ନିଖିଳ ଉତ୍କଳ ଶିକ୍ଷକ ମହାସଂଘର ସାଧାରଣ ସମ୍ପାଦକ ଭାବେ କାର୍ଯ୍ୟ କରି ଆସୁଥିଲେ। ତାଙ୍କର ସାଂଗଠନିକ ଦକ୍ଷତା ଅତୁଳନୀୟ ଥିଲା। ଥରେ ସେ ଯାହା ଚିନ୍ତା କରୁଥିଲେ ତାକୁ କାର୍ଯ୍ୟରେ ପରିଣତ କରି ଦେଖାଉଥିଲେ। ଏହା ହିଁ ଥିଲା ତାଙ୍କ ବ୍ୟକ୍ତିତ୍ୱର ବିଶେଷତ୍ୱ। ଏପରିକି ବିଶ୍ୱ ସଂଗଠନର ଉପସଭାପତି ହୋଇ ସେ ଅନ୍ତର୍ଜାତୀୟ ସ୍ତରରେ ନିଜ ପାଇଁ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରି ଥିଲେ ସେ। ସେହିପରି ସାମ୍ୟବାଦୀ ଆନ୍ଦୋଳନର ପୁରୋଧା ଭାବରେ ଅବହେଳିତ ଦଳିତ ସମାଜର ସେ ଆଶା ଭରସା ଥିଲେ। ଯେଉଁଳି ଜଣେ ସଂଗଠକ ସେଭଳି ଜଣେ ସୁବକ୍ତା ଥିଲେ ଅବନୀ ବରାଳ। ସେ ତାଙ୍କ ଭାଷଣକୁ ଏଭଳି ଭାବ ଭିତ୍ତିକ ଓ ତଥ୍ୟାତ୍ମକ କରନ୍ତି ଯେ କେବଳ ଶିକ୍ଷକ ସମାଜ ନୁହେଁ, ବୁଦ୍ଧିଜୀବୀଙ୍କ ଠାରୁ ଆରମ୍ଭ କରି ସାଧାରଣ ଶ୍ରୋତା ତାଙ୍କ ଭାଷଣକୁ ବେଶ୍ ଉପଭୋଗ କରୁଥିଲେ।

ସଂଗ୍ରାମୀ ଜୀବନ ଭିତରେ ଅବନୀ ବରାଳଙ୍କ ସାହିତ୍ୟ ସଧନା ସ୍ଥିର ହୋଇନଥିଲା। ସାହିତ୍ୟର ବିଭିନ୍ନ ବିଭାଗରେ ଲେଖନୀ ଚାଳନା କରି ସେ ନିଜ ପାଇଁ ଏକ ଭିନ୍ନ ପରିଚୟ ସୃଷ୍ଟି କରିଯାଇଛନ୍ତି। ପ୍ରାୟ ୨୫ ଖଣ୍ଡରି ଊର୍ଦ୍ଧ୍ୱ ପୁସ୍ତକ ସେ ଲେଖିଯାଇଛନ୍ତି ସେ ଯେଉଁଥିରେ ଅଛି ଉପନ୍ୟାସ, ଗଳ୍ପ, ଆଲୋଚନା ଓ ଭ୍ରମଣ କାହାଣୀ। ଏସବୁ ସତ୍ତ୍ୱେ ତାଙ୍କ ସାହିତ୍ୟକୃତି ରହିଯାଇଛି ସ୍ୱୀକୃତି ଅପେକ୍ଷାରେ। 'ପ୍ରେମ ଅନ୍ୱେଷଣରେ ଗୋଟିଏ ତରୁଣୀ'ରୁ 'ହୀରୋସୀମା ନାଗାସାକି ଆଉ ନୁହେଁ ହେଉ' ବା 'ମାୟାବିନୀ ମଞ୍ଚ'ରୁ 'ଅପରାହ୍ନର ଛାୟା' ପର୍ଯ୍ୟନ୍ତ ସବୁଠି ତାଙ୍କ ସୃଜନଶୀଳତାର ଛାପ ବେଶ୍ ବାରି ହୋଇପଡ଼େ। ସେହିପରି ତାଙ୍କ ଭ୍ରମଣ କାହାଣୀ ପଢିଲେ ପାଠକ ସ୍ତବ୍ଧ ହୋଇଯାଏ। ଏପରିକି ବିଭିନ୍ନ ଖବରକାଗଜ ଓ ପତ୍ରପତ୍ରିକାରେ ବହୁ ମୂଲ୍ୟବାନ ନିବନ୍ଧ ଲେଖି ସେ ବିଶେଷ ଖ୍ୟାତିର ଅଧିକାରୀ ହୋଇପାରିଥିଲେ। ସାହିତ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସେ ସୋଭିଏତ୍ ଦେଶ ନେହେରୁ ସମ୍ମାନ ଲାଭ କରିବା ସହିତ ଓଡ଼ିଶା ସାହିତ୍ୟ ଏକାଡେମୀ ତରଫରୁ ମଧ୍ୟ ସମ୍ବର୍ଦ୍ଧିତ ହୋଇଥିଲେ।

ଆଜି ଶିକ୍ଷକମାନଙ୍କର ସମସ୍ୟା ଅସମାହିତ। ଶିକ୍ଷକ ସଂଗଠନଗୁଡ଼ିକ ବିଭାଜିତ। ଜୀବଦ୍ଦଶାରେ ଏସବୁ ନିଜ ଆଖିରେ ଦେଖି ସେ ଗଭୀର ଭାବେ ମର୍ମାହତ ହୋଇଥିଲେ। ଅଭିମାନରେ କହିଥିଲେ - 'ଦୟାକରି ମୋତେ ଶିକ୍ଷକନେତା କୁହନ୍ତୁ ନାହିଁ'। ଏବେ ତାଙ୍କ ଜୟନ୍ତୀ ପାଳନ ଅବସରରେ ଚିନ୍ତା କରିବାର ସମୟ ଆସିଛି। ଏହି ସର୍ବମାନ୍ୟ ଶିକ୍ଷକନେତାଙ୍କ ନୀତି ଏବଂ ଆଦର୍ଶକୁ ରାଜ୍ୟର ଶିକ୍ଷକ ସମାଜ କାର୍ଯ୍ୟରେ ପ୍ରତିଫଳିତ କରିପାରିଲେ, ତାହା ହିଁ ହେବ ତାଙ୍କ ପ୍ରତି ପ୍ରକୃତ ଶ୍ରଦ୍ଧାଞ୍ଜଳି।



ପାରାଦୀପ, (ଭାସ୍କର ନ୍ୟୁଜ୍): ପାରାଦୀପ ବଡ଼ପଡ଼ିଆ ମାର୍କେଟର ଜଣାଶୁଣା ପୁରାତନ ବ୍ୟବସାୟୀ ବନମାଳୀ ସାହୁଙ୍କ ଗତ ଗୁରୁବାର ଦିନ ୮୦ ବର୍ଷ ବୟସରେ ଦେହାନ୍ତ ହୋଇଯାଇଛି। ତାଙ୍କ ବିୟୋଗରେ ପାରାଦୀପ ପୋର୍ଟ ବଣିକ ସଂଘ ପରିସରରେ ସଭାପତି କ୍ଷୀରୋଦ କୁମାର ସ୍ୱାଇଁଙ୍କ ସଭାପତିତ୍ୱରେ ସୋମବାର ସକାଳେ ଏକ ଶୋକସଭା ଆୟୋଜିତ ହୋଇଯାଇଛି। ଏଥିରେ ସଂଘର କାର୍ଯ୍ୟକାରୀ ସଭାପତି ଗୋଲେଖ ଚନ୍ଦ୍ର ସାହୁ, ସାଧାରଣ ସମ୍ପାଦକ ଅମୀୟ କୁମାର ପାଣି ପ୍ରମୁଖ ଉପସ୍ଥିତ ରହି ସ୍ୱର୍ଗୀୟ ଆତ୍ମାର ସଦଗତି ନିମନ୍ତେ ନିରବ ପ୍ରାର୍ଥନା କରି ତାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏହି ଅବସରରେ ବହୁ ବ୍ୟବସାୟୀ ଉପସ୍ଥିତ ରହି ସ୍ୱର୍ଗତ ସାହୁଙ୍କ ଫୋଟଚିତ୍ରରେ ମାଲ୍ୟାର୍ପଣ କରି ଶ୍ରଦ୍ଧାସୁମନ ଜ୍ଞାପନ କରିଥିଲେ। ତାଙ୍କ ସମ୍ମାନାର୍ଥେ ସକାଳେ ବଡ଼ପଡ଼ିଆ ମାର୍କେଟ ଏକ ଘଣ୍ଟା ପାଇଁ ବନ୍ଦ ରହିଥିଲା।

# ସାନ୍ତାଳୀ ଓଲଚିକି ଭାଷାକୁ ପୁରିଲା ଶହେବର୍ଷ





ପାରାଦୀପ, (ଭାସ୍କର ନ୍ୟୁଜ୍): ଆଦିବାସୀ ସମ୍ପ୍ରଦାୟ ସାନ୍ତାଳୀ ଭାଷା ଓଲଚିକିକୁ ପୁରିଛି ଶହେବର୍ଷ। ହେଲେ ଆଦିବାସୀ ଜନଜାତିର ପିଢ଼ି ପରେ ପିଢ଼ି ଆଜି ଉନ୍ନତିର ଶିଖରରେ ପହଁଚିଛି। ଭାରତବର୍ଷର ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏବଂ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଦିବାସୀ ସମ୍ପ୍ରଦାୟରୁ ଆସି ଆଜି ଦେଶ ଓ ରାଜ୍ୟର ସର୍ବୋଚ୍ଚ ପଦବୀରେ ମଣ୍ଡିତ ହୋଇଛନ୍ତି। ସେହିପରି ବିଭିନ୍ନ ପ୍ରଶାସନିକ କ୍ଷେତ୍ରରେ ମଧ୍ୟ ଆଦିବାସୀ ସମ୍ପ୍ରଦାୟର ଭାଇଭଉଣୀମାନେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପଦପଦବୀରେ କାର୍ଯ୍ୟ କରିଆସୁଛନ୍ତି। ହେଲେ ଆଜିକାଲିର ଯୁବପିଢ଼ି ସାନ୍ତାଳୀ ଭାଷା କହିପାରୁଥିଲେ ମଧ୍ୟ ଲେଖିବା, ପଢ଼ିବାକୁ କିପରି ଗୁରୁତ୍ୱ ଦେବେ ଏ ନେଇ ପାରାଦୀପ ସାନ୍ତାଳୀ ୟୁଥ୍ ଫେଡେରେସନ ତରଫରୁ ଆରମ୍ଭ ହୋଇଛି ଭାଷା, ସଂସ୍କୃତି, ପରମ୍ପରାକୁ ବଞ୍ଚାଇ ରଖିବା ଓ ଯୁବପିଢ଼ିଙ୍କ ମଧ୍ୟରେ ସାନ୍ତାଳୀ ଭାଷା ଲେଖିବା ଓ ପଢିବାକୁ ନେଇ ଆରମ୍ଭ ହୋଇଛି ପ୍ରୟାସ। ଏନେଇ ଆଜି ପାରାଦୀପ ମଧୁବନ ଠାରେ ରହିଥିବା ସାନ୍ତାଳୀ ୟୁଥ୍ ଫେଡେରେସନ୍ କାର୍ଯ୍ୟାଳୟ ଠାରେ ଫେଡେରେସନ୍‌ର ସମସ୍ତ ସଦସ୍ୟ ମାନେ ଆୟୋଜିତ ଶିକ୍ଷାଦାନ କାର୍ଯ୍ୟକ୍ରମରେ ପାରାଦୀପରେ ରହୁଥିବା ଆଦିବାସୀ ସମ୍ପ୍ରଦାୟର ଛୋଟ ପିଲାମାନଙ୍କ ଠାରୁ ଆରମ୍ଭ କରି ଯୁବପିଢ଼ିମାନେ ଏହି ଶିକ୍ଷାଦାନ କାର୍ଯ୍ୟକ୍ରମରେ ଭାଗ ନେଇଥିଲେ। ସାନ୍ତାଳୀ ଭାଷାର ୨ଜଣ ଶିକ୍ଷକ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ପିଲାମାନଙ୍କ ଠାରୁ ଯୁବପିଢ଼ି ମାନଙ୍କୁ କିପରି ସାନ୍ତାଳୀ ଓଲଚିକି ଲିପି ଲେଖିବା ଓ ପଢିବା ଉପରେ ପ୍ରଶିକ୍ଷଣ ଦେଇଥିଲେ। ପରେ ଆଦିବାସୀ ସାନ୍ତାଳୀ ସମ୍ପ୍ରଦାୟର ବିଭିନ୍ନ ଡିବେଟ, ପାରମ୍ପରିକ ସାଂସ୍କୃତିକ ନୃତ୍ୟ, ବାଦ୍ୟ ଉପରେ ବୁଝାଇବା ସହିତ ପ୍ରଶିକ୍ଷଣ ଦେଇଥିଲେ। ସାନ୍ତାଳୀ ୟୁଥ୍ ଫେଡେରେସନ ତରଫରୁ ଆଜିଠାରୁ ପାରାଦୀପର ବିଭିନ୍ନ ଶିଳ୍ପ ପ୍ରତିଷ୍ଠାନ ଇଫ୍‌କୋ, ପିପିଏଲ୍, ଅଏଲ୍ ରିଫାଇନେରୀ, ପାରାଦୀପ ବନ୍ଦର, କୋଷ୍ଟଗାର୍ଡ, ସିଆଇଏସ୍‌ଏଫ୍‌ରେ କାର୍ଯ୍ୟ କରୁଥିବା ସମସ୍ତ ସାନ୍ତାଳୀ ସମ୍ପ୍ରଦାୟର ଭାଇଭଉଣୀମାନଙ୍କୁ ପ୍ରଶିକ୍ଷଣ ଦିଆଯିବାର କାର୍ଯ୍ୟକ୍ରମ ରହିଥିବା ନେଇ ପାରାଦୀପ ସାନ୍ତାଳୀ ୟୁଥ୍ ଫେଡେରେସନ ତରଫରୁ ସୂଚନା ପ୍ରଦାନ କରାଯାଇଛି।

## ସମ୍ବିଧାନ ବଞ୍ଚାଅ ସମ୍ମିଳନୀ ପାଇଁ ପ୍ରସ୍ତୁତି ବୈଠକ

ଆସିକା, (ଭାସ୍କର ନ୍ୟୁଜ୍): ଆସିକା କଂଗ୍ରେସ କାର୍ଯ୍ୟାଳୟ ପରିସରରେ ଗଞ୍ଜାମ ପଶ୍ଚିମ କଂଗ୍ରେସର ବହୁ ଯୁବ ନେତୃତ୍ୱଙ୍କ ଉପସ୍ଥିତିରେ ଆଗାମୀ ୬ ତାରିଖରେ ହିଞ୍ଜିଳିରେ ସମ୍ବିଧାନ ବଞ୍ଚାଅ ସମ୍ମିଳନୀ ପାଇଁ ପୂର୍ବ ପ୍ରସ୍ତୁତି ବୈଠକ ଅନୁଷ୍ଠିତ। ଓଡ଼ିଶା ପ୍ରଦେଶ କଂଗ୍ରେସ ଉପସଭାପତି ରମେଶ ଜେନା ଯୋଗଦେଇ କର୍ମୀମାନଙ୍କୁ ଉତ୍ସାହିତ କରିବା ସହିତ ସମ୍ବିଧାନ ବଞ୍ଚାଅ ଅଭିଯାନକୁ ସାଧାରଣ ଜନତାଙ୍କ ପାଖରେ ପହଞ୍ଚାଇବା ପାଇଁ ଉପଦେଶ ଦେଇଥଲେ। ଗଞ୍ଜାମ ଜିଲ୍ଲା ପଶ୍ଚିମ କଂଗ୍ରେସ ସଭାପତି ରବୀନ୍ଦ୍ର ନାଥ ଶର୍ମାଙ୍କ ଆବାହକତ୍ୱରେ ବୈଠକରେ ଆସିକା କଂଗ୍ରେସ ସାଂସଦ ପାର୍ଥି ଦେବକାନ୍ତ ଶର୍ମା ଯୁବବର୍ଗକୁ ପ୍ରେରଣାଦାୟୀ ବକ୍ତ୍ୟବ ଦେଇ ଉତ୍ସାହିତ କରିଥିଲେ। ୮ ନିର୍ବାଚନ ମଣ୍ଡଳୀର ବହୁ ଯୁବ କଂଗ୍ରେସକର୍ମୀ ରମେଶ ଜେନାଙ୍କୁ ସ୍ୱାଗତ।

# ଉତ୍କର୍ଷ ନିମାପଡ଼ା କାର୍ଯ୍ୟର ତଦାରଖ କଲେ ଉପ-ମୁଖ୍ୟମନ୍ତ୍ରୀ



ନିମାପଡ଼ା, (ଭାସ୍କର ନ୍ୟୁଜ୍): ନିମାପଡ଼ାରେ ଉତ୍କର୍ଷ ନିମାପଡ଼ା ପାଇଁ ସଜେଇ ହେଉଛି ନିମାପଡ଼ା। ଇନ୍‌ଡ଼ୋର ଷ୍ଟାଡ଼ିୟମ୍ ସମ୍ମୁଖରେ ଉତ୍କର୍ଷ ନିମାପଡ଼ା କାର୍ଯ୍ୟକ୍ରମ ଆୟୋଜନ ପାଇଁ ଜୋରସୋରରେ ପ୍ରସ୍ତୁତି ଆରମ୍ଭ ହୋଇଛି। ଏହି କାର୍ଯ୍ୟକ୍ରମରେ ମହାମହିମ ରାଜ୍ୟପାଳ ଯୋଗଦେବା ସ୍ଥିର ହୋଇଥିବା ବେଳେ ଅନେକ ମନ୍ତ୍ରୀ କାର୍ଯ୍ୟକ୍ରମରେ ଭାଗ ନେବେ ବୋଲି ଜଣାପଡ଼ିଛି। ରାଜ୍ୟ ସରକାର ଏକବର୍ଷ ମଧ୍ୟରେ କେତେ ବିକାଶ କରିଛନ୍ତି, ନିମାପଡ଼ା ନିର୍ବାଚନ ମଣ୍ଡଳୀରେ କ'ଣ ବିକାଶ ହୋଇଛି ସିଧା ସଳଖ ନେତା ମାନେ ଜନତାଙ୍କ ଠାରୁ ପଚାରି ବୁଝିବେ। ଜନତା ମଧ୍ୟ ନେତାଙ୍କୁ ପ୍ରଶ୍ନ କରିବେ। ସୋମବାର ଅପରାହ୍ନ ସମୟରେ ରାଜ୍ୟ ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା ସୋମବାରଅପରାହ୍ନ ସମୟରେ ନିମାପଡ଼ା ପରିଦର୍ଶନ କରି କାର୍ଯ୍ୟ ତଦାରଖ କରିଥିଲେ। ରାଜ୍ୟପାଳଙ୍କ ପୋଗ୍ରାମ ଯୋଗୁଁ ଆଲୋକୀକରଣ, ଗମନାଗମନ କାର୍ଯ୍ୟରେ କର୍ମଚାରୀ ମାନେ ଲାଗି ପଡ଼ିଛନ୍ତି। ନିମାପଡ଼ାରେ ଏହି କାର୍ଯ୍ୟକ୍ରମ ପ୍ରଥମ କାର୍ଯ୍ୟକ୍ରମ ହୋଇଥିବାରୁ ଲକ୍ଷଲକ୍ଷ ଜନ ସାଧାରଣ ଉପ-ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଏହି ପରିପ୍ରେକ୍ଷୀରେ ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା ଭୋବନିପୁର ଗ୍ରାମ ଗସ୍ତକରି ଦୁର୍ଘଟଣାରେ ପ୍ରାଣ ହରାଇଥିବା ଅନୁସୟା ପାଣିଙ୍କ ଏକମାତ୍ର ପୁତ୍ର ଦୀପଙ୍କର ସ୍ୱାଇଁ ପରିବାରକୁ ଭେଟି ସାନ୍ତ୍ୱନା ପ୍ରଦାନ କରିଛନ୍ତି।

## ନାହାଳପୁର ଅଞ୍ଚଳରେ ଚାଲିଛି ମାଟି ଚୋରା ଚାଲାଣ

କଣ୍ଟାପଡ଼ା, (ଭାସ୍କର ନ୍ୟୁଜ୍): ମାଟି ଚୋରାଚାଲାଣ ଦିନରେ ଖୁଲମ ଖୁଲା ହେଉଥିବା ବେଳେ ଜେସିବି ଓ ଟ୍ରାକ୍ଟର ସାହାଯ୍ୟରେ ଶହଶହ ମାଟି ଟ୍ରିପ ଚୋରାଚାଲାଣ ହେଉଛି। ଜେସିବି ଟ୍ରାକ୍ଟର ମାଲିକଙ୍କ ପକେଟକୁ ମୋଟା ଅଙ୍କର ଅର୍ଥ ଯାଉଥିବା ବେଳେ ସ୍ଥାନୀୟ ପୋଲିସ ରାଜସ୍ୱ ବିଭାଗ, ଜିଲ୍ଲା ଖଣିବିଭାଗ କେହି ବି କାର୍ଯ୍ୟାନୁଷ୍ଠାନ ନେଉନାହାନ୍ତି। ଯାହାଫଳରେ ନାହାଳପୁର ସମେତ ବାର ସାଇଲ, ଖଣ୍ଡସାଇଲ, ଯୋହଳ, ନୂଆ ଗାଁ ଆଦି ଅନେକ ଗ୍ରାମରେ ଦିନ ଦ୍ୱିପ୍ରହରରେ ମାଟି ଖୋଳାହେଉଛି। ସ୍ଥାନୀୟ ଅଞ୍ଚଳ ଲୋକଙ୍କ ଅଭିଯୋଗ ମାଟି ଖୋଳି ଚଢାଦରରେ ବିକ୍ରି କରାଯାଉଥିବା ବେଳେ ଧର୍ମକୁ ଆଖିଠାର ମାରି ପ୍ରଶାସନିକ ଅଧିକାରୀ ମାନେ ଚୁପ ରହୁଛନ୍ତି। ଗତ ଶନିବାର, ରବିବାର ଓ ସୋମ୍ବାର ଦିନ ନାହାଳପୁର ପଞ୍ଚାୟତ ଯାଇଲୋ ଗ୍ରାମରେ ଜେସିବି ପଡି ମାଟି ଖୋଳାଯାଉଥିବା ଅଭିଯୋଗ ମଧ୍ୟ ଆସୁଛି।

## କଷଟି ଗ୍ରାମରେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ଘଟଣାରେ ୨ ଗିରଫ

ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲା ତିହିଡ଼ି ଥାନା କୁବେରା ପଞ୍ଚାୟତ ଅଧୀନ କଷଟି ଗ୍ରାମରୁ ସଂଖ୍ୟାଲଘୁ ସମ୍ପ୍ରଦାୟର କିଛି ବ୍ୟକ୍ତି ଗୋରୁ ନେଇ ଗୁଜିଦରଡ଼ା ଯାଉଥିବାକୁ ନେଇ ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ଗଣ୍ଡଗୋଳ ଉପୁଜିଥିଲା। ଯାହାଫଳରେ ଗୋଟିଏ ଗୋଷ୍ଠୀର ଜଣେ ବ୍ୟକ୍ତିଙ୍କ ଆକ୍ରମଣରେ କଷଟି ଗ୍ରାମର ସନ୍ତୋଷ ପରିଡ଼ା (୪୦) ନାମକ ଜଣେ ବ୍ୟକ୍ତି ଗୁରୁତର ହୋଇ ଭୁବନେଶ୍ୱର ସ୍ଥିତ ଏକ ଘରୋଇ ହସ୍ପିଟାଲରେ ଆଇସିୟୁରେ ଜୀବନମରଣ ସହିତ ସଂଗ୍ରାମ କରୁଥିବା ଜଣାଯାଇଛି। ଗାଁ'ରେ ଆଇନ ଶୃଙ୍ଖଳା ପରିସ୍ଥିତି ଯୋଗୁଁ ପୋଲିସ ଛାଉଣି ହୋଇଛି। ତେବେ ଏହି ଘଟଣାକୁ ନେଇ ଉଭୟପକ୍ଷର ଏତଲା ମୂଳେ ତିହିଡ଼ି ଥାନାରେ ୨ଟି ମାମଲା ରୁଜୁ ହୋଇଥିଲା। ପୋଲିସ ସୋମବାର ଗୁଜିଦରଡ଼ା ଗ୍ରାମର ସେକ୍ କାଦ୍ରି ଓ ସେକ୍ ମୁଜାଫରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି। ଘଟଣାରୁ ପ୍ରକାଶ ଯେ, ଶୁକ୍ରବାର ମଧ୍ୟାହ୍ନରେ କେତେକ ଗୋରୁ ବେପାରୀ ଗୋରୁ ନେଇ ଗୁଜିଦରଡ଼ା ଅଭିମୁଖେ ଯାଉଥିଲେ। ଭୂୟାଁବାଟିଟଙ୍କି ନିକଟରେ କଷଟି ଗ୍ରାମର କେତେକ ଯୁବକ ଗୋରୁ ନେଇ ଯିବା ସମ୍ପର୍କରେ ତାଙ୍କୁ ପଚାରିଥିଲେ। ଫଳରେ ଉଭୟଙ୍କ ମଧ୍ୟରେ ଗଣ୍ଡଗୋଳ ଉପୁଜିଥିଲା। ଏହି ଘଟଣାରେ ସନ୍ତୋଷ ଗୁରୁତର ଆହତ ହୋଇଥିଲେ। ଏ ସମ୍ପର୍କରେ ସନ୍ତୋଷଙ୍କ ପତ୍ନୀ ମିନତୀଙ୍କ ଅଭିଯୋଗ ମୂଳେ ପୋଲିସ ଏକ ମାମଲା ରୁଜୁ କରିଥିବା ବେଳେ ଗୁଜିଦରଡ଼ା ଗ୍ରାମର ସେଖ୍ ସମୀରୁଦ୍ଦୀନଙ୍କ ଏତଲା ମୂଳେ ଅନ୍ୟ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ଜଣାଯାଇଛି।

## ପଲଟିଲା ବାଲି ବୋଝେଇ ହାଇବା, ଅଳ୍ପକେ ବର୍ତ୍ତିଲେ ଡ୍ରାଇଭର

ନିଆଳି, (ଭାସ୍କର ନ୍ୟୁଜ୍): ନିଆଳି ଥାନା ଅଧିନସ୍ତ ଜଲାର ପୂର ପଂଚାୟତ କୂଳ ଜଲାର ପୂର ଗ୍ରାମରେ ପହଂଗା ଅଞ୍ଚଳରୁ ବାଲି ନେଇ ଆସୁଥିବା ହାଇବା ଗାଡି ରାସ୍ତାରୁ ୧୫ ଫୁଟ ତଳକୁ ଖସି ପଡିଛି। ଗତକାଲି ରାତିରେ ଏହି ଘଟଣା ଘଟିଥିଲେ ବି ଡ୍ରାଇଭର ଜଣକ ଅଳ୍ପକେ ବର୍ତ୍ତୀଯାଇଛି। ଏଠାରେ ସୂଚନା ଥାଉ କି ପ୍ରତ୍ୟେକ ଦିନ ପହଂଗା ଅଂଚଳରୁ ଶହଶହ ବାଲି ବୋଝେଇ ହାଇବା ଯାଇ ପ୍ରତେକ ଦିନ ଛୋଟ ବଡ଼ ଦୁର୍ଘଟଣା ଘଟୁଛି। ଗତ ୩୧ ତାରିଖ ରାତି ୯ ଟା ସମୟରେ କୂଳ ଜଲାର ପୂର ଗ୍ରାମରେ ଏକ ବାଇକ ଆରୋହୀକୁ ବାଲି ବିଝେଇ ହାଇବା ଧକା ଦେଇଥିଲା। ଏହି ଘଟଣାକୁ ନେଇ ଚାପା ଉତ୍ତେଜନା ଲାଗି ରହିଥିଲା। ନିଆଳି ଥାନା ଆଇଆଇସି ସେଠାରେ ପହଁଚି ଲୋକମାନଙ୍କୁ ବୁଝା ସୁଝା କରିଥିଲେ।

# ୩୦ପେଟି ବିଅର ଜବତ, ୩ଗିରଫ



ଟାଙ୍ଗୀ-ଚୌଦ୍ୱାର, (ଭାସ୍କର ନ୍ୟୁଜ୍): ଚୌଦ୍ୱାର ଅବକାରୀ ଥାନା ରବିବାର ବିଳମ୍ବିତ ରାତିରେ ଚୋରା ବିଦେଶୀ ମଦ ଜବତ କରିବା ସହିତ ଏହି ଘଟଣାରେ ୩ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ମାନେ ହେଲେ ଏହି ଥାନା ଅନ୍ତର୍ଗତ ଶଙ୍କରପୁର ଗ୍ରାମର ସୁମନ୍ତ ପାଇକରାୟ, ଦେବେନ୍ଦ୍ର ରାଉତ ଓ ସପନପୁର ଗ୍ରାମର ଅନିଲ କୁମାର ବେହେରା। କଟକ ଅବକାରୀ ଥାନା ଆଇଆଇସି ମାନସୀ ନାୟକଙ୍କ ସୂଚନା ଅନୁଯାୟୀ ଏକ ବୋଲେରୋ ଗାଡିରେ ଚୋରା ବିଅର ବିକ୍ରୟ ଚାଲାଣ ହେଉଥିବା ବିଶେଷ ସୂତ୍ରରୁ ଖବରପାଇ ଆବକାରୀ କର୍ମଚାରୀ ମାନେ ଗାନ୍ଧୀଛକ ନିକଟରେ ଚଢ଼ଉକରି ଉକ୍ତ ବୋଲେରୋ ଗାଡିକୁ ଅଟକାଇବାରେ ସେଥିରେ ୩୦ପେଟି ଚୋରା ବିଅର ଥିବା ଦେଖିବାକୁ ମିଳିଥିଲା, ଯାହାର ଆନୁମାନିକ ମୂଲ୍ୟ ୫୦ହଜାର ଟଙ୍କାରୁ ଅଧିକ ହେବ ବୋଲି ଜଣାପଡ଼ିଛି। ଉକ୍ତ ବିଅର କେଉଁଠାରୁ ଆସି କୁଆଡେ ବିକ୍ରୟ ପାଇଁ ଯାଉଥିଲା ତାହାର ଅଧିକ ତଦନ୍ତ ଜାରିରହିଛି।

# ଡକ୍ଟର ଦାମୋଦର ମିଶ୍ରଙ୍କ ସମ୍ମାନାର୍ଥେ ମର୍ଯ୍ୟାଦାଜନକ ସମାରୋହ ଆୟୋଜିତ




ବନ୍ତ/ଭଦ୍ରକ, (ଭାସ୍କର ନ୍ୟୁଜ୍): ହିନ୍ଦୀ ଭାଷା ଏବଂ ସାହିତ୍ୟର ବିଦ୍ୱାନ ପ୍ରଫେସର ଡକ୍ଟର ଦାମୋଦର ମିଶ୍ରଙ୍କ ଅବସର ପାଳନ ପାଇଁ ଆସାନସୋଲ ହିନ୍ଦୀ ଭବନରେ ହିନ୍ଦୀ ଗବେଷଣା ପରିଷଦ, ଆସାନସୋଲ (ପଶ୍ଚିମବଙ୍ଗ)ର ତତ୍ତ୍ୱାବଧାନରେ ଏକ ମହାନ ସମ୍ବର୍ଦ୍ଧନା ସମାରୋହର ଆୟୋଜନ କରାଯାଇଥିଲା। ୧୩ ଏପ୍ରିଲ ୧୯୬୦ ମସିହାରେ ଓଡ଼ିଶାର ଭଦ୍ରକ ଜିଲ୍ଲାର ବନ୍ତ ଗ୍ରାମରେ ଜନ୍ମଗ୍ରହଣ କରିଥିବା ପ୍ରଫେସର ଡକ୍ଟର ଦାମୋଦର ମିଶ୍ର ବିଭିନ୍ନ ମର୍ଯ୍ୟାଦାଜନକ ପଦବୀରେ କାର୍ଯ୍ୟ କରିବା ସହିତ ୩୦ ଏପ୍ରିଲ ୨୦୨୫ ମସିହାରେ ବିଦ୍ୟାସାଗର ବିଶ୍ୱବିଦ୍ୟାଳୟ (ମେଦିନୀ ପୁର) ରୁ ଅବସର ନେଇଥିଲେ। ଡକ୍ଟର ମିଶ୍ର ହାଓଡ଼ା (ପଶ୍ଚିମବଙ୍ଗ)ର ହିନ୍ଦୀ ବିଶ୍ୱ ବିଦ୍ୟାଳୟର ପ୍ରଥମ ଉପ-କୁଳପତି, ବିଦ୍ୟାସାଗର ବିଶ୍ୱବିଦ୍ୟାଳୟ (ମେଦିନୀ ପୁର) ର କଳା ଏବଂ ବାଣିଜ୍ୟ ବିଭାଗର ଡିନ୍, ଦୂରଶିକ୍ଷା ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ଏବଂ ବିଦ୍ୟାସାଗର ବିଶ୍ୱ ବିଦ୍ୟାଳୟର ମାନ୍ୟବର ଉପ-କୁଳପତିଙ୍କ ମୁଖ୍ୟ ଶିକ୍ଷା ପରାମର୍ଶଦାତା ଭଳି ଗୁରୁତ୍ୱପୂର୍ଣ୍ଣ ପଦବୀରେ କାର୍ଯ୍ୟ କରିଛନ୍ତି। ଏହି ଅବସରରେ ଆସାନସୋଲ ସମେତ ବିଭିନ୍ନ ରାଜ୍ୟର ବିଦ୍ୱାନ ସାହିତ୍ୟିକ, ଗବେଷକ ଏବଂ ବୁଦ୍ଧିଜୀବୀମାନେ ଡକ୍ଟର ମିଶ୍ରଙ୍କ ହିନ୍ଦୀ ସେବା, ଗବେଷଣା ମାର୍ଗଦର୍ଶନ ଏବଂ ସାହିତ୍ୟିକ ଅବଦାନକୁ ପ୍ରଶଂସା କରିଥିଲେ। ତାଙ୍କ ଦ୍ୱାରା ଲିଖିତ ଏବଂ ସମ୍ପାଦିତ ସାତଟି ପୁସ୍ତକ ପ୍ରକାଶିତ ହୋଇଛି। ଦେଶର ବିଭିନ୍ନ ପତ୍ରିକାରେ ଅନେକ ଗବେଷଣା ପତ୍ର ଏବଂ ପ୍ରବନ୍ଧ ମଧ୍ୟ ପ୍ରକାଶିତ ହୋଇଛି। ସେ ଛାୟାପଥ, ବିଦ୍ୟାସାଗର ବର୍ତ୍ତିକା, 'ଆଜ କେ ଲିଏ' ଭଳି ପତ୍ରିକାର ସମ୍ପାଦନା ମଧ୍ୟ କରିଛନ୍ତି ଏବଂ ଦେଶର ଅନେକ ପତ୍ରିକାର ସମ୍ପାଦକୀୟ ବୋର୍ଡର ସଦସ୍ୟ ମଧ୍ୟ ଅଛନ୍ତି। ଡକ୍ଟର ମିଶ୍ରଙ୍କ ଡଜନ ଡଜନ ଗବେଷଣା ପ୍ରବନ୍ଧ ପ୍ରତିଷ୍ଠିତ ଜାତୀୟ ଏବଂ ଅନ୍ତର୍ଜାତୀୟ ପତ୍ରିକାରେ ପ୍ରକାଶିତ ହୋଇଛି। ୨୦୧୮ ମସିହାରେ, ସେ ମରିସସର ପୋର୍ଟ ଲୁଇସରେ ଅନୁଷ୍ଠିତ ୧୧ତମ ବିଶ୍ୱ ହିନ୍ଦୀ ସମ୍ମିଳନୀରେ ବିଦ୍ୟାସାଗର ବିଶ୍ୱବିଦ୍ୟାଳୟର ପ୍ରତିନିଧିତ୍ୱ କରିଥିଲେ। ତାଙ୍କର ଉଲ୍ଲେଖନୀୟ ସେବା ପାଇଁ ଡକ୍ଟର ମିଶ୍ରଙ୍କୁ ପଣ୍ଡିତ୍ ଭଳି ପୁରସ୍କାର, ହଜାରୀପ୍ରସାଦ ଦ୍ୱିବେଦୀ ସ୍ମୃତି ସମ୍ମାନ, ଘାସିରାମ ଅଗ୍ରୱାଲ ସ୍ମୃତି ସମ୍ମାନ ଏବଂ ହିନ୍ଦୀ ଶିକ୍ଷା ସମ୍ମାନରେ ସମ୍ମାନିତ କରାଯାଇଛି। ସେ ହିନ୍ଦୀ ଭକ୍ତି କବିତା, କବିତା, ଆଧୁନିକ ହିନ୍ଦୀ ସାହିତ୍ୟ, ତୁଳନାତ୍ମକ ଅଧ୍ୟୟନ ଏବଂ ଅନୁବାଦ କ୍ଷେତ୍ରରେ ବିଶେଷଜ୍ଞ। କାର୍ଯ୍ୟକ୍ରମରେ ବକ୍ତାମାନେ କହିଥିଲେ ଯେ ଶିକ୍ଷାଦାନ, ଲେଖା ଏବଂ ଗବେଷଣା କ୍ଷେତ୍ରରେ ଡକ୍ଟର ମିଶ୍ରଙ୍କ ଅନୁକରଣୀୟ ଅବଦାନ ନୂତନ ପିଢ଼ି ପାଇଁ ପ୍ରେରଣାର ଉତ୍ସ ହୋଇ ରହିବ।

## ମନ୍ଦିର ହୁଣ୍ଡିରୁ ଲୁଟ୍ ଉଦ୍ୟମ ଅଭିଯୁକ୍ତ ଗିରଫ

ଆଳି, (ଭାସ୍କର ନ୍ୟୁଜ୍): କେନ୍ଦ୍ରାପଡ଼ା ଜିଲ୍ଲା ଆଳି ଥାନା ଅନ୍ତର୍ଗତ ପତ୍ରପୁର ପଞ୍ଚାୟତର ବିଳିକଣା ସ୍ଥିତ ଖରାଖାଇ ଠାକୁରାଣୀଙ୍କ ହୁଣ୍ଡିକୁ ଗତକାଲି ବିଳମ୍ବିତ ରାତିରେ ହୁଣ୍ଡି ତାଡି ଜଣେ ଯୁବକ ଲୁଟ୍ ଚଳାଇଥିବା ସମୟରେ ଉକ୍ତ ଗାଁ'ର କିଛି ଯୁବକ ତାକୁ ଅଟକ ରଖି ଆଳି ଥାନାରେ ଜିମା ଦେଇଛନ୍ତି। ସୂଚନା ସୂତ୍ରରୁ ପ୍ରକାଶ ଯେ ଗତକାଲି ରବିବାର ବିଳମ୍ବିତ ରାତି ପ୍ରାୟ ୨ଟା ସମୟରେ ଆଳି ଥାନା ବିଳିକଣା ଗ୍ରାମର ରଜତ କୁମାର ପରିଡ଼ା ନିଦରୁ କିଛି ଶବ୍ଦ ଶୁଣି ଉଠି ଝରକାରେ ଦେଖନ୍ତି ତ ତାଙ୍କ ଘର ସାମ୍ନାରେ ଥିବା ଖରାଖାଇ ଠାକୁରାଣୀଙ୍କ ମନ୍ଦିରରୁ ଜଣେ ଦୁର୍ବୃତ୍ତ ତାଲା ଭାଙ୍ଗି ଚୋରି କରୁଥିବା ଦେଖିଲେ। ସଙ୍ଗେସଙ୍ଗେ ସେ ଗ୍ରାମର ଅନ୍ୟ ଯୁବକଙ୍କୁ ଡାକି ଉକ୍ତ ଲୁଟେରାକୁ କାବୁ କରିଥିଲେ। ଏହା ପରେ ସେମାନେ ଆଳି ଥାନାକୁ ଖବର ଦେବାସହ ଏକ ଲିଖିତ ଏତଲା ମଧ୍ୟ ଦେଇଥିଲେ। ଘଟଣା ସ୍ଥଳରେ ଆଳି ପୋଲିସ ପହଞ୍ଚି ଏକ ବାଇକ, କିଛି ଯନ୍ତ୍ରପାତି ଏବଂ ଲୁଟେରାକୁ ଥାନାକୁ ଆଣିବା ସହ ଥାନାରେ ଅଟକ ରଖିଥିବା ଜଣାପଡିଛି। ଏ ନେଇ ଥାନା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ପଟ୍ଟାୟତ ପ୍ରତିକ୍ରିୟାରେ କହିଛନ୍ତି ଏ ନେଇ ଏକ ଲିଖିତ ଅଭିଯୋଗ ହୋଇଛି ଲୁଟ୍ ପାଇଁ ପ୍ରଚେଷ୍ଟା କରିଥିବା କରିଥିବା ଯୁବକ ଅଟକ ଥିବା ବେଳେ ତଦନ୍ତ ପ୍ରକ୍ରିୟା ଜାରି ରହିଥିବା ନେଇ ସୂଚନା ଦେଇଛନ୍ତି।

## ପିକ୍‌ଅପ୍ ବୋଲେରୋ ଧକ୍କାରେ ୩ ଯୁବକ ଗୁରୁତର

ନିମାପଡ଼ା, (ଭାସ୍କର ନ୍ୟୁଜ୍): ନିମାପଡ଼ା-ପିପିଲି ରାସ୍ତା ହରିପୁର ଛକରେ ଏକ ପିକ୍‌ଅପ୍ ବୋଲେରୋ ଧକ୍କାରେ ୩ଜଣ ଯୁବକ ଗୁରୁତର ଆହତ ହୋଇ କ୍ୟାପିଟାଲ୍ ହସ୍ପିଟାଲ୍‌କୁ ସ୍ଥାନାନ୍ତରିତ ହୋଇଛନ୍ତି। ଆହତଙ୍କ ଅବସ୍ଥା ଗୁରୁତର ଥିବା ଜଣାପଡ଼ିଛି। ବଳଙ୍ଗା ପୋଲିସ ଘଟଣାସ୍ଥଳରେ ପହଂଚି ଅନୁସନ୍ଧାନ ଜାରି ରଖିଛି। ମିଳିଥିବା ସୂଚନା ଅନୁଯାୟୀ, ନିମାପଡ଼ା ପଟୁ ୩ ଜଣ ଯୁବକ ଏକ ବାଇକ୍ ଯୋଗେ ପିପିଲି ଅଭିମୁଖେ ଯାଉଥିବା ବେଳେ ହରିପୁର ଛକ ନିକଟ ଏକ କଲ୍ୟାଣ ମଣ୍ଡପ ନିକଟରେ ପିପିଲି ପଟୁ ଆସୁଥିବା ଏକ ପିକ୍‌ଅପ୍ ବୋଲେରୋ ଧକ୍କା ଦେଇ ଦ୍ରୁତ ଗତିରେ ନିମାପଡ଼ା ଅଭିମୁଖେ ପଳାଇଛି। ସ୍ଥାନୀୟ ଲୋକମାନେ ସେଠାରେ ପହଂଚି ୩ ଆହତଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ କ୍ୟାପିଟାଲ୍ ହସ୍ପିଟାଲ୍‌କୁ ଚିକିତ୍ସା ପାଇଁ ପଠାଇଛନ୍ତି। ୩ ଯୁବକଙ୍କର ଅବସ୍ଥା ଗୁରୁତର ଥିବାରୁ ଆଇସିୟୁରେ ରହିଛନ୍ତି। ଏହି ରାସ୍ତାରେ ଦ୍ରୁତ ଗାଡ଼ି ଚାଳନା କାରଣରୁ ବାରମ୍ବାର ଦୁର୍ଘଟଣା ଘଟୁଅଛି। ଫେରାର ଥିବା ପିକ୍‌ଅପ୍ ବୋଲେରୋକୁ ସିସିଟିଭି ଆଧାରରେ ପୋଲିସ ଧରିବା ପାଇଁ ତଦନ୍ତ ଜାରି ରଖିଛି। ଖବର ଲେଖା ହେବା ପର୍ଯ୍ୟନ୍ତ ୩ଯୁବକଙ୍କର ପରିଚୟ ମିଳିପାରି ନାହିଁ। ଜଣେ ଯୁବକ ସ୍ଥାନୀୟ ଅଂଚଳର ବୋଲି ଶୁଣିବାକୁ ମିଳୁଛି।

# ମନ୍ଦିର ପ୍ରତିଷ୍ଠା ଉତ୍ସବରେ ବିବାଦକୁ ନେଇ ମରଣାନ୍ତକ ଆକ୍ରମଣ, ଜଣେ ଗୁରୁତର



ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲ୍ଲା ତିହିଡ଼ି ଥାନା ମୁକୁନ୍ଦପୁର ପଞ୍ଚାୟତ ଅଧୀନ କଣ୍ଟାବଣିଆ ଛକରେ ଏକ ଶିବ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହେଉଥିଲା। ଏହି ପ୍ରତିଷ୍ଠା ଉତ୍ସବରେ ୨ଜଣଙ୍କ ମଧ୍ୟରେ ବିବାଦ ଉପୁଜି ଗଣ୍ଡୋଗଳ ରୂପ ନେଇଥିଲା। ଏହାର ପରିଣାମ ସ୍ୱରୂପ ସୋମବାର ସକାଳେ କାଳିମେଘା ଗ୍ରାମର ସୌମିତ୍ରୀ ପ୍ରଧାନଙ୍କୁ ସେହି ଗ୍ରାମର ଧନେଶ୍ୱର ସାହୁ ନାମକ ଜଣେ ବ୍ୟକ୍ତି ମରଣାନ୍ତକ ଆକ୍ରମଣ କରିଥିଲେ। ଏ ସମ୍ପର୍କରେ ସୌମିତ୍ରୀଙ୍କ ଭାଇ ସୁଜିତ୍ ପ୍ରଧାନ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଅଭିଯୋଗ ମୂଳେ ଏକ ମକଦ୍ଦମା ରୁଜୁ କରି ତଦନ୍ତ ଚଳାଇଛନ୍ତି। ଅଭିଯୋଗରୁ ପ୍ରକାଶ ଯେ, କଣ୍ଟାବଣିଆ ଛକରେ ଶିବମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହେଉଥିଲା। ଶନିବାର ଠାରୁ ଆରମ୍ଭ ହୋଇଥିବା ଏହି ଉତ୍ସବ ସୋମବାର ଶେଷ ହେବ ବୋଲି କାର୍ଯ୍ୟକ୍ରମ ସ୍ଥିର ହୋଇଥିଲା। ତେବେ ଏହି ଉତ୍ସବକୁ ନେଇ ସୌମିତ୍ରୀ ଓ ଧନେଶ୍ୱରଙ୍କ ମଧ୍ୟରେ କୌଣସି କାରଣରୁ ବିବାଦ ଉପୁଜିଥିଲା। ସୋମବାର ସକାଳ ୬ଟା ୩୦ମି. ସମୟରେ ଧନେଶ୍ୱର ଏକ ଧାରୁଆ ଅସ୍ତ୍ରରେ ସୌମିତ୍ରୀଙ୍କୁ ମନ୍ଦିର ନିକଟରେ ଆକ୍ରମଣ କରିବା ସହିତ ଟଙ୍କା ଓ ମୋବାଇଲ ଛଡ଼ାଇ ନେଇଥିଲେ। ଫଳରେ ସୌମିତ୍ରୀ ଗୁରୁତର ଆହତ ହୋଇଥିଲେ। ସେଠାରେ ଉପସ୍ଥିତ ଥିବା ଗ୍ରାମବାସୀ ସୌମିତ୍ରୀଙ୍କୁ ଗୁରୁତର ଅବସ୍ଥାରେ ଚିକିତ୍ସା ପାଇଁ ତିହିଡ଼ି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କର ଅବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ ଭଦ୍ରକ ଓ ପରେ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି।

# ଛାତ୍ରୀକୁ ଦୁଷ୍କର୍ମ ଘଟଣାରେ ଅଭିଯୁକ୍ତ ଯୁବକ ଗିରଫ

ନିମାପଡ଼ା, (ଭାସ୍କର ନ୍ୟୁଜ୍): ନିମାପଡ଼ା ଅରିଷଣ୍ଡ ପଂଚାୟତରେ ଲଜ୍ଜ୍ୟା ଜନକ ଘଟଣା ଘଟିଯାଇଛି। ଜଣେ ଦଶମ ଶ୍ରେଣୀ ଛାତ୍ରୀକୁ ୨୪ ବର୍ଷର ଯୁବକ ଛାତ ଘର ସିଡ଼ି ଘରେ ଦୁଷ୍କର୍ମ କରିଥିବା ନେଇ ପୀଡ଼ିତା ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ପୋଲିସ ସଂଗୀନ୍ ଦଫାରେ ମାମଲା ରୁଜୁ କରି ଘଟଣାର ଅନୁସନ୍ଧାନ ଜାରି ରଖିଥିବା ବେଳେ ଛାତ୍ରୀଙ୍କ ଠାରୁ ବୟାନ ରେକର୍ଡ଼ କରିବା ସହ ଡାକ୍ତରୀ ମାଇନା କରାଇଥିବା ଜଣାପଡ଼ିଛି। ଏକ ଠାକୁରଙ୍କ ପୂଜା ଗ୍ରାମରେ ହେଉଥିବା ବେଳେ ଗ୍ରାମ ଲୋକମାନେ ବ୍ୟସ୍ତ ଥିବା ବେଳେ ଏହାର ସୁଯୋଗ ନେଇ ସମ୍ପୃକ୍ତ ଅଭିଯୁକ୍ତ ଛାତ୍ରୀଙ୍କୁ ଦୁଷ୍କର୍ମ କରିଥିବା ଘଟଣାକୁ ନେଇ ନିମାପଡ଼ା ଅଂଚଳରେ ଲଜ୍ଜ୍ୟା ଜନକ ଘଟଣା ଘଟିଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ପୁରୀ ଜିଲ୍ଲା ନିମାପଡ଼ା ଥାନା ଅରିଷଣ୍ଡ ଗ୍ରାମ ପଂଚାୟତ ଏକ ଗ୍ରାମରେ ଦଶମ ଶ୍ରେଣୀରେ ପଢୁଥିବା ଜଣେ ଛାତ୍ରୀଙ୍କର ଘର ଛାତ ଉପରେ ପାଉଁଜି ହଜି ଯାଇଥିବା ଖୋଜୁଥିବା ବେଳେ ଏହାର ସୁଯୋଗ ନେଇ ବାମଝାଟିପାଟଣା ଗ୍ରାମର ମଳୟ ରଂଜନ ସାହୁ ଓରଫ ଚିକୁନ୍ (୨୪) ଛାତ୍ରୀଙ୍କ ପାଟି ବନ୍ଦ କରି ଦୁଷ୍କର୍ମ କରିଥିଲା। ସେଠାରେ ଉପସ୍ଥିତ ଥିବା ଜଣେ ସପ୍ତମ ଶ୍ରେଣୀ ଛାତ୍ରୀକୁ ଦୁଷ୍କର୍ମକାରୀ ହତ୍ୟା ଧମକ ଦେଇଥିବା ଥାନାରେ ଛାତ୍ରୀ ବୟାନ ଦେଇଛି। ଛାତ୍ରୀଙ୍କ ଅଭିଯୋଗ ଆଧାରରେ ନିମାପଡ଼ା ଥାନା ଅଧିକାରୀ ଏ ସମ୍ବନ୍ଧରେ ମାମଲା ରୁଜୁ କରି ପୋଲିସ ଗ୍ରାମରେ ଚଢ଼ଉ କରି ସମ୍ପୃକ୍ତ ଅଭିଯୁକ୍ତକୁ ଗିରଫ କରିଛି। ସ୍ପେଶାଲ କୋର୍ଟରେ ଛାତ୍ରୀଙ୍କ ବୟାନ୍ ରେକର୍ଡ଼ ହୋଇଥିବା ବେଳେ ଅଭିଯୁକ୍ତ ଚିକୁନ୍‌ର ଡାକ୍ତରୀ ମାଇନା କରାଯାଇ ପୁରୀ ସ୍ପେଶାଲ କୋର୍ଟରେ ହାଜର କରାଯିବ ବୋଲି ଜଣାପଡ଼ିଛି। ଏପରି ଘଟଣା ଘଟି ଚାଲିଥିବା ବେଳେ ରାସ୍ତାରେ ଯାତାୟତ କରୁଥିବା କମ୍ ବୟସର ଛାତ୍ରୀମାନେ ଅସୁରକ୍ଷିତ ହୋଇ ପଡ଼ିଛନ୍ତି। ଅଭିଯୁକ୍ତକୁ କଠୋର ଦଣ୍ଡ ଦେବା ପାଇଁ ବିଭିନ୍ନ ମହଲରୁ ଦାବୀ ହୋଇଛି।

# ନାବାଳିକାଙ୍କୁ ଦୁଷ୍କର୍ମ, ଅଭିଯୁକ୍ତ ଗିରଫ



ରଘୁନାଥପୁର,(ଭାସ୍କର ନ୍ୟୁଜ୍): ରଘୁନାଥପୁର ଥାନା ଅଞ୍ଚଳରେ ଭଡ଼ାଘରେ ରହି ନିଜ ପରିବାର ପ୍ରତିପୋଷଣ କରୁଥିବା ଜନୈକ ବ୍ୟକ୍ତିଙ୍କ ନାବାଳିକା କନ୍ୟାକୁ ଶନିବାର ରାତିରେ ଦୁଷ୍କର୍ମ କରାଯାଇଛି। ଏ ସମ୍ପର୍କରେ ପୀଡିତାଙ୍କ ପରିବାର ପକ୍ଷରୁ ରଘୁନାଥପୁର ଥାନାରେ ଅଭିଯୋଗ ହେବାପରେ ପୋଲିସ ସେହିଦିନ ମଧ୍ୟରାତ୍ରିରେ ଅଭିଯୁକ୍ତ ଜଗନ୍ନାଥପୁର ତେଲିପାଟଣା ଗ୍ରାମର ସ୍ୱର୍ଗତ ସୁଧିରୀରଞ୍ଜନ ସାହୁଙ୍କ ପୁଅ ସତ୍ୟବ୍ରତ (୩୩)ଙ୍କୁ ଗିରଫ କରିଛି। ଏ ନେଇ ଥାନରେ ପୋକ୍ସୋ ଆକ୍ଟ ରୁଜୁ କରାଯାଇଛି। ରବିବାର ଉଭୟ ପୀଡ଼ିତା ଓ ଅଭିଯୁକ୍ତର ଡାକ୍ତରୀ ମାଇନା କରାଯାଇଛି। ସୂଚନାଯୋଗ୍ୟ କି କେନ୍ଦ୍ରାପଡ଼ା ମାର୍ଶାଘାଇ ଥାନା ଅଞ୍ଚଳର ପୀଡିତାଙ୍କ ପରିବାର ଦୀର୍ଘଦିନ ହେବ ରଘୁନାଥପୁର ଥାନା ଅଞ୍ଚଳରେ ରହି ଦିନ ମଜୁରିଆ ଭାବେ କାର୍ଯ୍ୟ କରୁଥିଲେ। ଅଭିଯୁକ୍ତ ସତ୍ୟବ୍ରତ କୌଣସି ପ୍ରକାରେ ତାଙ୍କର ନାବାଳିକା କନ୍ୟାକୁ ପ୍ରଲୋଭିତ କରି ରେଳଲାଇନ ନିକଟସ୍ତ ଏକ ଅନ୍ଧାରିଆ ସ୍ଥାନରେ ତାଙ୍କୁ ଦୁଷ୍କର୍ମ କରିଥିଲେ। ଯନ୍ତ୍ରଣା ଜର୍ଜରିତ ଅବସ୍ଥାରେ ପୀଡିତାଙ୍କୁ ରଘୁନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସୋମବାର ପୋଲିସ ଅଭିଯୁକ୍ତକୁ କୋର୍ଟଚାଲାଣ କରିଥିଲା। ଆଇନଜୀବୀ ଅନୀଲ ଖଟୁଆ, ରାଜକିଶୋର ଖଟୁଆ ଓ ଦିପ୍ତେନ୍ଦୁ ଖଟୁଆ ଅଭିଯୁକ୍ତଙ୍କ ଜାମିନ ପାଇଁ ସମସ୍ତ ଚେଷ୍ଟା କରିଥିଲେ ବି ଜାମିନ ନାମଞ୍ଜୁର ହୋଇଛି। ଅଭିଯୁକ୍ତ ଜୁଡ଼ିସିଆଲ କଷ୍ଟଡିରେ ଥିବାର ଆଇଆଇସି ସୁଶାନ୍ତ କୁମାର ସେଠୀ ପ୍ରକାଶ କରିଛନ୍ତି।

## ମୁଣ୍ଡରେ ନଡ଼ିଆ ପଡ଼ି ବାଳକ ଗୁରୁତର

ଆଳି, (ଭାସ୍କର ନ୍ୟୂଜ): କେନ୍ଦ୍ରାପଡ଼ା ଜିଲ୍ଲା ଆଳି ଥାନା ଅନ୍ତର୍ଗତ ବାଳକାଟୀ ପଞ୍ଚାୟତରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଘଟଣା ସୂତ୍ରରୁ ପ୍ରକାଶ ଯେ ବାଳକାଟୀ ପଞ୍ଚାୟତ ରାଣୀପୋଖରୀ ଗ୍ରାମର ଗଣେଶ୍ୱର ମଲ୍ଲିକଙ୍କ ୧୩ବର୍ଷର ନାବାଳକ ପୁଅ ଜିତ ମଲ୍ଲିକ ଉକ୍ତ ଗ୍ରାମର କ୍ଲବଘର ପାଖରେ ଖେଳୁଥିବା ସମୟରେ ପାଖରେ ଥିବା ଏକ ନଡ଼ିଆ ଗଛରୁ ନଡ଼ିଆ ତାର ମୁଣ୍ଡରେ ପଡିଥିଲା। ନଡ଼ିଆ ମୁଣ୍ଡରେ ପଡିବା ପରେ ବାଳକ ଜଣକ ଅଚେତ ହୋଇ ପଡିବା ସଙ୍ଗେ ସଙ୍ଗେ ମଝିରେ ମଝିରେ ବାନ୍ତି କରୁଥିଲେ। ସ୍ଥାନୀୟ ଲୋକେ ଅଚେତ ବାଳକକୁ ଏକ ବାଇକ ଯୋଗେ ତୁରନ୍ତ ଆଳି ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ଆଶୁ ଚିକିତ୍ସା ଦେବା ପରେ ବାଳକଟିର ସ୍ୱାସ୍ଥ୍ୟବସ୍ଥା ଗୁରୁତର ଥିବାରୁ ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କେନ୍ଦ୍ରାପଡ଼ାକୁ ସ୍ଥାନାନ୍ତର କରିଥିଲେ।


## ଟ୍ରକ୍ ମାଲିକ ସଂଘ ଢେଙ୍କାନାଳର ଆମରଣ ଅନଶନ ସୂଚନା

ଢେଙ୍କାନାଳ, (ଭାସ୍କର ନ୍ୟୁଜ୍): ଶିଳ୍ପାଂଚଳ ଟ୍ରକ୍ ମାଲିକ ସଂଘ ଢେଙ୍କାନାଳ ମାଲିକମାନଙ୍କର ନ୍ୟାର୍ଯ୍ୟ ଦାବି ପୂରଣ ନହେବା ପର୍ଯ୍ୟନ୍ତ ଆମରଣ ଅନଶନର ସୂଚନା ଦେଇ ଶତାଧିକ ଟ୍ରକ୍ ମାଲିକ, ଚାଳକ ଏବଂ ସହଚାଳକ ବାଜିଚୌକ ଠାରୁ ଏକ ବିରାଟ ପଦଯାତ୍ରାରେ ବାହାରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ନାରାବାଜି କରିବା ସହିତ ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ସୂଚନା ଥାଉକି, ସଂଘ ତରଫରୁ ପୂର୍ବରୁ ଦିଆଯାଇଥିବା ଦାବିପତ୍ର ସଂଖ୍ୟା ୫୪/୨୦୨୫, ତା.୦୫.୦୩.୨୦୨୫ରିଖ ଓ ୯୧/୨୦୨୫, ତା.୧୦.୦୪.୨୦୨୫ରିଖ ଉପରେ ପ୍ରଶାସନ ପକ୍ଷରୁ ଅଦ୍ୟାବଧି କୌଣସି ସକରାତ୍ମକ ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଢେଙ୍କାନାଳ ଜିଲ୍ଲାରେ ବହୁ କଳକାରଖାନା ରହିଛି। ଜମି ଅଧିଗ୍ରହଣ ସମୟରେ ତତ୍କାଳୀନ ଜିଲ୍ଲାପାଳ, କମ୍ପାନୀ ଅଧିକାରୀବୃନ୍ଦ, ପୋଲିସ ଅଧିକାରୀ, ବିଧାୟକ ଓ ସାଂସଦ ପ୍ରତିଶ୍ରୁତି ଦେଇଥିଲେ ଯେ, ଟ୍ରକ୍ ମାଲିକ, ଚାଳକ, ସହଚାଳକ ଏବଂ ସ୍ଥାୟୀ ବାସିନ୍ଦାମାନଙ୍କ ରୋଜଗାର ପାଇଁ କମ୍ପାନୀ ଅଗ୍ରାଧିକାର ଦେବ। କିନ୍ତୁ କମ୍ପାନୀ ବାହାର ରାଜ୍ୟ ଏବଂ କିଛି ଜିଲ୍ଲା ବାହାର ଏବଂ କିଛି ଜିଲ୍ଲା ଭିତରରୁ ମୁଷ୍ଟିମେୟ ଲୋକଙ୍କୁ ଅଗ୍ରାଧିକାର ଦେଇ ସ୍ଥାନୀୟ ବାସିନ୍ଦାଙ୍କ ଅଧିକାରକୁ ଗୋଇଠା ମାରିଛନ୍ତି ବୋଲି ସଂଘ ପକ୍ଷରୁ ସୂଚନା ଦେଇଛନ୍ତି। ଏହା ହେବା ଦ୍ୱାରା ଗାଡି ମାଲିକମାନେ ଋଣ ଶୁଝି ପାରୁନାହାଁନ୍ତି। ପିଲାମାନଙ୍କୁ ଶିକ୍ଷା ଖର୍ଚ୍ଚ ଦେବାରେ ଅସମର୍ଥ ଏବଂ ପରିବାର ସଦସ୍ୟଙ୍କୁ ଖାଇବା ଓ ଚିକିତ୍ସା ସହିତ ଔଷଧ ଦେବାରେ ଅସମର୍ଥ ହେଉଛନ୍ତି। ବହୁବାର ଜଣାଇବା ପରେ ମଧ୍ୟ କୌଣସି ସୁଫଳ ହୋଇପାରୁ ନାହିଁ ବୋଲି ସମୂହ ନିଷ୍ପତ୍ତି ଗ୍ରହଣ କରି ନିଜର ନ୍ୟାର୍ଯ୍ୟ ଦାବି ପାଇଁ ଆଗାମୀ ଦିନରେ ଶାନ୍ତିପୂର୍ଣ୍ଣ ଆମରଣ ଅନଶନରେ ବସିବେ ବୋଲି ଜିଲ୍ଲାପାଳଙ୍କୁ ଏକ ପତ୍ର ମାଧ୍ୟମରେ ଜଣାଇଛନ୍ତି। ଏହି ପତ୍ର ପ୍ରଦାନ ସମୟରେ ସଭାପତି ରଶ୍ମି ରଞ୍ଜନ ବାରିକ୍, ସାଧାରଣ ସମ୍ପାଦକ ଲକ୍ଷ୍ମୀଧର ନାୟକଙ୍କ ସମେତ ବହୁ ମାଲିକ, ଗାଡି ଚାଳକ ଓ ସହଚାଳକ ଉପସ୍ଥିତ ଥିଲେ।

## ଶିକ୍ଷୟତ୍ରୀଙ୍କ ଆତ୍ମହତ୍ୟାକୁ ନେଇ ପୋଲିସର ତନାଘନା

ମୁନିଗୁଡା, (ଭାସ୍କର ନ୍ୟୁଜ୍): ରାୟଗଡ଼ା ଜିଲ୍ଲା ମୁନିଗୁଡ଼ା ସଦର ମହକୁମାରେ ଶିକ୍ଷୟତ୍ରୀଙ୍କ ଆତ୍ମହତ୍ୟାକୁ ନେଇ ସାଧାରଣରେ ବିସ୍ମୟ ପ୍ରକାଶ ପାଇଥିବା ବେଳେ ମୁନିଗୁଡ଼ା ଥାନା ତରଫରୁ ତଦନ୍ତ ଜୋରଦାର ଆରମ୍ଭ ହୋଇଯାଇଛି। ପ୍ରାପ୍ତ ସୂଚନା ଅନୁଯାୟୀ ଅତସୀ ତ୍ରିପାଠୀ ନାମକ ଶିକ୍ଷୟତ୍ରୀ ଜଣକ ମୁନିଗୁଡା ବ୍ଲକ ଭୈରବଗଡ଼ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ଶିକ୍ଷୟତ୍ରୀ ତଥା ସିଆରସିସି ଭାବେ କାର୍ଯ୍ୟରତ ଥିଲେ। ଶିକ୍ଷୟତ୍ରୀଙ୍କ ସ୍ୱାମୀ ବ୍ରହ୍ମପୁର ଯାଇଥିବା ବେଳେ ମୁନିଗୁଡା ସ୍ଥିତ ନିଜ ଘରେ କେହି ନଥିବା ସମୟରେ ବେକରେ ଫାସଲଗାଇ ଶିକ୍ଷୟତ୍ରୀ ତ୍ରିପାଠୀ ଆତ୍ମହତ୍ୟା କରିଥିବା ଜଣାଯାଏ। ବ୍ରହ୍ମପୁରରୁ ଜ୍ୱାଇଁଙ୍କ ଠାରୁ ଖବର ପାଇ ଅତସୀଙ୍କ ବାପା ଝିଅ ଘରକୁ ଯାଇ ଦେଖିବା ବେଳକୁ ଝିଅ ଆତ୍ମହତ୍ୟା କରିସାରିଥିଲା। ତେବେ ଆତ୍ମହତ୍ୟାର କାରଣ ଅସ୍ପଷ୍ଟ ରହିଥିବା ବେଳେ ସାଧାରଣରେ ଏହି ଘଟଣାକୁ ନେଇ ଅନେକ କଳ୍ପନା କଳ୍ପନା ପ୍ରକାଶ ପାଉଛି।

# ଯାଜପୁର ଧନ୍ଦାମୂଳକ କେନ୍ଦ୍ରରୁ ଉତ୍ତୀର୍ଣ୍ଣ ପ୍ରଶିକ୍ଷାର୍ଥୀଙ୍କୁ ସମ୍ବର୍ଦ୍ଧନା




ବାଲେଶ୍ୱର, (ଭାସ୍କର ନ୍ୟୁଜ୍): ଟିପି ନର୍ଦ୍ଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିଏନ୍‌ଓଡିଏଲ୍) ପକ୍ଷରୁ ଯାଜପୁର ଧନ୍ଦାମୂଳକ କେନ୍ଦ୍ର (ଭିଟିସି)ରୁ ଉତ୍ତୀର୍ଣ୍ଣ ପ୍ରଶିକ୍ଷାର୍ଥୀଙ୍କ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଟିପିଏନଓଡିଏଲ ସିଇଓ ଦ୍ୱିଜଦାସ ବସାକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅନ୍ୟ ପଦାଧିକାରୀ ଉପସ୍ଥିତ ରହି ପ୍ରଶିକ୍ଷାର୍ଥୀମାନଙ୍କୁ ପାଠ୍ୟକ୍ରମ ଶେଷର ପ୍ରମାଣପତ୍ର ପ୍ରଦାନ କରିଛନ୍ତି। ଏହି ଅବସରରେ ଟିପିଏନଓଡିଏଲ ସିଇଓ ଶ୍ରୀ ବସାକ ପ୍ରଶିକ୍ଷାର୍ଥୀଙ୍କୁ ଉତ୍ସାହିତ କରିବା ସହ ଟିପିଏନଓଡିଏଲ ଜାରି ରଖିଥିବା ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ସେବା ଗାଡି, ଦକ୍ଷତା ବିକାଶ କେନ୍ଦ୍ର ଜରିଆରେ ଯୁବପିଢୀଙ୍କୁ ଦିଆଯାଉଥିବା ପ୍ରଶିକ୍ଷଣ ପ୍ରସଙ୍ଗରେ ଆଲୋକପାତ କରିଥିଲେ। ସେ ଆହୁରି ମଧ୍ୟ ଦର୍ଶାଇଥିଲେ ଯେ ଯୁଗ ଉପଯୋଗୀ ଶିକ୍ଷା ସାମାଜିକ ସଶକ୍ତିକରଣର ମୂଳଦୁଆ ଅଟେ। ଧନ୍ଦାମୂଳକ ତାଲିମ ସହ ଆପଣମାନଙ୍କୁ ଏହି ସାର୍ଟିଫିକେଟ ପ୍ରଦାନ ଏକ ଔପଚାରିକତା ମାତ୍ର, ହେଲେ ଆପଣ ଲାଭ କରିଥିବା ଶିକ୍ଷା ଆପଣଙ୍କ ଜୀବନକୁ ସଂଗଠିତ କରିବାରେ ନିଶ୍ଚୟ ସହାୟକ ହେବ। ତେଣୁ ଏହାକୁ ବ୍ୟବହାର କରି ଆତ୍ମନିର୍ଭରଶୀଳ ହେବାକୁ ସେ ପ୍ରଶିକ୍ଷାର୍ଥୀମାନଙ୍କୁ ପରାମର୍ଶ ଦେଇଥିଲେ। ତେବେ ଯାଜପୁର ଭିଟିସିରୁ ଟେଲରିଂ, କମ୍ପ୍ୟୁଟର, ଇଲେକ୍ଟ୍ରିକାଲ୍ ଉପକରଣ ମରାମତି ଏବଂ ସ୍ପୋକେନ୍ ଇଂରାଜୀ ଆଦି ପାଠ୍ୟକ୍ରମ ସଫଳତାର ସହିତ ସଂପୂର୍ଣ୍ଣ କରିଥିବା ୨୫୦ଜଣ ପ୍ରଶିକ୍ଷାର୍ଥୀ ମାନଙ୍କୁ ରାଷ୍ଟ୍ରୀୟ କୌଶଳ ବିକାଶ ନିଗମ (ଏନଏସଡିସି) ଅନୁମୋଦିତ ସାର୍ଟିଫିକେଟ୍ ପ୍ରଦାନ କରାଯାଇ ଥିଲା। ୬୫୦ରୁ ଅଧିକ ପ୍ରଶିକ୍ଷାର୍ଥୀ ଏହି ପ୍ରଶିକ୍ଷଣ କେନ୍ଦ୍ରରୁ ଉତ୍ତୀର୍ଣ୍ଣ ହୋଇଥିବାବେଳେ ଆତ୍ମନିର୍ଭରଶୀଳ ହେବାର ସୁଯୋଗ ପାଇଛନ୍ତି। ନିଯୁକ୍ତି ଓ ନିୟୋଜନ କାର୍ଯ୍ୟକ୍ରମ 'ରୋଶନି' ଅଧୀନରେ ଧନ୍ଦାମୂଳକ ତାଲିମ କାର୍ଯ୍ୟକ୍ରମ ଜାରି ରଖିଥିବାବେଳେ ବାଲେଶ୍ୱର, ଭଦ୍ରକ, କେନ୍ଦୁଝର, ମୟୂରଭଞ୍ଜ ଓ ଯାଜପୁର ଜିଲ୍ଲାର ୨ହଜାରରୁ ଅଧିକ ଯୁବବର୍ଗ ଏଥିରେ ଉପକୃତ ହୋଇଛନ୍ତି।



କେନ୍ଦୁଝର, (ଭାସ୍କର ନ୍ୟୁଜ) : ସଦର ବ୍ଲକ ଅନ୍ତର୍ଗତ ଗୋବର୍ଦ୍ଧନ ଗ୍ରାମପଞ୍ଚାୟତ ସେଣ୍ଡକାପ ଗ୍ରାମରେ ଥିବା ଶିବ ଦୁର୍ଗା ମନ୍ଦିରରେ ବହୁ ଆଡମ୍ବର ସହକାରେ ବାବା ବ୍ରହ୍ମେଶ୍ୱର ମହେଶଙ୍କ ଶୀତଳଷଷ୍ଠୀ ପୂଜା ଓ ଶିବ ବିବାହ ଉତ୍ସବ ପାଳିତ ହୋଇଯାଇଛି। ବୈଦିକ ନିତି କାନ୍ତିରେ ମୁଖ୍ୟ ପୂଜକ ପ୍ରସନ୍ନ କୁମାର ମହାପାତ୍ର ଓ ତାଙ୍କ ସାଥୀଙ୍କ ଦ୍ୱାରା ପୂଜାପାଠ ସରିବା ପରେ ବାଜା, ବାଣ, ଡିଜେ ସାଉଣ୍ଡ, ଲାଇଟରେ ଶହ ଶହ ମହିଳା, ଝିଅ, ବୋହୂ, ମହିଳା ଓ ପୁରୁଷ ବରଯାତ୍ରୀ ଗୀତର ତାଳେ ତାଳେ ନୃତ୍ୟ କରି ଗ୍ରାମ ପରିକ୍ରମା କରିବା ପରେ କନ୍ୟା ଘରେ ଓ ବର ଘରେ ସମସ୍ତେ ପ୍ରସାଦ ସେବନ କରିଥିଲେ। ଏହା ପରେ ବିବାହ କାର୍ଯ୍ୟ ସପନ୍ନ ହୋଇଥିଲା। ସାନ୍ତାଳ ସାହିର ବାସନ୍ତୀ ନାଏକ ଓ ବସନ୍ତ ନାଏକ ମହାଦେବଙ୍କ କର୍ତ୍ତା ରୂପେ ନୀଳଗିରି ଗ୍ରାମର ଫୁଲମଣି ମହାନ୍ତ ଓ ଶଶିଭୂଷଣ ମହାନ୍ତ ମା ପାର୍ବତୀଙ୍କ କର୍ତ୍ତା ରୂପେ ସମସ୍ତ ଶୁଭ କାର୍ଯ୍ୟ ତୁଲାଇ ଥିଲେ। ଦେବ ଦମ୍ପତିଙ୍କ ବିବାହ ଉତ୍ସବରେ ଆଖପାଖ ଗ୍ରାମର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ ଭକ୍ତ ଯୋଗ ଦେଇ ବିଭୁକୃପା ଲାଭ କରି ନିଜକୁ ଧନ୍ୟ ମନେ କରିଥିଲେ। ଗୋବର୍ଦ୍ଧନ ଗ୍ରାମପଞ୍ଚାୟତ ତଥା ଏ ଅଞ୍ଚଳର ସୁନାମଧନ୍ୟ ସାମାଜିକ କର୍ମୀ ସମାଜସେବୀ ଶିବ ଦୁର୍ଗା କମିଟିର ମୁଖ୍ୟ ଉପଦେଷ୍ଟା ରସାନନ୍ଦ ଘଣା, ପୂଜକ ପ୍ରସନ୍ନ କୁମାର ମହାପାତ୍ର ଓ ଗ୍ରାମର ସମସ୍ତ ଝିଅ ବୋହୂ ଓ ମହିଳା ମାନେ ଏହି ଉତ୍ସବକୁ ପରିଚାଳିତ କରିଥିଲେ ଶାନ୍ତି ଶୃଙ୍ଖଳା ସହକାରେ ଉତ୍ସବ ପାଳିତ ହୋଇଥିବାରୁ ଶିବ ଦୁର୍ଗା ପୂଜା କମିଟି ସେଣ୍ଡକାପ ଓ ଗ୍ରାମବାସୀମାନେ ସମସ୍ତଙ୍କୁ ଧନ୍ୟବାଦ ଦେଇଛନ୍ତି।



# ବାଉଁଶ ଜଙ୍ଗଲ ପୁନରୁଦ୍ଧାର ପାଇଁ ପ୍ରସ୍ତୁତି ଆରମ୍ଭ



ମାଲକାନଗିରି, (ଭାସ୍କର ନ୍ୟୁଜ୍) : ବାଉଁଶ ଏକ ବହୁ ଉପକାରୀ ଜଙ୍ଗଲଜାତ ବୃକ୍ଷ। ବାଉଁଶ ଦ୍ୱାରା ବିଭିନ୍ନ ଘରୋପକରଣ, କାଗଜ ପ୍ରସ୍ତୁତ, ଖଟ, ସୋଫା ଓ ସୌଖୀନ ସାମଗ୍ରୀ ତିଆରି ହୋଇଥାଏ। ମାଲକାନଗିରି ଜିଲ୍ଲାର ପୂର୍ବରୁ ବିଭିନ୍ନ ଜଙ୍ଗଲରେ ପ୍ରଚୁର ପରିମାଣରେ ବାଉଁଶ ଥିବାରୁ ଏହି ଜିଲ୍ଲାରୁ ବାଉଁଶ କଟାଯାଇ ଜେ.କେ. ରାଜମହେନ୍ଦ୍ରୀ ପେପର ମିଲ୍‌କୁ ବାଉଁଶ ରପ୍ତାନି ହେଉଥିଲା। ବାଉଁଶ କାଟିବା, ପରିବହନ କରିବା ଏଥିପାଇଁ କର୍ମଚାରୀ, ନିଯୁକ୍ତି ବହୁ ଲୋକଙ୍କୁ ଦେଇଥିବା ବେଳେ ପରିବହନ ପାଇଁ ଅନେକ ଟ୍ରକ୍ ବ୍ୟବହାର ହେଉଥିଲା। କାଳକ୍ରମେ ମାଲକାନଗିରି ଜିଲ୍ଲା ମାଓ ପ୍ରବଣ ଅଞ୍ଚଳ ହୋଇଥିବାରୁ ମାଓବାଦୀ ମାନେ ବନ ନିଗମକୁ ବାଉଁଶ କାଟିବା ପାଇଁ ବାରଣ କରିବା ସହ ଅତ୍ୟଧିକ ଅର୍ଥ ଦାବି କରିବା, ଶ୍ରମିକ ମଜୁରି ବୃଦ୍ଧି ଇତ୍ୟାଦି କାରଣରୁ ୨୦୦୫ରୁ ଜିଲ୍ଲାରୁ ବାଉଁଶ କଟା ପ୍ରାୟତଃ ବନ୍ଦ ହୋଇଯାଇଥିଲା। ଫଳରେ ନିୟମ ଅନୁଯାୟୀ ବାଉଁଶ କଟା ନ ଗଲେ ବୁଦାରେ ଥିବା ବାଉଁଶ ସମୂହ ଭାବେ ଫୁଲ ଫୁଟିବା ଏବଂ ମରିଯିବାରୁ କାଳକ୍ରମେ ଏହା ଲୋପ ପାଇଲା। କାଟିବା ନିୟମ ଅନୁସାରେ ବୁଦାରୁ ୩ରୁ ୭ ବର୍ଷ ପୁରୁଣା ବାଉଁଶ କଟାଯିବା ସହ ଶୁଖିଲା, ବଙ୍କା, ରୁଗ୍ଣ ଏବଂ କଣି ବୁଦାରୁ କଟାଯିବା, ଭଲ କରଡି ଏବଂ ବୁଦା ଚାରିପଟେ ମୃତ୍ତିକା କ୍ଷୟ ନ ହେବା ପାଇଁ ମାଟି ଦିଆଯିବା କାର୍ଯ୍ୟ କରାଗଲେ ଉତ୍କୃଷ୍ଟ ବାଉଁଶ ମିଳିବା ସହ ବୁଦା ଲୋପ ପାଏନାହିଁ। ରାଜ୍ୟ ସରକାର ଲୋପ ପାଇ ଯାଉଥିବା ଜଙ୍ଗଲର ପୁନରୁଦ୍ଧାର ପାଇଁ ବିଭିନ୍ନ ଅଞ୍ଚଳରେ ବାଉଁଶ ଚାରା ରୋପଣ କରିବା ସହ ଉଜୁଡ଼ା ଜଙ୍ଗଲରେ ଥିବା ବୁଦାଗୁଡିକୁ ସୁରକ୍ଷା ଏବଂ ଉନ୍ନତ କରିବା ପାଇଁ ବିଭିନ୍ନ ପଦ୍ଧତି ଅବଲମ୍ବନ କରିଛନ୍ତି। ଚିତ୍ରକୋଣ୍ଡା ବନାଞ୍ଚଳ ଦାତୁନଗୁଡ଼ା ପ୍ରସ୍ତାବିତ ସଂରକ୍ଷିତ ଜଙ୍ଗଲ, ବନ୍ଧଗୁଡ଼ା ପ୍ରସ୍ତାବିତ ସଂରକ୍ଷିତ ଜଙ୍ଗଲ, କୋଣ୍ଡାକାମେରୁ ଅଣସଂରକ୍ଷିତ ଜଙ୍ଗଲ, ସିଲେରୁ ପୂର୍ବ ଅଣ ସଂରକ୍ଷିତ ଜଙ୍ଗଲ, ଭେଜାଙ୍ଗିଓ୍ୱାଡ଼ା ଅଣସଂରକ୍ଷିତ ଜଙ୍ଗଲ ଅଞ୍ଚଳରେ ପ୍ରାୟ ୭୦୦ ଏକର ଜଙ୍ଗଲରେ ଥିବା ବାଉଁଶ ଗଛ ଚାରିପଟେ ପରିଷ୍କାର କରିବା, ବୁଦା ଚାରିପଟେ ମାଟି ଦେବା, ଶୁଖିଲା, ବଙ୍କା କଣି ଆଦି କାଟି ସଫା କରିବା ଇତ୍ୟାଦି କାର୍ଯ୍ୟ କରୁଛନ୍ତି। ଏଥିରେ ସ୍ଥାନୀୟ ଲୋକମାନେ ଆଗ୍ରହର ସହ ଶ୍ରମିକ ଭାବେ କାର୍ଯ୍ୟ କରୁଥିବା ଦେଖିବାକୁ ମିଳିଛି। ବଡ଼ କଥା ହେଲା ବୁଦାରେ ଭଲ କରଡ଼ି ଆସିଲେ ଉନ୍ନତ ବାଉଁଶ ସହ କରଡ଼ି ସ୍ଥାନୀୟ ଆଦିବାସୀଙ୍କ ଅନେକ କାର୍ଯ୍ୟରେ ଆସିଥାଏ। ଏହିପରି ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ବାଉଁଶ ଜଙ୍ଗଲର ପୁନରୁଦ୍ଧାର ପାଇଁ ସିଭିଲ କଲଚର ଅପରେଶନ କରାଗଲେ ଆଗାମୀ ଦିନରେ ବାଉଁଶ ଜଙ୍ଗଲ ବୃଦ୍ଧି ପାଇବ ବୋଲି ଚିତ୍ରକୋଣ୍ଡା ବନାଞ୍ଚଳ ଅଧିକାରୀ ବଳରାମ ନାୟକ କହିଛନ୍ତି।

# ମଦକୁ ବିରୋଧ କରି ବିଡ଼ିଓଙ୍କୁ ଦାବିପତ୍ର



ଲକ୍ଷ୍ମୀପୁର, (ଭାସ୍କର ନ୍ୟୁଜ୍) : ଲକ୍ଷ୍ମୀପୁରରେ ମଦ ବିରୋଧୀ ଆନ୍ଦୋଳନ ଥମିବାରେ ନାଁ ନେଉନି। ଆଜି ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉଁତାଙ୍କ ଅଧକ୍ଷତାରେ ସ୍ଥାନୀୟ ରେଲୱେ ଛକ ଠାରୁ ଏକ ଶୋଭାଯାତ୍ରା ବାହାରିଥିଲା। ବହୁ ସଂଖ୍ୟାରେ ପୁରୁଷ ମହିଳା ମାନେ ହାତରେ ବିଭିନ୍ନ ରକମର ପ୍ଲାକାର୍ଡ ଧରି ମଦ ବିରୋଧୀ ଅଭିଯାନରେ ସାମିଲ ହୋଇ ଲକ୍ଷ୍ମୀପୁର ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲେ। ଏଥିରେ ରାୟଗଡା ବିଧାୟକ ଆପୁଲ ସ୍ୱାମୀ କାଡ୍ରାକା ମଧ ଯୋଗଦେଇ ଥିବା ବେଳେ ଲକ୍ଷ୍ମୀପୁର ସାଂସଦ ପ୍ରତିନିଧି କୈଳାସ ଚନ୍ଦ୍ର ଖସଲା, ଯୁବ ନେତା ମଣ୍ଟି ଖରାଙ୍କ ସମେତ ବନ୍ଧୁଗାଁ, ନାରାୟଣ ପାଟଣା ଓ ଦଶମନ୍ତପୁର ବ୍ଲକର ଅନେକ ଦଳୀୟ ଛୋଟ ବଡ଼ ନେତା ଉପସ୍ଥିତ ରହି ରାଜ୍ୟ ସରକାରଙ୍କ ବିରୋଧରେ ବର୍ଷି ଥିଲେ। ଲକ୍ଷ୍ମୀପୁର ନିର୍ବାଚନ ମଣ୍ଡଳୀର ପ୍ରତ୍ୟେକ ଗାଁ ଗାଁରେ ଏବେ ଅପମିଶ୍ରିତ ଦେଶୀ ଓ ବିଦେଶୀ ମଦର ବନ୍ୟା ହେଉଛି। ସେଗୁଡ଼ିକୁ ପିଇ ଅନେକ ଲୋକ ମୃତ୍ୟୁବରଣ କଲେଣି, ତେଣୁ ନିର୍ବାଚନ ମଣ୍ଡଳୀରେ ଥିବା ସମସ୍ତ ମଦ ଦୋକାନ ବନ୍ଦ କଲେ ଅନେକ ପରିବାର ବର୍ବାଦ ହେବାରୁ ବର୍ତ୍ତୀ ଯିବ। ଯଦି ରାଜ୍ୟ ସରକାର ମଦ କାରବାର ବନ୍ଦ ନକରନ୍ତି ତେବେ ଆଗକୁ ରାଜରାସ୍ତାରେ ଲଢ଼େଇ ହେବ ବୋଲି ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉନ୍ତା ପ୍ରକାଶ କରିଛନ୍ତି। ଏନେଇ ଆଗକୁ ରାଜ୍ୟ ସରକାର କି ପଦକ୍ଷେପ ନେଉଛନ୍ତି ତାହା ଉପରେ ଏବେ ସବୁରି ନଜର।

# ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ସ୍ଥଗିତ

କୋରାପୁଟ, (ଭାସ୍କର ନ୍ୟୁଜ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ କୋରାପୁଟ ଗସ୍ତକୁ ବାତିଲ କରାଯାଇଛି। ଫଳରେ ଜୟପୁରଠାରେ ହେବାକୁ ଥିବା ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ସ୍ଥଗିତ କରାଯାଇଥିବା ବେଳେ ଆସନ୍ତା ଦିନରେ ପୁଣି ଥରେ ଦିନ ଧାର୍ଯ୍ୟ କରାଯିବ ବୋଲି ସୂଚନା ମିଳିଛି। ପ୍ରକାଶ ଥାଉକି, ଜୁନ ୨ତାରିଖରେ ମୁଖ୍ୟମନ୍ତ୍ରୀ ଆସିବେ ବୋଲି ଜଣାପଡିଥିଲା। ଗତ ୨୨ତାରିଖରେ ଜିଲ୍ଲାପାଳ ଭି କୀର୍ତି ଭାସନ, ଉପଜିଲ୍ଲାପାଳ ଆକାଭରମ ସସ୍ୟା ରେଡ୍ଡି, ଏସ୍‌ପି ରୋହିତ ବର୍ମା ପ୍ରମୁଖ ଫୁଲବାଡ ସ୍ପୋର୍ଟସ କମ୍ପ୍ଲେକ୍ସ ନିକଟସ୍ଥ ପଡିଆ ପରିଦର୍ଶନ କରିଥିଲେ। ଏଥିସହ ୨୩ତାରିଖରେ ବିଭାଗୀୟ ସ୍ୱତନ୍ତ୍ର ସଚିବ ଓ ନିର୍ଦ୍ଦେଶକ ବିକ୍ରମଦେବ ବିଶ୍ୱବିଦ୍ୟାଳୟରେ ପହଞ୍ଚିଥିଲେ। ବିଶ୍ୱବିଦ୍ୟାଳୟର ହ୍ୟୁମାନିଟି ବ୍ଲକକୁ ସଜେଇବା ସହ ରଙ୍ଗ ମଧ୍ୟ ବଦଳା ଯାଇଥିଲା। ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ବେଳେ ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ବାତିଲ ହୋଇଯାଇଛି। ପୁଣି ଥରେ ଦିନ ଧାର୍ଯ୍ୟ କଲେ କୋରାପୁଟ ଜିଲ୍ଲାବାସୀ ଉପକୃତ ହେବ ବୋଲି ଆଲୋଚନା ହେଉଛି।

# ଚାଲିଛି ହାଣ୍ଡିଆ ଓ ରସି ବିକ୍ରୟ, ନିଦାବିଷ୍ଟୁ ସାଜିଛି ଅବକାରୀ ବିଭାଗ

ବ୍ୟାସନଗର, (ଭାସ୍କର ନ୍ୟୁଜ୍) : ଯାଜପୁର୍ ଜିଲ୍ଲାର କୋରେଇ ବ୍ଲକ ପାଟରଙ୍ଗା ପଞ୍ଚାୟତରେ ମଦ ଗଞ୍ଜେଇ ଓ ରସି ବିକ୍ରିରେ ଆଗୁଆ ଅଛି। ନୂଆଗଡ଼ ଗୋଲେଇ ଠାରୁ ରଗଡ଼ି ଛକ୍ ପର୍ଯ୍ୟନ୍ତ ରାସ୍ତାର ଦୁଇ ପାର୍ଶ୍ୱରେ କେନ୍ଦ୍ରୀୟ ବିଦ୍ୟାଳୟ ଡିଆଇଟି, ଆଇନ ବିଦ୍ୟାଳୟ, ପାଲିଟେକ୍‌ନିକ ରଗଡ଼ି ବ୍ରାହ୍ମନି ଦେବୀ ସ୍କୁଲ ନିକଟରେ ରସି, ହାଣ୍ଡିଆ, ଦେଶୀ ମଦ ଦିବାଲୋକରେ ବିକ୍ରି ହେଉ ଥିବାବେଳେ ଅବକାରୀ ବିଭାଗ ଦେଖି ନଦେଖିଲା ପରି ଚୁପ୍ ହୋଇ ବସିରହିଛି। ଏ ସଂପର୍କରେ ଅବକାରୀ ଅଧିକକ୍ଷ ଓ ଦୋଲିପୁର ଅବକାରୀ ଥାନାରେ ଅଭିଯୋଗ କରିଥିଲେ ହେଁ କିଛି ସୁଫଳ ମିଳୁନାହିଁ। ବିଶେଷ କରି ପୂର୍ବ କୋଟ ହାଟ ନୂଆସାହି ଠାରୁ ୨୦୦ରୁ ଉର୍ଦ୍ଧ୍ୱ ମହିଳା ଏହି କାରବାରରେ ଲିପ୍ତ ଅଛନ୍ତି। ସେମାନଙ୍କ ଉପରେ ଅବକାରୀ ବିଭାଗ କର୍ମଚାରୀମାନେ କିଛି କାର୍ଯ୍ୟାନୁଷ୍ଠାନ ନେଉନାହାନ୍ତି। ଫଳରେ ଏହି ରାସ୍ତା ଦେଇ ଯାଉଥିବା ପଥଚାରୀ ମାନେ ବିଭିନ୍ନ ସମୟରେ ସେମାନଙ୍କ ଠାରୁ ମାଡ଼ ଗାଳି ଖାଉଥିବା ଲକ୍ଷ କରାଯାଉଛି। ମଦ ପରି ରସି ଓ ହାଣ୍ଡିଆ ଅବକାରୀ ଦ୍ରବ୍ୟରେ ଯାଉଥିବାରୁ ଏହା ବିନା ଲାଇସେନ୍ସରେ ବିକ୍ରି କରିବା ଅପରାଧ। ଏ ସଂପର୍କରେ ସୂଚନା ଅଧିକାରୀ କର୍ମୀ ନାରାୟଣ ରାଉତ ଅବକାରୀ ଅଧିକାରୀ ଅବକ୍ଷୟଙ୍କୁ ଜଣାଇବା ପରେ ସେ ଦୋଲିପୁର ଅବକାରୀ ଥାନାକୁ ତଦନ୍ତ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ତଦନ୍ତ ରିପୋର୍ଟ ପାଇବାପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ପ୍ରତିଶୃତି ଦେଇଥିଲେ। ଏଯାଏଁ ତାର ଫଳାଫଳ କିଛି ମିଳିଲା ନାହିଁ। ଯାହା ଫଳରେ ଅଧିକରୁ ଅଧିକ ମହିଳା ସଂଗଠିତ ହୋଇ ରାସ୍ତା କଡ଼ରେ ଶିକ୍ଷାନୁଷ୍ଠାନ ମାନଙ୍କରେ ବେପରୁଆ ଭାବେ ପସରା ମେଲିଛନ୍ତି। ସେମାନେ ଭାବୁଛନ୍ତି ଆମର କେହି କିଛି କରି ପାରିବେ ନାହିଁ। ଯୁବଗୋଷ୍ଠୀ ଏ ମାନଙ୍କର ରସି, ହାଣ୍ଡିଆ ପିଇ ବିଭିନ୍ନ ସମୟରେ ଗଣ୍ଡଗୋଳ ଭିଆଇଛନ୍ତି। ସୂଚନା ଥାଉ କି ହାଣ୍ଡିଆ ଓ ରଶି ଆଦିବାସୀ ମାନଙ୍କର ପ୍ରିୟ ପାନୀୟ ହୋଇପାରେ। ତା ମାନେ ନୁହଁ ସେଥିରେ ବିଶାକ୍ତ ଦ୍ରବ୍ୟ ମିଶାଇ ଅଧିକ ନିଶା ହେବାପାଇଁ ରାସ୍ତା କଡ଼ରେ ବସି ପସରା ମେଲିଛନ୍ତି। ବାରମ୍ବାର ଲିଖିତ ଅଭିଯୋଗ ହୋଇଥିଲେ ହେଁ ଅବକାରୀ ବିଭାଗ କର୍ମଚାରୀ ମାନେ କାହିଁକି ଚୁପ୍ ରହିଛନ୍ତି ଏହା ଜାଣିବା କଷ୍ଟକର ହୋଇପଡୁଛି। ଏ ଅଞ୍ଚଳରେ ଚେରା ମଦ ଗଞ୍ଜେଇ ରସି ହାଣ୍ଡିଆ ଅଫିମ ବିକ୍ରିକୁ ରୋକ ଦେବାକୁ କୋରେଇ ଅଞ୍ଚଳର ବୁଦ୍ଧିଜୀବୀ ଅଭିଭାବକ ମୁରବୀ ଶ୍ରେଣୀର ବ୍ୟକ୍ତି ଅନୁରୋଧ କରୁଛନ୍ତି। ନ ହେଲେ ସେମାନେ ରାଜ ରାସ୍ତାକୁ ଓହ୍ଲାଇବାକୁ ଅବକାରୀ ବିଭାଗକୁ ଚେତାବନୀ ଦେଇଛନ୍ତି।

# ସ୍କୁଲ ପାଚିକା, ସହାୟିକାଙ୍କ ବୈଠକ

କୋରାପୁଟ, (ଭାସ୍କର ନ୍ୟୁଜ) : କୋରାପୁଟ ଟାଉନ ହଲରେ ଅନୁସୂଚିତ ଜାତି ଜନଜାତି ଉନ୍ନୟନ ବିଭାଗର ସ୍କୁଲ ଗୁଡିକରେ ୧୯୯୩ ଏପ୍ରିଲ ୧୨ରୁ କାର୍ଯ୍ୟ କରୁଥିବା ସିସିଏ(କୁକ କମ୍ ଏଟେଣ୍ଡେଟ) ଓ ଏଲସିସିଏ (ଲେଡି କୁକ କମ୍ ଏଟେଣ୍ଡେଣ୍ଟ) ମାନଙ୍କ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଂଘର ରାଜ୍ୟ ସଭାପତି ସାରକା କୀର୍ତିଙ୍କ ଅଧ୍ୟକ୍ଷତାରେ ଉପଦେଷ୍ଟା ଗୁପ୍ତ ପ୍ରସାଦ ପାଣିଗ୍ରାହୀ ଉପସ୍ଥିତ ଥିଲେ। ଏଥିରେ ଜିଲ୍ଲାର ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗର ସ୍କୁଲ ଗୁଡିକରେ ପାଚିକା ଓ ସହାୟିକା ଭାବେ କାର୍ଯ୍ୟ କରୁଥିବା ଶତାଧିକ ମହିଳା ଓ ପୁରୁଷ ଯୋଗଦେଇଥିଲେ। ରାଜ୍ୟରେ ପାଚିକା ଓ ସହାୟିକାମାନେ ପାରିଶ୍ରମିକ ବୃଦ୍ଧି, ମୃତ୍ୟୁକାଳୀନ ସହାୟତା ଓ ଅବସରକାଳୀନ ସହାୟତା ପାଇଁ ବାରମ୍ବାର ଦାବି କରୁଥିଲେ। ପୂର୍ବ ସରକାର ଏହାକୁ ପୂରଣ କରିନଥିଲେ। ବର୍ତମାନ ସରକାର ଏଥିପ୍ରତି ଦୃଷ୍ଟି ଦେଇ ପାଚିକା ଓ ସହାୟିକାଙ୍କୁ ମାସିକ ପାରିଶ୍ରମିକ ୧୨ହଜାରରୁ ୧୪,୫୦୦ ଟଙ୍କାକୁ ବୃଦ୍ଧି କରିଛନ୍ତି। କାର୍ଯ୍ୟକାଳ ମଧ୍ୟରେ କାହାର ମୃତ୍ୟୁ ହେଲେ ୨ଲକ୍ଷ ଟଙ୍କା ଓ ଅବସର ପରେ ୧ଲକ୍ଷ ଟଙ୍କା ସହାୟତା ରାଶି ପ୍ରଦାନ କରିବାକୁ ସରକାର ଘୋଷଣା କରିଛନ୍ତି। ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀ ମୋହନ ମାଝି ଓ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ପ୍ରମୁଖଙ୍କୁ ଧନ୍ୟବାଦ ଦିଆଯାଇଛି।

# ନାବାଳିକାକୁ ଅସଦାଚରଣ, ୨ ଗିରଫ

ବେଲପାହାଡ଼, (ଭାସ୍କର ନ୍ୟୁଜ୍): ଝାରସୁଗୁଡ଼ା ଜିଲ୍ଲା ବେଲପାହାଡ଼ ଥାନା ଅଞ୍ଚଳରେ ଜନୈକା ନାବାଳିକାକୁ ଅସଦାଚରଣ କରିଥିବା ଅଭିଯୋଗ ଘଟଣାରେ ପୋଲିସ ପୂର୍ବରୁ ମୁଖ୍ୟ ଅଭିଯୁକ୍ତ ପରେ ତାର ସହଯୋଗୀ ସ୍କୁଟି ଚାଳକକୁ ଗିରଫ କରି କୋର୍ଟଚାଲାଣ କରିଛି। ଏହା ପୂର୍ବରୁ ପୋଲିସ ସଂପୃକ୍ତ ମୁଖ୍ୟ ଅଭିଯୁକ୍ତ ବେଲପାହାଡ଼ ଥାନା ଅଞ୍ଚଳର ଦିଲୀପ ସାମଲ (୬୧)କୁ ଗିରଫ କରି ଗତ ଏପ୍ରିଲ ମାସରେ କୋର୍ଟଚାଲାଣ କରିଥିଲା। ତେବେ ତାଙ୍କୁ ସହଯୋଗ କରି ଫେରାର ଥିବା ସ୍କୁଟି ଚାଳକ ବେଲପାହାଡ଼ ଥାନା ଅଞ୍ଚଳର ଅମିନ ଓରଫ୍ ଗେଲୁ ରୋହିଦାସ (୫୫)କୁ ରବିବାର ପୋଲିସ ଗିରଫ କରି କୋର୍ଟ ଚାଲାଣ କରିବା ସହ ଘଟଣାରେ ବ୍ୟବହୃତ ସ୍କୁଟିକୁ ଜବତ କରିଛି। ସୂଚନାରୁ ପ୍ରକାଶ ଯେ, ଗତ ଏପ୍ରିଲ ୫ ତାରିଖ ଦିନ ନାବାଳିକାକୁ ଏକୁଟିଆ ପାଇ ଅଭିଯୁକ୍ତ ଦିଲୀପ ତାର ବେକରେ ଧାରୁଆ ଚାକୁ ରଖି ବଳପୂର୍ବକ ଅମିନର ସ୍କୁଟି ଗାଡ଼ି ଯୋଗେ ଅନ୍ୟତ୍ର ନେବାକୁ ପ୍ରୟାସ କରିଥିଲା। ତେବେ ଏହି ସମୟରେ କେତେକ ସ୍ଥାନୀୟ ବାସିନ୍ଦା ଦେଖି ନାବାଳିକାକୁ ଉଦ୍ଧାର କରିଥିଲେ। ଏପରିକି ଅଭିଯୁକ୍ତ ମାନେ ଇତିମଧ୍ୟରେ ନାବାଳିକାକୁ ଅସଦାଚରଣ ମଧ କରିଥିବା ଅଭିଯୋଗ ହୋଇଥିଲା। ଘଟଣାଟି ପୋଲିସ ତଦନ୍ତ ପରିସରରେ ରହିଥିଲା। ନାବାଳିକାଙ୍କ ପରିବାରର ଲୋକଙ୍କ ଅଭିଯୋଗ କ୍ରମେ ବେଲପାହାଡ଼ ଥାନା ପୋଲିସ କେସ ନମ୍ବର ୮୮/୨୫ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଥିଲା।

# ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ



ପରଜଙ୍ଗ, (ଭାସ୍କର ନ୍ୟୁଜ୍) : ଢ଼େଙ୍କାନାଳ ଜିଲ୍ଲା ପରଜଙ୍ଗ ପୋଲିସ ପକ୍ଷରୁ ସଡ଼କ ସୁରକ୍ଷା ସମ୍ବନ୍ଧୀୟ ସଚେତନତା ବାର୍ତ୍ତା କାର୍ଯ୍ୟକ୍ରମ ଥାନା ଅଧିକାରୀ ଧିରେନ କୁମାର ବେହେରାଙ୍କ ନିର୍ଦ୍ଦେଶ କ୍ରମେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଏସ୍‌ଆଇ ଭାବଗ୍ରାହୀ ମହାନ୍ତି, ଏଏସ୍‌ଆଇ ଯୁଗଳ କିଶୋର ପ୍ରଧାନ ଓ ପୋଲିସ ବାହିନୀଙ୍କ ସହିତ ପରଜଙ୍ଗ ବ୍ଲକ ଡ୍ରାଇଭର ମହା ସଙ୍ଘ ସଭାପତି ସନ୍ତୋଷ କୁମାର ବର୍ମାଙ୍କ ଆହ୍ୱାନ କ୍ରମେ ବ୍ଲକର ପ୍ରତ୍ୟେକ ପଞ୍ଚାୟତର ଡ୍ରାଇଭର ମାନେ ମିଳିତ ସହଯୋଗ କରିଥିଲେ। ସକାଳ ସମୟେ ୫୩ ନମ୍ବର ଜାତୀୟ ରାଜପଥ ବାଇପାସ୍ ଛକରେ ପହଞ୍ଚି ବିଭିନ୍ନ ଦିଗକୁ ଯାତାୟତ କରୁଥିବା ଦୁଇ ଚକିଆ ଯାନ ଓ ଭାରିଯାନ ପର୍ଯ୍ୟନ୍ତ ସମସ୍ତ ଗାଡ଼ି ଅଟକାଇ ଗାଡ଼ିର ଡ୍ରାଇଭର ମାନଙ୍କୁ ନିଜେ ସଚେତନ ରହିବା ସହ ଅନ୍ୟକୁ ସଚେତନତା ସୃଷ୍ଟି କରିବା, ପୋଲିସ ଓ ଡ୍ରାଇଭର ମଧ୍ୟରେ ଉତ୍ତମ ସମ୍ପର୍କ ରଖିବା, ମଦ୍ୟପାନ ସେବନ କରି ଗାଡ଼ି ଚଳାଚଳ ନକରିବା, ଘରକୁ ନିରାପଦରେ ପହଞ୍ଚି ପରିବାରଙ୍କ ମୁହଁରେ ହସ ଫୁଟାଇବା, ମନ୍ଥର ଗତିରେ ଗାଡି ଚଳାଇବା, ହେଲମେଟ ଓ ସିଟ ବେଲ୍ଟ ଆଦି କେତେକ ସମସ୍ୟା ଉପରେ ଅଧିକାରୀ ମାନେ ସଚେତନତା କରାଇଥିଲେ। ଗାଡ଼ି ଚାଳକଙ୍କୁ ଖୁସି ପାଇଁ ଚକୋଲେଟ୍ ଓ ଗୋଲାପ ଫୁଲ ଦେଇ ସମ୍ବର୍ଦ୍ଧିତ କରି ସ୍ୱଳ୍ପ ସମୟ ପାଇଁ ସଚତେନତା କାର୍ଯ୍ୟକ୍ରମ ଜାରି ରଖିଥିଲେ।

# ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ୟା ନେଇ ଦାବିପତ୍ର



ପରଜଙ୍ଗ, (ଭାସ୍କର ନ୍ୟୁଜ୍) : ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବିଭିର୍ଣ୍ଣ ସମସ୍ୟାକୁ ନେଇ ପରଜଙ୍ଗ ସାମ୍ବାଦିକ ସଙ୍ଘ ପକ୍ଷରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ନୀଳମଣି ଦିଲ୍ଲୀପ ଚାନ୍ଦ ବେହେରାଙ୍କୁ ଏକ ଲିଖିତ ଦାବୀ ପତ୍ର ଦେଇ ଦୃଷ୍ଟି ଆକର୍ଷଣ କରାଯାଇଛି। ଏ ଅଞ୍ଚଳରେ ଭିନ୍ନ ଭିନ୍ନ ଗ୍ରାମରେ ପଞ୍ଚଗୋଟି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଥିଲେ ମଧ୍ୟ ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ହଜାର ହଜାର ସଂଖ୍ୟକ ଜନସାଧାରଣ ଗରୀବ ଅସହାୟ ଲୋକ ନିର୍ଭର କରିଥାନ୍ତି। କିନ୍ତୁ ଏଠାରେ ସାଧାରଣ ଅତ୍ୟାବଶ୍ୟକ ଚଳଣି ଉପରେ ଅବ୍ୟବସ୍ଥା ଥିବାରୁ ଲୋକମାନଙ୍କୁ ନାହିଁନଥିବା ଅସୁବିଧା ଭୋଗି ଅନ୍ୟତ୍ର ଅଯଥା ଖର୍ଚ୍ଚାନ୍ତ ହେବାକୁ ପଡୁଛି। କେତେକ ବୁଦ୍ଧିଜୀବୀ ମହଲରେ ଏଭଳି ଜନହିତକର କାର୍ଯ୍ୟକୁ ବିଚାରକୁ ନେଇ ସାମ୍ବାଦିକ ମାନଙ୍କ ଦ୍ୱାରା ଆଠ ଦଫା ଦାବିପତ୍ର ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଯଥାସମ୍ଭବ ସ୍ଥାୟୀ ସମାଧାନ ନିମନ୍ତେ ପ୍ରଦାନ କରାଯାଇଛି।

# ଧାନ ସଂଗ୍ରହ ନେଇ ସଚେତନତା ରଥର ଶୁଭାରମ୍ଭ



କୋରାପୁଟ,(ଭାସ୍କର ନ୍ୟୁଜ) : କୋରାପୁଟ ନିୟନ୍ତ୍ରିତ ବଜାର କମିଟି (ଆରଏମ୍‌ସି) ପକ୍ଷରୁ ରବି ଋତୁ ୨୦୨୪-୨୫ରେ ଉତ୍ପାଦିତ ଚାଷୀମାନଙ୍କଠାରୁ ଧାନ ସଂଗ୍ରହ ପାଇଁ ଏକ କୃଷକ ସଚେତନତା ରଥ ଶୁଭାରମ୍ଭ କରାଯାଇଛି। କୋରାପୁଟ ଉପଜିଲ୍ଲାପାଳ ପ୍ରେମଲାଲ ହିଆଲ କାର୍ଯ୍ୟାଳୟ ପରିସରରେ ସବୁଜ ପତାକା ଦେଖାଇ ରଥର ଶୁଭାରମ୍ଭ କରିଥିଲେ। ୨ଦିନ ଧରି କୋରାପୁଟ ଆରଏମସି ଅଧୀନରେ ଥିବା ୯ ମଣ୍ଡି ଅଚଂଳ ପରିଭ୍ରମଣ କରି ଧାନ ସଂଗ୍ରହ ନେଇ ଚାଷୀମାନଙ୍କୁ ସେଚତନତା କରାଇବା। ଚଳିତ ରବି ଋତୁରେ ଧାନ ସଂଗ୍ରହ ନେଇ କୋରାପୁଟ ନିୟନ୍ତ୍ରିତ ବଜାର କମିଟି ପକ୍ଷରୁ ଡୁମୁରିପୁଟ, କୁନ୍ଦୁଲି, ସୁବାଇ, ଦଶମନ୍ତପୁର, କିକିରିଗୁମା, ଚମ୍ପି, ନାରାୟଣପାଟଣା, ବିଲିପେଟା ଓ ନନ୍ଦପୁର ଆଦି ୯ସ୍ଥାନରେ ଧାନ ମଣ୍ଡି କରାଯାଇଛି। ୫ତାରିଖରୁ ଏହି ଧାନମଣ୍ଡି ଗୁଡିକରେ ଆରଏମ୍‌ସି ପକ୍ଷରୁ ଧାନ ସଂଗ୍ରହ ଆରମ୍ଭ ହେବ ନେଇ ଏହି ରଥ ସଚେତନ କରାଇବା ଲକ୍ଷ୍ୟ ରଖାଯାଇଥିବା ଉପଜିଲ୍ଲାପାଳ ହିଆଲ କହିଛନ୍ତି। ଚଳିତ ବର୍ଷ ସରକାରଙ୍କ ପକ୍ଷରୁ ଏଫଏକ୍ୟୁ ସାଧାରଣ ଧାନ କୁଇଣ୍ଟାଲ ପ୍ରତି ସରକାର ୨୩୦୦ଟଙ୍କା ଓ ଇନପୁଟ ରାଶି ୮୦୦ଟଙ୍କା ଦେବେ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ଏଥିରେ କୋରାପୁଟ ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ ଦୀପକ କୁମାର ରାଉତ, କୋରାପୁଟ ଏଆରସିଏସ୍, ଆରଏମସି କାର୍ଯ୍ୟାଳୟର ବରିଷ୍ଠ କିରାଣି କୈଳାସ ସାହୁ, ଅଜୟ କୁମାର ସେଠୀ ଓ ପ୍ରଫୁଲ୍ଲ ଦେବତା ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ରେସ କାଉନସିଲ ନାମ ବ୍ୟବହାର ଉପରେ ନିଷେଧାଦେଶ

କେନ୍ଦୁଝର, (ଭାସ୍କର ନ୍ୟୁଜ୍) : ପ୍ରେସ କାଉନସିଲ ଅଫ ଇଣ୍ଡିଆ ଭାରତ ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟର ଏକ ବୈଧାନିକା ସଂସ୍ଥା ହୋଇଥିବାରୁ କୌଣସି ଗଣମାଧ୍ୟମ ସଂସ୍ଥା ପ୍ରେସ କାଉନସିଲ ନାମ ବ୍ୟବହାର କରିବା ଉପରେ ନିଷେଧାଦେଶ ରହିଛି। ଜିଲ୍ଲାରେ କୌଣସି ଗଣମାଧମ ସଂସ୍ଥା କିମ୍ବା ସରକାରୀ ସଂଘ ନିଜ ସଂସ୍ଥାର ନାମ ପଞ୍ଜିକରଣ ସମୟରେ ପ୍ରେସ କାଉନସିଲ ଶବ୍ଦ ବ୍ୟବହାର ନ କରିବାକୁ କେନ୍ଦ୍ର ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଛି। କେନ୍ଦ୍ର ସରକାରଙ୍କ ଅନୁମତି ବିନା କୌଣସି ସଂସ୍ଥା ପ୍ରେସ କାଉନସିଲ ନାମ ବ୍ୟବହାର କରିବା, ଆଇନ ଅନୁଯାୟୀ ଗ୍ରହଣୀୟ ହେବନାହିଁ। ତେଣୁ ଜିଲ୍ଲାରେ କୌଣସି ସରକାରୀ ସଂଘ ବା ଗଣମାଧମ ସଂସ୍ଥା ନିଜ ନାମରେ ପ୍ରେସ କାଉନସିଲ ବ୍ୟବହାର ନ କରିବାକୁ ଅନୁରୋଧ କରାଯାଉଛି। ନୂଆଦିଲ୍ଲୀରେ ପ୍ରେସ କାଉନସିଲର ସଚିବାଳୟ କାର୍ଯ୍ୟ କରୁଥିବା ବେଳେ ଏହାର ରାଜ୍ୟ ଶାଖା କୌଣସିଠାରେ କାର୍ଯ୍ୟ କରେ ନାହିଁ। ଏହାର ଚିହ୍ନ ଓ ନାମକୁ ଅନଧିକୃତ ଭାବେ ବ୍ୟବହାର କରିବା ଅବୈଧ ଅଟେ।

# ଥାନା ପାର୍ଶ୍ୱରୁ ଚୋରି: କାନ୍ଥ କଣାକରି ୮୦ଲକ୍ଷ ଟଙ୍କାର ମୋବାଇଲ ଲୁଟ



ଭଣ୍ଡାରିପୋଖରୀ, (ଭାସ୍କର ନ୍ୟୁଜ୍): ଭଣ୍ଡାରିପୋଖରୀ ବଜାର ପେଣ୍ଠସ୍ଥଳୀ ମା'ତାରେଣୀ ମୋବାଇଲ ପଏଣ୍ଟ ଦୋକାନରୁ ଗତ ଶୁକ୍ରବାର ରାତ୍ରରେ ୮୦ ଲକ୍ଷ ଟଙ୍କା ମୂଲ୍ୟର ମୋବାଇଲ ଲୁଟ ହୋଇଥିବା ଅଭିଯୋଗ ହୋଇଛି। ଦୁର୍ବୃତ୍ତମାନେ ଦୋକାନ ପଛପଟ କାନ୍ଥ କଣାକରି ଲୁଟିବାକୁ ସକ୍ଷମ ହୋଇଛନ୍ତି। ମୋବାଇଲ ଦୋକାନୀ ବିଭୁଦତ୍ତ କର ଶୁକ୍ରବାର ରାତ୍ର ୧୦ଟା ରେ ଦୋକାନ ବନ୍ଦ କରି କୋଳିଗଡ଼ିଆ ଘରକୁ ଯାଇଥିଲେ। ଶନିବାର ସକାଳ ୮ଟାରେ ଦୋକାନ ଖୋଲିଥିଲେ। ଦୋକନ ପଛପଟ କାନ୍ଥ କଣା ହୋଇଥିବା ଓ ଦେକାନ ଭିତରେ ମୋବାଇଲ ଖୋଳଗୁଡିକ ବିକ୍ଷିପ୍ତ ଭାବେ ପଡିଥିବାରୁ ଚୋରି ହୋଇଥିବା ଜାଣି ଥାନାରେ ସଙ୍ଗେ ସଙ୍ଗେ ଅଭିଯୋଗ କରିଥିଲେ। ପୁଲିସ ୨୭୮/୨୫ନଂ ମାମଲା ରୁଜୁ କରି ସନ୍ଧାନୀ କୁକୁର ସହାୟତାରେ ତଦନ୍ତ ଆରମ୍ଭ କରିଥିଲା। କୁକୁର ଇସାରା ଆଧାରରେ ଜଣେ ସନ୍ଦିଗ୍ଧଙ୍କୁ ଥାନାରେ ଅଟକ ରଖାଯାଇଛି। ମାମଲାର ତଦନ୍ତକାରୀ ଅଧିକାରୀ ଭାବେ ମଞ୍ଜୁରୀରୋଡ଼ ଫାଣ୍ଡି ଭାରପ୍ରାପ୍ତ ଅଧିକାରୀ ଦେବରାଜ ଜେନାଙ୍କୁ ଦାୟୀତ୍ୱ ଦିଆଯାଇଥିବା ଜଣାଯାଇଛି। ସଂପୃକ୍ତ ମୋବାଇଲ ଦୋକନର ସିସିଟିଭିର ଗୋଟିଏ ହାଡ଼ଡିସ୍କକୁ ଦୁର୍ବୃତ୍ତମାନେ ନେଇଯାଇଥିବା ବେଳେ ଅନ୍ୟଟି ରହିଯାଇଛି। ପୋଲିସ ଜବତ କରିଥିବା ହାଡ଼ଡିସ୍କର ସିସିଟିଭି ଫୁଟେଜକୁ ଆଧାର କରି ପୋଲିସ ତଦନ୍ତ ପରିସରକୁ ଆଗକୁ ବଢାଇଛି। ସଂପୃକ୍ତ ମୋବାଇଲ ଦୋକାନ ପଛପଟେ 'ଯ' ନାଳ ରହିଛି। 'ଯ' ନାଳ ପାର୍ଶ୍ୱରେ ହାଇସ୍କୁଲ, ବିଇଓ, ସବ୍‌ରେଜିଷ୍ଟ୍ରି ଅଫିସ ଓ ଥାନା ରହିଛି। ବଜାରରେ ୪ଜଣ ପୋଲିସ କର୍ମଚାରୀ ରାତ୍ରକାଳୀନ ଜଗୁଆଳି ଭାବେ ମୁତୟନ ହୋଇଥାନ୍ତି। ଏପରି ସ୍ଥଳେ ବଜାର ମଧ୍ୟସ୍ଥ ଏକ ଦୋକନରୁ ଚୋରି ହେବାକୁ ସହଜରେ ଗ୍ରହଣ କରିପାରି ନାହାନ୍ତି ବ୍ୟବସାୟୀ ଓ ଲୋକେ। ଭଣ୍ଡାରିପୋଖରୀ ବଜାର ଓ ଥାନା ସମ୍ମୁଖରୁ ଚୋରି ହେବା ପୋଲିସର ଦେହସୁହା ହୋଇଗଲାଣି। ଗତ ମାର୍ଚ୍ଚ ୮ ତାରିଖରେ ଥାନା ସମ୍ମୁଖ ତେଜରାତି ଦୋକନରୁ ବିପୁଳ ଚୋରି ହୋଇଥିବା ଜଳଧର ରାଉତଙ୍କ ପକ୍ଷରୁ ଅଭିଯୋଗ ହୋଇଥିଲା। ମାତ୍ର ଏଥିପ୍ରତି ପୁଲିସ ଗୁରୁତ୍ୱ ଦେଇନଥିଲା କି ମାମଲା ରୁଜୁ କରିନଥିଲା। ପୋଲିସର ଅପାରଗତାକୁ ସବୁ ମହଲରେ କଟୁ ସମାଲୋଚନା କରାଯାଇଛି। ଥାନାରେ ୨ ଜଣ ପୁରୁଖା ସବ୍ ଇନିସପେକ୍ଟର ଥିବା ବେଳେ ଏହି ସ୍ପର୍ଶକାତର ମାମଲାର ତଦନ୍ତ ପାଇଁ ଥାନାଧିକାରୀ କାହିଁକି ସେମାନଙ୍କ ଉପରେ ଭରସା ରଖିପାରିଲେ ନାହିଁ ତାହାକୁ ନେଇ ପ୍ରଶ୍ନ ଉଠିଛି। ପୋଲିସ ଉପରୁ ଜନସାଧାରଣ ଭରସା ତୁଟାଉଥିବା ବେଳେ ଜିଲ୍ଲା ପୋଲିସ ଅଧିକ୍ଷକଙ୍କ ଦକ୍ଷତା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ ହୋଇଛି।

# ଓଡ଼ିଶା କଂଗ୍ରେସ ଆଦିବାସୀ ଡ୍ରାଫ୍ଟ କମିଟିର କେନ୍ଦୁଝର ଗସ୍ତ



କେନ୍ଦୁଝର, (ଭାସ୍କର ନ୍ୟୁଜ୍) : ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ନିଯୁକ୍ତ ଆଦିବାସୀ ଡ୍ରାଫ୍ଟ କମିଟିର ସଦସ୍ୟ ମାନେ ଅଧକ୍ଷ କଂଗ୍ରେସ ବିଧାୟକ ଦଳର ନେତା ରାମଚନ୍ଦ୍ର କାଡାମଙ୍କ ନେତୃତ୍ୱରେ କେନ୍ଦୁଝର ଗସ୍ତ କରିଛନ୍ତି। ସ୍ଥାନୀୟ ସହିଦ ଭବନ ଠାରେ ଏହି କମିଟି ଜିଲ୍ଲାର ବିଭିନ୍ନ ଜନଜାତି ନେତୃତ୍ୱଙ୍କ ସହ ଭେଟ କରି ଆଦିବାସୀଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଏହି ପ୍ରତିନିଧି ଦଳରେ ବରିଷ୍ଠ କଂଗ୍ରେସ ନେତା ପୂର୍ବତନ ପୋଲିସ ଡିଜି ଶ୍ୟାମସୁନ୍ଦର ହାଂସଦା, ପୂର୍ବତନ ସାଂସଦ ସୁଶୀଲା ତିରିଆ, ମୋଟାରାଜ ଡୁଙ୍ଗଡୁଙ୍ଗ, ଲକ୍ଷ୍ମୀଧର ସିଂହ, ପୂର୍ବତନ ସାଂସଦ ଯଶୋବନ୍ତ ସିଂହ ଲାଗୁରି, ପୂର୍ବତନ ବିଧାୟକ ସୁବର୍ଣ୍ଣ ନାୟକ ସାମିଲ ଥିଲେ। ପ୍ରଥମେ କେନ୍ଦୁଝର କଂଗ୍ରେସ ଭବନରେ ଏହି ଦଳକୁ ଜିଲ୍ଲା କଂଗ୍ରେସ ସଭାପତି ମୋହନ ଚରଣ ପରିଡା ସ୍ୱାଗତ କରିଥିଲେ। ଏହାପରେ ଆୟୋଜିତ ଆଲୋଚନା ଚକ୍ରରେ କଂଗ୍ରେସର ଅଭିଜ୍ଞ ନେତାମାନେ ବିଭିନ୍ନ ଆଦିବାସୀ ସମସ୍ୟା ଓ ଏହାର ଆଇନଗତ ଦିଗ ଉପରେ ଆଲୋଚନା କରିଥିଲେ। ପେସା ଆଇନ, ଆଦିବାସୀ ପରମ୍ପରା ଓ ସଂସ୍କୃତି ରକ୍ଷା, ବିବାହ ଓ ଜମିବାଡ଼ି ରକ୍ଷଣ ଉପରେ ବ୍ୟାପକ ଆଲୋଚନା ପର୍ଯ୍ୟାଲୋଚନା ହୋଇଥିଲା। ଦଳମତ ନିର୍ବିଶେଷରେ ଅନେକ ଆଦିବାସୀ ନେତା ଓ ବିଦ୍ୱାନ ମତାମତ ରଖିଥିଲେ ସମସ୍ତେ ଆଦିବାସୀଙ୍କ ଜମି ହଡ଼ପ ଯୋଜନାକୁ ବିରୋଧ କରିଥିଲେ। ଅନେକ ଦରଖାସ୍ତ ମଧ ଏହି କମିଟି ଗ୍ରହଣ କରିଥିଲା। କଂଗ୍ରେସ ପକ୍ଷରୁ ଏହିପରି ଆଲୋଚନା ବ୍ୟାପକ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ସନ୍ଧ୍ୟାରେ ଏହି କମିଟି କଂଗ୍ରେସ ଭବନରେ ଏକ ପ୍ରେସ ମିଟ କରି ବିଧାୟକ ଦଳ ନେତା ଶ୍ରୀ କାଡାମ ଆଦିବାସୀଙ୍କ ନ୍ୟାୟ ଲାଗି ସମ୍ମାନ ରକ୍ଷା ଲାଗି ସେମାନଙ୍କ ଜଙ୍ଗଲ ଜମି ଓ ଜଳ ରକ୍ଷା ଲାଗି ଲଢେଇ ଜୋରଦାର ହେବ ବୋଲି କହିଥିଲେ। ଆଜି ଏହି ବୈଠକରେ କଂଗ୍ରେସ ନେତା ବିନୋଦ ନାୟକ, ପ୍ରତିଭା ମଞ୍ଜରୀ ନାୟକ, ସଂଗ୍ରାମ ଦାସ, ନିର୍ମଳ ନାୟକ, ସୁଜଳ ସେଠି, ମନୋରଞ୍ଜନ ରାଉତ, ରତ୍ନାକର ଜେନା, ଲଳିତ ନାୟକ, ଉତ୍ତମ ସାହୁ, ପୂର୍ଣ୍ଣଚନ୍ଦ୍ର ଦାସ ଆଦି ଉପସ୍ଥିତ ଥିଲେ। ସେହିପରି ବରିଷ୍ଠ ଓକିଲ ମେଘନାଥ ମାଝୀ, ସମରା ଟୁଡୁ, ରାମରାଇ ମୁନ୍ଦିଆ, ଜୀବନ ସିଂହ ମୁଣ୍ଡା ଆଦି ଅନେକ ବରିଷ୍ଠ ନେତୃତ୍ୱ ଯୋଗ ଦେଇ ନିଜ ମତାମତ ରଖିଥିଲେ।



କଣାସ (ଭାସ୍କର ନ୍ୟୁଜ୍) : କଣାସ ଥାନା ଗଡବଡପୁଟ ଗ୍ରାମପଞ୍ଚାୟତର ବଡଗଡପୁଟ ଗ୍ରାମରେ ଗତ ୩୧ ତାରିଖ ଦିନ କୁଅରୁ ପାଣି ନେବାକୁ କେନ୍ଦ୍ରକରି ନିନା ବଳବନ୍ତରାୟ ଓ ଉକ୍ତ ଗ୍ରାମ ବଳବନ୍ତରାୟଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇ ମନ୍ଦାରକନ୍ତ ଫାଣ୍ଡି ଓ କଣାସ ଥାନାକୁ ଉଭୟପକ୍ଷ ଅଭିଯୋଗ କରିଥିଲେ । ଗଡବଡପୁଟ ସରପଞ୍ଚଙ୍କ ସ୍ୱାମୀ ବାପି ବଳବନ୍ତରାୟ କଣାସ ଥାନାରେ ପହଞ୍ଚ ଉଭୟଙ୍କ ମଧ୍ୟରେ ବୁଝାବଣା କରି ଥାନାରେ ପ୍ରତିଶ୍ରୁତି ଦେଇ ଉଭୟ ପରିବାରକୁ ନେଇଥିଲେ । ଆଜି ନିନା ବଳବନ୍ତରାୟଙ୍କ ପୁତ୍ର ବାବଲ ବଳବନ୍ତରାୟଙ୍କୁ କଣାସ ଥାନା ଅଧିକାରୀ ମାଡ ମାରିଥିବା ଅଭିଯୋଗ କରି ଆଜି ନିନା ବଳବନ୍ତରାୟ ପରିବାର ଓ ସନାତନୀକେଶରୀ ହିନ୍ଦୁବାହିନୀ ପକ୍ଷରୁ ୨୦ଜଣ ବ୍ୟକ୍ତି ଥାନା ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରି ଥାନା ଆଗରେ ବସି ରହିଛନ୍ତି । ଖବର ପାଇ ପିପିଲି ଏସଡିପିଓ ଦେବାଶିଷ ମିଶ୍ର ଘଟଣାସ୍ଥଳରେ ପହଞ୍ଚି ଧାରଣରତ ବ୍ୟକ୍ତିମାନଙ୍କୁ ବୁଝାସୁଝା କରିବା ସହିତ ଆଲୋଚନା ଜାରି ରଖିଛନ୍ତି ।

# ପାତ୍ରପୁର ବ୍ଲକରେ ବିକାଶମୂଳକ କାମ ବନ୍ଦ

## ଜିଲ୍ଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ



ଛତ୍ରପୁର (ଭାସ୍କର ନ୍ୟୁଜ୍) : ପାତ୍ରପୁର ବ୍ଲକରେ ଉଦ୍ଦେଶ୍ୟ ମୂଳକ ଭାବେ ରାଜନୈତିକ ଚାପର ବଶବର୍ତ୍ତୀ ହୋଇ ପଞ୍ଚାୟତରେ ବିକାଶମୂଳକ କାମ ବନ୍ଦ ରଖିବା, ବିଲ୍ ପେଣ୍ଡିଂ ରଖିବା ଓ ସମିତି ବୈଠକରେ କଣ୍ଠରୋଧ କରିବା ସହ ମିଥ୍ୟା କେସ୍ ଦେବା ସଂକ୍ରାନ୍ତରେ ବିଜେଡ଼ି ତୀବ୍ର ପ୍ରତିକ୍ରିୟା ରଖିଛି । ଏନେଇ ବିଜେଡ଼ି ନେତା ଭୃଗୁ ବକ୍ସିପାତ୍ରଙ୍କ ନେତୃତ୍ୱରେ ସୋମବାର ଏକ ପ୍ରତିନିଧି ଦଳ ଛତ୍ରପୁର ଆସି ଗଞ୍ଜାମ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡାଙ୍କୁ ଭେଟି ସମସ୍ୟା ସମାଧାନ ପାଇଁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି । ମେ ୨୩ ତାରିଖରେ ପାତ୍ରପୁର ପଞ୍ଚାୟତ ସମିତି ସାଧାରଣ ବୈଠକ ଅନୁଷ୍ଠିତ ହୋଇଥିଲା । ପଞ୍ଚାୟତ ସମିତି ବୈଠକ ଗୃହରେ ଜଣେ ଲୋକ ପ୍ରତିନିଧି ପ୍ରଶ୍ନ କରିବାର ସାମ୍ବିଧାନିକ ଅଧିକାର ଥିବା ବେଳେ ଏହାର ଉତ୍ତର ଅଧକ୍ଷ ଓ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦେବା ଉଚିତ୍ । ତେବେ ବୈଠକରେ ଧମକାଇବା, ମନୋମୁଖୀ, ପ୍ରଶ୍ନ ପଚାରିବାର ସୁଯୋଗ ଦିଆଯାଇନଥିଲା । ଏଣୁ ବାଧ ହୋଇ ସୁରକ୍ଷା ଦୃଷ୍ଟିରୁ ବୈଠକ ବର୍ଜନ କରିବାର ନିଷ୍ପତି ନେଇ ଉକ୍ତ ବୈଠକରୁ ବିଜେଡି ସମର୍ଥିତ ସରପଞ୍ଚ, ସମିତିସଭ୍ୟ ଉଠି ଚାଲି ଆସିଥିଲେ । ଏଣୁ ସମିତି ବୈଠକରେ ଯେଉଁ ଦୁର୍ଭାଗ୍ୟଜନକ ଘଟଣା ଘଟିଛି ତାହାର ଉପଯୁକ୍ତ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବା ସହ ସମସ୍ୟାର ସମାଧାନ କରି ଉପଯୁକ୍ତ ନ୍ୟାୟ ପ୍ରଦାନ କରିବାକୁ ବିଜେଡି ଅନୁରୋଧ କରିଛି । ଏଥିସହ ମିଥ୍ୟା, ଚୋରି କେସ ସହ ଜାତିଆଣ ଆକ୍ଷେପର ମିଥ୍ୟା ଅଭିଯୋଗ ନେଇ କଣ୍ଠରୋଧ କରିବାକୁ ଯେଉଁ ଚେଷ୍ଟା କରାଯଉଥିବା ଅଭିଯୋଗ ହୋଇଛି ସେହିପରି ଉକ୍ତ ବ୍ଲକରେ ଉଦ୍ଦେଶ୍ୟ ମୂଳକ ଭାବେ ରାଜନୈତିକ ଚାପର ବଶବର୍ତ୍ତୀ ହୋଇ ପଞ୍ଚାୟତ ବିକାଶମୂଳକ କାମ ବନ୍ଦ ରଖାଯାଉଛି । ବିଲ୍ ମଧ ପାସ୍ କରାଯାଉନି ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି । ଛତ୍ରପୁରର ପୂର୍ବତନ ବିଧାୟକ ସୁବାସ ଚନ୍ଦ୍ର ବେହେରା, ବିଜେଡି ଜିଲ୍ଲା ଉପସଭାପତି ଶଙ୍କର ଦାଶ, ପ୍ରଶାନ୍ତ କର, ଟି. ଚନ୍ଦ୍ରଶେଖର ରାଓ, ଏସ୍. ଚକ୍ରପାଣି ରେଡି ପ୍ରମୁଖ ସ୍ମାରକପତ୍ର ଦେବାବେଳେ ଉପସ୍ଥିତ ଥିଲେ ।

# ସ୍ୱାସ୍ଥ୍ୟ କେନ୍ଦ୍ରରେ ରୋଗୀଙ୍କୁ ବାହାରୁ ତାଲା

ଚାନ୍ଦବାଲି (ଭାସ୍କର ନ୍ୟୁଜ୍) : ରୋଗୀଙ୍କୁ ଦୁଇଘଣ୍ଟା ତାଲା ପକାଇ ଫାର୍ମାସିଷ୍ଟ ଫେରାର । ଏଭଳି ଫାର୍ମାସିଷ୍ଟଙ୍କ ଉନ୍ମତ୍ତକାଣ୍ଡ ମେଡିକାଲ ଭିତରେ ରୋଗୀ ବାହାର ପଟୁ ତାଲା ପକାଇ ୨ରୁ ଅଧିକ ଘଣ୍ଟା ପଳାଇଲେ । ରୋଗୀଙ୍କ ସମ୍ପର୍କୀୟ ପାଟି କରି କାନ୍ଦିବାରୁ ତାଲା ଖୋଲିଲେ । ଏମିତି ଏକ ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକ ଘଣ୍ଟେଶ୍ୱର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ । ରାଜ୍ୟ ସରକାର ଲୋକଙ୍କୁ ଉତ୍ତମ ଚିକିତ୍ସା ଯୋଗାଇ ଦେବା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରିଥିବା ବେଳେ ଗ୍ରାମାଞ୍ଚଳରେ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ଏବଂ ଫାର୍ମାସିଷ୍ଟ ନିଯୁକ୍ତି ଦେଇ ସ୍ୱାସ୍ଥ୍ୟସେବା ଯୋଗାଇ ଦେଉଛନ୍ତି । ମାତ୍ର କେତେକଙ୍କ ପାଇଁ ସରକାର କଳଙ୍କୁ ଟୀକା ଲାଗୁଛି । ଏମିତି ଏକ ଘଟଣାରେ କର୍ମଚାରୀଙ୍କ ମନମୁଖୀ କାର୍ଯ୍ୟ ପାଇଁ ସ୍ୱାସ୍ଥ୍ୟକେନ୍ଦ୍ର ଉପରୁ ଭରସା ତୁଟିବାରେ ଲାଗିଛି । ଏପରି ଦୃଶ୍ୟ ଦେଖିବାକୁ ମିଳିଛି । ସୂଚନା ଅନୁଯାୟୀ ବଜରାପୁର ପଞ୍ଚାୟତ ବାଲିଆପାଳ ଗ୍ରାମର ଗୟାଧର ନାମକ ଜଣେ ବ୍ୟକ୍ତି ଛାତିରେ ଯନ୍ତ୍ରଣା ହେବାରୁ ପାଖରେ ଥିବା ଘଣ୍ଟେଶ୍ୱର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇଥିଲେ ସେଠାରେ ଥିବା କାର୍ଯ୍ୟରତ ଫାର୍ମାସିଷ୍ଟ ତୁଷାର କାନ୍ତ ନାୟକ ରୋଗୀ ଏବଂ ତାଙ୍କ ସହିତ ଥିବା ତାଙ୍କ ସ୍ତ୍ରୀଙ୍କୁ ବାହାର ପଟୁ ତାଲା ପକାଇ ୨ରୁ ଅଧିକ ଘଣ୍ଟା କୁଆଡେ ପଳାଇ ଯାଇଥିଲେ । ଖବର ପାଇ ରୋଗୀଙ୍କ ସମ୍ପର୍କୀୟ ସେଠାରେ ପହଞ୍ଚି ଦେଖିବା ବେଳକୁ ମେଡିକାଲରେ ତାଲା ପଡିଛି । କିଛି ଉପାୟ ନପାଇ ରୋଗୀଙ୍କ ନାଁ ଧରି ଚିତ୍କାର କରିବାରୁ ପେସେଣ୍ଟ ଭିତରେ ଥିବା ଜାଣିବାକୁ ପାଇଥିଲେ । ଫଳରେ ପାଖରେ ଥିବା ଭଙ୍ଗା ଝରକା ପାଖକୁ ଯାଇ ଭିଡ଼ିଓ ଉତ୍ତୋଳନ କରିବା ଏହି ଘଟଣାକୁ କାର୍ଯ୍ୟରତ ଫାର୍ମାସିଷ୍ଟ ରୋଗୀଙ୍କୁ ଚିକିତ୍ସା ନକରି ବାହାରକୁ କାଢି ଦେଇଥିବା ଦେଖିବାକୁ ମିଳିଛି । ଅନ୍ୟପଟେ ରୋଗୀଙ୍କ ସ୍ତ୍ରୀ କାନ୍ଦୁ ଥିବା ଦେଖିବାକୁ ମିଳୁଛି । କାର୍ଯ୍ୟରତ ଫାର୍ମାସିଷ୍ଟ ସରକାରୀ ମେଡ଼ିସିନ ବାହାରେ ବିକ୍ରି କରୁଥିବା ଭଳି ସଙ୍ଗିନୀ ଅଭିଯୋଗ ଆସୁଛି । ତୁରନ୍ତ ଫାର୍ମାସିଷ୍ଟ ଉପରେ କାର୍ଯ୍ୟାନୁଷ୍ଠାନ ନେବାକୁ ପରିବାର ପାଖରୁ ଦାବି ହୋଇଛି ।

# ପଞ୍ଚୁଲିଙ୍ଗ କପିଳେଶ୍ୱର ଶିବ ମନ୍ଦିର ପ୍ରତିଷ୍ଠା ଉତ୍ସବ

ଜଳେଶ୍ୱର (ଭାସ୍କର ନ୍ୟୁଜ୍) : ଜଳେଶ୍ୱର ବ୍ଲକ ଅନ୍ତର୍ଗତ ରାୟାଁ ରାମଚନ୍ଦ୍ରପୁର ପଞ୍ଚାୟତର ମହାନ୍ତିସାହି ଗ୍ରାମସ୍ଥ ପଞ୍ଚୁଲିଙ୍ଗ କପିଳେଶ୍ୱର ଶିବ ମନ୍ଦିରର ପ୍ରତିଷ୍ଠା ଉତ୍ସବ ଓ ଶତାଧିକ ମହିଳାଙ୍କ ଦ୍ୱାରା କଳସ ଯାତ୍ରା ଅନୁଷ୍ଠିତ ହୋଇ ଯାଇଛି । ସୋମବାର ପୂର୍ବାହ୍ନ ୯ ଘଟିକା ସମୟରେ ଗ୍ରାମର ମହିଳା ମାନେ ୧୦୮ କଳସ ମୁଣ୍ଡରେ ନେଇ ବାଜା ରୋଶଣୀ ଦ୍ୱାରା ଏକ ବିଶାଳ ଶୋଭାଯାତ୍ରାରେ ଯାଇ ଜମାଲପୁର ବିଶ୍ୱନାଥ ଏକାଡେମୀ ସନ୍ନିକଟ ସୁବର୍ଣ୍ଣରେଖା ନଦୀ ଘାଟରେ ପଣ୍ଡିତ ମାନଙ୍କ ଦ୍ୱାରା ପୂଜାର୍ଚ୍ଚନା କରାଯାଇ ଘଟୋତ୍ତଳନ କରି ପୁଣି ମନ୍ଦିର ପାଖକୁ ପାଣି ଧରି ଆସିଥିଲେ । ପରେ ମନ୍ଦିରର ପ୍ରତିଷ୍ଠା ପାଇଁ ପଣ୍ଡିତ ନରହରି ପତିଙ୍କ ନେତୃତ୍ୱରେ ୧୪ ଜଣ ପାଣ୍ଡିତଙ୍କ ଦ୍ୱାରା ଯଜ୍ଞାଦି କର୍ମ ଆରମ୍ଭ ହୋଇଥିଲା । ଉକ୍ତ କାର୍ଯ୍ୟରେ ଗ୍ରାମର ବରିଷ୍ଠ ବ୍ୟକ୍ତି କୁଞ୍ଜ ବିହାରୀ ଦାସ ଓ ନୂତନ ବୃଷବ ଦାତା ଉତ୍ତମ କୁମାର ଦାସ ସଂକଳ୍ପ ହୋଇଥିଲେ । ମଙ୍ଗଳବାର ମା' ଶୀତଳାଙ୍କ ଆଗମନ ହୋଇ ପୂଜାର୍ଚ୍ଚନା କରାଯିବା ସହିତ ମହାପ୍ରସାଦ ବ୍ୟବସ୍ଥା କରାଯିବ । ଉକ୍ତ କାର୍ଯ୍ୟକ୍ରମ ଗ୍ରାମବାସୀଙ୍କ ପକ୍ଷରୁ ଗ୍ରାମ ମୁଖ୍ୟ ଦେବବ୍ରତ ନନ୍ଦ, ପ୍ରବୀର କୁମାର ଦାସ, ସାବିତ୍ରୀ ଦାସ, ବିନୋଦ କୁମାର ଗିରି, ନନି ଗୋପାଳ ଦାସ, ବିଦ୍ୟୁଭୂଷଣ କାନଗୋ, ସପନ କୁମାର ଦାସ, ଭଗିରଥ ପାଳ, ମାଧବାନନ୍ଦ ପରିଡ଼ା, ମନୋରଞ୍ଜନ ଦଳାଇ, ପ୍ରକାଶ ବେହେରା, ହରିଶଙ୍କର ଦାସ ଓ ରବିନ୍ଦ୍ର ବେହେରା ପ୍ରମୁଖ ଗ୍ରାମବାସୀ ସହଯୋଗ କରିଥିଲେ ।

# ଅବସରପ୍ରାପ୍ତ ଅଧିକ୍ଷଣଯନ୍ତ୍ରୀ କାମପାଳଙ୍କ ପରଲୋକ



ଭଣ୍ଡାରିପୋଖରୀ (ଭାସ୍କର ନ୍ୟୁଜ୍) : ଭଣ୍ଡାରିପୋଖରୀ ବ୍ଲକ ଚନ୍ଦ୍ରଭାନୁପୁର ଗ୍ରାମର ଅବସରପ୍ରାପ୍ତ ଅଧିକ୍ଷଣ ଯନ୍ତ୍ରୀ କାମପାଳ ଚନ୍ଦଙ୍କର ରବିବାର ରାତ୍ର ୨.୪୦ମି. ସମୟରେ ପରଲୋକ ହୋଇଯାଇଛି । ଫୁସଫୁସ ଜନିତ ରୋଗରେ ଆକ୍ରାନ୍ତ ହୋଇ ସେ ଭୁବନେଶ୍ୱର ଘରୋଇ ହସପିଟାଲରେ ଗତ ଏକମାସ ଧରି ଚିକିତ୍ସିତ ହେଉଥିଲେ । ମୃତ୍ୟୁ ବେଳକୁ ତାଙ୍କୁ ୮୪ ବର୍ଷ ବୟସ ହୋଇଥିଲା । ତାଙ୍କ ମୃତ୍ୟୁଶଯ୍ୟା ନିକଟରେ ପୁତ୍ର, ପୁତ୍ରବଧୂ ପ୍ରତିଭା, ୨ ନାତି ଓ ପରିବାର ଲୋକେ ଉପସ୍ଥିତ ଥିଲେ । ମରଶରୀରକୁ ଶୋଭାଯାତ୍ରାରେ ନିଆଯାଇ ଭଣ୍ଡାରିପୋଖରୀ ବଜାର ଓ ଚନ୍ଦ୍ରଭାନୁପୁର ଗ୍ରାମ ପରିକ୍ରମା କରାଯାଇଥିଲା । ଭଣ୍ଡାରିପୋଖରୀ ରାମଦୟା ପରିଷଦ କର୍ମକର୍ତ୍ତା, ସ୍ଥାନୀୟ ବିଧାୟକ ସଞ୍ଜିବ କୁମାର ମଲ୍ଲିକ, ପୂର୍ବତନ ବିଧାୟକ ପ୍ରଫୁଲ୍ଲ ସାମଲ, ବିଜେଡି ବ୍ଲକ ସଭାପତି ଲକ୍ଷ୍ମୀଧର ସାହୁ, ଦକ୍ଷିଣବାଡ, ବୟାବନାପୁର, ନଗୁଆ, ପାଟୁଳି, ନାଆମୀ ସରପଞ୍ଚଙ୍କ ସମେତ ପୂର୍ବତନ ସରପଞ୍ଚ ପ୍ରଶାନ୍ତ ସାହୁ, ବିଜୟ ଶଙ୍କର ମହାନ୍ତି, କଂଗ୍ରେସ ବ୍ଲକ ସଭାପତି ରଜନୀକାନ୍ତ ଚନ୍ଦ ସ୍ୱର୍ଗତ ଚନ୍ଦଙ୍କୁ ଅନ୍ତିମ ଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଥିଲେ । ପୂର୍ବତନ ମନ୍ତ୍ରୀ ନିରଞ୍ଜନ ପଟ୍ଟନାୟକ, ବିଜେପି ନେତା ବଦ୍ରୀନାରାୟଣ ଧଳ ଶୋକବାର୍ତ୍ତା ଦେଇ ଶୋକପ୍ରକାଶ କରିଥିଲେ । ମରଶରୀରକୁ ଗ୍ରାମ ଶ୍ମଶାନରେ ଅନ୍ତିମ ସଂସ୍କାର କରାଯାଇଥିଲା । ଏକମାତ୍ର ପୁତ୍ର ଇଂ ସତ୍ୟବ୍ରତ ଚନ୍ଦ ମୁଖାଗ୍ନି ଦେଇଥିଲେ । ସ୍ୱର୍ଗତ କାମପାଳବାବୁ କ୍ଷୁଦ୍ର ଜଳସମ୍ପଦ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ଭାବେ ୨୦୦୧ ମସିହାରେ ସେବା ନିବୃତ୍ତ ହୋଇ ଗ୍ରାମରେ ବସବାସ କରୁଥିଲେ । ସ୍ଥାନୀୟ ଅଞ୍ଚଳର ବିଭିନ୍ନ ସାମାଜିକ ଅନୁଷ୍ଠାନ ସହ ଜଡିତ ହୋଇ ସମାଜସେବାରେ ମନନିବେଶ କରିଥିଲେ । ତାଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ବ୍ୟାପକ ଶୋକ ପ୍ରକାଶ ପାଇଛି ।

# ଯାତ୍ରୀବାହୀ ବସ୍ ପଛକୁ ପିଟିଲା ହାଇୱା





ଭଣ୍ଡାରିପୋଖରୀ (ଭାସ୍କର ନ୍ୟୁଜ୍) : ଭଣ୍ଡାରିପୋଖରୀ ବ୍ଲକ ଅନ୍ତର୍ଗତ ୧୬ନଂ ଜାତୀୟ ରାଜପଥର ଧାମନଗରଛକରେ ସୋମବାର ପ୍ରତ୍ୟୁଷରେ ଯାତ୍ରୀବାହୀ ବସ ପଛକୁ ହାଇୱା ପିଟିଥିବା ଜଣାଯାଇଛି । ଓଡି ୧୪ ବି ୭୫୭୫ ନଂ ସ୍ୱର୍ଣ୍ଣଲତା ନାମକ ଯାତ୍ରୀବାହୀ ବସ ରାଉରକେଲାରୁ ଭଦ୍ରକ ଫେରୁଥିଲା । ଧାମନଗର ଛକରେ ବସ ଯାତ୍ରୀଙ୍କୁ ଓହ୍ଲାଉଥିବା ବେଳେ ପଛରୁ ଆସୁଥିବା ଓଡି ୨୨ ଏସ ୫୦୪୪ ନଂ ହାଇୱା ଧକ୍କା ଦେଇଥିଲା । ବସର ପଛପଟ କ୍ଷତିଗ୍ରସ୍ତ ହୋଇଥିଲା । ହେଲେ ଚାଳକ, ହେଲପର ସମତେ ସମସ୍ତ ଯାତ୍ରୀ ସୁରକ୍ଷିତ ଥିଲେ । ଯାତ୍ରୀମାନେ ଭିନ୍ନ ବ୍ୟବସ୍ଥାରେ ଗନ୍ତବ୍ୟସ୍ଥଳକୁ ଯାତ୍ରା କରିଥିଲେ । ଧାମନଗର ପୁଲିସ ପହଞ୍ଚି ତଦନ୍ତ କରିଥିଲା । ରିପୋର୍ଟ ପ୍ରସ୍ତୁତ ପର୍ଯ୍ୟନ୍ତ ଏଥିନେଇ ଥାନାରେ ଅଭିଯୋଗ ହୋଇନଥିବା ଜଣାଯାଇଛି ।

# ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି

ବନ୍ଧୁଗାଁ (ଭାସ୍କର ନ୍ୟୁଜ୍) : ବନ୍ଧୁଗାଁ ବ୍ଲକ ନିଲାବାଡି ପଞ୍ଚାୟତ କାର୍ଯ୍ୟାଳୟରେ ପଞ୍ଚାୟତ ସ୍ତରୀୟ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି । ସରପଞ୍ଚ ଯାଗାନା ୱାଟାକାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଅଭିଯୋଗ ଶୁଣାଣିରେ ନଡ଼ାଲ ଅଫିସର ଏଇ ସୌରଭ ନାୟକ ସଭାପତିତ୍ୱ କରିଥିଲେ । ଏଥିରେ ସିଡିପିଓ ଗୀତାଞ୍ଜଳୀ ମହାରଣା, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଚନ୍ଦନ କୁମାର ସ୍ୱାଇଁ, ସିଆରସିସି କେ ପ୍ରତାପ କୁମାର, କୃଷି ବିଭାଗ ସୁଶାନ୍ତ ବିଡିକା, ଏମ ଆଇ ଅରବିନ୍ଦ ମହାରଣା, ପ୍ରାଣୀ ବିଭାଗ ସୁସାଙ୍ଗିନି ଆରସଡା, ସ୍ୱାସ୍ଥ୍ୟ ବିଭାଗ ଏଏନମ, ଅଙ୍ଗନୱାଡ଼ି କର୍ମୀ ଓ ସମସ୍ତ ୱାର୍ଡ ମେମ୍ବର ଉପସ୍ଥିତ ଥିଲେ । କିନ୍ତୁ ଉଦ୍ୟାନ କୃଷି ଓ ମୃତ୍ତିକା ସଂରକ୍ଷଣ , ଜଙ୍ଗଲ ବିଭାଗ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଓ ରାଜସ୍ୱ ବିଭାଗ ଅଧିକାରୀ କିମ୍ବା କର୍ମକର୍ତ୍ତାଙ୍କ ଦେଖା ମିଳିନଥିଲା । ଉପସ୍ଥିତ ଥିବା ସମସ୍ତ ସରକାରୀ ଅଧିକାରୀ ନିଜସ୍ୱ ବିଭାଗର ଯୋଜନା ଓ କାର୍ଯ୍ୟକ୍ରମ ସମ୍ପର୍କରେ ଲୋକଙ୍କୁ ସଚେତନ କରିଥିଲେ । ଅଭିଯୋଗ ଶୁଣାଣିରେ ପଞ୍ଚାୟତରେ ପ୍ରାଣୀ ଚିକିତ୍ସା କର୍ମଚାରୀଙ୍କ ପାଇଁ ନୂତନ ଘର ଓ ଘୁମୁରା ଗାଁରେ ପିଇବା ପାଣି ସମସ୍ୟା ସମାଧାନ କରିବା ପାଇଁ ଅଭିଯୋଗ ହୋଇଥିଲା । ସ୍ଥାନୀୟ ପିଇଓ ପ୍ରବୀଣ କୁମାର ସାହୁକାର ସଭା ପରିଚାଳନା କରିଥିଲେ ।

# ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିରରେ ଅଭିଯୋଗକାରୀଙ୍କ ଅସନ୍ତୋଷ




କଣାସ (ଭାସ୍କର ନ୍ୟୁଜ୍) : ଆଜି କଣାସ ପଞ୍ଚାୟତ ସମିତି ସଭା ଗୃହରେ ପୁରୀ ଜିଲ୍ଲାପାଳଙ୍କ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ଜିଲ୍ଲାପାଳ ଯୋଗ ଦେଇନଥିବାରୁ ଅଭି ଯୋଗ କରୀମାନଙ୍କ ମଧ୍ୟରେ ତିବ୍ର ଅସନ୍ତୋଷ ଦେଖାଦେଇଛି । ପୂର୍ବ କାର୍ଯ୍ୟସୂଚି ଅନୁଯାୟୀ ସକାଳ ସାତଟାରେ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଥିଲା । ଏହି ଶିବିରରେ ଉପଜିଲ୍ଲାପାଳ ରାଜ କିଶୋର ଜେନା, ଅତିରିକ୍ତ ଜିଲ୍ଲାପାଳ ଶରତ ଚନ୍ଦ୍ର ବେହେରା, ଅଭିଯୋଗ ପ୍ରକୋଷ୍ଠ ଅଧିକାରୀ ଆଶୁତୋଷ ଦେ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସଚିନ ପଟେଲ, ବିଡିଓ ସୌମ୍ୟ ରଞ୍ଜନ ସ୍ୱାଇଁ, ଅତିରିକ୍ତ ତହସିଲଦାର ଉପେନ୍ଦ୍ର କୁମାର ସେଠୀ, କଣାସ ଥାନା ଅଧିକାରୀ ପ୍ରଦୀପ କୁମାର ଜୁଝାରସିଂହ, ଅତିରିକ୍ତ ବିଡିଓ ମଙ୍ଗଳ ସିଂହ ହେମ୍ବ୍ରମ, ପଞ୍ଚାୟତ ସମିତି ଉପାଧକ୍ଷ ଅଭିମନ୍ୟୁ ଜୟସିଂହ ଓ ସମସ୍ତ ଜିଲ୍ଲା ଅଧିକାରୀମାନେ ଉପସ୍ଥିତ ରହିଥିଲେ । ୯୦ଟି ଅଭିଯୋଗ ଦାଖଲ କରାଯାଇଥିଲା ନୂତନ ଭାବେ ରାସନ କାର୍ଡ ପାଇବା ପାଇଁ ଅଧିକ ଅଭିଯୋଗ ଦାଖଲ କରାଯାଇଥିବାବେଳେ ବନ ବିଭାଗ ପକ୍ଷରୁ ଗଛ ଲଗା ନଯାଇ ଲକ୍ଷ ଲକ୍ଷ ଟଙ୍କା ଆତ୍ମସାତ କରାଯାଇଥିବା ଅଭିଯୋଗ ହୋଇଥିବାବେଳେ ଧାନମଣ୍ଡ ଖୋଲାଯାଇ ନଥିବାରୁ ଚାଷୀମାନେ ଶାଗମାଛ ଦରରେ ଦଲାଲଙ୍କ ମାଧ୍ୟମରେ ଆନ୍ଧ୍ର ବେପାରୀଙ୍କୁ ବିକ୍ରି କରୁଥିବା ଅନେକ ଅଭିଯୋଗ ଦାଖଲ ହୋଇଥିଲା । ଆଡି ନଦୀରୁ ପଙ୍କ ଉଦ୍ଧାର ଏବଂ ସ୍ଲୁଇସି ଗେଟ ନିର୍ମାଣ କରିବା ପାଇଁ ଅଭିଯୋଗ ହେବା ସହିତ ଭତ୍ତାରୁ ବଞ୍ଚିତ ହୋଇଥିବା କେତେକ ବ୍ୟକ୍ତି ମଧ୍ୟ ଅଭିଯୋଗ କରିଥିଲେ ।

# କଣ୍ଡକ୍ଟର ଓ ହେଲ୍‌ପରଙ୍କ ଆକ୍ରମଣରେ ସ୍ୱାମୀ-ସ୍ତ୍ରୀ-ପୁଅ ଆହତ

ବଡଚଣା (ଭାସ୍କର ନ୍ୟୁଜ୍) : ଚଣ୍ଡିଖୋଲ ରୁ ଭଦ୍ରକ ଯାଉଥିବା ଏକ ଘରୋଇ ବସ୍‌ର କଣ୍ଡକ୍ଟର ଓ ହେଲ୍ପର୍ ଆକ୍ରମଣରେ ସ୍ୱାମୀ ସ୍ତ୍ରୀ ପୁଅ ଆହତ ହେବାକୁ ନେଇ ଚଣ୍ଡିଖୋଲ ଫାଣ୍ଡି ରେ ଅଭିଯୋଗ ହୋଇଛି । ସୂଚନା ଅନୁସାରେ ଚଣ୍ଡିଖୋଲ ରୁ ଭଦ୍ରକ ଯିବ ପାଇଁ ଚଣ୍ଡିଖୋଲ ବସ୍ ଷ୍ଟାଣ୍ଡ ରେ ଅପେକ୍ଷା କରି ଥିବା ଭଦ୍ରକ ଅଂଚଳର ସାଜେଦା ପର୍ବିନ, ସ୍ୱାମୀ ସେକ ଯହିମ୍ ଓ ୩ବର୍ଷର ପୁଅ ଏହି ସମୟରେ ଏକ ଘରୋଇ ବସ,ଓ.ଡି. ୨୨ଆ.୧୯୮୭ବସ୍ ର କଣ୍ଡକ୍ଟର ଓ ହେଲପର ସେମାନଙ୍କୁ ନେବାକୁ କହିଥିଲେ । ମାତ୍ର ବସ୍ ରେ ସିଟ୍ ଖାଲି ନ ଥିବାରୁ ସେମାନେ ଯିବାକୁ ଅମଙ୍ଗ ହୋଇଥିଲେ । ମାତ୍ର କଣ୍ଡକ୍ଟର ସେମାନଙ୍କୁ ସିଟ୍ ଦେବାକୁ କହି ବସ ରେ ନେଇଥିଲେ । ଦୀର୍ଘ ଯାତ୍ରା ପାଇଁ ସେମାନେ କଣ୍ଡକ୍ଟର କୁ କହିବାରୁ କଣ୍ଡକ୍ଟର, ହେଲପର୍ ଓ ଅନ୍ୟଜଣେ ଲୋକ ମିଶି ସେମାନଙ୍କୁ ଧକ୍କା ଦେଇ ବସ୍ ରୁ ବାହାର କରିବା ସହିତ ଆକ୍ରମଣ କରି ସ୍ୱାମୀ ସେକ ଜହିମ୍ ଙ୍କ ମୁହଁ ଓ ଆଖିପତା କୁ ଆଘାତ କରିବା ସହିତ ୩ବର୍ଷର ଛୋଟ ପୁଅ ର ମୁଣ୍ଡ କୁ ବାଡେଇ ଥିଲେ ଫଳରେ ଛୁଆଟିର ମୁଣ୍ଡ ଫାଟି ଯାଇଥିଲା । ସ୍ତ୍ରୀ ସାଜେଦା ଏହାର ପ୍ରତିବାଦ କରିବାରୁ ତାଙ୍କୁ ଆକ୍ରମଣ କରିବା ସହିତ ତାଙ୍କର ପୋଷାକ ଟଣା ଓଟରା କରିଥିଲେ । ବସ ଟି ତାଙ୍କୁ ଚଣ୍ଡିଖୋଲ ଛକ ଠାରୁ ଅଳ୍ପ ଦୂରରେ ଥିବା ଏକ ସ୍ଥାନରେ ବସ୍ ରୁ ଧକ୍କା ଦେଇ ବାହାର କରି ଦେଇଥିଲା । ସମ୍ପର୍କରେ ସ୍ୱାମୀ ସ୍ତ୍ରୀ ନିକଟସ୍ଥ ଚଣ୍ଡିଖୋଲ ଛକ ଫାଣ୍ଡିରେ ଅଭିଯୋଗ କରିଥିଲେ ।ଚଣ୍ଡିଖୋଲ ଫାଣ୍ଡି ଅଧିକାରୀ ଘଟଣାର ଅନୁଧ୍ୟାନ କରିବା ସହିତ ତଦନ୍ତ ଜାରି ରଖିଛନ୍ତି।

# ଆଦର୍ଶ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ବାଙ୍କୀ (ଭାସ୍କର ନ୍ୟୁଜ୍) : କଟକ ଜିଲ୍ଲାର ବାଙ୍କୀ ଏନ.ଏ.ସି ଅନ୍ତର୍ଗତ ଚର୍ଚ୍ଚିକା ସରକାରୀ ଉଚ୍ଚ ବିଦ୍ୟାଳୟରେ ହିମାଂଶୁ ମହାପାତ୍ରଙ୍କ ସଭାପତିତ୍ୱ ଓ ପ୍ରକୃତି ବନ୍ଧୁ ଆଦର୍ଶ ଶିକ୍ଷକ ବଳରାମ ପାଇକରାୟଙ୍କ ପରିଚାଳନାରେ ଏକ ଅବସରକାଳୀନ ସେବା ନିବୃତ୍ତ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି । ଦୀର୍ଘଦିନ ଧରି ଛାତ୍ରଛାତ୍ରୀ ମାନଙ୍କୁ ଶିକ୍ଷାଦାନ କରି ବେଶ୍ ସୁନାମ ଅର୍ଜନ କରିଥିବା ଆଦର୍ଶ ଶିକ୍ଷକ ରତ୍ନାକର ବେହେରାଙ୍କର ବୟସ ୬୦ବର୍ଷ ପୂରଣ ହୋଇଥିବାରୁ ତାଙ୍କୁ ସରକାରଙ୍କ ନିୟମ ଅନୁସାରେ ଅବସର ଗ୍ରହଣ କରିବାକୁ ପଡିଛି । ସେ ଜଣେ ମେଳାପୀ, ବନ୍ଧୁପ୍ରୀୟ, ସମୟାନୁବର୍ତ୍ତି, ସ୍ନେହୀ, ଛାତ୍ରବତ୍ସଳ ଆଦର୍ଶ ଶିକ୍ଷକ ଥିଲେ । ଏହିପରି ଶିକ୍ଷକଙ୍କର ସ୍ଥାନ ଏହି ବିଦ୍ୟାଳୟରେ ଅପରଣୀୟ ହୋଇ ରହିବ ସମସ୍ତେ ନିଜ ନିଜର ବକ୍ତବ୍ୟରେ ଉପସ୍ଥାପନ କରିଥିଲେ । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଡମପଡା ବି.ଇ.ଓ କାମରାଜ ସାହୁ, ସମ୍ମାନିତ ଅତିଥି ଭାବେ ବି.ଆର.ସି.ସି. ପ୍ରଫୁଲ୍ଲ କୁମାର ବେହେରା, ବରିଷ୍ଠ ପ୍ରଧାନଶିକ୍ଷକ କାର୍ତ୍ତିକ ବେହେରା, କାଉନସିଲର ମନୋରମା ବେହେରା, ପରିଚାଳନା କମିଟିର ସଭ୍ୟା ଯାଜ୍ଞସେନୀ ମିଶ୍ର ଯୋଗଦାନ କରିଥିଲେ । ଅତିଥିମାନଙ୍କ ଦ୍ୱାରା ଉତ୍ତରୀୟ, ପୁଷ୍ପଗୁଚ୍ଛ, ମାନପତ୍ର ଓ ଅନ୍ୟାନ୍ୟ ଉପହାର ପ୍ରଦାନ କରାଯାଇଥିଲା । ଶେଷରେ ଶିକ୍ଷକ ସଞ୍ଜୟ କୁମାର ପତି ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଶିକ୍ଷକ ଅନନ୍ତ ଚରଣ ଆଚାର୍ଯ୍ୟ, ବିଜୟ କୁମାର ପଟ୍ଟନାୟକ, ରାଜେନ୍ଦ୍ର କୁମାର ମଙ୍ଗୁଆଲ, ଶିକ୍ଷୟିତ୍ରୀ ଦିପ୍ତିମୟୀ ଭଞ୍ଜ, ନିର୍ମଳା ନନ୍ଦ, ସୁଜାତା ପଟ୍ଟନାୟକ, ଅମୂଲ୍ୟବାଳା ପଟ୍ଟନାୟକ, କୌଶଲ୍ୟା ଦେଇ, ମିନା କୁମାରୀ ଜେମା, ସରିତା ସାହୁ, ଗୀତାଞ୍ଜଳି ବେହେରା, ସନ୍ଧ୍ୟାରାଣୀ ବେହେରା, ମଧୁସ୍ମିତା ସାହୁ, ସ୍ୱାତୀ ସ୍ୱାଗତିକା, ପ୍ରଭାତୀ ସାହୁ, ସସ୍ମିତା ବେହେରା, ସୁଚରିତା ପାଢ଼ୀ, ମୋନାଲିସା ନାୟକ, ସ୍ୱେତାଲିନା ସାମଲ, ପ୍ରିୟଦର୍ଶନୀ ମହାରଣା ପ୍ରମୁଖ ସହଯୋଗ କରିଥିଲେ ।

# ୧୫ ବର୍ଷ ବିତିଲା ହୋଇପାରିଲାନି ରାସ୍ତାକାମ

## ଜିଲ୍ଲାପାଳଙ୍କୁ ଭେଟିଲେ ଗ୍ରାମବାସୀ

ମାଲକାନଗିର (ଭାସ୍କର ନ୍ୟୁଜ୍) : କେନ୍ଦ୍ର ଓ ରାଜ୍ୟ ସରକାର ପ୍ରତି ଜିଲ୍ଲା ଓ ଗାଁର ବିକାଶ ପାଇଁ ବିଭିନ୍ନ ଯୋଜନା କରି ଆସୁଥିଲେ ସୁଦ୍ଧା ବର୍ତ୍ତମାନ ସୁଦ୍ଧା ୫୦ ପ୍ରତିଶତ ବିକାଶ ହୋଇପାରିନାହିଁ । ପ୍ରତ୍ୟେକ ଜିଲ୍ଲାରେ କିଛି ନା କିଛି ଅସୁବିଧା ଦେଖିବାକୁ ମିଳୁଛି । କେଉଁଠି ପାଣି ସମସ୍ୟା ତ ଆଉ କେଉଁଠାରେ ରାସ୍ତା ସମସ୍ୟା । କେଉଁଠି ଚିକିତ୍ସା ସମସ୍ୟା ତ ଅନ୍ୟ କେଉଁଠି ଶିକ୍ଷା ସମସ୍ୟା । ଏପରି ଏକ ସମସ୍ୟା ନେଇ ବାରମ୍ବାର ପ୍ରଶାସନର ଦ୍ୱାରସ୍ଥ ହେବା ସତ୍ତ୍ୱେ ସୁଫଳ ମିଳିପାରି ନଥିବା ମାଲକାନଗିରି ସଦର ବ୍ଲକ୍ ତମସା ପଞ୍ଚାୟତ ବଇଲାପାରି ଗ୍ରାମ ସହ ୬ଟି ଗ୍ରାମବାସୀ କହିଛନ୍ତି । ବଇଲାପାରି ଗ୍ରାମ ଠାରୁ ଏମ୍‌ଭି ୯ ଗ୍ରାମକୁ ୩ କି.ମି. ରାସ୍ତା । ଏହି ରାସ୍ତା ଦେଇ କେବଳ ବଇଲାପାରି ଗ୍ରାମ ନୁହେଁ ଏହା ସହ ଆଖପାଖର ପେଦାବାଡ଼ା, ଏମ୍‌ଭି ୪୮, ଟେକଗୁଡ଼ା, ତୁମୁସାପାଲ୍ଲୀ, ସାମ୍ବାୟାଗୁଡା ଓ ରାଉଳିଗୁଡ଼ା ଗ୍ରାମବାସୀ ଏହି ରାସ୍ତା ଉପରେ ନିର୍ଭର କରି ଯାତାୟାତ କରୁଛନ୍ତି । ଏହି ୩ କି.ମି. ରାସ୍ତା ଆଜକୁ ପ୍ରାୟ ୧୫ ବର୍ଷ ହେଲା ନଷ୍ଟହୋଇ ଖାଲଖମାରେ ଭର୍ତ୍ତି ହୋଇଯାଇଛି । ଯାହାଫଳରେ ଯାନବାହନ ଯିବା ଆସିବା ଦୂରର କଥା ଚାଲି ଚାଲି ଯିବା ମଧ୍ୟ କଷ୍ଟକର ହୋଇପଡ଼ିଛି । ବର୍ଷାଋତୁରେ ଏହି ରାସ୍ତା କାଦୁଅରେ ଭର୍ତ୍ତି ହୋଇ ଯାଉଥିବାରୁ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଜରୁରିକାଳୀନ ପରିସ୍ଥିତିରେ ଆମ୍ବୁଲାନ୍ସ ଏହି ରାସ୍ତା ଦେଇ ଆସିବା ପାଇଁ ଇଚ୍ଛା କରୁନାହିଁ । ଫଳରେ ବାଧହୋଇ ଏହି ଗ୍ରାମଗୁଡିକର ରୋଗୀମାନଙ୍କୁ ଏମ୍‌ଭି ୯ ଗ୍ରାମ ପର୍ଯ୍ୟନ୍ତ ୩ କି.ମି. ଚଲାଇ ଆଣିବାକୁ ପଡୁଛି । ଏଥିସହ ଏହି ୭ ଗ୍ରାମର ଛାତ୍ରାଛାତ୍ରମାନେ ଏମ୍.ଭି. ୯ ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ବେଳେ ବର୍ଷାଋତୁରେ ରାସ୍ତା କାଦୁଅରେ ଭର୍ତ୍ତି ହୋଇଯାଉଥିବାରୁ ବିଦ୍ୟାଳୟକୁ ଯିବା କଷ୍ଟକର ହୋଇପଡୁଛି । ଏ ସମ୍ପର୍କରେ ଜିଲ୍ଲାପାଳ ଓ ବିଡିଓଙ୍କୁ ଲିଖିତ ଭାବେ ଜଣାଇଥିଲେ । ଜିଲ୍ଲା ପରିଷଦ ନିର୍ବାହୀ ଅଧିକାରୀଙ୍କୁ ମଧ୍ୟ ଜଣାଇଥିଲା । ନିର୍ବାହୀ ଅଧିକାରୀ ଏହି ଗ୍ରାମକୁ ଆସି ରାସ୍ତାର ପରିସ୍ଥିତି ଦେଖିଥିଲେ । ତୁରନ୍ତ ମରାମତି କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । କିନ୍ତୁ ବହୁଦିନ ବିତିଗଲା ପରେ କୌଣସି ପ୍ରଶାସନିକ ଅଧିକାରୀ କିମ୍ବା ରାଜନେତାଙ୍କ ପାଦ ପଡୁନାହିଁ ଓ ଆଜକୁ ୧୫ବର୍ଷ ବିତି ଯାଇଥିଲେ ସୁଦ୍ଧା କେହି ଏହି ସମସ୍ୟା ବୁଝୁନାହାନ୍ତି । ତୁରନ୍ତ ଏହି ରାସ୍ତା ନିର୍ମାଣ କରିବା ଦିଗରେ ପଦକ୍ଷେପ ନେବାକୁ ୱାର୍ଡମେମ୍ବର କସା ମାଡକାମି, ଗଙ୍ଗା ମାଡକାମି, ବୋଇଲାପାରି ଗ୍ରାମର ଗଣେଶ କୁମାର ମାଡି, ଭୀମ ମାଡକାମି ଓ ବିଜୟ କୁମାର ପଡିଆମି ପ୍ରମୁଖ ଜିଲ୍ଲାପାଳଙ୍କୁ ଲିଖିତ ଭାବେ ଜଣାଇଛନ୍ତି । ବର୍ଷାଋତୁ ପୂର୍ବରୁ କାମ ସମ୍ପୂର୍ଣ୍ଣ ନହେଲେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ରାସ୍ତା ଅବରୋଧ କରିବେ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି ।


# ଆସିକା ବିଜ୍ଞାନ ମହାବିଦ୍ୟାଳୟର ନୂତନ ଅଧ୍ୟକ୍ଷ




ଆସିକା (ଭାସ୍କର ନ୍ୟୁଜ୍) : ଆସିକା ବିଜ୍ଞାନ ମହାବିଦ୍ୟାଳୟର ରସାୟନ ବିଭାଗ ମୁଖ୍ୟ ଏବଂ ଶୈକ୍ଷିକ ଅଧିକାରୀ ଡ.ସନ୍ତୋଷ କୁମାର ଚୌଧୁରୀ ମହାବିଦ୍ୟାଳୟରେ ଆଜି ନୂତନ ଅଧକ୍ଷ ରୂପେ ଦାଇତ୍ୱ ଗ୍ରହଣ କରିଛନ୍ତି । ସେ ନିଜର ଚାକିରିଜୀବନ ଗଞ୍ଜାମ ମହାବିଦ୍ୟାଳୟ, ଗଞ୍ଜାମରୁ ପ୍ରଥମେ ଆରମ୍ଭ କରିଥିଲେ । ଏନ୍.ବି.ସି. ମହାବିଦ୍ୟାଳୟ, କେନ୍ଦୁପଦର, ମହିଳା ମହାବିଦ୍ୟାଳୟ, ବ୍ରହ୍ମପୁର ମଧ ସେ ଅଧ୍ୟାପନା କାର୍ଯ୍ୟ ତୁଲାଇଛନ୍ତି । ସେ ନିଜର ଡକ୍ଟରେଟ୍ ଡିଗ୍ରୀ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରୁ ହାସଲ କରିଛନ୍ତି । ୧୯୮୮ ଠାରୁ ଅଦ୍ୟାବଧି ଡ. ଚୌଧୁରୀଙ୍କ ନିରଙ୍କୁଶ ଅଧ୍ୟାପନା ଜୀବନ ସ୍ୱଚ୍ଛତା, କାର୍ଯ୍ୟ କୁଶଳତାରେ ଦକ୍ଷତା, ସମାୟାନୁବର୍ତ୍ତିତା, ନିୟମିତତା, ଛାତ୍ରବତ୍ସଳତା, ମିଷ୍ଟଭାଷୀ ରୂପେ ଲବ୍ଧ ପ୍ରତିଷ୍ଠିତ ହୋଇ ପାରିଛନ୍ତି । ସେ ମହାବିଦ୍ୟାଳୟର ଯେ କୌଣସି ବିକାଶୋନ୍ମୁଖୀ କାର୍ଯ୍ୟଧାରାରେ ନିଜକୁ ନିୟୋଜିତ କରିବା ପାଇଁ ସେ ସମସ୍ତଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି । ଦକ୍ଷିଣ ଓଡ଼ିଶାର ସୁନାମଧନ୍ୟ ଏବଂ ଲବ୍ଧ ପ୍ରତିଷ୍ଠିତ ଆସିକା ବିଜ୍ଞାନ ମହାବିଦ୍ୟାଳୟର ନୂତନ ଅଧକ୍ଷ ରୂପେ ଦାଇତ୍ୱ ନେଇଥିବା ଯୋଗୁଁ କଲେଜର ସମସ୍ତ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ, ବନ୍ଧୁବାନ୍ଧବ, ଅଭିଭାବକ ଏବଂ ଆସିକା ସହରବାସୀଙ୍କ ମହଲରୁ ଶୁଭେଚ୍ଛାର ବାର୍ତ୍ତା ଛୁଟିବାରେ ଲାଗିଛି ।

# ରାଶିଫଳ

ମଙ୍ଗଳବାର, ୦୩ ଜୁନ୍ ୨୦୨୫



**ମେଷ:** ଆଜି କୈଣସି ପ୍ରକାରର ନୂତନ କାର୍ଯ୍ୟ ଆରମ୍ଭ କରନ୍ତୁ ନାହିଁ । ଆପଣଙ୍କ ସ୍ୱାସ୍ଥ୍ୟ ଖରାପ ହୋଇପାରେ । ଖାଦ୍ୟ ଏବଂ ପାନୀୟରେ ବିଶେଷ ଯତ୍ନ ନେବା ଲାଭଦାୟକ ଅଟେ । ଆପଣ ଶାରୀରିକ ଥକ୍କା ଏବଂ ମାନସିକ ବିଭ୍ରାଟ ଅନୁଭବ କରିବେ । ଅଫିସରେ କାର୍ଯ୍ୟଭାର ହେତୁ ଆପଣ ଅଧିକ ଥକ୍କା ଅନୁଭବ କରିବେ ।




**ବୃଷ:** ଆଜି ଆପଣ ଅସୁସ୍ଥତା ଏବଂ ଚିନ୍ତା ଅନୁଭବ କରିବେ । ଶରୀରରେ ଥକାପଣ ଏବଂ ଅଳସୁଆତା ଏବଂ ମନରେ ବ୍ୟାକୁଳତା ଅନୁଭବ ହେବ । ଆଜି ଆପଣ ଟିକେ କ୍ରୋଧିତ ହେବେ ଯାହା ହେତୁ ଜିନିଷ ନଷ୍ଟ ହୋଇପାରେ । ଅଭ୍ୟାସରେ ନ୍ୟାୟ ଆଣିବାକୁ ଚେଷ୍ଟା କରନ୍ତୁ ।



**ମିଥୁନ:** ଘରେ ଶାନ୍ତି ଏବଂ ଆନନ୍ଦର ପରିବେଶ ରହିବ ଏବଂ ଏକ ସୁଖଦ ସମ୍ପର୍କ ଗଢି ଉଠିବ । ଆପଣ ଯାହା ବି କରନ୍ତି ସେଥିରେ ଆପଣ ଖ୍ୟାତି ଅର୍ଜନ କରିବେ । ପରିବାର ସଦସ୍ୟଙ୍କ ସହିତ ଘରେ ସମୟ ବିତାଇବେ । ଚାକିରିରେ ଲୋକଙ୍କୁ ଉପକୃତ କରିବେ ।




**କର୍କଟ:** ଆଜି ଆପଣଙ୍କର ଦିନ ଆନନ୍ଦ ଏବଂ ଭୋଗରେ ଅତିବାହିତ ହେବ । ବିପରୀତ ଲିଙ୍ଗର ଲୋକଙ୍କୁ ଭେଟିବେ । ବନ୍ଧୁ ଏବଂ ପ୍ରିୟଜନଙ୍କ ସହିତ ଏକ ଉପଭୋଗ୍ୟ ରହଣି ହୋଇପାରେ । ଯାନ ଆନନ୍ଦ ପାଇବେ । ନୂତନ ପୋଷାକ କିଣିଲେ ଏବଂ ଏହାକୁ ପିନ୍ଧିବାର ସୁଯୋଗ ପାଇବେ ।



**ସିଂହ:** ଆପଣଙ୍କ ଦିନ ଶୁଭ ହେବ । ଭାଇମାନଙ୍କ ସହିତ ଭଲ ସମ୍ପର୍କ ରହିବ ଏବଂ ଘର ସେମାନଙ୍କ ସହିତ ପ୍ରଶ୍ନ ଉପରେ ଆଲୋଚନା କରିବେ । ଏକ ଛୋଟ ଧାର୍ମିକ ସ୍ଥାନ ପରିଦର୍ଶନ କରିବା ଏକ ସଫଳ କାର୍ଯ୍ୟକ୍ରମ ହେବ । ଧନ ଲାଭର ସମ୍ଭାବନା । ବିଦେଶରୁ ଭଲ ଖବର ଆସିବ । ବ୍ୟବହାରିକ ପ୍ରସଙ୍ଗ ହେତୁ ଯାତ୍ରା କରିପାରିବ ।




**କନ୍ୟା:** ଆଜି ଆପଣ ଅଧିକ କଳ୍ପନାକାରୀ ହେବେ । ସାହିତ୍ୟର ସୃଷ୍ଟି କବିତା ସୃଷ୍ଟିର ପ୍ରେରଣା ହେବ । ପ୍ରିୟଙ୍କ ସହିତ ସାକ୍ଷାତ ଶୁଭ ହେବ, ଫଳସ୍ୱରୂପ ଦିନସାରା ମନ ଖୁସି ରହିବ । ଆପଣ ପିଲାମାନଙ୍କର ଅଗ୍ରଗତି ବିଷୟରେ ଖବର ପାଇବେ । ଛାତ୍ରମାନେ ଅଭ୍ୟାସ କରିବା ପାଇଁ ଏହା ଏକ ଭଲ ସମୟ ।



**ତୁଳା:** ଆଜି ଆପଣଙ୍କ ପାଇଁ ଭଲ ଦିନ ନୁହେଁ । ଶାରୀରିକ ଏବଂ ମାନସିକ ସ୍ୱାସ୍ଥ୍ୟ ଭଲ ହେବ ନାହିଁ । ଅନେକ ସମସ୍ୟା ହେତୁ ମନ ବିବ୍ରତ ରହିବ । ଶକ୍ତିର ଅଭାବ ରହିବ । ସମ୍ପର୍କୀୟମାନଙ୍କ ସହିତ ମତଭେଦ ହେବ । ମାଆର ସ୍ୱାସ୍ଥ୍ୟ ବିଷୟରେ ଚିନ୍ତା କରିବେ ।



**ବିଛା:** ଆଜି ସାଧାରଣ ଲାଭର ଦିନ । ଅଯଥା ଖର୍ଚ୍ଚ ବନ୍ଦ କରିବାକୁ ପଡିବ । ବିଶେଷ ଧ୍ୟାନ ଦିଅନ୍ତୁ ଯେ ପରିବାରରେ ଝଗଡ଼ା ନହୁଏ । ପରିବାରର ସଦସ୍ୟଙ୍କ ମଧ୍ୟରେ ଥିବା ଭୁଲ ବୁଝାମଣାକୁ ଦୂରେଇ ରଖନ୍ତୁ । ଶାରୀରିକ ସମସ୍ୟା ମନରେ ଚିନ୍ତା ଆଣିବ । ଏକ ନକାରାତ୍ମକ ମାନସିକତା ରଖନ୍ତୁ ନାହିଁ । ଅନୈତିକ ପ୍ରବୃତ୍ତିଠାରୁ ଦୂରରେ ରୁହନ୍ତୁ । ଛାତ୍ରମାନଙ୍କ ଶିକ୍ଷଣରେ ବାଧା ଉପୁଜିବ ।



**ଧନୁ:** ଆଜି ଆପଣ ସତର୍କ ରହିବାକୁ ସୂଚନା ଆସିଛି । ଆଜି, ବ୍ୟବସାୟିକ କାର୍ଯ୍ୟରେ ସହଯୋଗୀ ହସ୍ତକ୍ଷେପ ବୃଦ୍ଧି ପାଇବ । ଖର୍ଚ୍ଚ ସାଧାରଣ ଅପେକ୍ଷା ଅଧିକ ହେବ । ଧାର୍ମିକ, ସାମାଜିକ କାର୍ଯ୍ୟରେ ଯୋଗଦାନ ବୃଦ୍ଧି ପାଇବ ଏବଂ ଖର୍ଚ୍ଚ ମଧ୍ୟ ହୋଇପାରେ । ସ୍ୱାସ୍ଥ୍ୟ ବିଷୟରେ ଚିନ୍ତା ହେବ । ପୁଅ ଏବଂ ସମ୍ପର୍କୀୟଙ୍କ ମଧ୍ୟରେ ପାର୍ଥକ୍ୟ ହୋଇପାରେ ।




**ମକର:** ଆପଣ ଶାରୀରିକ ଏବଂ ମାନସିକ ସ୍ୱାସ୍ଥ୍ୟର ଯତ୍ନ ନିଅନ୍ତୁ । ଆଜି ଆପଣ ନିର୍ଦ୍ଦିଷ୍ଟ କାର୍ଯ୍ୟ କରିବାକୁ ସକ୍ଷମ ହେବେ । ଆର୍ଥିକ ଲାଭ ହାସଲ ହେବ । ସ୍ଥାନାନ୍ତରଣର ସମ୍ଭାବନା, ବିଶେଷକରି ଧାର୍ମିକ ଯାତ୍ରା ସମ୍ଭାବନା ଅଛି । ସମ୍ପର୍କୀୟଙ୍କ ଘରେ ଏକ ମଙ୍ଗଳ ପ୍ରସଙ୍ଗରେ ଉପସ୍ଥିତ ହେବାର ଏକ ସୁଯୋଗ ଥାଇପାରେ । ଆପଣ ବିବାହିତ ଜୀବନର ସୁଖ ଏବଂ ଆନନ୍ଦ ପାଇବେ ।



**କୁମ୍ଭ:** ଆଜି ଆପଣଙ୍କ ଦିନ ବହୁତ ଶୁଭ ହେବ । ଆପଣ ସଫଳତା ଏବଂ ଉଚ୍ଚ ପଦାଧିକାରୀଙ୍କ ଇଚ୍ଛା ହେତୁ ଆଜି ଆପଣଙ୍କ ପାଇଁ ଖୁସିର ଦିନ ହେବ । ବ୍ୟବସାୟୀମାନେ ବ୍ୟବସାୟରେ ଅଭିବୃଦ୍ଧି ଏବଂ ସଫଳତା ପାଇବେ । ପିତା ଏବଂ ବରିଷ୍ଠମାନେ ଉପକୃତ ହେବେ । ଲକ୍ଷ୍ମୀଦେବୀଙ୍କ ଆଶୀର୍ବାଦ ରହିବ । ପରିବାରରେ ଖୁସିର ପରିବେଶ ରହିବ ।



**ମୀନ:** ଆପଣ ନୂତନ କାର୍ଯ୍ୟ ଆୟୋଜନ ଆରମ୍ଭ କରିବା ପାଇଁ ଆଜି ଶୁଭ ଦିନ । ଚାକିରୀ ଏବଂ ବ୍ୟବସାୟରେ ଲାଭ ହେବାର ସମ୍ଭାବନା ଅଛି । ଆପଣ ମହିଳା ସାଙ୍ଗମାନଙ୍କଠାରୁ କାମ ପାଇପାରିବେ । ଲକ୍ଷ୍ମୀ ଦେବୀଙ୍କ ଆଶୀର୍ବାଦ ଆଜି ଆପଣଙ୍କ ଉପରେ ଅଛି । ସାମାଜିକ କ୍ଷେତ୍ରରେ ଆପଣଙ୍କର ଖ୍ୟାତି ବୃଦ୍ଧି ପାଇବ । ପତ୍ନୀ ଏବଂ ପୁଅଙ୍କଠାରୁ ଆନନ୍ଦଙ୍କ ଖବର ଆସିବ ।



ଜ୍ୟୋତିଷ ଗୁରୁ
ଜ୍ୟୋର୍ତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯



ଜଳେଶ୍ୱର,(ଭାସ୍କର ନ୍ୟୁଜ): ଜଳେଶ୍ୱର ବ୍ଲକ ଅନ୍ତର୍ଗତ କୋଟସାହି ଗ୍ରାମ ପଞ୍ଚାୟତ ସ୍ଥିତ କୋଟସାହି ସ୍କୁଲ ପଡ଼ିଆରେ ରବିବାର ଅପରାହ୍ନ ୩ ଘଟିକା ସମୟରେ ଭାରତ ସରକାରଙ୍କ ବିକଶିତ କୃଷି ସଂକଳ୍ପ ଅଭିଯାନର ସଚେତନତା ଶିବିର ଅନୁଷ୍ଠିତ ହୋଇ ଯାଇଛି।କୃଷି ବିଜ୍ଞାନ କେନ୍ଦ୍ର ବାଲିଆପାଳ ସହଯୋଗରେ କୃଷି ବୈଜ୍ଞାନିକ ମାନଙ୍କ ଦ୍ୱାରା ନୂତନ ଜ୍ଞାନ କୌଶଳର କୃଷି କ୍ଷେତ୍ରରେ ଉପଯୋଗ କରି କୃଷିର ଉନ୍ନତି ଆଣିବାରେ ଉକ୍ତ ଶିବିରର ମୁଖ୍ୟ ଉଦ୍ଦେଶ।କୃଷି କ୍ଷେତ୍ରରେ ଉପଯୋଗ ହେଉଥିବା ସମୟ ଉପଯୋଗୀ ନୂତନ ଜ୍ଞାନ କୌଶଳ ମାଧ୍ୟମର ସଚେତନତା ସୃଷ୍ଟି କରିବା ଉଦ୍ଦେଶରେ ଗ୍ରାମ ପଞ୍ଚାୟତର ୨୫୦ ରୁ ଉର୍ଦ୍ଧ୍ୱ ଚାଷୀଙ୍କୁ ନେଇ ଉକ୍ତ ସଚେତନତା ଶିବିରରେ ଆଲୋଚନା ହୋଇଥିଲା।ଉକ୍ତ କାର୍ଯ୍ୟକ୍ରମରେ ବାଲିଆପାଳ କୃଷି ବୈଜ୍ଞାନ କେନ୍ଦ୍ରର ବରିଷ୍ଠ କୃଷି ବୈଜ୍ଞାନିକ ଡକ୍ଟର ଓମପ୍ରକାଶ ବର୍ମା, ଡକ୍ଟର ସ୍ୱାଗତିକା ସାହୁ, ବାଲେଶ୍ୱର ମୃତିକା ସଂରକ୍ଷଣ ବିଭାଗର ଅଧିକାରୀ ସୌମ୍ୟଚ ବେହେରା, ବୈଷୟକ କୃଷି ସହ ପରିଚାଳକ ରାଜକିଶୋର ଦାସ, ଏଓ ଗୋବିନ୍ଦ ମାଝୀ, ଗ୍ରାମ୍ୟ କୃଷି କର୍ମଚାରୀ ସେକ ଅବଦୁଲ ରାଜନ, ଶ୍ରୀମନ୍ତ କିସ୍କୁ ଓ ରତିକାନ୍ତ ମହାନ୍ତି, କୃଷକସାଥି ନୃସିଂହ ପରିଡ଼ାଙ୍କ ସହ ଅନ୍ୟ ବିଭାଗର ଅଧିକାରୀମାନେ ଉପସ୍ଥିତ ରହି କୃଷିର ନୂତନ ଜ୍ଞାନ କୌଶଳ ବିଷୟରେ ଚାଷୀଙ୍କ ସହ ଆଲୋଚନା କରିବା ସହିତ ସଚେତନ କରିଥିଲେ।ଉପସ୍ଥିତ ଚାଷୀଙ୍କ ମଧ୍ୟରୁ ସୁଶାନ୍ତ କୁମାର ସେଠୀ, ଗଙ୍ଗା ନାରାୟଣ ଦାସ ମହାପାତ୍ର ଓ ଅନ୍ୟ କେତେଜଣ ଚାଷୀ ଗ୍ରାମ ପଞ୍ଚାୟତରେ ଅଭାବୀ ବିକ୍ରି ପାଇଁ ଶୀତଳ ଭଣ୍ଡାର ଆବଶ୍ୟକ ଥିବା ବେଳେ ରାସାୟନିକ ସାର ବ୍ୟବହାର ପାଇଁ ଚାଷ ଜମି ନଷ୍ଟ ହେଉ ଥିବାରୁ ଜୈବିକ ସାର ଯୋଗାଇ ଦେବାକୁ ଅନୁରୋଧ କରିଥିଲେ।



# ଫେରିବାଲା ବେଶରେ ଗଞ୍ଜେଇ ଚାଲାଣ, ଜଣେ ଗିରଫ



କନ୍ଧମାଳ, (ଭାସ୍କର ନ୍ୟୁଜ୍): କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ଅଞ୍ଚଳରେ ମଧ୍ୟପ୍ରଦେଶ, ଉତ୍ତରପ୍ରଦେଶ, ଛତିଶଗଡ଼ ଓ ବଙ୍ଗଳାଦେଶ ଅଞ୍ଚଳର କିଛି ଲୋକ ଗାଁଗାଁରେ ବୁଲି ପାଣି ଡ୍ରମ, ଜରିପାଲ, ଶାଢ଼ୀ ,ଫେରିବାଲା ଭଳି ବିଭିନ୍ନ ସାମଗ୍ରୀ ବିକ୍ରି କରିବାକୁ ଆସି ରୀତିମତ ଏହି ଅଞ୍ଚଳରୁ ଗଞ୍ଜେଇ ଚାଲାଣ କରି ଚାଲିଛନ୍ତି । ଏଭଳି ଘଟଣା ଅନେକ ଥର ସାମ୍ନାକୁ ମଧ୍ୟ ଆସିଛି। ଆଗରୁ ଏଭଳି ଗଞ୍ଜେଇ ଚାଲାଣ କାରି ବ୍ୟବସାୟୀ ପୋଲିସ ହାତରେ ଧରା ପଡ଼ି ଜେଲ ମଧ୍ୟ ଯାଇଥିବା ନଜର ରହିଛି । ତେବେ ଏହି ପରିପ୍ରେକ୍ଷୀରେ ଏହି ଫିରିଙ୍ଗିଆ ଅଞ୍ଚଳକୁ ମଧ୍ୟପ୍ରଦେଶରୁ ପାଣି ଡ୍ରମ୍ ବିକ୍ରି କରିବାକୁ ଆସିଥିବା ଜଣେ ବ୍ୟକ୍ତିଙ୍କୁ ପାଣି ଡ୍ରମ୍ ବଦଳରେ ଗଞ୍ଜେଇ ଦେଇଥିବା ଅଭିଯୋଗରେ ଜଣେ ବ୍ୟକ୍ତିଙ୍କୁ ଉଠାଇ ନେଇଛି ଛତିଶଗଡ଼ ପୋଲିସ । ତେବେ ଛତିଶଗଡ଼ ପୋଲିସ ଦ୍ୱାରା ଗିରଫ ହୋଇଥିବା ବ୍ୟକ୍ତି ଜଣକ ଫିରିଙ୍ଗିଆ ଥାନା ଡ଼ିମିରିଗୁଡ଼ା ପଞ୍ଚାୟତ ଅଧୀନରେ ଥିବା କରେକମ୍ଭା ଗାଁର ଭୂୟାଁ ଦିଗାଲ ବୋଲି ଜଣାପଡ଼ିଛି । ସୂଚନା ଅନୁସାରେ ଗତ ଜାନୁଆରୀ ମାସରେ ଛତିଶଗଡ଼ ରାଜ୍ୟ ଗରିଆବନ୍ଧ ଥାନା ପୋଲିସ ମଧ୍ୟପ୍ରଦେଶ ରାଜ୍ୟ ଦେବାସ ଜିଲ୍ଲା ସାରଗୋୟା ଥାନା ଅଞ୍ଚଳର ଜଗଦୀଶ ଭାଟିଆ ନାମକ ଜଣେ ଗଞ୍ଜେଇ ବ୍ୟବସାୟୀଙ୍କୁ ଗିରଫ କରିଥିଲେ। ଏହି ଘଟଣାରେ ଛତିଶଗଡ଼ର ଗରିଆବନ୍ଧ ଥାନାରେ ଏକ କେସ ନଂ ୦୩/୨୦୨୫ ରେ ମାମଲା ମଧ୍ୟ ରୁଜୁହେବା ସହ ତଦନ୍ତ ଚାଲୁ ରହିଥିଲା । ତେବେ ଗିରଫ ଅଭିଯୁକ୍ତ ଜଣକ ଜବତ ଗଞ୍ଜେଇକୁ ଫିରିଙ୍ଗିଆ ଥାନା କରିକାମ୍ଭା ଗାଁର ଭୂୟାଁ କହଁର ଠାରୁ କିଣିଥିବା ପୋଲିସକୁ ସୂଚନା ଦେଇଥିଲା । ଅଭିଯୁକ୍ତର ବୟାନ ଆଧାରରେ ଭୂୟାଁ କହଁର ନାଁରେ ଛତିଶଗଡ଼ ପୋଲିସ ଏକ ମାମଲା ରୁଜୁ କରି ରବିବାର ସକାଳୁ ଛତିଶଗଡ଼ ପୋଲିସର ଚାରିଜଣିଆ ଏକ ଟିମ ଫିରିଙ୍ଗିଆ ପୋଲିସର ସହାୟତାରେ ଭୂୟାଁକୁ ତାର ନିଜ୍ ଗାଁ ସ୍ଥିତ ଘରୁ ଗିରଫ କରିଥିବା ସୂଚନା ଦେଇଛନ୍ତି ଫିରିଙ୍ଗିଆ ଥାନା ଅଧିକାରୀ ଗୋପୀନାଥ ପ୍ରଧାନ । ଆଗକୁ ଜୋର ପଦକ୍ଷେପ କନ୍ଧମାଳ ପୋଲିସ ପାଇଁ ଏକ ଚାଲେଞ୍ଜ।

# ବିଜାଘାଟିରେ ବସ୍ ଦୁର୍ଘଟଣା, ୧୬ ଯାତ୍ରୀ ଆହତ



ମାଲକାନଗିରି, (ଭାସ୍କର ନ୍ୟୁଜ୍): ମାଲକାନଗିରି- ଜୟପୁର ୩୨୬ ନଂ ଜାତୀୟ ରାଜପଥ ବନ୍ଧଗୁଡ଼ା ନିକଟ ବିଜାଘାଟି ଠାରେ ଭାରସାମ୍ୟ ହରାଇ ରାସ୍ତା କଡ଼କୁ ଓଲଟି ପଡ଼ିଲା ଯାତ୍ରୀବାହୀ ବସ୍ । ବସଟି ହାଇଦ୍ରାବାଦରୁ ଭବାନୀପାଟଣା ଅଭିମୁଖେ ଯାଉଥିବା ସମୟରେ ଏହି ଦୁର୍ଘଟଣା ଘଟିଥିବା ଜଣାପଡିଛି। ଏହି ଦୁର୍ଘଟଣାରେ ୧୬ ଜଣ ଯାତ୍ରୀ ଆହତ ହୋଇଥିବା ବେଳେ ପ୍ରାୟ ୩୦ରୁ ଉର୍ଦ୍ଧ୍ୱ ଯାତ୍ରୀ ଗାଡ଼ିରେ ଫସିରହିଥିବା ଜଣାପଡିଛି। ସମସ୍ତ ଆହତଙ୍କୁ ଉଦ୍ଧାର କରି ମାଲକାନଗିରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି । ବସ୍‌ରେ ୫୦ ଜଣରୁ ଉର୍ଦ୍ଧ୍ୱ ଯାତ୍ରୀ ଓ କର୍ମଚାରୀ ଯାତ୍ରା କରୁଥିଲେ। ସମସ୍ତ ଯାତ୍ରୀ ହାଇଦ୍ରାବାଦ୍‌ର ତିନୋଟି ଇଟା ଭାଟିରୁ କାମ ସାରି ନିଜ ନିଜ ଘରକୁ ଫେରିଥିବା କଥା କିଛି ଯାତ୍ରୀ କହିଚନ୍ତି। ଦୁର୍ଘଟଣା ଦେଖି ସ୍ଥାନୀୟ ଲୋକେ ପହଞ୍ଚି ତୁରନ୍ତ ପୁଲିସକୁ ଖବର ଦେଇଥିଲେ । ଖବର ପାଇ ଘଟଣାସ୍ଥଳରେ ମାଲକାନଗିରି ଥାନାଅଧିକାରୀ ରିଗାନ କିଣ୍ଡୋଙ୍କ ନେତୃତ୍ୱରେ ପୋଲିସ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ଫସି ରହିଥିବା ଯାତ୍ରୀଙ୍କୁ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଛନ୍ତି। ସମସ୍ତ ଆହତଙ୍କୁ ଉଦ୍ଧାର କରି ମାଲକାନଗିରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି । କିଛି ଯାନ୍ତ୍ରିକ ତ୍ରୁଟି ଯୋଗୁ ଏହି ଦୁର୍ଘଟଣା ଘଟିଥିବା ସୂଚନା ମିଳିଛି। ଘଟଣାସ୍ଥଳରେ ପୋଲିସ ଉପସ୍ଥିତ ରହି ତଦନ୍ତ ଜାରି ରଖିଥିବା ପ୍ରକାଶ କରିଛନ୍ତି ଆଦର୍ଶ ଥାନା ଅଧିକାରୀ ଶ୍ରୀ କିଣ୍ଡୋ ।

# ମନରେଗାରେ ଶ୍ରମିକ ବଦଳରେ ମେସିନ କରୁଛି କାମ



କାଳିମେଳା, (ଭାସ୍କର ନ୍ୟୁଜ୍): ମହାତ୍ମାଗାନ୍ଧୀ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ସ୍ଥାନୀୟ ଜବକାର୍ଡ ଧାରୀଙ୍କୁ ବର୍ଷକୁ ଅନ୍ୟୁନ ଶହେ ଦିନର ମାଟିକାମ ଯୋଗାଇ ଦେବା ପରିବର୍ତ୍ତେ ତରବରିଆ ଭାବେ ମେସିନ ଯୋଗେ ମାଟି ରାସ୍ତା ନିର୍ମାଣ କରାଯାଇଥିବା ଅଭିଯୋଗ ହୋଇଛି। ଏପରି ଦୃଶ୍ୟ ଦେଖିବାକୁ ମିଳିଛି କାଲିମେଳା ବ୍ଲକ କାଲିମେଳା ପଞ୍ଚାୟତ ଅନ୍ତର୍ଗତ ଏମ୍‌ଭି- ୬୯ରୁ କୁତବାନପଲ୍ଲୀ ରାସ୍ତା କାମରେ । ସୂଚନାମୁତାବକ, ୨୦୨୪-୨୫ ଆର୍ଥିକ ବର୍ଷରେ ଏଠାରେ କୋଡ଼ ନମ୍ବର ୨୪୩୧୦୧୦୦୯ / ଜଉ/ ୧୦୬୧୦୨୨୨ ରେ ରାସ୍ତା କାମ ହୋଇଛି । ତେବେ ଏଠାରେ ଶ୍ରମିକ ବଦଳରେ ମେସିନ ଦ୍ୱାରା କାମ ହୋଇଥିବା ଅଭିଯୋଗ ହୋଇଛି । ସ୍ଥାନୀୟ ଠିକାଦାର ଏବଂ ଯନ୍ତ୍ରୀଙ୍କ ମଧୁଚନ୍ଦ୍ରିକାରେ ମେସିନରେ କରାଯାଇଥିବା ରାସ୍ତା ଦୁର୍ନୀତିର ସ୍ୱଷ୍ଟ ଚିତ୍ରକୁ ଦର୍ଶାଉଛି ବୋଲି ସ୍ଥାନୀୟବାସିନ୍ଦା ଅଭିଯୋଗ କରିଛନ୍ତି। ସ୍ଥାନୀୟ କିମ୍ବା ପଞ୍ଚାୟତ ଅନ୍ତଗତ ଶ୍ରମିକ ଦ୍ୱାରା ଏହି କାର୍ଯ୍ୟ କରିବା ନିୟମାବଳୀରେ ରହିଥିବା ସତ୍ତ୍ୱେ ବେଆଇନ୍ ଭାବେ ଶ୍ରମିକ ବଦଳରେ ମେସିନ୍ ଦ୍ୱାରା କାମ କରାଇ ସ୍ଥାନୀୟ ଜବକାର୍ଡ ଧାରୀଙ୍କ ଆକାଉଣ୍ଟକୁ ଅସାଧୁ ଉପାୟରେ ଟଙ୍କା ପଇଠ କରି ଲକ୍ଷ ଲକ୍ଷ ଟଙ୍କା ବାଟମାରଣା କରାଯାଉଥିବା ସ୍ଥାନୀୟବାସୀନ୍ଦା ଅଭିଯୋଗ କରିବା ସହ ଏହାର ତଦନ୍ତ ପାଇଁ ଦାବି କରିଛନ୍ତି।

# ବାବା କୋଶଳେଶ୍ୱରଙ୍କ ବିବାହ ଓ ଶୀତଳ ଷଷ୍ଠୀ ସଂପନ୍ନ



ଖଡ଼ିଆଳ, (ଭାସ୍କର ନ୍ୟୁଜ୍): ଖଡ଼ିଆଳ ଶ୍ରୀ କୋଶଳେଶ୍ୱର ମନ୍ଦିରରେ ବାବା କୋଶଳେଶ୍ୱରଙ୍କ ବିବାହ ଓ ଶୀତଳଷଷ୍ଠୀ ଅନୁଷ୍ଠିତ ହୋଇଯାଇଛି। ଅକ୍ଷୟ ତୃତୀୟାରେ ଥାଳ ଉଠା ପରେ ବିବାହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶିବଙ୍କ ପିତା ଭାବରେ ସଞ୍ଜୟ ମହାଉତି ଓ ଧର୍ମପତ୍ନୀ ଅର୍ଚ୍ଚନା ମହାଉତୀ ଦାୟିତ୍ୱ ନିର୍ବାହ କରୁଥିବା ବେଳେ ପାର୍ବତୀଙ୍କ ପିତା ଭାବରେ ରଞ୍ଜନ ସାହୁ ଓ ଧର୍ମପତ୍ନୀ ରଞ୍ଜିତା ସାହୁ ପ୍ରତିନିଧି ଭାବେ ମନୋନୀତ ହୋଇ ଦାୟିତ୍ୱ ନିର୍ବାହ କରିଥିଲେ। ପତର ପେଣ୍ଡି, ଦେବ ଦେବୀ ନିମନ୍ତ୍ରଣ, ଗନ ସନ ପରେ ଜ୍ୟେଷ୍ଠ ଶୁକ୍ଳ ପଞ୍ଚମୀ ତିଥିରେ ଦେବ ଦେବ ମହା ଦେବ କୋଶଲଲେଶ୍ୱରଙ୍କ ବିବାହ ଲୋକାଚାରା ଓ ବୈଦିକ ରୀତି ପରମ୍ପରାରେ ଭକ୍ତଙ୍କ ଗହଣରେ ଅନୁଷ୍ଠିତ ହୋଇଥିଲା। ଶୀତଳ ଷଷ୍ଠୀ ଯାତ୍ରାରେ ଉଭୟ ଦେବ ଦମ୍ପତି ଭକ୍ତଙ୍କ ଦର୍ଶନ ନିମନ୍ତେ ରଥାରୂଢ଼ ହୋଇ ଖଡିଆଳ ସହର ପରିକ୍ରମା କରି ମନ୍ଦିରକୁ ପ୍ରତ୍ୟାବର୍ତ୍ତନ ପରେ ଅଭିଷେକ ହୋଇଥିଲା। ପୂଜକ ଭାବରେ ମହେଶ ଯୋଷୀ, ରାଜେଶ୍ ଠାକୁର, ସୁଜିତ୍ ଅଗସ୍ତି, ଗୌରୀ ଶଙ୍କର ମୁଣ୍ଡ, ପ୍ରମୁଖ ପୂଜାର ଦାୟିତ୍ୱ ବହନ କରିଥିଲେ। ଟ୍ରଷ୍ଟ ପକ୍ଷରୁ ଜୟଦେବ ହୋତା, ଭବେଶ ପାଣିଗ୍ରାହୀ, କୈଳାସ ଅଗ୍ରୱାଲ, ମେଜର ଡଃ ରାମ ଚନ୍ଦ୍ର ମିଶ୍ର, ପ୍ରଶାନ୍ତ ସାହୁ, ନିକୁଞ୍ଜ ସାହୁ ଓ ସମସ୍ତ ସଦସ୍ୟ ସହଯୋଗ କରିଥିଲେ। ସେହିପରି ନେହେନା, ତୁଆଝର, ଭୁଲିଆସିକୁଆ, ବରଗାଁ, ଚଲାନ ପଡା, ଚଚରାଭଟ୍ଟା, ତୁକଳା, ତିଖାଲି ଜଳେଶ୍ୱର ଶିବ ମନ୍ଦିରରେ ଦେବ ଦମ୍ପତିଙ୍କୁ ବିବାହ ଶୀତଳ ଷଷ୍ଠୀ ଉତ୍ସବ ପାଳିତ ହୋଇଛି।

# ଆଦିବାସୀଙ୍କ ଜମି ହଡ଼ପ ମାମଲା, ନ୍ୟାୟ ପାଇଁ ଗୁହାରି



ଉମରକୋଟ, (ଭାସ୍କର ନ୍ୟୁଜ୍): ଜମି ଦଲାଲ ଓ କିଛି ସ୍ୱାର୍ଥବାଦୀ ସରକାରୀ କର୍ମଚାରୀଙ୍କ ପାଇଁ ଆଜି ଦୁର୍ଦ୍ଦଶା ଭୋଗୁଛନ୍ତି ଶହ ଶହ ଆଦିବାସୀ ପରିବାର। ସୂଚନା ଯୋଗ୍ୟ ଯେ କିଛି ଦିନ ତଳେ କୁସୁମୀ ମୌଜାର ନିର୍ଦ୍ଦିଷ୍ଟ ଜମିର ରିଭିଜନ ପ୍ରତି ଅନିୟମିତତା ହୋଇଥିବା ନେଇ ମହଣ୍ଡି ଗ୍ରାମବାସୀ ଅଭିଯୋଗ କରିଥିଲେ । ଗ୍ରାମବାସୀ ଏ ବାବଦରେ ଉପଜିଲ୍ଲାପାଳ ୟଙ୍କ ଗସ୍ତ ସମୟରେ ମଧ୍ୟ ଦୃଷ୍ଟି ଆକର୍ଷଣ କରିଥିଲେ । ଏ ବାବଦରେ ପୁଙ୍ଖାନୁପୁଙ୍ଖ ତଦନ୍ତ କରି ଏହାର ରିପୋର୍ଟ ଦେବା ନିମନ୍ତେ ଝରିଗାଁ ତହସିଲଦାର ରାଜସ୍ୱ ନିରୀକ୍ଷକଙ୍କୁ ଆଦେଶ ଦେଇଥିବା ବେଳେ ଆଜି ଉକ୍ତ ଜମିରେ ଚାଷ କରାଯାଉଥିବା ଦେଖିବାକୁ ମିଳିଥିଲା । ଏହାର ବିରୋଧ କରିବା ପାଇଁ ମହଣ୍ଡି ଗ୍ରାମବାସୀ ଆସି ଟ୍ରାକ୍ଟରକୁ ବନ୍ଦ କରିବା ପାଇଁ କହିବା ବେଳକୁ ଚାପା ଉତ୍ତେଜନା ଦେଖିବାକୁ ମିଳିଥିଲା । ତେବେ ଖବର ପାଇ ଝରିଗାଁ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଟ୍ରାକ୍ଟରକୁ ଅଟକ ରଖିଥିବା ସୂଚନା ମିଳିଛି। ତେବେ ଉକ୍ତ ଜମିକୁ ମହଣ୍ଡି ଗ୍ରାମର ଏକ ଆଦିବାସୀ ପରିବାର ପୂର୍ବ ପୁରୁଷ ଧରି ଜମିକୁ ନିଜ ଅକ୍ତିଆର ରଖିଥିବା ବେଳେ ୩ ବର୍ଷ ତଳେ ଜମି ରିଭିଜନ ନାଁ ରେ ରାସ୍ତା କଡର ସରକାରୀ ଜମିକୁ ତଞ୍ଚକତା କରି ଅଣ ଆଦିବାସୀଙ୍କ ନାଁ ରେ ପଟ୍ଟା କରିଥିବା ଅଭିଯୋଗ କରିଛନ୍ତି ଆଦିବାସୀ ପରିବାର ଏବଂ ଗ୍ରାମବାସୀ। ତେବେ ଏ ସମ୍ପର୍କ ରେ ବାରମ୍ବାର ପ୍ରଶାସନ ଏବଂ ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣିରେ ଅଭିଯୋଗ କରିଥିଲେ ମଧ୍ୟ କିଛି ସୁଫଳ ମିଳୁନାହିଁ ବୋଲି କହିଛନ୍ତି। ତେବେ ଜଣେ ଆଦିବାସୀ ପରିବାର ନାଁ ରେ ସରକାରୀ ଜମି ପଟ୍ଟା ହୋଇ ପାରିନଥିବା ବେଳେ କିପରି ଅଣ ଆଦିବାସୀଙ୍କ ନାଁ ରେ ପଟ୍ଟା ହେଲା ବୋଲି ପ୍ରଶ୍ନ ଉଠିଛି। ତେବେ ରିଭିଜନ ନାଁ ରେ ଜମି କଳେଙ୍କାରୀରେ ସିଧାସଳଖ ବିଭାଗୀୟ ସରକାରୀ କର୍ମଚାରୀ ଏବଂ କିଛି ଦଲାଲ ସମ୍ପୃକ୍ତ ଥିବା କହିଛନ୍ତି। ଏବେ ଆଦିବାସୀ ପରିବାର ଏବଂ ଗ୍ରାମବାସୀ ନିଜ ପୂର୍ବପୁରୁଷ ଅକ୍ତିଆର କରିଥିବା ଜମିକୁ ଛାଡିବାକୁ ନାରାଜ ଥିବା ବେଳେ ପ୍ରଶାସନ ପାଖରେ ନ୍ୟାୟ ମାଗୁଛନ୍ତି।

# ୧୦ରେ ମାଓ ସଙ୍ଗଠନର ଦେଶବ୍ୟାପୀ ବନ୍ଦ ଡାକରା

ମାଲକାନଗିରି, (ଭାସ୍କର ନ୍ୟୁଜ୍): ଛତିଶଗଡ଼ରେ ଯବାନ ଓ ମାଓବାଦୀଙ୍କ ମଧ୍ୟରେ ଗତ ୨୧ ତାରିଖରେ ହୋଇଥିବା ଗୁଳିବିନିମୟ ଘଟଣାକୁ ବିରୋଧ କରି ଜୁନ୍ ୧୦ ତାରିଖରେ ଦେଶବ୍ୟାପୀ ବନ୍ଦ ଡାକରା ଦେଇଛି ମାଓ ସଙ୍ଗଠନ । ଏହି ଗୁଳି ବିନିମୟରେ ମୃତ ମାଓନେତା ବାସବରାଜଙ୍କ ସମେତ ୨୮ ମୃତକଙ୍କ ପାଇଁ ସ୍ମୃତିସଭା ଆୟୋଜନ କରିବାକୁ ସଙ୍ଗଠନ ପକ୍ଷରୁ ନିବେଦନ କରାଯାଇଛି।

**ମୁଖ୍ୟସ୍ରୋତକୁ ଫେରିବାକୁ ଅପିଲ କରୁଛନ୍ତି ମାଓ ପରିବାର**

ଛତିଶଗଡ଼ର ଅବୁଝମାଡ଼ ଜଙ୍ଗଲରେ ଗତ ୨୧ ତାରିଖ ଦିନ ପୋଲିସ୍ ଗୁଳିରେ ୨୮ ମାଓବାଦୀ ନିହତ ହୋଇଥିଲେ । ଏଥିରେ ମାଓ ସଙ୍ଗଠନର ସାଧାରଣ ସମ୍ପାଦକ ବାସବରାଜଙ୍କ ସହ ଅନ୍ୟ ୨୭ ଜଣ ମାଓବାଦୀ ରହିଥିଲେ। ଏହାକୁ ନେଇ ମାଓ ସଙ୍ଗଠନ କେନ୍ଦ୍ର ସରକାର ଓ ଛତିଶଗଡ଼ ସରକାରଙ୍କୁ ନିନ୍ଦା କରିବା ସହ ଏହା ଏକ ନରସଂହାର ବୋଲି କହିଛି ଓ ଏହାର ପ୍ରତିବାଦରେ ଆସନ୍ତା ଜୁନ୍ ୧୦ରେ ଦେଶବ୍ୟାପୀ ବନ୍ଦ ପାଳନ କରିବାକୁ ସଙ୍ଗଠନ ଅନୁରୋଧ କରିଛି। ମାଓବାଦୀମା ମାନେ ଗତ ୨ ମାସ ହେଲା ଏବଂ ରାଜ୍ୟ ସରକାର ସଶସ୍ତ୍ର କେନ୍ଦ୍ର ବାହିନୀଙ୍କୁ ଆକ୍ରମଣ ନକରି ଧୈର୍ଯ୍ୟ ସଂଯମତା ରଖି ଶାନ୍ତି ଆଲୋଚନା ପାଇଁ ପ୍ରସ୍ତାବ ଦେଇ ଆସୁଥିଲେ ହେଁ ଉଭୟ ସରକାର ସହଯୋଗ କରୁନଥିବା ମାଓ ସଙ୍ଗଠନ ପକ୍ଷରୁ ଅଭିଯୋଗ କରାଯାଇଛି। ଏସବୁ ବିଷୟକୁ ନେଇ ସଙ୍ଗଠନ ପକ୍ଷରୁ ଏକ ପ୍ରେସବାର୍ତ୍ତା ଜାରି କରାଯାଇଛି। ଗୋଟିଏ ପଟେ ମାଓଗଡ଼ ଦୁର୍ବଳ ହେଉଥିବା ବେଳେ ଅନ୍ୟପଟେ ମୁଖ୍ୟସ୍ରୋତକୁ ମାଓବାଦୀଙ୍କୁ ଫେରିଯିବାକୁ ପରିବାରଲୋକ ନିବେଦନ କରିଥିବା ଜଣାପଡ଼ିଛି। ଛତିଶଗଡ଼ର ବିଜାପୁର ଜିଲ୍ଲାର ଜଣେ ଯୁବତୀ ନିଜ ଜେଜେବାପାଙ୍କୁ ଚିଠି ଲେଖି ଘରକୁ ଫେରିବାକୁ ଅନୁରୋଧ କରିଛନ୍ତି । ଜେଜେବାପା ଜଣେ ମାଓବାଦୀ ହୋଇଥିବା ବେଳେ ତାଙ୍କୁ ମାଓ ସଙ୍ଗଠନ ଛାଡ଼ି ମୁଖ୍ୟସ୍ରୋତରେ ସାମିଲ ହେବାକୁ ଝିଅଟି ନିବେଦନ କରିଛି।

## ବିଦାୟକାଳୀନ ସମ୍ବର୍ଦ୍ଧନା ସଭା

ମାଲକାନଗିରି, (ଭାସ୍କର ନ୍ୟୁଜ୍): ଡିପ୍ଲୋମା ଇଞ୍ଜିନିୟର ସେବାସଂଘ ମାଲକାନଗିରି ଶାଖା ତରଫରୁ ଏକ ବିଦାୟ କାଳୀନ ସମ୍ବର୍ଦ୍ଧନା ସଭା ଆୟୋଜନ କରାଯାଇଥିଲା। ଏହି ସଭାକୁ ସଂଘର ମଣ୍ଡଳ ସମ୍ପାଦକ ଇଞ୍ଜିନିୟରିଂ କୃତିବାସ ନାୟକ ପରିଚାଳନା କରିଥିଲେ। ତିନି ଜଣ ଡିପ୍ଲୋମା ଇଞ୍ଜିନିୟର ଚାକିରିରୁ ଅବସର ନେଇଛନ୍ତି। ସେମାନେ ହେଲେ ମାଲକାନଗିରି ବ୍ଲକର ଇଞ୍ଜିନିୟର ବିଭୁତି ଭୂଷଣ ରାଉତ, କୋରକୁଣ୍ଡା ବ୍ଲକ ର ଇଞ୍ଜିନିୟର ଡି. ପ୍ରସାଦ ରାଓ, ଆଇ ଟି ଡି ଏ ର ଇଞ୍ଜିନିୟର ଜେନାମଣି ପାଣ୍ଡେ। ଦୀର୍ଘ ଦିନ ଧରି ଏମାନେ ମାଲକାନଗିରି ଜିଲ୍ଲା ର ବହୁ ଉନ୍ନତି ମୂଳକ କାର୍ଯ୍ୟ କରିଆସୁଛନ୍ତି । ଡିପ୍ଲୋମା ସେବା ସଂଘ ମାଲକାନଗିରି ଶାଖାର ଦକ୍ଷ ସଭ୍ୟ ଥିଲେ। ଅନ୍ୟ ମାନଙ୍କ ଭିତରେ ସଂଘ ର ସଭାପତି ଇଞ୍ଜିନିୟର ପ୍ରଶାନ୍ତ କୁମାର ବେହେରା, ସମ୍ପାଦିକା ଇଞ୍ଜିନିୟର ସୁଦୀପ୍ତକ୍ଷ ସାହୁ, ମଳୟ ମିସ୍ତ୍ରୀ, କାର୍ତ୍ତିକ ନାୟକ, ଲାଲ ମୋହନ ବେହେରା, ପିଠା ସୋରେନ, ବବିତା ବିଶ୍ୱାସ, ସୁକାନ୍ତ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

# ବିଜେପି ମଣ୍ଡଳ ସଭାପତି ଭାବେ ୪ଜଣ ମନୋନୀତ



ଉମରକୋଟ, (ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲାର ଭାରତୀୟ ଜନତା ପାର୍ଟିର ମଣ୍ଡଳ ସଭାପତିମାନଙ୍କ ନାମ ତାଲିକା ପ୍ରକାଶ ପାଇଥିବାବେଳେ ଝରିଗାଁ ନିର୍ବାଚନ ମଣ୍ଡଳୀର ଖାଣ୍ଡା ମଣ୍ଡଳର ମଣ୍ଡଳ ସଭାପତି ଭାବେ ଉତ୍ତମ ହରିଜନ ମନୋନୀତ ହୋଇଥିବା ସୂଚନା ମିଳିଛି । ଠିକ୍ ସେହିପରି ବଡ଼ ଭରଣ୍ଡୀ ମଣ୍ଡଳ ପାଇଁ ଈଶ୍ୱର ଭତରା, ଝରିଗାଁ ମଣ୍ଡଳ ପାଇଁ ସୁକାଲୁ ଭତରା ଓ ଧୋଡ୍ରା ମଣ୍ଡଳର ମଣ୍ଡଳ ସଭାପତି ଭାବେ ଭୁଜବଳ ଗୌଡ଼ଙ୍କୁ ମନୋନୀତ କରାଯାଇଥିବା ସୂଚନା ମିଳିଛି । ଏନେଇ ଓଡ଼ିଆ ପ୍ରଦେଶ ଭାରତୀୟ ଜନତା ପାର୍ଟି ପକ୍ଷରୁ ଜିଲ୍ଲା ସଭାପତି କୁଞ୍ଜ ବିହାରୀ ଦାଶଙ୍କୁ ଏକ ଚିଠି ପ୍ରେରଣ କରାଯାଇଛି । ନବରଙ୍ଗପୁର ପୁର ସାଂସଦ ବଳଭଦ୍ର ମାଝୀ ଓ ଝରୀଗାଁ ବିଧାୟକ ନରସିଂହ ଭତରା ସାଂସଦ ପ୍ରତିନିଧି ଚନ୍ଦ୍ର ଭାନୁ ନାୟକ ଶୁଭେଚ୍ଛା ଜଣେଇଛନ୍ତି ଓ ସମର୍ଥକ, ଦଳୀୟ କର୍ମକର୍ତ୍ତାମାନେ ଫୋନ କଲ ଜରିଆରେ ଶୁଭେଚ୍ଛା ଜଣେଇଥିବା ସୂଚନା ମିଳିଛି ।

## କୁନି ନାୟକ ହତ୍ୟା ଘଟଣା

# ସ୍ୱାମୀକୁ ଗିରଫ ଦାବିରେ ବାପଘର ଲୋକେ ଏସ୍‌ପିଙ୍କ ଦ୍ୱାରସ୍ଥ



ମାଲକାନଗିରି, (ଭାସ୍କର ନ୍ୟୁଜ୍): ମାଲକାନାଗିରି ଜିଲ୍ଲା ମାଥିଲି ଥାନା ଆମ୍ବାଗୁଡ଼ା ପଞ୍ଚାୟତର ମାର୍କେଲଗୁଡ଼ାର କୁନି ନାୟକଙ୍କୁ ଶାଶୁଘରେ ହତ୍ୟା କରାଯାଇଥିବା ନେଇ ତାଙ୍କ ପରିବାର ଲୋକେ ସ୍ୱାମୀଙ୍କ ଗିରଫ ଦାବିରେ ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଅଭିଯୋଗ କରିଛନ୍ତି, କୁନି ଗତ ୧୫ ବର୍ଷ ପୂର୍ବେ ବରଜା ଗ୍ରାମର ରବି ବରଜାଙ୍କୁ ବିବାହ କରିଥିଲେ। ବିବାହ ସମୟରେ ଯୌତୁକ ବାବଦକୁ ସମସ୍ତ ଜିନିଷପତ୍ର ଦିଆଯାଇଥିଲା। କିନ୍ତୁ ବିବାହର ୨/୩ ବର୍ଷ ପରେ କୁନିଙ୍କ ସ୍ୱାମୀ ରବି ତାଙ୍କୁ ନିର୍ଯାତନା ଦେଇ ଅଧିକ ଯୌତୁକ ଆଣିବାକୁ ଦାବି କରୁଥିଲେ । କୁନି ମଧ୍ୟ ବହୁବାର ନିଜ ଗ୍ରାମକୁ ଯାଉଥିବା ବେଳେ ପରିବାରବର୍ଗ ବୁଝାସୁଝା କରି ତାଙ୍କୁ ଶାଶୁଘରେ ଛାଡୁଥିଲେ। ମେ’ ୨ ତାରିଖରେ ରବି ଓ ତାଙ୍କ ପରିବାରବର୍ଗ କୁନିଙ୍କୁ ମାଡ଼ମାରି ଗୁରୁତର ଅବସ୍ଥାରେ ପାଣ୍ଡ୍ରିପାଣି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତି କରିଥିଲେ। ସେଠାରୁ ତାଙ୍କୁ ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା । ତେବେ ପାଣ୍ଡ୍ରିପାଣି ସ୍ୱାସ୍ଥ୍ୟକେନ୍ଦ୍ରରେ ସେ ବିଷ ପିଇଥିବା କହିଥିବା ବେଳେ ମୁଖ୍ୟ ଚିକିତ୍ସାଳୟରେ ସେ ଫାଶୀ ଲଗାଇଦେଇଥିବା ତାଙ୍କ ସ୍ୱାମୀ ରବି କହିଥିଲେ ବୋଲି କୁନିଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି । ଏ ସମ୍ପର୍କରେ କୁନିଙ୍କ ପରିବାରବର୍ଗ ମାଥିଲି ଥାନାରେ ଅଭିଯୋଗ କରିବା ସତ୍ତ୍ୱେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ କି ରବିଙ୍କୁ ଗିରଫ କରାଯାଇନାହିଁ। ତେଣୁ ଝିଅ କୁନିଙ୍କ ମୃତ୍ୟୁକୁ ନେଇ ଉଚିତ ନ୍ୟାୟ ପ୍ରଦାନ କରିବା ସହ ହତ୍ୟାକାରୀ ସ୍ୱାମୀ ରବିଙ୍କୁ ଗିରଫ ଦାବିକରି କୁନିଙ୍କ ପରିବାର ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଘଟଣାର ତଦନ୍ତକରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏସ୍‌ପି ପ୍ରତିଶ୍ରୁତି ଦେଇଥିବା କୁନିଙ୍କ ଭାଇ ପଦ୍ମନ ନାୟକ ଗଣମାଧ୍ୟମ ଆଗରେ ପ୍ରକାଶ କହିଛନ୍ତି ।

# ମିଳିତ ଅଭିଯୋଗ ଶୁଣାଣି ଶିବିର

ପରଜଙ୍ଗ, (ଭାସ୍କର ନ୍ୟୁଜ୍): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ ପ୍ରଶାସନ ତତ୍ତ୍ୱାବଧାନ ରେ ମିଳିତ ଭାବେ ଜିଲ୍ଲାପାଳ ଓ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଙ୍କ ଜନ ଅଭିଯୋଗ ଶୁଣାଣି ଶିବିର ବ୍ଲକ ସଭାଗୃହ ଠାରେ ସୋମବାର ଅନୁଷ୍ଠିତ ହୋଇଅଛି ।ଏହି ଶିବିର ଏଡିଏମ ଲଳିତ ମୋହନ ବେହେରା ଙ୍କ ଅଧକ୍ଷତାରେ ଏସପି ଅଭିନ୍ଵ ସୋନାକର, ଉପଜିଲ୍ଲାପାଳ ଦିନମଣୀ ନାୟକ, ଜିଲ୍ଲା ଚିକିତ୍ସାଧିକାରୀ ଏନଡିଶି ବେହେରା, ବ୍ଲକ ଅଧକ୍ଷା ଶର୍ମିଷ୍ଠା ଦଳବେହେରା, ଜିଲ୍ଲା ପରିଷଦ ସଭ୍ୟ ନିରାକାର ପ୍ରଧାନ ଯୋଗ ଦେଇ ସର୍ବସାଧାରଣ ଙ୍କ ଆପତ୍ତି ଅଭିଯୋଗ ଗ୍ରହଣ କରିଥିଲେ ।ଶିବିରରେ ବିଭିର୍ଣ୍ଣ ପଞ୍ଚାୟତ ରୁ ବିଭିର୍ଣ୍ଣ ବିଭାଗର ମୋଟ ୨୦୪ଗୋଟି ରୁ ଉର୍ଦ୍ଧ ସମସ୍ୟା ଭିତିକ ଆପତ୍ତି ଅବିଯୋଗ ଅଫଲାଇନ ଏବଂ ଅନଲାଇନ ରେ ପଞ୍ଜିକୃତ ହୋଇ ଗ୍ରହଣ କଟାଯାଇଥିବା ବେଳେ, ସେଥିମଧ୍ୟରୁ ୪ଜଣଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡରୁ ୬୫ହଜାର ଟଙ୍କା ଶିବିରରେ ପ୍ରଦାନ କରାଯାଇଥିଲା ।ପ୍ରତେକ ସମସ୍ୟାକୁ ତୁରନ୍ତ ସମାଧାନ ନିମନ୍ତେ ଜିଲ୍ଲାର ବିଭିର୍ଣ୍ଣ ବିଭାଗୀୟ ଅଧିକାରୀ ଓ ପ୍ରତିନିଧି ସାମିଲ ହୋଇଥବା ବେଳେ, ସ୍ଥାନୀୟ ଅଧିକାରୀ ଭାବେ ଅତିରିକ୍ତ ତହସିଲଦାର ମଦନ ମୋହନ ଜେନା,ଶିକ୍ଷାଧିକାରିଣୀ ପ୍ରିୟଦର୍ଶିନୀ ନାୟକ, ଯୋଗାଣ ଅଧିକାରୀ ଉଦିପ୍ତ କୁମାର ସେଠୀ,ଥାନା ଅଧିକାରୀ ଧିରେନ କୁମାର ବେହେରା ଙ୍କ ସମେତ ଜଳ ବିଭାଗ, ବନ ବିଭାଗ, ଅବକାରୀ ବିଭାଗ, ବିଦ୍ୟୁତ ବିଭାଗ, ସ୍ୱାସ୍ଥ୍ୟ ବିଭାଗ, କୃଷି ବିଭାଗ ଆଦି ବିଭିର୍ଣ୍ଣ ବିଭାଗର ପ୍ରତିନିଧି ମାନେ ସାମିଲ ହୋଇଥିଲେ ।ଏହି କାର୍ଯ୍ୟକ୍ରମ ବିଡ଼ିଓ ସୌଭାଗ୍ୟ ବେହେରା ଙ୍କ ନେତୃତ୍ୱରେ ସେକ୍ସନ ଅଫିସର ପ୍ରକାଶ କୁମାର ସିଂହ, ଦିଲ୍ଲୀପ କୁମାର ସିଂହ, ବାନାମ୍ବର ନାୟକ,ମଙ୍ଗରାଜ ବିଶ୍ୱାଳ, ରାଜେଶ ଦେହୁରୀ, ପ୍ରଦୀପ ନାଥ, ପ୍ରଦୀପ ମଲ୍ଲିକ ଙ୍କ ସମେତ ସମସ୍ତ କର୍ମଚାରୀ ସହଯୋଗ ରଖିଥିଲେ ।

# ଜିଲ୍ଲାସ୍ତରୀୟ ଆଧାର ମନିଟରିଂ କମିଟି ବୈଠକ

ପାରଳାଖେମୁଣ୍ଡି,(ଭାସ୍କର ନ୍ୟୁଜ୍ ): ଗଜପତି ଜିଲ୍ଲାସ୍ତରୀୟ ଆଧାର ମନିଟରିଂ କମିଟି ବୈଠକ ଆଜି ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷ ଠାରେ ଜିଲ୍ଲାପାଳ ବିଜୟ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାରେ ଆଧାର କାର୍ଡ ସମସ୍ତ ଜନସାଧାରଣଙ୍କ ପାଇଁ ଅତ୍ୟନ୍ତ ଜରୁରୀ ଅଟେ। ଏହାକୁ ପ୍ରତ୍ୟେକ ୧୦ ବର୍ଷ ମଧ୍ୟରେ ଆଧାର ଅପଡେଟ୍ ହେବା ଆବଶ୍ୟକ , ତେଣୁ ଗଜପତି ଜିଲ୍ଲାରେ ବ୍ୟାପକ ସଚେତନତା ମାଧ୍ୟମରେ ଏହାକୁ ସଫଳ କରିବାକୁ ଜିଲ୍ଲାପାଳ କହିଥିଲେ। ଆଧାର କାର୍ଡ ବ୍ୟାଙ୍କ୍ ଆକାଉଣ୍ଟ ଖୋଲିବା, ରାସନ କାର୍ଡ, ଛାତ୍ର ବୃତ୍ତି ପାଇବା ଭଳି ବିଭିନ୍ନ ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟରେ ସହାୟକ ହେଉଛି। ତେଣୁ ସଚେତନତା ମାଧ୍ୟମରେ ଲୋକମାନଙ୍କୁ ଅବଗତ କରାଇବାକୁ ପରାମର୍ଶ ଦିଆଯାଇଛି। ଆଧାର କାର୍ଡ ପ୍ରାୟ ସମସ୍ତ ସରକାରୀ ଯୋଜନାର ଲାଭ ଉଠାଇପାରିବେ,ଗୋଟାଏ ରାଷ୍ଟ୍ର ଗୋଟିଏ ରାସନ୍ କାର୍ଡର ସୁବିଧା, ଋଣ ଆବେଦନ ବ୍ୟାଙ୍କ ଦ୍ୱାରା ଶୀଘ୍ର ପ୍ରକ୍ରିୟା କରଣ, ଇନକମ ଟ୍ୟାକ୍ସ ରିଟର୍ନିଙ୍ଗ ସହାୟତା ପାଇଁ ଆଧାର କାର୍ଡ ଅପଡେସନ ସହ ମୋବାଇଲ ସଂଯୋଗର ଆବଶ୍ୟକତା ରହିଛି ବୋଲି ସୂଚନା ଦିଆଯାଇଛି। ଅନଲାଇନ୍ ମାଧ୍ୟମରେ ବିନା ଶୁଳ୍କରେ myaadhar.uidai.gov.in ପୋର୍ଟାଲ ମାଧ୍ୟମରେ ଡକ୍ୟୁମେଣ୍ଟ ଅପଡେସନ୍ କରାଯାଇ ପାରିବ । ସେହିପରି ଜିଲ୍ଲାରେ ସମସ୍ତ ବ୍ଲକ୍ ଅଫିସ, ସିଡ଼ି ପିଓ ଅଫିସ , ବ୍ଲକ୍ ଅଫିସ, ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ଥିବା ୨୯ ଗୋଟି ଆଧାର ସେଣ୍ଟର୍ ସହାୟତାରେ ଜନସାଧାରଣ ନିଜର ଆଧାର କାର୍ଡ ଅପଡେସନ୍, ସଂଶୋଧନ ଇତ୍ୟାଦି କରିପାରିବେ। ସେହିପରି ପୋଷ୍ଟ ଅଫିସ, ବିଭିନ୍ନ ବ୍ୟାଙ୍କ୍,ବ୍ଲକ ଅଫିସ୍ ମଧ୍ୟ ଆଧାର ଅପଡେସନ୍ କରାଯାଉଅଛି। ଜିଲ୍ଲାରେ ୦-୫ ବର୍ଷ ଶିଶୁ ମାନଙ୍କ ଆଧାର ଜେନେରେସନକୁ ବୃଦ୍ଧି କରିବା ସହିତ ୫ରୁ ବର୍ଷ ଉର୍ଦ୍ଧ ବୟସ ବର୍ଗଙ୍କ ପାଇଁ ମଧ୍ୟ ଆଧାର ଅପଡେସନ୍ ଆବଶ୍ୟକତା ଅଛି ବୋଲି ବୈଠକରେ ସୂଚନା ଦିଆଯାଇଛି। ଆଧାର ତାଲିକା ଭୁକ୍ତ କରିବା ପାଇଁ ପ୍ରଶାସନ ପକ୍ଷରୁ ପ୍ରତି ବ୍ଲକ୍, ଗ୍ରାମ ପଞ୍ଚାୟତ ସ୍ତରରେ କ୍ୟାମ୍ପ ଆୟୋଜନ କରାଯିବାକୁ ସ୍ଥିର କରାଯାଇଛି। ଦଶ ବର୍ଷ ପୂର୍ବେ କରିଥିବା ଆଧାର କାର୍ଡ ଅପଡେଟ୍ କରିବା ଓ ମୋବାଇଲ୍ ନମ୍ବର ସଂଯୋଗ, ବାଇଓମେଟ୍ରିକ୍ ଡକ୍ୟୁମେଣ୍ଟ ଅପଡେଟ୍ ଆଦି ସମସ୍ତ ପ୍ରକ୍ରିୟା ସମ୍ବନ୍ଧରେ ବିସ୍ତୃତ ଭାବରେ ଆଲୋଚନା କରାଯାଇଥିଲା। ଏହି ବୈଠକରେ ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ମହମ୍ମଦ ମୁବାରାକ ଅଲ୍ଲୀ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀ ସନ୍ତୋଷ କୁମାର ନାୟକ,ଲିଡ୍ ବ୍ୟାଙ୍କ ମ୍ୟାନେଜର ଶ୍ରୀ ମହେଶ୍ୱର ମଣ୍ଡଳ , ଜିଲ୍ଲା ଇ - ଗଭର୍ଣାନ୍ସ ପରିଚାଳକ, ଚିରଞ୍ଜୀବୀ ଦୋରା ଏବଂ ଆସିଷ୍ଟାଣ୍ଟ ମ୍ୟାନେଜର,ୟୁଆଇଡିଏଆଇଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ‘ଅପରାହ୍ନ’ର ରାଜ୍ୟସ୍ତରୀୟ ସାରସ୍ୱତ ଉତ୍ସବ

# ବରଗଡ଼ ପ୍ରତିଭାଙ୍କୁ ‘ସୃଜନ ଶ୍ରୀ’ ସମ୍ମାନ



ବରଗଡ଼, (ଭାସ୍କର ନ୍ୟୁଜ୍): ବାଲେଶ୍ୱର ଠାରେ ଅପରାହ୍ନ ସମ୍ବାଦପତ୍ରର ଦୁଇ ଦିନ ଧରି ଚାଲିଥିବା ରାଜ୍ୟସ୍ତରୀୟ ସାରସ୍ୱତ ମହୋତ୍ସବ ଅନୁଷ୍ଠିତ ହୋଇଥିଲା। ଉତ୍ସବରେ ୨୨୫ ଜଣ କବି କବିତା ପାଠ କରିଥିଲେ। ଏହା ବ୍ୟତୀତ ସମୁଦାୟ ୨୮ ଟି ପୁସ୍ତକ ଉନ୍ମୋଚନ ମଧ୍ୟରେ ବରଗଡ଼ର ପ୍ରଦୀପ ପଣ୍ଡାଙ୍କ ‘ଅନ୍ତଃସ୍ୱର’ ପୁସ୍ତକ ଉନ୍ମୋଚିତ ହୋଇଥିଲା। ଉକ୍ତ ସମାରୋହରେ ବରଗଡ଼ର ସୁବର୍ଣ୍ଣ ଦୀପ ପତ୍ରିକାର ସମ୍ପାଦକ ପ୍ରଦୀପ୍ତ ଭାନୁ ମହାନ୍ତି, ଭଗବାନ ମିଶ୍ର ସ୍ମୃତି ସମିତିର କୋଷାଧକ୍ଷ ନବକୃଷ୍ଣ ମିଶ୍ର ଓ ପ୍ରଦୀପ ପଣ୍ଡାଙ୍କୁ ‘ସୃଜନ ଶ୍ରୀ’ ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଛି। ଏଥିଯୋଗୁଁ ସୁବର୍ଣ୍ଣଦୀପ ପରିବାର ଓ ଭଗବାନ ମିଶ୍ର ସ୍ମୃତି ସମିତି ସଦସ୍ୟ ମାନେ ଅଭିନନ୍ଦନ ଜଣାଇଛନ୍ତି ଓ ସାହିତ୍ୟିକ ମହଲରେ ଆନନ୍ଦ ପ୍ରକାଶ ପାଇଛି।

ଓଡ଼ିଶା ଭାସ୍କର
ODISHA BHASKAR

# ରାଜ୍ୟ ଖବର



ମାଲକାନଗିରି (ଭାସ୍କର ନ୍ୟୁଜ୍) : ଦୁଇ ହାର୍ଡକୋର ମାଓବାଦୀଙ୍କ ସମେତ ୧୬ମାଓବାଦୀଙ୍କ ଆତ୍ମସମର୍ପଣ। ପିଏଲଜିଏ ବାଟାଲିୟନର ଦୁଇ ହାର୍ଡକୋର ମାଓବାଦୀ ସମେତ ମାଓ ସଂଗଠନର ବିଭିନ୍ନ ଡିଭିଜନର ୧୬ଜଣ ମାଓବାଦୀଙ୍କ ପୁଲିସ ନିକଟରେ ଆତ୍ମସମର୍ପଣ । ସୂଚନା ଅନୁଯାଇ ମାଲକାନଗିରି ଜିଲ୍ଲା ସୀମାନ୍ତ ରାଜ୍ୟ ଛତିଶଗଡର ସୁକମା ଜିଲ୍ଲା ପୁଲିସ ନିକଟରେ ସୁକମା ଏସପି କିରଣ ଚୌହାନ ଏବଂ ସିଆରପିଏଫର ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ ସୋମବାର ଦିନ ୧୬ଜଣ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ଆତ୍ମସମର୍ପଣ କରିଥିବା ମାଓବାଦୀଙ୍କ ନାମରେ ସରକାର ଦ୍ୱାରା ୨୫ଲକ୍ଷ ଇନାମୀ ରାଶି ଘୋଷିତ ହୋଇଥିବା ସୁକମା ପୁଲିସ କହିଛନ୍ତି । ଆତ୍ମସମର୍ପଣ କରିଥିବା ମାଓବାଦୀ ମାନେ ହେଲେ ଡୋଡି ଶୁକ୍ଲୀ(୩୬)ବର୍ଷ, ରାହୁଲ ପୁନେମ(୧୮)ବର୍ଷ, ଲେକାମ ଲଖମୁ(୨୮)ବର୍ଷ, ସୋଡି ଚୁଲା(୨୦)ବର୍ଷ, ତେଲାମ କୋଷା(୧୯)ବର୍ଷ, ଡୋଡି ହୁରା(୨୯)ବର୍ଷ, ମାଡ଼ବି ମାଡ଼କା(୧୮)ବର୍ଷ, ରାଓ୍ୱା ଭିମା(୪୫)ବର୍ଷ, ସୋଡି ଦେବା(୩୦)ବର୍ଷ, ସୋଡି ହିଡ଼ମା(୩୨)ବର୍ଷ, ହେମଲା ହିଡ଼ମା(୪୦)ବର୍ଷ, ମାଡ଼ବି ସାନ୍ନା(୪୨)ବର୍ଷ, ପଦାମ ଦାରା(୩୧)ବର୍ଷ ସୋଡି ଭିମା(୩୨)ପୁନେମ ଚୈତୁ(୨୩)ବର୍ଷ, ଲେକାମ ଲେଖମୁ(୩୦)ବର୍ଷ।ଆତ୍ମସମର୍ପଣ କରିଥିବା ସମସ୍ତ ୧୬ଜଣ ମାଓବାଦୀଙ୍କୁ ସରକାରଙ୍କ ନୂତନ ଆତ୍ମସମର୍ପଣ ଏବଂ ପୁନର୍ବାସ ନୀତି୨୦୨୫ଅନୁଯାଇ ୫୦-୫୦ହଜାର ଟଙ୍କା ପ୍ରୋତ୍ସାହନ ରାଶି ସହ ଅନ୍ୟ ସମସ୍ତ ସୁବିଧା ଆଗାମୀ ଦିନରେ ଯୋଗାଇ ଦିଆଯିବା ନେଇ ସୁକମା ଏସପି କିରଣ ଚୌହାନ ସୂଚନା ଦେଇଛନ୍ତି।



## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଜାରି ହେବ...

୩୦ ସକ୍ରିୟ ମାମଲା ରହିଥିବା ବେଳେ ପଶ୍ଚିମବଙ୍ଗରେ ୨୮୭ସକ୍ରିୟ ମାମଲା ରହିଛି। ସେହିପରି ତାମିଲନାଡୁରେ ୧୯୯ଜଣ କରେନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ସୂଚନା ଦିଆଯାଇଛି। ତେବେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ କହିଛି ଯଦିଓ ଏହା ଏତେ ଭୟଙ୍କର ନୁହେଁ ତେବେ ଏଥିନେଇ ସର୍ତକତା ଅବଲମ୍ବନ କରିବା ଜରୁରୀ। କରେନା ସଂକ୍ରମଣକୁ ନେଇ ଲୋକଙ୍କ ମଧ୍ୟରେ ଭୟର ସଂଚାର ହୋଇଛି। ଏପରିକି ପୁଣି ଥରେ କଟକଣା ଫେରିବା ନେଇ ସେମାନେ ଆଶଙ୍କା ପ୍ରକାଶ କରିଛନ୍ତି। କାରଣ ୩ବର୍ଷ ତଳେ ମହାମାରୀ କରୋନା ପାଇଁ ଯେଉଁ କଟକଣା ଜାରି କରାଯାଇଥିଲା ତାହା ଲୋକଙ୍କୁ ନାକେଦମ୍ କରି ପକାଇଥିଲା। ଏସବୁ ଭିତରେ କରୋନାକୁ ନେଇ ସମସ୍ତେ ଭୟଭୀତ ନହୋଇ ସଚେତନ ରହିବାକୁ ସ୍ୱାସ୍ଥ୍ୟ ବିଭାଗ ପରାମର୍ଶ ଦେଇଛି।

### ଭଦ୍ରକରେ ହେବ...

ମୁଖ୍ୟମନ୍ତ୍ରୀ କହିଥିଲେ। ବିରୋଧୀ ଦଳ ବିଷୟରେ କହିବାକୁ ଯାଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଗୁଣାତ୍ମକ ଶିକ୍ଷା ଏବଂ ସ୍ୱାସ୍ଥ୍ୟ ସେବା ପ୍ରଦାନ କରିବା ଯେ କୌଣସି ସରକାରଙ୍କ ପ୍ରଥମ କର୍ତ୍ତବ୍ୟ। ବିଶ୍ୱସ୍ତରୀୟ ସେବା ନାଁ ରେ ୨୪ ବର୍ଷର ଶାସନ କେବଳ ରଙ୍ଗମାରିବା ଏବଂ ନିଜର ବାଜା ବଜାଇବାରେ ଚାଲିଗଲା। କିନ୍ତୁ, ପ୍ରକୃତ ବିକାଶ ଏବେ ଆରମ୍ଭ ହୋଇଛି। ଆଗାମୀ କିଛି ବର୍ଷରେ ଓଡିଶାରେ ପ୍ରାଥମିକ ଶିକ୍ଷାର ଦଶା ଓ ଦିଶା ସଂପୂର୍ଣ୍ଣଭାବେ ବଦଳିବାକୁ ଯାଉଛି। ୫ଟର ରଙ୍ଗମରା ଶିକ୍ଷା ନୁହେଁ, ବାସ୍ତବ ଅର୍ଥରେ ଓଡିଶାର ବିକାଶ ହେବ। ଆମ ସରକାର ଉତ୍କର୍ଷ ଓଡ଼ିଶାର ମାତ୍ର ୧୨୦ ଦିନରେ ୮୦ ହଜାର କୋଟିରୁ ବି ଅଧିକ ଟଙ୍କାର ପ୍ରକଳ୍ପ ପାଇଁ ଆରମ୍ଭ କରିଛନ୍ତି। ଏହା ବ୍ୟତୀତ ଗତ ୨୨ ତାରିଖରେ ୧୦ ଗୋଟି ପ୍ରକଳ୍ପ ୧ ଲକ୍ଷ ୬୫ ହଜାର କୋଟି ଟଙ୍କାର ପ୍ରକଳ୍ପକୁ ମଞ୍ଜୁରୀ ଦେଇଛନ୍ତି। ରାଜ୍ୟ ସରକାର ଦ୍ୱାରା ଆରମ୍ଭ କରଯାଇଥିବା ଓଡିଶାର ଶିଳ୍ପ ବିପ୍ଳବ ପ୍ରତି ଜିଲ୍ଲାରେ ଶିଳ୍ପାୟନ କରିବ। ଓଡିଶାରେ ଏବେ ଯେଉଁ ଶିଳ୍ପ ବିପ୍ଳବ ଆରମ୍ଭ ହେବାକୁ ଯାଉଛି, ସେଥିରେ ଦୁଇଟି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ଭଦ୍ରକ ଜିଲ୍ଲା ପାଇଁ ମଧ୍ୟ ରହିଛି। ଏହି ଦୁଇଟି ପ୍ରକଳ୍ପ ଭଦ୍ରକ ଟେକ୍ସଟାଇଲ ପାର୍କରେ ପ୍ରତିଷ୍ଠା କରାଯିବ। ଗୋଟିଏ ହେଲା ଓଙ୍ଗଖ ପକ୍ଷରୁ ଭଦ୍ରକରେ ୪,୩୭୭ କୋଟି ଟଙ୍କା ବିନିଯୋଗ ଏକ ଟେକ୍ନିକାଲ ଟେକ୍ସଟାଇଲ କମ୍ପ୍ଲେକ୍ସ ପ୍ରତିଷ୍ଠା କରାଯିବ ଏବଂ ଏହା ଦ୍ୱାରା ପ୍ରାୟ ୪୩୦୦ ଲୋକଙ୍କୁ ନିଯୁକ୍ତି ମିଳିବ। ଏହା ସହିତ ୨୨୨୩.୨୫ କୋଟି ଟଙ୍କାର ପୁଞ୍ଜି ବିନିଯୋଗରେ ଗଉଚଓ ପ୍ରାଇଭେଟ୍ ଲିମିଟେଡ୍ ମଧ୍ୟ ଭଦ୍ରକରେ ଗୋଟିଏ ଐଗଖଝ ପଲିଷ୍ଟର ଉତ୍ପାଦନ କମ୍ପାନୀ ପ୍ରତିଷ୍ଠା କରିବ। ଏହାଦ୍ୱାରା ୧୧୫୦ ଲୋକଙ୍କୁ ନିଯୁକ୍ତି ମିଳିବ ବୋଲି ସେ କହିଥିଲେ। ସେ ପୁଣି କହିଥିଲେଯେ, ଭଦ୍ରକ ଜିଲ୍ଲାକୁ ମଧ୍ୟ ରାଜ୍ୟର ଏକ ଅଗ୍ରଣୀ ଓ ବିକଶିତ ଜିଲ୍ଲା ଭାବରେ ଗଢି ତୋଳିବା ପାଇଁ ଆମର ଉଦ୍ୟମ ଜାରି ରହିଛି । ଭଦ୍ରକ ଜିଲ୍ଲାର ସର୍ବାଙ୍ଗୀନ ବିକାଶ କରିବା ହେଉଛି ଆମର ପ୍ରାଥମିକତା । ଆଜି ଜିଲ୍ଲା ପାଇଁ ୨୭୪ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ମୂଲ୍ୟର ବିଭିନ୍ନ ଜନକଲ୍ୟାଣକାରୀ ୧୩ଟି ପ୍ରକଳ୍ପର ଉଦଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରାଗଲା । ଜିଲ୍ଲା ସଦର ମହକୁମା ଡାକ୍ତରଖାନା ସହିତ ଏଥିରେ ରାସ୍ତା, କ୍ରୀଡା ଭିତ୍ତିଭୂମି, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ଲାଇବ୍ରେରୀ ଓ ଡକ୍ଟର ହରେକୃଷ୍ଣ ମହତାବଙ୍କ ସ୍ମୃତିକୁ ଉଜ୍ଜୀବିତ କରି ରଖିବା ପାଇଁ ଏକ ପାର୍କ ନିର୍ମାଣ ପ୍ରକଳ୍ପ ରହିଛି। ଭଦ୍ରକ ଜିଲ୍ଲାବାସୀଙ୍କ ସେବାରେ ଏ ସବୁ ପ୍ରକଳ୍ପଗୁଡିକ ଉଦ୍ଦିଷ୍ଟ। ନିଜ ବକ୍ତବ୍ୟ ଶେଷରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ୨୦୩୬ ସୁଦ୍ଧା ଆମେ ଏକ 'ସମୃଦ୍ଧ ଓଡିଶା' ଗଠନ କରିବାର ଲକ୍ଷ୍ୟ ନେଇ କାର୍ଯ୍ୟ ଜାରି ରଖିଛୁ । ସମୃଦ୍ଧ ଓଡ଼ିଶାର ଅର୍ଥ ହେଲା ଓଡ଼ିଶାର ପ୍ରତ୍ୟେକ ଲୋକଙ୍କ ସମାବେଶୀ ବିକାଶ। ଆମେ ପ୍ରତିବଦ୍ଧତାର ସହିତ ଏ ଦିଗରେ ପ୍ରୟାସ ଆରମ୍ଭ କରିଛୁ। କାର୍ଯ୍ୟକ୍ରମରେ ଯୋଗଦେଇ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଥିଲେ ଯେ, ଭଦ୍ରକ ମାଟି ବୀରତ୍ୱର ମାଟି। ଲୋକଙ୍କ ବିଶ୍ୱାସ ଓ ଭରସାକୁ ବଜାୟ ରଖି ଆମ ସରକାର ଗୋଟିଏ ବର୍ଷ ଭିତରେ ଯେଉଁ ସବୁ କାର୍ଯ୍ୟ କରିଛନ୍ତି ଏବଂ କରୁଛନ୍ତି, ତାହା ଲୋକଙ୍କ ସରକାରଙ୍କ ପ୍ରତିବଦ୍ଧତା ଦିଗରେ ସୂଚାଉଛି। ଏହି ଉନ୍ନତିମୂଳକ ପ୍ରକଳ୍ପ ସମସ୍ତ ଭଦ୍ରକବାସୀଙ୍କ ଦୃଢ଼ ସମର୍ଥନର ପ୍ରତିଫଳନ। ଉକ୍ତ କାର୍ଯ୍ୟକ୍ରମରେ ଭଦ୍ରକ ସାଂସଦ, ଅଭିମନ୍ୟୁ ସେଠୀ, ବାସୁଦେବପୁର ବିଧାୟକ ଅଶୋକ ଦାସ, ସିମୁଳିଆ ବିଧାୟକ, ପଦ୍ମଲୋଚନ ପଣ୍ଡା ଓ ପୂର୍ବତନ ମନ୍ତ୍ରୀ ମନମୋହନ ସାମଲ ପ୍ରମୁଖ ମଂଚାସୀନ ଥିଲେ। ଏହି ଅବସରରେ ଭଦ୍ରକ ବିଧାୟକ, ସିତାଂଶୁ ଶେଖର ମହାପାତ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ ଭଦ୍ରକ ଜିଲ୍ଲାପାଳ, ଦିଲ୍ଲୀପ ରାଉତରାୟ ଧନ୍ୟବାଦ ଦେଇଥିଲେ।

### ଜି-୭ ସମ୍ମିଳନୀରେ...

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭବିଷ୍ୟତରେ ଯଦି କାନଡା ଯାତ୍ରା କରନ୍ତି ତେବେ ତାଙ୍କୁ ସୁରକ୍ଷା ସମସ୍ୟାର ସମାଧାନ କରିବାକୁ ପଡିବ। ଗତ ମାସରେ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ସୂଚନା ଦେଇଥିଲା ଯେ ଜି-୭ ଶିଖର ସମ୍ମିଳନୀ ପାଇଁ ପ୍ରଧାନମନ୍ତ୍ରୀ ମୋଦିଙ୍କ କାନଡା ଗସ୍ତ ନେଇ ବିଭାଗ ନିକଟରେ କୌଣସି ସୂଚନା ନାହିଁ।

### ଏବେ ବି ମନେ...

ଭର୍ତ୍ତି କରିବା ସହ ସହାୟତାର ହାତ ମଧ୍ୟ ବଢ଼ାଇଦେଲେ। ଏପରିକି ରାତି ସାରା ହସ୍ପିଟାଲ ବାହାରେ ଲମ୍ବା ଲାଇନ୍ ଲଗାଇ ରକ୍ତ ଦେବା ପାଇଁ ଭିଡ ଜମାଇଲେ। ରାଜ୍ୟ ସରକାର ଉଦ୍ଧାର କାର୍ଯ୍ୟକୁ ଅଧିକ ଜୋରଦାର କରିଥିଲେ। ୩ଟି ଏନ୍‌ଡିଆର୍‌ଏଫ୍, ୪ଟି ଓଡ୍ରାଫ୍, ୧୫ ଅଗ୍ନିଶମ ବାହିନୀ, ୧୦୦ ଡାକ୍ତରୀ ଦଳ, ୨୦୦ ଆମ୍ବୁଲାନ୍ସ ଓ ୨୦୦ ପୋଲିସ କର୍ମଚାରୀ ଏହି ଉଦ୍ଧାର କାର୍ଯ୍ୟରେ ନିୟୋଜିତ ହୋଇଥିଲେ। କୁଢ଼କୁଢ଼ ଶବ ଭିତରେ କିଏ ପୁଅକୁ ଖୋଜୁଥିଲା ତ କିଏ ସ୍ୱାମୀ ଆଉ ବାପାକୁ। ଯେତେବେଳେ ଜଣେ ବାପା ଶବର ପାହାଡ ଭିତରେ ନିଜ ପୁଅର ଶବକୁ ବିକଳ ହୋଇ ଖୋଜୁଥିଲେ ସେତେବେଳେ ଦର୍ଶକଙ୍କ ଆଖିରୁ ଲୁହ ବହି ପଡିଥିଲା। ଖଣ୍ଡବିଖଣ୍ଡିତ ଶବକୁ ଦେଖି ଅନେକ ଚେତାଶୂନ୍ୟ ହୋଇଥିଲେ। ଏହି ଭୟଙ୍କର ଦୁର୍ଘଟଣା ଏପରି ଥିଲା ଯେ, ଆତ୍ମୀୟମାନେ ପ୍ରିୟଜନଙ୍କୁ ଚିହ୍ନିବା ସମ୍ଭବ ନଥିଲା।

### ଶୃଙ୍ଖଳିତ କରିବାକୁ...

ଜୁନ ୨୬ ତାରିଖରେ ନବଯୌବନ ଦର୍ଶନ, ଜୁନ ୨୭ ତାରିଖରେ ରଥଯାତ୍ରା, ଜୁଲାଇ ୧ ତାରିଖରେ ହେରା ପଞ୍ଚମୀ, ଜୁଲାଇ ୪ରେ ସନ୍ଧ୍ୟା ଦର୍ଶନ, ଜୁଲାଇ ୫ ରେ ବାହୁଡା ଯାତ୍ରା, ଜୁଲାଇ ୬ ତାରିଖରେ ସୁନାବେଶ, ଜୁଲାଇ ୭ରେ ଅଧରପଣା ଓ ଜୁଲାଇ ୮ ତାରିଖରେ ନୀଳାଦ୍ରିବିଜେ ଅନୁଷ୍ଠିତ ହେବ। ଏହି ଉପଲକ୍ଷେ ଦେଶ ବିଦେଶରୁ ଲକ୍ଷାଧିକ ଭକ୍ତ ପୁରୀରେ ସମାଗମ ହେବେ। ଏହାକୁ ଦୃଷ୍ଟିରେ ରଖି ବିଭିନ୍ନ ସୁରକ୍ଷା ବନ୍ଦୋବସ୍ତ ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା। ରଥଯାତ୍ରା ନିମନ୍ତେ ସୁରକ୍ଷା ବ୍ୟବସ୍ଥାକୁ ବ୍ୟାପକ କରିବା ସହ ବରିଷ୍ଠ ପୋଲିସ ଅଧିକାରୀମାନେ ସ୍ୱତନ୍ତ୍ର କାର୍ଯ୍ୟ ପାଇଁ ନିୟୋଜିତ ହେବେ ଓ ସହରର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଗୁଡିକରେ ସିସିଟିଭି ସ୍ଥାପନ, ଟ୍ରାଫିକ ସୁପରିଚାଳନା ନିମନ୍ତେ ରୋଡ ଡିଭାଇଡର, ଡ଼ିଲିନେଟର ଓ ଟ୍ରାଫିକ ଜୋନ ବ୍ୟବସ୍ଥା, ସହରର ବିଭିନ୍ନ ସ୍ଥାନରେ ପର୍ଯ୍ୟାପ୍ତ ପାର୍କିଂ ବ୍ୟବସ୍ଥା, ଶୃଙ୍ଖଳିତ ଟ୍ରାଫିକ ବ୍ୟବସ୍ଥାର ପରିଚାଳନା ଆଦି ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା। ସେହିପରି ସମୁଦ୍ର କୂଳରେ ପୋଲିସ ପକ୍ଷରୁ ପାଟ୍ରୋଲିଂ କଡାକଡି ଓ ଅସ୍ଥାୟୀ ପୋଲିସ ଆଉଟପୋଷ୍ଟ ଖୋଲାଯିବା ସମ୍ପର୍କରେ ମଧ୍ୟ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା । ଏହି ବୈଠକରେ ଆଭାସୀ ମାଧ୍ୟମରେ ନିର୍ଦ୍ଦେଶକ (ଗୁଇନ୍ଦା) ଆର.ପି. କୋଚେ, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଧୁନିକୀକରଣ) ସୌମେନ୍ଦ୍ର କୁମାର ପ୍ରିୟଦର୍ଶୀ, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ରେଳ ଏବଂ ଉପକୂଳ ସୁରକ୍ଷା) ଅରୁଣ ବୋଥ୍ରା, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଇନ ଓ ଶୃଙ୍ଖଳା) ସଞ୍ଜୟ କୁମାର, ପରିବହନ କମିଶନର ଅମିତାଭ ଠାକୁର, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (କମ୍ୟୁନିକେସନ) ଦୟାଲ ଗଙ୍ଗୱାର, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଏସଏପି) ରାଜେଶ କୁମାର, ଆଇଜି (କେନ୍ଦ୍ରାଞ୍ଚଳ) ଏସ. ପ୍ରବୀଣ କୁମାର, ଆଇଜି (ଅପରେସନ) ଡ. ଦୀପକ କୁମାର, ଆଇଜି (ବିପିଏସପିଏ) ଅନୁପ ସାହୁ, ଆଇଜି (କ୍ରାଇମବ୍ରାଞ୍ଚ) ଡ. ସାର୍ଥକ ଷଡଙ୍ଗୀ, ଡିଆଇଜି (ପ୍ରୋଭିଜନିଂ) ଚରଣ ସିଂ ମିନା, ଡିଆଇଜି (ଏସଆଇଡବ୍ଲ୍ୟୁ) ଡ. କନୱାର ବିଶାଳ ସିଂ, ଡିଆଇଜି (ଏସଟିଏଫ) ପିନାକ ମିଶ୍ର, ଏସପି (ରେଲୱେ) ବିବେକାନନ୍ଦ ଶର୍ମା, ଏସପି (ପୁରୀ) ଭିନୀତ ଅଗ୍ରୱାଲଙ୍କ ସମେତ ବହୁ ବରିଷ୍ଠ ପୋଲିସ ଅଧିକାରୀ ଉପସ୍ଥିତ ଥିଲେ।

## ଡ୍ରେନେଜ ଓ ସ୍ୱେରେଜ ସ୍ଥାୟୀ ସମାଧାନ ପାଇଁ ଦାବିପତ୍ର



କଟକ(ଭାସ୍କର ନ୍ୟୁଜ): ସିଡ଼ିଏ ସେକ୍ଟର -୬ ଅଞ୍ଚଳରେ ଥିବା ସ୍ୱେରେଜ ଓ ଡ୍ରେନେଜ ଗୁଡ଼ିକର ସ୍ଥାୟୀ ମରାମତି ଓ ରକ୍ଷଣାବେକ୍ଷଣ ନହେବାରୁ ଅଞ୍ଚଳରେ ଡ୍ରେନେଜ ଓ ସ୍ୱେରେଜ ପାଣି ରାସ୍ତା ଉପରେ ଭାସୁଥିବା ବେଳେ ଯାତାୟତରେ ସାଧାରଣ ଲୋକମାନଙ୍କର ସମସ୍ୟା ଘଟୁଛି । ଏ ସମ୍ପର୍କରେ ଅଂଚଳ ଅନ୍ତେବାସୀଙ୍କ ପକ୍ଷରୁ କଟକ ମହାନଗର ନିଗମ ଓ ୱାଟକୋକୁ ଲିଖିତ ଭାବେ ଜଣାଇଥିଲେ ମଧ୍ୟ ଏହାର ସ୍ଥାୟୀ ପ୍ରତିକାର ନହେବାରୁ ଆଜି ଅଞ୍ଚଳବାସୀଙ୍କ ପକ୍ଷରୁ ସ୍ୱାକ୍ଷର ସମ୍ବଳିତ ଏକ ଦାବୀପତ୍ର କଟକ ମହାନଗର ନିଗମର ଅଧିକାରୀଙ୍କୁ ଅଭିଯୋଗ ପ୍ରକୋଷ୍ଠରେ ପ୍ରଦାନ କରିଛନ୍ତି ଏଥିସହ ଆସନ୍ତା ୧୫ ଦିନ ମଧ୍ୟରେ ଅଂଚଳରେ ଦେଖା ଦେଇଥିବା ଜଳ ସମସ୍ୟା ଦୁର କରା ନଗଲେ ଅଞ୍ଚଳ ପକ୍ଷରୁ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବା ସହ ଅଦାଲତଙ୍କ ଦୃଷ୍ଟିକୁ ଆଣିବେ ବୋଲି ଆଇନଜୀବୀ ଗଦାଧର ସାହୁ, ବଂକିମ ଚନ୍ଦ୍ର ମହାନ୍ତି, ସନ୍ତୋଷ କୁମାର ନନ୍ଦ, ସନ୍ତୋଷ କୁମାର ତ୍ରିପାଠୀ, ରମଣ ବାଗେଡ଼ିଆ, ସଂଜିବ କୁମାର ଦାସ, ରମେଶ କୁମାର ବିଶ୍ୱାଳ, ରବିନ୍ଦ୍ରନାଥ ଲେଙ୍କା, ନିରାକର ସାହୁ, ଜଟେଶ୍ୱର ସେଠୀ, ବାଉରିବନ୍ଧୁ ମହାପାତ୍ର, ଶିବାନନ୍ଦ ମଲ୍ଲିକ, ବୈରାଗୀ ଚରଣ ନାୟକଙ୍କ ସହ ବୁଦ୍ଧିଜିବୀ ମତ ପ୍ରକାଶ କରିଛନ୍ତି ।

## ଉଠାଦୋକାନୀଙ୍କୁ ଥଇଥାନ ଓ ଭେଣ୍ଡିଂଜୋନ ଦାବିରେ ସାଂସଦଙ୍କୁ ଦାବିପତ୍ର

କଟକ(ଭାସ୍କର ନ୍ୟୁଜ୍): କଟକ ସହରର ବିଭିନ୍ନ ସ୍ଥାନରେ ସରକାରୀ ଜମିରେ ଦୋକାନ କରିଥିବା ଉଠାଦୋକାନୀଙ୍କୁ ଉଚ୍ଛେଦ ନକରି ଥଇଥାନ ଓ ଭେଣ୍ଡିଂ ଜୋନ ଦାବିରେ କଟକ ଉଠାଦୋକାନୀ ମହାସଙ୍ଘ ପକ୍ଷରୁ କଟକ ଲୋକସଭା ସାଂସଦ ଭର୍ତୃହରି ମହତାବଙ୍କୁ ସାକ୍ଷାତ କରି ଆଜି ପୂର୍ବାହ୍ନରେ ଦାବିପତ୍ର ପ୍ରଦାନ କରାଯାଇଛି। ସାଂସଦଙ୍କ ନେତୃତ୍ୱରେ ଏକ କମିଟି ୨୦୨୪ ମସିହା ସେପଟ୍ଟେମ୍ବର ମାସରେ କଟକର ବିଭିନ୍ନ ମାର୍କେଟ ଗସ୍ତ କରି ପ୍ରାୟ ଆଠଗୋଟି ସ୍ଥାନରେ ଯଥା : ରାଣୀହାଟ, ବାଦାମବାଡ଼ି, ପ୍ରେସଛକ, ମଧୁପଟଣା ଓ ଓଏମପି ପ୍ରଭୃତି ସ୍ଥାନରେ ୬୦୦ ଭେଣ୍ଡିଂ ଜୋନ ପାଇଁ ପ୍ରସ୍ତାବ ନିଆଯାଇଥିଲା। ମାତ୍ର ଏଯାବତ ପ୍ରସ୍ତାବ. କାର୍ଯ୍ୟକାରି ହୋଇ ନ ଥିବା ବେଳେ ଉଚ୍ଛେଦ କାର୍ଯ୍ୟକୁ ପ୍ରଶାସନ ଚାଲୁ ରଖିଛନ୍ତି ବୋଲି ସଂଗଠନ ପକ୍ଷରୁ ଅଭିଯୋଗ କରାଯାଇଛି । ଏହା ଦ୍ୱାରା ଉଠାଦୋକାନୀମାନେ ଜୀବିକା ହରାଇ ବସିଛନ୍ତି ବୋଲି ସାଂସଦଙ୍କୁ ଅବଗତ କରାଯାଇଥିଲା। ମହାସଙ୍ଘ ପକ୍ଷରୁ ଦାବିପତ୍ର ଗ୍ରହଣକରି ସାଂସଦ ଶ୍ରୀ ମହତାବ ସରକାରଙ୍କ ଦୃଷ୍ଟି ଆକର୍ଷଣ କରି ସମାଧାନର ମାର୍ଗ ପ୍ରସ୍ତୁତ କରିବାକୁ ପ୍ରତିଶ୍ରୁତି ଦେଇଥିଲେ । ମହାସଙ୍ଘ ପକ୍ଷରୁ ସଭାପତି ଆଡ଼ଭୋକେଟ ଅମରେନ୍ଦୁ ମହାନ୍ତି, ରମାକାନ୍ତ ନାଏକ, ନରୋତମ ଦାସ, ରତ୍ନାକର ସାହୁ, ରବୀନ୍ଦ୍ର ସାହୁ, ଛବି ଖୁଣ୍ଟିଆ, ସନ୍ତୋଷ ସାହୁ, ବାପୁ ଖାନ, ସୁକାନ୍ତ ବାରିକ, ପ୍ରସନ୍ନ ମହାପାତ୍ର, ଝୋପଡ଼ପଟି ନେତା ବୃନ୍ଦାବନ ଦାସ ଆଜାଦ, ସମାଜର ପୂର୍ବତନ ସମ୍ପାଦକ ଡକ୍ଟର ପ୍ରମୋଦ କୁମାର ମହାପାତ୍ର ଓ ଡକ୍ଟର ଜ୍ଞାନଗୁରୁ ଦାସ ପ୍ରମୁଖ ଦାବି ପ୍ରଦାନ ସମୟରେ ଉପସ୍ଥିତ ଥିଲେ ।

## ଅଗ୍ନିନିର୍ବାପକ ଯନ୍ତ୍ରର ବ୍ୟବହାର ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ



କଟକ(ଭାସ୍କର ନ୍ୟୁଜ): ଓଡିଶା ଉଚ୍ଚନ୍ୟାୟାଳୟର ବିଚାରପତି ତଥା ରାଜ୍ୟ ଆଇନ ସେବା ପ୍ରାଧିକରଣର କାର୍ଯ୍ୟନିର୍ବାହୀ ଅଧକ୍ଷ ନ୍ୟାୟମୂର୍ତ୍ତି ସଙ୍ଗମ କୁମାର ସାହୁଙ୍କ ନିର୍ଦ୍ଦେଶ କ୍ରମେ ରାଜ୍ୟ ଆଇନ ସେବା ପ୍ରାଧିକରଣର ଅଧିକାରୀ ଓ କର୍ମଚାରୀ ମାନଙ୍କ ମଧ୍ୟରେ ଅଗ୍ନିନିର୍ବାପକ ଯନ୍ତ୍ରର ବ୍ୟବହାର ଓ ଆଗ୍ନିକ ଦୁର୍ବିପାକରୁ ନିଜକୁ କିପରି ସୁରକ୍ଷିତ ରଖିବା ଉଦ୍ଦେଶ୍ୟରେ ଏକ ସଚେତନତା କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ କଟକ, ବିଡାନାସୀ ଦମକଳ ବାହାନୀର ଆଗ୍ନିକ ଅଧିକାରୀ ଓ କର୍ମଚାରୀ ମାନେ ଉପସ୍ଥିତ ରହି ବିଭିନ୍ନ ଅଗ୍ନିନିର୍ବାପକ ଯନ୍ତ୍ରର ପରୀକ୍ଷଣ ଏବଂ ପ୍ରତୀକାତ୍ମକ ଅଭ୍ୟାସ କାର୍ଯ୍ୟକ୍ରମର ଆୟୋଜନ କରି ରାଜ୍ୟ ଆଇନ ସେବା ପ୍ରାଧିକରଣର ଅଧିକାରୀ ଓ କର୍ମଚାରୀ ମାନଙ୍କୁ ଅଗ୍ନି ଦୁର୍ବିପାକରୁ ନିଜକୁ ସୁରକ୍ଷିତ କରିବା ସହିତ ଅନ୍ୟମାନଙ୍କୁ ସୁରକ୍ଷା ପ୍ରଦାନ କରିବା ସମ୍ପର୍କରେ ସଚେତନତା ସୃଷ୍ଟି କରାଇଥିଲେ । ଉକ୍ତ ସଚେତନତା/ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ରାଜ୍ୟ ଆଇନ ସେବା ପ୍ରାଧିକରଣର ସଦସ୍ୟ ସଚିବ,ଉପ ସଚିବ, ସହ ସଚିବ ଓ ଅନ୍ୟ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ ।

## ଦୁର୍ଦ୍ଦିନରେ କୁମ୍ଭାର କାରିଗର
## ବୁଡ଼ିବାକୁ ବସିଲାଣି କୁଳବେଉସା



ଜଳେଶ୍ୱର,(ଭାସ୍କର ନ୍ୟୁଜ): ଦିନକୁ ଦିନ ମାଟିର ତିଆରି ଜିନିଷ ମାଟି ଘୋଡ଼ା, କୁମ୍ଭି, ଦୀପ, ହାଣ୍ଡି, ଘଟ, କଳସୀ, ସରେଇ ଓ ବିଭିନ୍ନ ମୁର୍ତ୍ତୀ ଇତ୍ୟାଦି ଜିନିଷର ଚାହିଦା କମି କମି ଯାଉଛି। ମାଟିର ଦାମ୍ ମଧ ବଢ଼ି ବଢ଼ି ଚାଲିଛି ।ଫଳରେ କୌଳିକ ବୃତ୍ତି ବୁଡ଼ିବାକୁ ବସିଲାଣି। ଆଧୁନିକ ବଜାରରେ ପ୍ଲାଷ୍ଟିକ ଏବଂ ଷ୍ଟିଲ ଜିନିଷର ଚାହିଦା ବଢ଼ିଛି ମାଟିର ତିଆରି ଜିନିଷକୁକୁ କିଏ ବା ପଚାରେ। ସୂଚନା ଅନୁସାରେ ଜଳେଶ୍ୱର ବ୍ଲକ ଦକ୍ଷିଣ ପ୍ରହରାଜପୁର ପଞ୍ଚାୟତର ମାଗୁଣିଆପଡ଼ା ଗାଁ କୁମ୍ଭାରଙ୍କ ଗ୍ରାମ। ଏହି ଗ୍ରାମରେ ୫୦ କୁମ୍ଭାର ପରିବାର ବାସ କରନ୍ତି ।ପିତୃପୁରୁଷ କାଳରୁ ଲୋକ ମାଟିରୁ ତିଆରି ସାମଗ୍ରୀ ବିକ୍ରି କରି ପେଟ ପୋଷିଥାନ୍ତି ।କିନ୍ତୁ ଏବେ ଏହି ବେଉସାକୁ ପାଥେୟ କରି ପେଟ ପୋଷିବା କଷ୍ଟ ହୋଇ ପଡ଼ିଲାଣି। ତେଣୁ କିଛି ପରିବାର ଏହି ବେଉସା କରି ପରିବାର ପ୍ରତିପୋଷଣ କରିଥାନ୍ତି ।ଉକ୍ତ ଗ୍ରାମରେ ଡିଜି ପୋଖରୀ ନାମକ ଏକ ପୋଖରୀ ରହିଛି ।ଉକ୍ତ ପୋଖରୀରୁ ମାଟି ସଂଗ୍ରହ କରି ସେହି ମାଟିରେ ବିଭିନ୍ନ ପ୍ରକାରର ମାଟି ସାମଗ୍ରୀ ତିଆରି କରିଥାନ୍ତି ।ତେଣୁ ଗ୍ରାମର କିଛି ଦଲାଲ ଶ୍ରେଣୀର ଲୋକେ କୁମ୍ଭାର ସମ୍ପ୍ରଦାୟର ଲୋକଙ୍କୁ ଏହି ପୋଖରୀରୁ ମାଟି ନେବାକୁ ହେଲେ ପଚାଶ ହଜାର ଟଙ୍କା ଦେବାକୁ ପଡ଼ିବ ନ ହେଲେ ମାଟି ନେବାକୁ ଆମେ ଦେବୁ ନାହିଁ ବୋଲି କହି କୁମ୍ଭାର ମାନଙ୍କ ସହିତ ଗଣ୍ଡଗୋଳ କରିଥିଲେ ।ତେଣୁ କୁମ୍ଭାର କାରିଗର ବର୍ତ୍ତମାନ ନିରୁପାୟ ହୋଇ ପଡିଛନ୍ତି ।ଗ୍ରାମବାସୀଙ୍କ ପକ୍ଷରୁ ଅମ୍ବିକା ଦାସ୍, ରଜନୀ କାନ୍ତ ଦାସ୍, ସୀତାକାନ୍ତ ବେହେରା, ନିରଞ୍ଜନ ଦାସ୍, ନୁନା ବେହେରା, ସୁବୋଧ ବେହେରା, ଅରବିନ୍ଦ ବେହେରା, ଜ୍ଞାନେନ୍ଦ୍ର ବେହେରା, ଶମ୍ଭୁନାଥ ବେହେରା, ରଘୁନାଥ ବେହେରା, ବିରଞ୍ଜନ ବେହେରା ପ୍ରମୁଖ ଉକ୍ତ ବିଶୃଙ୍ଖଳିତ ଲୋକଙ୍କ ବିରୁଦ୍ଧରେ ଥାନାର ଦ୍ୱାରସ୍ଥ ହେବା ସହିତ ଜିଲ୍ଲାପାଳଙ୍କୁ ତୁରନ୍ତ ମାଟି ଥିବା ଜାଗାକୁ ଚିହ୍ନଟ କରି ଉକ୍ତ କୁମ୍ଭାର ପରିବାରକୁ ମାଟି ଯୋଗେଇ ଦେବାକୁ ଅନୁରୋଧ କରିଛନ୍ତି ଗ୍ରାମବାସୀ।

## ଜିଲ୍ଲାପାଳଙ୍କ ଅଧକ୍ଷତାରେ ଜନଶୁଣାଣି ଶିବିର



ନବରଙ୍ଗପୁର (ଭାସ୍କର ନ୍ୟୁଜ): ଜିଲ୍ଲା ପରିଷଦ ସମ୍ମିଳନୀ ଗୃହରେ ଜିଲ୍ଲାପାଳ ଡ. ଶୁଭଙ୍କର ମହାପାତ୍ରଙ୍କ ଅଧକ୍ଷତାରେ ଏକ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ)ତପନ କୁମାର ଖୁଣ୍ଟିଆ, ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲା ପରିଷଦ ବିରଞ୍ଚି ନାରାୟଣ ଦରୱାନ, ଉପ ଜିଲ୍ଲାପାଳ ନବରଙ୍ଗପୁର ପ୍ରକାଶ କୁମାର ମିଶ୍ରଙ୍କ ସମେତ ସମସ୍ତ ଜିଲ୍ଲା ସ୍ତରୀୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଏହି ଜନ ଶୁଣାଣି ଶିବିରରେ ମୋଟ ୩୬ଜଣ ଆବେଦନକାରୀ ନିଜର ଅଭିଯୋଗପତ୍ର ଦାଖଲ କରିଥିଲେ। ସେଥିମଧ୍ୟରୁ ୨୧ଟି ବ୍ୟକ୍ତିଗତ ସମସ୍ୟା ଅଭିଯୋଗ ଓ ୧୫ଟି ଗ୍ରାମ୍ୟ ତଥା ସାମୁହିକ ସମସ୍ୟା ସମ୍ମିଳିତ ଥିଲା। ଅଭିଯୋଗ ମୁଖ୍ୟତଃ ରାସନ୍ କାର୍ଡ, ଆବାସ ଗୃହ, ପାନୀୟ ଜଳ,ଆୟୁଷ୍ମାନ କାର୍ଡ, ବିଦ୍ୟୁତ୍ ଉପରେ ଥିଲା। ଜିଲ୍ଲାପାଳ ଅଭିଯୋଗ ଶୁଣାଣୀ ଶିବିରରେ ପୂର୍ବରୁ ଏ ପର୍ଯ୍ୟନ୍ତ ବକେୟା ସମସ୍ୟାର ସମାଧାନ କରି ନ ଥିବା ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ତାଗିଦ କରିଥିଲେ ଏବଂ ଶୀଘ୍ର ସମାଧାନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ ।ଅଭିଯୋଗ ଶୁଣାଣୀ ପରେ ଜିଲ୍ଲାରେ ଆସନ୍ତା ଜୁନ ୧୨ ରୁ ୧୮ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ବିକାଶ ମେଳାରେ ବିଭାଗୀୟ ପ୍ରଦର୍ଶନୀ ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମ ପାଇଁ ଆବଶ୍ୟକୀୟ ପଦକ୍ଷେପ ନେବାକୁ ସଂପୃକ୍ତ ବିଭାଗୀୟ ଅଧିକାରୀ ମାନଙ୍କୁ କହିଥିଲେ।

## ଜୁଆ ଖେଳ ପାଇଁ ବଢୁଛି ଚୋରି
## ଠାକୁରଙ୍କୁ ବି ଛାଡିଲେନି

ନିଆଳି (ଭାସ୍କର ନ୍ୟୁଜ୍) : ନିଆଳି ଥାନା ଅଧିନସ୍ତ ବିନିଷ ପୂର ପଂଚାୟତ ବିନିଷ ପୁରରେ ଚାଲିଛି ବେଧଡ଼କ ଜୁଆ ଖେଳ। ବାରମ୍ବାର ଖବର ପ୍ରସାରଣ ପରେ ବି ପ୍ରଶାସନ ନେଉଛି କାର୍ଯ୍ୟାନୁଷ୍ଠାନ ନା ଜୁଆ ଖେଳାଳିଙ୍କୁ ଅଛି ଡର। ଏହି ଜୁଆ ଖେଳ ପାଇଁ ପରିବାର ସର୍ବସ୍ୱାନ୍ତ ହେଉଥିବା ବେଳେ ଆଉ କେତେକ ପରିବାର ଭୋକ ଓପାସ ରେ ଦିନ କାଟୁଛନ୍ତି। ଧାରେ ଉଧାରେ କରି ଜୁଆ ଖେଳ ରେ ସର୍ବସ୍ୱ ହରେଇ ଦେବା ପରେ ରାତି ଅଧରେ ଚୋରି କରିବାକୁ ପଛାଉ ନାହାନ୍ତି ଜୁଆରେ ହାରିଥିବା ଯୁବକ ମାନେ। ସ୍ଥାନୀୟ ଲୋକଙ୍କ ଏଭଳି ଅଭିଯୋଗ ପ୍ରଶାସନିକ ଅଧିକାରୀ ଙ୍କ ମୁଖା ଖୋଲି ଦେଇଛି। ଏହି ଜୁଆ ଖେଳ ରେ ସ୍ଥାନୀୟ ଅଞ୍ଚଳର ଲୋକଙ୍କ ସମେତ ଆଖ ପାଖ ଚାରୋଟି ଜିଲ୍ଲା ରୁ ପ୍ରବଳ ଲୋକ ଆସୁଥିବା ବେଳେ ସେମାନଙ୍କ ଉପରେ କୌଣସୀ କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ। ଯଦି ଆଗକୁ ଏହିଭଳି ଜୁଆ ଖେଳ ଚାଲି ରହେ ସାରା ଅଞ୍ଚଳ ରେ ଏକ ଅଶାନ୍ତି କର ପରିସ୍ଥିତି ସୃଷ୍ଟି ହେବ। ଏହି ଜୁଆ ଖେଳ ଯୋଗୁ ଅଂଚଳ ରେ ଚୋରି ବଢିଥିବା ଦାବି କରିଛନ୍ତି। ଏମିତିକି ମନ୍ଦିରରୁ ଘଣ୍ଟ ଘଣ୍ଟି, ଗରା କୁଣ୍ଡ ନେବାକୁ ପଛାଉ ନାହାନ୍ତି। ଜୁଆ ଖେଳକୁ ପ୍ରଶାସନ ବନ୍ଦ ନକଲେ ଆଗାମୀ ଦିନରେ ଚୋରି ରାହାଜାନି ପ୍ରବଳ ମାତ୍ରା ରେ ହେବ ବୋଲି ଆଲୋଚନା ହେଉଛି। ଏ ନେଇ ସଦର ଏସ ଡି ପୀ ଓ କିରଣ ହେମରମ ଙ୍କୁ ପଚାରିବାରୁ ଖୁବ ଶୀଘ୍ର ଏକ ଟିମ ଗଠନ କରାଯାଇ ଜୁଆ ଆଡ୍ଡା ଉପରେ ଚଡ଼ାଉ କରିବେ ବୋଲି କହିଛନ୍ତି।

## ଦୁଇ ହାତୀ ଦାନ୍ତ ଜବତ: ଅଭିଯୁକ୍ତ ଗିରଫ

ବୌଦ୍ଧ (ଭାସ୍କର ନ୍ୟୁଜ୍) : ବୌଦ୍ଧ ଜିଲ୍ଲା ଚରଡା ଥାନା ତେଲିବନ୍ଧ ଗାଁରେ ଜଣେ ବ୍ୟକ୍ତି ଦୁଇଟି ହାତୀ ଦାନ୍ତ ବିକ୍ରି କରୁଥିବା ବେଳେ କ୍ରାଇମ୍ ବ୍ରାଞ୍ଚ ଏସ୍‌ଟିଏଫ୍ ତାଙ୍କୁ ଗିରଫ କରିବା ସହିତ ହାତୀ ଦାନ୍ତ ଜବତ କରିଛି। ଏହି ଦାନ୍ତ ଦୁଇଟିର ମୂଲ୍ୟ ୫୦ଲକ୍ଷ ହେବ ବୋଲି ଆକଳନ କରାଯାଇଛି।

**AFFIDAVIT**

By virtue of an affidavit sworn before the Executive Magistrate, Banpur dated 2.06.2025, I Kalu Nayak, Address : Village-Bheteswar, Po-Bheteswar, Ps-Banpur, Dist.-Khordha, Odisha, Pin-752031. Declare that I have changed my name from Kalucharan Nayak to Kalu Nayak. Henceforth, I shall be known as Kalu Nayak for all purposes.
(Kalu Nayak)

**AFFIDAVIT**

By virtue of an affidavit sworn before the Executive Magistrate, Bhubaneswar dated 23/05/2025, I Lili Hembram, Address: At-Nilapani Tanki Basti, Po-Nayapalli, Ps-Nayapalli, Near Nilapani Tanki, Unit-08, Bhubaneswar, Khordha, Odisha, Pin-751012, declare that I have changed My son's name from Hemanta Hembram to Akash Hembram. Henceforth, he shall be known as Akash Hembram for all purposes.
(Lili Hembram)

**AFFIDAVIT**

By virtue of an affidavit sworn before the Executive Magistrate, Bhandaripokhari dated 28/05/2025, I Mamatarani Peda, Address: At-Soeagadia, Po-Barapada, Ps-Bhadrak (R), Dist.-Bhadrak, Odisha, Pin-756113, declare that I have changed my name from Mamata Samal to Mamatarani Peda. Henceforth, I shall be known as Mamatarani Peda for all Purposes.
(Mamatarani Peda)

**AFFIDAVIT**

By virtue of an affidavit sworn before the Executive Magistrate, Rasulpur dated 02/06/2025, I Pravati Palei, Address: Village-Bhagirathpur, Po-Sribantapur, G.P.-Sribantapur, Dist.-Jajpur, Odisha, Pin-755015, declare that I have changed my name from Pravati Das to Pravati Palei. Hencefoth, I shall be known as Pravati Palei for all purposes.
(Pravati Palei)

## ବାଂଲାଦେଶୀଙ୍କୁ ଠାବ କରିବା କଷ୍ଟକର
## ଫେରିବାଲା ଠୁ ପ୍ଲାଷ୍ଟିକି ବିକ୍ରେତା ପର୍ଯ୍ୟନ୍ତ ସବୁ ନୂଆ ମୁହଁ



ଅସ୍ତରଙ୍ଗ (ଭାସ୍କର ନ୍ୟୁଜ୍) : ଓଡିଶାରୁ ହଟିବେ ବାଂଲାଦେଶୀ। ଏହି ଖବର ପରେ ପୁରୀ ଜିଲ୍ଲା ଅସ୍ତରଙ୍ଗ ଅଂଚଳରେ ପ୍ରତିଦିନ ଦେଖିବାକୁ ମିଳୁଛି ନୂଆମୁହଁ। କିଏ ତମ୍ବୁ ପକାଇ ତ ଆଉ କିଏ ଛୋଟ ବସ୍ତିରେ ଭଡାଟିଆ ହୋଇ ରହୁଛି । ଫେରିବାଲା, ପ୍ଲାଷ୍ଟିକି ବିକ୍ରେତା, କପଡା ଦୋକାନୀ, ପ୍ରେସର କୁକର ରିପେଆର ଠାରୁ ଆରମ୍ଭ କରି ରାଜମିସ୍ତ୍ରୀ ଯାଏ ସବୁଠି ନୂଆ ମୁହଁ ଦେଖାଯାଉଛି। ଏମାନଙ୍କୁ ନିର୍ଦ୍ଦିଷ୍ଟ ଭାବେ ବାଙ୍ଗଲାଦେଶୀ ବୋଲି କହିହେଉନି। ଏମାନଙ୍କ ସମ୍ପର୍କରେ କିଛି ଜାଣି ହେଉନି। କେବେ ହିନ୍ଦୀ ତ ଆଉ କେବେ ଉର୍ଦ୍ଦୁ କହୁଛନ୍ତି। ଅସ୍ତରଙ୍ଗ ଅଂଚଳରେ ଅଣଓଡ଼ିଆ ସଂଖ୍ୟା ବଢ଼ିବାରେ ଲାଗିଛି। ଦୁଇ ଦଶନ୍ଧି ପୂର୍ବରୁ ଅସ୍ତରଙ୍ଗ ଓ ଅଂଚଳରେ ହାତଗଣତି ପରିବାର ରହୁଥିଲେ। କିଏ ଟାୟାର ଦୋକାନ ତ ଆଉ କିଏ ଫେରିବାଲା ସାମଗ୍ରୀ ବିକ୍ରି କରି ରହୁଥିଲେ। ଏବେ ଅସ୍ତରଙ୍ଗ ଅଂଚଳରେ ଏହି ହିନ୍ଦୀ ଓ ଉର୍ଦ୍ଦୁ କହୁଥିବା ଅଣଓଡ଼ିଆ ପରିବାର ସଂଖ୍ୟା ଶତାଧିକରେ ପହଁଚିଛି। ଏମିତି କି କେତେକ ବିଭିନ୍ନ ସ୍ଥାନୀୟ ଅଂଚଳରେ ବିଭିନ୍ନ ଦୋକାନ କରିଥିବା ଦେଖିବାକୁ ମିଳୁଛି। ଏହାକୁ ନେଇ ସାଧାରଣରେ ଅସନ୍ତୋଷ ବୃଦ୍ଧି ପାଇଛି। ଗତ କିଛିବର୍ଷ ମଧ୍ୟରେ ହୁ ହୁ ହୋଇ ବଢିଥିବା ବେଳେ ସେମାନଙ୍କ ପ୍ରକୃତ ପରିଚୟ କିମ୍ବା କେତେ ସଂଖ୍ୟାରେ ଏଠି ଅଛନ୍ତି ଓ କେଉଁ ପରିସ୍ଥିତିରେ କେଉଁ ପୃଷ୍ଠଭୂମିରେ ସେମାନଙ୍କ ଅନ୍ୟ ସ୍ଥାନରୁ ଏଠିକୁ ଆସିଛନ୍ତି। ଏହି ତଥ୍ୟ ପୁଲିସ କି କାହା ପାଖରେ ନାହିଁ। ଯାହା ଫଳରେ ସ୍ଥାନୀୟ ଅଂଚଳରେ ବାଙ୍ଗଲାଦେଶୀ ବଂଶ ବୃଦ୍ଧି ପାଉଛି ବୋଲି ଅନୁମାନ କରାଯାଉଛି।

## ଧର୍ମୀୟ ରୀତିରେ ଶୁଦ୍ଧିକ୍ରିୟା କରିବାରୁ ଆକ୍ରମଣ



ମାଲକାନଗିରି (ଭାସ୍କର ନ୍ୟୁଜ) : ନିଜ ସ୍ୱାମୀଙ୍କ ମୃତ୍ୟୁ ପରେ ଅମର ଆତ୍ମାର ସଦଗତି ପାଇଁ ମତୁଆ ଧର୍ମ ଅନୁଯାୟୀ ଶେଷ କ୍ରିୟା କରିଥିଲେ। ତେବେ ମତୁଆ ଧର୍ମର ରୀତିନୀତି ଅନୁଯାୟୀ ସ୍ୱାମୀଙ୍କ ଶେଷ କ୍ରିୟା କରିଥିବାରୁ କିଛି ଅନ୍ୟ ଧର୍ମର ଲୋକେ ପହଞ୍ଚି ଜୋର ଜବରଦସ୍ତ ମୃତକଙ୍କ ପରିବାର ଲୋକଙ୍କୁ ମାଡ ମାରି ଧମକ ଦେବା ସହ ପୁନଃ ନିଜ ଧର୍ମର ରୀତିନୀତି ଅନୁଯାୟୀ ଶେଷ କ୍ରିୟା କରାଇଥିବା ବେଳେ ଏନେଇ ପୀଡିତ ପରିବାର ଥାନାର ଦ୍ୱାରସ୍ଥ ହୋଇ ନ୍ୟାୟ ଭିକ୍ଷା କରିଛି। ସେହିପରି ଏହି ଘଟଣାକୁ ବିଭିନ୍ନ ସାମାଜିକ ସଙ୍ଗଠନ ପକ୍ଷରୁ ବିରୋଧ କରି ଏକ ସାମ୍ବାଦିକ ସମ୍ମିଳନୀ ମଧ୍ୟ କରାଯାଇ ପୀଡିତ ପରିବାରକୁ ନ୍ୟାୟ ଦେବାକୁ ଅନୁରୋଧ କରାଯାଇଛି। ଅଭିଯୋଗ ଅନୁଯାୟୀ ମାଲକାନଗିରି ଜିଲ୍ଲା କାଲିମେଳା ନିବାସୀ ନନି ଗୋପାଳ ବିଶ୍ୱାଷସଙ୍କ ମୃତ୍ୟୁ ତା ୧୭.୦୫.୨୦୨୫ ରିଖରେ ହୋଇଥିଲା । ତାଙ୍କର ମୃତ୍ୟୁ ପରେ ପରିବାର ର ଲୋକମାନେ ସେମାନେ ଦୀକ୍ଷିତ ହୋଇଥିବା ମତୁଆ ଧର୍ମାନୁଯାୟୀ କ୍ରିୟା କର୍ମ କରିଥିଲେ । ତେବେ ଗତ ତା. ୩୦.୦୫.୨୦୨୫ ରିଖ ଦିନ ଶ୍ରଦ୍ଧାଞ୍ଜଳି ଭୋଜି ପାଇଁ ଆୟୋଜନ କରାଯାଉଥିବା ବେଳେ ସେହି ସମୟରେ ହଠାତ ଉତ୍ତମ ଓଝା ନାମକ ବ୍ୟକ୍ତି ପ୍ରାୟ, ୫୦ରୁ ଉର୍ଦ୍ଧ ବ୍ୟକ୍ତିଙ୍କୁ ନେଇ ଭୋଜି ସ୍ଥଳକୁ ଯାଇ ଜୋର ଜବରଦସ୍ତି ଟେଣ୍ଟ ବାହାର କରି ଜିନିଷ ପତ୍ର ଫିଙ୍ଗାଫିଙ୍ଗି କରି ଅସଭ୍ୟ ଭାଷାରେ ଗାଳିଗୁଳଜ କରିବା ସହ ମାରପିଟ କରିଥିଲେ । ମତୁଆ ଧର୍ମର କେନ୍ଦ୍ରୀୟ କମିଟି ସଧାରଣ ସମ୍ପାଦକ ଅନୀମେଶ ମଣ୍ଡଳ ଓ ମତୁଆଚାର୍ଯ୍ୟ ରବୀନ୍ଦ୍ର ନାଥ ବିଶ୍ୱାସଙ୍କୁ ମଧ୍ୟ ମାରିଦେବା ପାଇଁ ଧମକ ଦେଇ ଥିଲେ । ତୁରନ୍ତ ଏନେଇ କାଲିମେଳା ଥାନକୁ ପରିବାର ଲୋକେ ଖବର ଦେବା ପରେ ଥାନା ଅଧିକାରୀ ସଙ୍ଗେସଙ୍ଗେ ଘଟଣା ସ୍ଥଳକୁ ଯାଇ ଉତ୍ତମ ଓଝାଙ୍କୁ ବୁଝାଇଥିଲେ ମଧ୍ୟ କିଛି ଫରକ୍ ପଡ଼ି ନଥିଲା। ଘଟଣାର ପର ଦିନ ସକାଳେ ପୁଣି ଉତ୍ତମ ଓଝା ନାମକ ବ୍ୟକ୍ତି ଏକ ବ୍ରାହ୍ମଣ ପୁରୋହିତଙ୍କୁ ନେଇ ମୃତ ନନି ଗୋପାଳ ବିଶ୍ୱାସଙ୍କ ଘରେ ଆସି ଜୋଜବରଦସ୍ତି ଭାବେ ଭୟ ଦେଖାଇ ପୁନର୍ବାର ଶୁଦ୍ଧିକ୍ରିୟା କର୍ମ କରିଥିଲେ । ଯାହାକୁ ନେଇ ମୃତକଙ୍କ ପରିବାର ଲୋକେ ମାନସିକ ଚାପ ମଧ୍ୟରେ ରହିଥିବା ବେଳେ ନିଜ ଧର୍ମ ପାଳନ କରିବାରୁ ତାଙ୍କୁ ଏପରି ଯନ୍ତ୍ରଣା ସହିବାକୁ ପଡିଥିବା କହି ଦୁଖ ପ୍ରକାଶ କରିଥିବା ବେଳେ ସାମ୍ବିଧାନିକ ଅଧିକାରକୁ ହତ୍ୟା କରି ଆଇନକୁ ହାତକୁ ନେଇଥିବା ଉତ୍ତମ ଓଝା ଓ ଅନ୍ୟ ସହକର୍ମୀଙ୍କ ପ୍ରତି ପୋଲିସ ପ୍ରଶାସନ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଆଜି ମାଲକାନଗିରି ସ୍ଥ ହୋଟେଲ ସ୍ୱାଗତ ସଭା ଗୃହରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ମୃତକଙ୍କ ପରିବାର ଲୋକଙ୍କ ସମେତ ବିଭିନ୍ନ ସଙ୍ଗଠନ ଦାବୀ କରିଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ସର୍ବ ଭାରତୀୟ ମତୁଆଚାର୍ଯ୍ୟ ରବୀନ୍ଦ୍ର ନାଥ ବିଶ୍ୱାସ, ସ୍ୱର୍ଗତ ନନୀ ଗୋପାଳ ବିଶ୍ୱାସଙ୍କ ପତ୍ନୀ ସାରଥୀ ବିଶ୍ୱାସ, ଗୁରୁ ଚାନ୍ଦ ଆମ୍ବେଦକର ଚେତନା ମଞ୍ଚ ସଭାପତି ଲକ୍ଷ୍ମଣ ଚନ୍ଦ୍ର ଘରାମୀ, ଆଦିବାସୀ ନେତା ଘନଶ୍ୟାମ ମାଡକାମି, ଅନୁସୂଚିତ ଜାତି ଜନଜାତି ସଂଘ ମିଳିତ କ୍ରିୟକ୍ଷନୁଷ୍ଠାନ କମିଟି ସଭକ୍ଷପତି ଜରା ଶବର ମାଡ଼ି, ମୂଖ୍ୟ ଉପଦେଷ୍ଟା ପ୍ରଭକ୍ଷକର ହନ୍ତାଳ, ରାଜରାୟ ମଣ୍ଡଳ, ଶିଶିର ମଣ୍ଡଳ, ମତୁଆଚାର୍ଯ୍ୟ ପ୍ରକାଶ ଗୋସାଇଁ, ନିର୍ମଳ ମଣ୍ଡଳ ଓ ପରିମଳ ମଣ୍ଡଳ ପ୍ରମୁଖ ଉପସ୍ଥିତ ଥିଲେ।




ରାଞ୍ଚି: ପାଟନାରୁ ରାଞ୍ଚି ଆସୁଥିବା ଏକ ଇଣ୍ଡିଗୋ ବିମାନରେ ଏକ ପକ୍ଷୀ ଧକ୍କା ଦେବା ପରେ ବିମାନଟିକୁ ରାଞ୍ଚି ବିମାନବନ୍ଦରରେ ଜରୁରୀକାଳୀନ ଅବତରଣ କରାଯାଇଛି। ବିମାନରେ ଥିବା ସମସ୍ତ ୧୭୫ ଜଣ ଯାତ୍ରୀ ସୁରକ୍ଷିତ ଥିବା ଅଧିକାରୀମାନେ ସୂଚନା ଦେଇଛନ୍ତି। ରାଞ୍ଚିର ବିର୍ସା ମୁଣ୍ଡା ବିମାନବନ୍ଦରରେ ଏକ ଇଣ୍ଡିଗୋ ବିମାନ ଫ୍ଲାଇଟ୍ (୬ଇ୬୧୫୨) ଅବତରଣ କରୁଥିବା ସମୟରେ ଏହି ଘଟଣା ଘଟିଥିଲା। ପକ୍ଷୀଟି ବିମାନର ନୋଜ୍ ସହିତ ଧକ୍କା ହୋଇଥିଲା। ଏହା ପରେ, ପାଇଲଟ୍ ବିମାନକୁ ରନୱେରେ ସୁରକ୍ଷିତ ଭାବରେ ଅବତରଣ କରିଥିଲେ। ପକ୍ଷୀ ଧକ୍କା ବିଷୟରେ ସୂଚନା ପାଇବା ମାତ୍ରେ ବିମାନବନ୍ଦର କର୍ତ୍ତୃପକ୍ଷ ଦଳ ଘଟଣାସ୍ଥଳରେ ପହଞ୍ଚିଥିଲେ। ଏକ ବୈଷୟିକ ଦଳ ଏବେ ବିମାନର ଯାଞ୍ଚ କରୁଛନ୍ତି। ଯାଞ୍ଚ ସମ୍ପୂର୍ଣ୍ଣ ନହେବା ପର୍ଯ୍ୟନ୍ତ, ବିମାନକୁ ଉଡ଼ାଣ ପାଇଁ ଅନୁମତି ଦିଆଯିବ ନାହିଁ। ରାଞ୍ଚିର ବିର୍ସା ମୁଣ୍ଡା ବିମାନବନ୍ଦରରେ ଏକ ଇଣ୍ଡିଗୋ ବିମାନ ଫ୍ଲାଇଟ୍ (୬ଇ୬୧୫୨) ଅବତରଣ କରୁଥିବା ସମୟରେ ଏହି ଘଟଣା ଘଟିଥିଲା।

## ବିଦେଶରୁ ଫେରି ପ୍ରଧାନମନ୍ତ୍ରୀଙ୍କୁ ଭେଟିବେ ପ୍ରତିନିଧିମଣ୍ଡଳୀ



ନୂଆଦିଲ୍ଲୀ: ଅପରେଶନ ସିନ୍ଦୁର ପରେ ପାକିସ୍ତାନ ପ୍ରାୟୋଜିତ ଆତଙ୍କବାଦ ବିରୋଧରେ ଭାରତର ଦୃଢ଼ ଅବସ୍ଥାନକୁ ବିଶ୍ୱ ସମୁଦାୟ ଆଗରେ ଉପସ୍ଥାପନ କରିବା ପାଇଁ ୩୩ଟି ଦେଶକୁ ପଠାଯାଇଥିବା ସର୍ବଦଳୀୟ ସାଂସଦୀୟ ପ୍ରତିନିଧିମଣ୍ଡଳ ଆସନ୍ତା ସପ୍ତାହରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଭେଟିବେ। ଏହି ପ୍ରତିନିଧିମଣ୍ଡଳ, ଯେଉଁଥିରେ ବିଭିନ୍ନ ରାଜନୈତିକ ଦଳର ୫୯ ସାଂସଦ ସାମିଲ ଅଛନ୍ତି, ପାକିସ୍ତାନର ରାଷ୍ଟ୍ରୀୟ ଆତଙ୍କବାଦୀ କାର୍ଯ୍ୟକଳାପକୁ ବିଦେଶରେ ଉଜାଗର କରିବା ସହ ଏପ୍ରିଲ ୨୨ରେ ପହଲଗାମ ଆତଙ୍କବାଦୀ ହମଲାରେ ୨୬ ଜଣଙ୍କ ମୃତ୍ୟୁ ଘଟଣାର ପ୍ରତିକ୍ରିୟା ସ୍ୱରୂପ ଭାରତର ପ୍ରତିଶୋଧମୂଳକ କାର୍ଯ୍ୟାନୁଷ୍ଠାନ ବିଷୟରେ ପ୍ରଧାନମନ୍ତ୍ରୀଙ୍କୁ ଅବଗତ କରାଇବେ। ଏହି ପ୍ରତିନିଧିମଣ୍ଡଳଗୁଡ଼ିକ, ଯେଉଁମାନେ କଂଗ୍ରେସ ସାଂସଦ ଶଶୀ ଥରୁର, ଭାଜପା ସାଂସଦ ରବି ଶଙ୍କର ପ୍ରସାଦ, ଜେଡି(ୟୁ) ସାଂସଦ ସଞ୍ଜୟ କୁମାର ଝା, ଶିବସେନା ସାଂସଦ ଶ୍ରୀକାନ୍ତ ଶିନ୍ଦେ, ଡିଏମକେ ସାଂସଦ କାନିମୋଝୀ କରୁଣାନିଧି, ଏନସିପି (ଏସପି) ସାଂସଦ ସୁପ୍ରିୟା ସୁଲେ ଏବଂ ଭାଜପା ସାଂସଦ ବୈଜୟନ୍ତ ପଣ୍ଡାଙ୍କ ନେତୃତ୍ୱରେ ଗଠିତ। ଯୁକ୍ତରାଷ୍ଟ୍ର ଆମେରିକା, ବ୍ରିଟେନ, ଜାପାନ, ସାଉଦି ଆରବ, ଇଣ୍ଡୋନେସିଆ ଏବଂ ଅନ୍ୟାନ୍ୟ ପ୍ରମୁଖ ରାଷ୍ଟ୍ରଗୁଡ଼ିକୁ ଗସ୍ତ କରିଛନ୍ତି। ସେମାନେ ବିଦେଶୀ ସରକାର, ଥିଙ୍କ ଟ୍ୟାଙ୍କ, ଗଣମାଧ୍ୟମ ଏବଂ ସିଭିଲ ସୋସାଇଟି ସହ ଆଲୋଚନା କରି ପାକିସ୍ତାନର ଆତଙ୍କବାଦୀ ନୀତି ଏବଂ ଲସ୍କର-ଏ-ତୋଇବା ଓ ଜୈଶ-ଏ-ମହମ୍ମଦ ପରି ସଂଗଠନଗୁଡ଼ିକର ସମ୍ପୃକ୍ତିକୁ ଉଜାଗର କରିଛନ୍ତି, ଯେଉଁମାନେ ପହଲଗାମ ହମଲା ପାଇଁ ଦାୟୀ। ଏହି ପ୍ରତିନିଧିମଣ୍ଡଳଗୁଡ଼ିକ ମେ ୭, ୨୦୨୫ରେ ଆରମ୍ଭ ହୋଇଥିବା ଅପରେଶନ ସିନ୍ଦୁରରେ ଭାରତ ପାକିସ୍ତାନ ଏବଂ ପାକିସ୍ତାନ ଅଧିକୃତ କାଶ୍ମୀର (ପିଓକେ)ରେ ୯ଟି ଆତଙ୍କବାଦୀ ଶିବିରକୁ ଲକ୍ଷ୍ୟ କରିଥିବା ବିଷୟକୁ ଜୋର ଦେଇଛନ୍ତି। ପ୍ରତିନିଧିମଣ୍ଡଳଗୁଡ଼ିକ ମଧ୍ୟ ଭାରତର ଗଣତାନ୍ତ୍ରିକ ମୂଲ୍ୟବୋଧକୁ ତୁଳନା କରି ପାକିସ୍ତାନର ଆତଙ୍କବାଦୀ ସମର୍ଥନର ଇତିହାସକୁ ଉଜାଗର କରିଛନ୍ତି। ଉଦାହରଣ ସ୍ୱରୂପ, ସଞ୍ଜୟ ଝାଙ୍କ ନେତୃତ୍ୱାଧୀନ ପ୍ରତିନିଧିମଣ୍ଡଳ ଇଣ୍ଡୋନେସିଆରେ ନ୍ୟାସନାଲ ମାଣ୍ଡେଟ ପାର୍ଟି (ପିଏଏନ) ନେତାଙ୍କ ସହ ଆଲୋଚନା କରି ଭାରତର ଆତଙ୍କବାଦ ବିରୋଧୀ ଅବସ୍ଥାନକୁ ସମର୍ଥନ ହାସଲ କରିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ସହ ଆସନ୍ତା ସପ୍ତାହରେ ହେବାକୁ ଥିବା ବୈଠକରେ ଏହି କୂଟନୈତିକ ଗସ୍ତର ଫଳାଫଳ, ବିଶେଷକରି ଜାତିସଂଘ ସୁରକ୍ଷା ପରିଷଦ, ଜି୭ ଏବଂ ଜି୨୦ ସଦସ୍ୟ ରାଷ୍ଟ୍ରଗୁଡ଼ିକରୁ ମିଳିଥିବା ସମର୍ଥନ ଏବଂ ପାକିସ୍ତାନର କୂଟନୈତିକ ପ୍ରୟାସକୁ ମୁକାବିଲା କରିବାରେ ସମ୍ମୁଖୀନ ହୋଇଥିବା ଆହ୍ୱାନଗୁଡ଼ିକ ଉପରେ ଆଲୋଚନା ହେବ। ପାକିସ୍ତାନର ବିଲାୱାଲ ଭୁଟ୍ଟୋ ଜରଦାରୀଙ୍କ ନେତୃତ୍ୱାଧୀନ ଏକ ଦଳ ନିଜକୁ ଶାନ୍ତିପ୍ରିୟ ରାଷ୍ଟ୍ର ଭାବେ ଉପସ୍ଥାପନ କରିବାକୁ ଚେଷ୍ଟା କରିଥିବା ବେଳେ, ଭାରତୀୟ ପ୍ରତିନିଧିମଣ୍ଡଳଗୁଡ଼ିକ ଏହାକୁ ପ୍ରମାଣ ଆଧାରିତ ତଥ୍ୟ ସହ ଖଣ୍ଡନ କରିଛନ୍ତି।

## ପରବର୍ତ୍ତୀ ଯୁଦ୍ଧ ନେଇ ସିଡିଏସ୍‌ଙ୍କ ଚମକାଇବା ଜବାବ



ନୂଆଦିଲ୍ଲୀ: ଭାରତର ପ୍ରତିରକ୍ଷା ମୁଖ୍ୟ ଅନିଲ ଚୌହାନ ପାକିସ୍ତାନକୁ ଚେତାବନୀ ଦେଇଛନ୍ତି। ସେ କହିଛନ୍ତି, ଅପରେଶନ ସିନ୍ଦୂର ଏକ କଣ୍ଟାକ୍ଟ ଲେସ୍ ଯୁଦ୍ଧ ଥିଲା। ଏହି ସମୟ ମଧ୍ୟରେ ସେନା ମଧ୍ୟରେ କୌଣସି ସମ୍ପର୍କ ନ ଥିଲା, ତଥାପି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା। ପାକିସ୍ତାନ ଭାରତ ବିରୋଧରେ ଡ୍ରୋନ ଏବଂ ମିଶାଇଲ ବ୍ୟବହାର କରିଥିଲା। ଭାରତ ମଧ୍ୟ ଏହାର ଉପଯୁକ୍ତ ଜବାବ ଦେଇଥିଲା। ଏବେ ସିଡିଏସ୍ ଅନିଲ ଚୌହାନ ସୂଚାଇଛନ୍ତି ଯେ, ପରବର୍ତ୍ତୀ ଯୁଦ୍ଧ କିପରି ହୋଇପାରେ। ସିଡିଏସ୍ ଚୌହାନ ସମ୍ପ୍ରତି ଶାଙ୍ଗ୍ରି-ଲା ଡାଏଲଗରେ ଅଂଶଗ୍ରହଣ କରିଥିଲେ। ସେ ପାକିସ୍ତାନକୁ ଚେତାବନୀ ଦେଇ କହିଥିଲେ, ଆତଙ୍କବାଦ ଯୋଗୁ ଭାରତ ବହୁତ କ୍ଷତି ସହିଛି, କିନ୍ତୁ ଦେଶ ଏବେ ଏହା ପ୍ରତି କଠୋର। ଭାରତ କୌଣସି ପ୍ରକାରେ ଆତଙ୍କବାଦକୁ ସହ୍ୟ କରିବ ନାହିଁ। ବିରୋଧୀମାନେ ଅପରେଶନ ସିନ୍ଦୁରରୁ ଆମର ସଂଯମତା ବିଷୟରେ ଧାରଣା ପାଇଛନ୍ତି। ଯଦି ଭାରତ ଯୁଦ୍ଧ ଲଢ଼େ, ତେବେ ଏହା ଅପରେସନ ସିନ୍ଦୁର ପରି କଣ୍ଟାକ୍ଟ ଲେସ ହୋଇପାରେ। ସିଡିଏସ୍ ଚୌହାନ ଏହା ଆଡ଼କୁ ଇଙ୍ଗିତ କରିଛନ୍ତି। ସେ କହିଛନ୍ତି ଯେ 'ମାନବବିହୀନ ସିଷ୍ଟମ' ଏବଂ 'ଡୁ ଇଟ୍ ୟୋରସେଲ୍ଫ' ଧାରା ବୃଦ୍ଧି ପାଇଛି। ଏହା ମାନବ କ୍ଷତି ଏବଂ ଆର୍ଥିକ କ୍ଷତି ହ୍ରାସ କରୁଛି। ବର୍ତ୍ତମାନ ଯୁଦ୍ଧରେ ଡ୍ରୋନର ଧାରା ମଧ୍ୟ ବହୁତ ବୃଦ୍ଧି ପାଇଛି। ଏହା ୟୁକ୍ରେନ ଏବଂ ରୁଷିଆ ମଧ୍ୟରେ ଚାଲିଥିବା ଯୁଦ୍ଧରେ ଦେଖାଯାଇଥିଲା। ଭାରତ ଏବଂ ପାକିସ୍ତାନ ମଧ୍ୟ ପ୍ରଯୁକ୍ତିବିଦ୍ୟାର ଆଶ୍ରୟ ନେଇଥିଲେ। ୟୁକ୍ରେନ ସମ୍ପ୍ରତି ରୁଷିଆ ଉପରେ ଡ୍ରୋନ ଆକ୍ରମଣ କରି ଏହାର ପାଞ୍ଚଟି ବାୟୁସେନା ଘାଟିକୁ ଧ୍ୱଂସ କରିଛି। ଅନ୍ୟପକ୍ଷରେ ରୁଷଆ ପାଖରେ ଅନେକ ମାରାତ୍ମକ ମିଶାଇଲ୍ ଅଛି, ଯାହାକୁ ସେ ଏପର୍ଯ୍ୟନ୍ତ ବ୍ୟବହାର କରିନାହିଁ। ଭବିଷ୍ୟତର ଯୁଦ୍ଧଗୁଡ଼ିକ ସେନ୍ସର ପ୍ରଯୁକ୍ତିବିଦ୍ୟା ଦ୍ୱାରା ପ୍ରଭାବିତ ହୋଇପାରେ।

## ପୁଣି ଭୂକମ୍ପରେ ଥରିଲା ପାକିସ୍ତାନ
## ୨୪ ଘଣ୍ଟାରେ ୮ ଥର ଦୋହଲିଲା

ଇସଲାମାବାଦ: ଭୂକମ୍ପରେ ଥରିଲା ପାକିସ୍ତାନ । ପୁଣି ପାକିସ୍ତାନକୁ ଲାଗିଛି ଭୂକମ୍ପର ଝଟକା । ଗତ ସପ୍ତାହରେ ମାନେ ୪ ଦିନ ତଳେ ପାକିସ୍ତାନ ଭୂମିକମ୍ପରେ ଥରିଥିବା ବେଳେ ଏବେ ଥରେ ନୁହେଁ ବରଂ ବାରମ୍ବାର ଲାଗିଛି ଭୂକମ୍ପର ଝଟକା । ରିପୋର୍ଟ ଅନୁସାରେ ଗତ ୨୪ ଘଣ୍ଟା ଭିତରେ ୮ ଥର ଦୋହଲିଲାଣି ଦେଶ । ଭିନ୍ନ ଭିନ୍ନ ସମୟରେ ଭିନ୍ନ ଭିନ୍ନ ତୀବ୍ରତା ବିଶିଷ୍ଟ ଭୂକମ୍ପ ପାକିସ୍ତାନରେ ଅନୁଭୂତ ହୋଇଛି । ତେବେ ଭୂମିକମ୍ପ ପରେ ଭୟରେ ଲୋକେ ବାହାରକୁ ପଳାଇ ଆସିଥିବା ବେଳେ କିଛି ସମୟ ପରେ ସ୍ଥିତି ଠିକ୍ ହେବା ପରେ ଲୋକେ ଯେତେବେଳେ ଘରକୁ ଫେରୁଛନ୍ତି ପୁଣି ଆଉ ଏକ ଭୂକମ୍ପର ଝଟକା ଲାଗିଛି । ଏମିତି ବାରମ୍ବାର ଭୂକମ୍ପ ପରେ ଲୋକେ ଭୟଭୀତ ଅବସ୍ଥାରେ ଅଛନ୍ତି । ସେପଟେ ମେ ୨୯ରେ ଭୂକମ୍ପ ଝଟକାରେ ଥରିଥିଲା ପାକିସ୍ତାନ । ସନ୍ଧ୍ୟା ୬ଟା ୬ ମିନିଟରେ ପାକିସ୍ତାନରେ ଭୂକମ୍ପର ଝଟକା ଲାଗିଥିଲା । ରିକ୍ଟର ସ୍କେଲରେ ଭୂମିକମ୍ପର ତୀବ୍ରତା ୪.୪ ରେକର୍ଡ ହୋଇଥିଲା । ଭୂମିକମ୍ପ ପରେ ଲୋକେ ଛାନିଆରେ ଘରୁ ବାହାରି ଆସିଥିଲେ । ଏହା ପୂର୍ବରୁ ମଧ୍ୟ ଭୂମିକମ୍ପରେ ଦୋହଲିଥିଲା । ରିକ୍ଟର ସ୍କେଲରେ ଭୂମିକମ୍ପର ତୀବ୍ରତା ୪.୨ ରେକର୍ଡ ହୋଇଥିଲା । ମେ' ମାସରେ ପାକିସ୍ତାନ ଉପରେ ପ୍ରକୃତିର କୋପ ପଡିଛି ।

### ହିଂସା ଜର୍ଜରିତ ମଣିପୁରରେ ହାହାକାର
## ପୂର୍ବୋତ୍ତର ରାଜ୍ୟରେ ଜଳ ପ୍ରଳୟ




ନୂଆଦିଲ୍ଲୀ: ବର୍ଷା ପରେ ବନ୍ୟା ସ୍ଥିତି, ଉତ୍ତର-ପୂର୍ବ ଅଞ୍ଚଳରେ ଏବେ ସ୍ଥିତି ସଙ୍ଗୀନ୍ । ସବୁଠି ଜଳପ୍ରଳୟ, ପ୍ରକୃତି କରୁଛି ତାଣ୍ଡବ । ବର୍ଷା ପରେ ବନ୍ୟା ସ୍ଥିତିରେ ବେହାଲ ହୋଇଛି ମିଜୋରାମ୍ ଓ ମଣିପୁର । ମିଜୋରାମରେ ପ୍ରବଳ ବନ୍ୟା ସ୍ଥିତି ଉପୁଜିବା ପରେ ଏବଂ ଭୂସ୍ଖଳନ ସହ ମାଟି ଧସିବା ଏବଂ ପଥର ଖସିବା କାରଣରୁ ସମସ୍ତ ସ୍କୁଲ, କଲେଜକୁ ବନ୍ଦ ରଖାଯାଇଛି । ୧୧ ଜିଲ୍ଲାର ଜିଲ୍ଲାପାଳ ଏହି ନିଷ୍ପତ୍ତି ନେଇଛନ୍ତି । ଜଳବନ୍ଦୀ ସ୍ଥିତି, ରାସ୍ତାରେ ପାଣି ସୁଅ ଚାଲୁଥିବାକୁ ଅଘଟଣକୁ ଆଖି ଆଗରେ ରଖି ନିଷ୍ପତ୍ତି ନିଆଯାଇଛି । ସେପଟେ ହିଂସାପ୍ରବଣ ମଣିପୁରରେ ପ୍ରକୃତିର ତାଣ୍ଡବ ପରେ ହାହାକାର ସ୍ଥିତି । ପୂର୍ବ ଇମ୍ଫାଲ ଜଳବନ୍ଦୀ ହୋଇଛି । ଜବାହରଲାଲ୍ ନେହେରୁ ମେଡିକାଲ କଲେଜରେ ବନ୍ୟା ପାଣି ପଶିଛି । ଛାତ୍ରଛାତ୍ରୀ ଏବଂ କର୍ମଚାରୀ ଫସିରହିଥିବା ବେଳେ ସେମାନଙ୍କୁ ଉଦ୍ଧାର କରାଯାଇଛି । ୪୦୦ରୁ ଅଧିକ ଲୋକଙ୍କୁ ମେଡିକାଲରୁ ଉଦ୍ଧାର କରାଯାଇଛି । ବନ୍ୟା ପାଇଁ ମଣିପୁରର ଅନେକ ଅଞ୍ଚଳର ଅବସ୍ଥା ଖରାପ ହୋଇପଡିଛି । ଦୀର୍ଘ ୨ ବର୍ଷରୁ ଅଧିକ ସମୟ ହେବ ହିଂସା ଜର୍ଜରିତ ମଣିପୁରକୁ ପୁଣି ମାଡ଼ି ଆସିଛି ବଡ଼ ବିପଦ । ବନ୍ୟା ଯୋଗୁଁ ରାଜ୍ୟର ଅଧିକାଂଶ ଜିଲ୍ଲାର ଅବସ୍ଥା ଖରାପ ହେବାରେ ଲାଗିଛି । ଲୋକଙ୍କୁ କ୍ରେନ୍, ବୁଲଡୋଜର ସାହାଯ୍ୟରେ ଉଦ୍ଧାର କରାଯାଉଥିବା ଚିତ୍ର ସାମ୍ନାକୁ ଆସୁଛି । ଡାକ୍ତରଖାନା ଭିତରେ ପାଣି ପଶିବା ଫଳରେ ରୋଗୀଙ୍କୁ ଯୁଦ୍ଧକାଳୀନ ଭିତ୍ତିରେ ଉଦ୍ଧାର କରାଯାଉଛି । ଆଗାମୀ ୭ ଦିନ ପାଇଁ ମଣିପୁର ସମେତ ଅଧିକାଂଶ ପୂର୍ବୋତ୍ତର ରାଜ୍ୟକୁ ହାଇଆଲର୍ଟରେ ରଖାଯାଇଛି ।

### ସେନା ଶିବିରରେ ଭୂସ୍ଖଳନ
## ୩ ମୃତ, ୯ ଯବାନ ନିଖୋଜ



ଗ୍ୟାଙ୍ଗଟକ: ଉତ୍ତର-ପୂର୍ବ ଭାରତର ରାଜ୍ୟଗୁଡ଼ିକରେ ବର୍ଷା ଏବଂ ଭୂସ୍ଖଳନ ତାଣ୍ଡବ ରଚିଛି। ସିକ୍କିମର ଏକ ସେନା ଶିବିରରେ ଭୂସ୍ଖଳନ ହୋଇଛି। ଏହି ଦୁର୍ଘଟଣାରେ କିଛି ସୈନିକଙ୍କ ସମେତ ତିନି ଜଣଙ୍କର ମୃତ୍ୟୁ ହୋଇଛି। ମୃତକଙ୍କ ପରିଚୟ ଏପର୍ଯ୍ୟନ୍ତ ମିଳିନାହିଁ। କୁହାଯାଉଛି ଯେ, ୯ ଜଣ ସୈନିକ ମଧ୍ୟ ନିଖୋଜ ଅଛନ୍ତି। ଏବେ ସନ୍ଧାନ ଅଭିଯାନ ଚାଲିଛି। ସୂଚନା ଅନୁଯାୟୀ, ରବିବାର ସନ୍ଧ୍ୟା ପ୍ରାୟ ୭ଟା ସମୟରେ ଉତ୍ତର ସିକ୍କିମର ଚଟାନରେ ଥିବା ସେନା ଶିବିରରେ ଭୂସ୍ଖଳନ ହୋଇଥିଲା, ଯାହା ଫଳରେ ଆଖପାଖ ଅଞ୍ଚଳରେ ନିର୍ମିତ ଘରଗୁଡ଼ିକୁ ପ୍ରବଳ କ୍ଷତି ହୋଇଥିଲା। ଏହି ଭୂସ୍ଖଳନରେ ତିନି ଜଣଙ୍କର ମୃତ୍ୟୁ ହୋଇଛି। ଅନେକ ଲୋକ ନିଖୋଜ ମଧ୍ୟ ଅଛନ୍ତି। ମୃତକମାନଙ୍କୁ ଚିହ୍ନଟ କରିବା ଏବଂ ନିଖୋଜ ଲୋକଙ୍କୁ ଚିହ୍ନଟ କରିବା ପାଇଁ ଅପରେଶନ କରାଯାଉଛି। ଉତ୍ତର ସିକିମରେ ପ୍ରବଳ ବର୍ଷା ଏବଂ ଭୂସ୍ଖଳନ ଯୋଗୁ ପରିସ୍ଥିତି ଏତେ ଖରାପ ହୋଇଯାଇଛି ଯେ ପ୍ରାୟ ୧୫୦୦ ପର୍ଯ୍ୟଟକ ଲୋଚନ ଏବଂ ଲାଚୁଙ୍ଗ ଅଞ୍ଚଳରେ ଫସି ରହିଛନ୍ତି। ମାଙ୍ଗାନ ଜିଲା ଏସପି ସୋନମ ଡେଚୁ ଭୂଟିଆ କହିଛନ୍ତି, ଲାଚେନରେ ୧୧୫ ଏବଂ ଲାଚୁଙ୍ଗରେ ୧୩୫୦ ପର୍ଯ୍ୟଟକ ରହିଛନ୍ତି। ଭୂସ୍ଖଳନ ଯୋଗୁ ଉଭୟ ପାର୍ଶ୍ୱରୁ ରାସ୍ତା ବନ୍ଦ ହୋଇଯାଇଛି। ସମସ୍ତ ପର୍ଯ୍ୟଟକଙ୍କୁ ବର୍ତ୍ତମାନ ପାଇଁ ସେମାନଙ୍କ ହୋଟେଲରେ ରହିବାକୁ ପରାମର୍ଶ ଦିଆଯାଇଛି।

## 'ଛତିଶଗଡ଼ ମିଡିଆ ଜଗତକୁ ମିଳିଛି ନୂଆ ଦିଶା'




ରାୟପୁର: ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ ସୋମବାର ରାୟପୁରରେ ଆଇବିସି-୨୪ର ଏକ ନୂତନ ଷ୍ଟୁଡିଓର ଶୁଭାରମ୍ଭ କରିବା ଅବସରରେ କହିଛନ୍ତି ଯେ, ଛତିଶଗଡ଼ ମିଡିଆ ଜଗତକୁ ଏକ ନୂଆ ଦିଶା ମିଳିଛି । ଏହି ଅବସରରେ ସେ କହିଥିଲେ ଛତିଶଗଡ଼ର ସାମ୍ବାଦିକମାନେ ବିଶ୍ୱସନୀୟତାର ସହ ସମ୍ବାଦ ପ୍ରେରଣ କରିବା ଆମ ପାଇଁ ଏକ ବଡ ଉପଲବ୍ଧି । ସେ ଆହୁରି କହିଥିଲେ ଯେ, ଏହି ହାଇଟେକ୍ ଷ୍ଟୁଡିଓରେ ଛତିଶଗଡ଼ ମିଡିଆ ଜଗତକୁ ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦିଆଯିବାର ବ୍ୟବସ୍ଥା ରଖାଯାଇଛି । ସେ କହିଥିଲେ ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ କଲ୍ୟାଣକାରୀ ଯୋଜନାକୁ ଯେପରି ଲୋକଙ୍କ ନିକଟରେ ସାମ୍ବାଦିକମାନେ ପହଞ୍ଚାଇପାରୁଛନ୍ତି ସେଥିପାଇଁ ସେମାନେ ପ୍ରଶଂସନୀୟ । ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ଖାଦ୍ୟ ପ୍ରକ୍ରିୟାକରଣ ଉଦ୍ୟୋଗ ମନ୍ତ୍ରୀ ଚିରାଗ ପାଶୱାନ କହିଥିଲେ ଯେ, ଆଜି ଦିନଟି ଆମ ପାଇଁ ଏକ ମହତ୍ତ୍ୱପୂର୍ଣ୍ଣ ଦିନ । ଛତିଶଗଡ଼ ବାଚସ୍ପତି ଡ.ରମଣ ସିଂ ତାଙ୍କ ଉଦ୍‌ବୋଧନରେ କହିଥିଲେ ଯେ, ଛତିଶଗଡ଼ରେ ଶିଳ୍ପ, ସଡ଼କ, ଶିକ୍ଷା ଏବଂ ସ୍ୱାସ୍ଥ୍ୟକ୍ଷେତ୍ରରେ ବ୍ୟାପକ ବିକାଶ ଘଟିଛି । ଏହି ସମାରୋହରେ ଉପମୁଖ୍ୟମନ୍ତ୍ରୀ ଅରୁଣ ସାଏ, ବିଜୟ ଶର୍ମା, ଜଙ୍ଗଲମନ୍ତ୍ରୀ କେଦାର କାଶ୍ୟପ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଲକ୍ଷ୍ମୀ ରାଜୱାଡେ, ରାଜସ୍ୱ ମନ୍ତ୍ରୀ ଟଙ୍କରାମ ବର୍ମା, ବିଧାୟକ ଅଜୟ ଚନ୍ଦ୍ରାକର, ପୁରନ୍ଦର ମିଶ୍ର, ସମ୍ପଦ ଅଗ୍ରୱାଲ ପ୍ରମୁଖ ସାମିଲ ଥିଲେ ।

# ବାଣିଜ୍ୟ




ରାଉରକେଲା(ଭାସ୍କର ନ୍ୟୁଜ): ସେଲ୍, ରାଉରକେଲା ଇସ୍ପାତ କାରଖାନା (ଆରଏସପି)ର କ୍ରେନ୍ ରକ୍ଷଣାବେକ୍ଷଣ ବିଭାଗ ୨୦୨୪-୨୫ ଆର୍ଥିକ ବର୍ଷରେ ଉତ୍ପାଦନ ମାନଦଣ୍ଡ ହାସଲ କରିବାରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେଇ ୨୨୭ଟି ଇଓଟି କ୍ରେନ୍‌କୁ ଦକ୍ଷତାର ସହିତ ରକ୍ଷଣାବେକ୍ଷଣ ପୂର୍ବକ ସମସ୍ତ ଉତ୍ପାଦନ ୟୁନିଟ୍ ଗୁଡ଼ିକୁ ଗୁରୁତ୍ୱପୂର୍ଣ୍ଣ ସହଯୋଗ ପ୍ରଦାନ କରିଛି, ଫଳରେ ପ୍ଲାଣ୍ଟ ୟୁନିଟ୍ ଗୁଡ଼ିକରେ ନିରବଚ୍ଛିନ୍ନ ଉତ୍ପାଦନ ସୁନିଶ୍ଚିତ ହୋଇଛି। ପରିଚାଳନା ଉତ୍କର୍ଷତା, ସୁରକ୍ଷା ଏବଂ ନିର୍ଭରଯୋଗ୍ୟତା ପ୍ରତି ଏହାର ପ୍ରତିବଦ୍ଧତାକୁ ପୁନଃଦୋହରାଇ, ବିଭାଗ ନିରବଚ୍ଛିନ୍ନ ସେବା ପ୍ରଦାନ କରିଛି ଏବଂ ପ୍ଲାଣ୍ଟ ୟୁନିଟ୍ ଗୁଡ଼ିକରେ ନିରବଚ୍ଛିନ୍ନ ଉତ୍ପାଦନ ସୁନିଶ୍ଚିତ କରି ପ୍ରମୁଖ କାର୍ଯ୍ୟ ସମ୍ପାଦନ କରିଛି। ଗତ ଆର୍ଥିକ ବର୍ଷରେ ବିଭାଗର ଉଲ୍ଲେଖନୀୟ ସଫଳତା ମଧ୍ୟରେ ଷ୍ଟିଲ୍ ମେଲ୍ଟିଂ ସପ୍-୨ (ଏସଏମଏସ-୨) ବିଭାଗରେ କ୍ରେନ୍ ୨୦୨୧ର ସଫଳ ମରାମତି ଏବଂ ପୁନଃନିର୍ମାଣ ପ୍ରମୁଖ ଥିଲା। ବିଭାଗୀୟ ଦଳ ଏସ୍ଏମ୍ଏସ୍-୨ ବିଭାଗରେ ଅନ୍ୟ ଏକ ଜଟିଳ ଏବଂ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସମ୍ପାଦନ କରିଛି । ଏହି ପ୍ରୟାସ ଅନ୍ତର୍ଗତ କ୍ରେନ୍ ୨୦୨୧ର ଏଣ୍ଡ କ୍ୟାରେଜ୍ ସହିତ ମୁଖ୍ୟ ଗାର୍ଡର୍ ସଂଯୋଗର ମରାମତି, ଏବଂ ଲଙ୍ଗ ଟ୍ରାଭେଲ୍ ଏଲଟି-୪ ଏବଂ ୧ ମୁଖ୍ୟ ବାଲାନ୍ସରଗୁଡ଼ିକର ପ୍ରତିରୋପଣ ଅନ୍ତର୍ଭୁକ୍ତ ରହିଛି।

## ଭୁବନେଶ୍ୱରକୁ ସିମନ୍ସ ବିୟୁଟିରେଷ୍ଟ ଆଣିଛି ଓପୁଲେଣ୍ଟ ଡେକୋର ବାଏ ହରିଆନା ହ୍ୟାଣ୍ଡଲୁମ୍‌ସ୍



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ପୂର୍ବ ଭାରତର ପ୍ରିମିୟମ ହୋମ ଫର୍ଣ୍ଣିଶିଙ୍ଗ ଡେଷ୍ଟିନେଶନ ଓପୁଲେଂଟ ଡେକୋର ବାଏ ହରିଆନା ହ୍ୟାଣ୍ଡଲୁମ୍‌ସ ଭୁବନେଶ୍ୱରର ଲକ୍ଷ୍ମୀ ବିହାରସ୍ଥିତ ଏହାର ଫ୍ଲାଗସିପ ଷ୍ଟୋରକୁ ବିଶ୍ୱବ୍ୟାପୀ ସୁପରିଚିତ ଲକ୍‌ଜରୀ ମ୍ୟାଟ୍ରେସ ବ୍ରାଣ୍ଡ ସିମନ୍ସ ବିୟୁଟିରେଷ୍ଟ ଆଣିଥିବା ସମ୍ପର୍କରେ ଘୋଷଣା କରିଛି । ଭିଏଫଆଇ ଗ୍ରୁପ ସହ ସହଯୋଗିତାରେ ଏହି ସହଭାଗିତା ଅଞ୍ଚଳ ପାଇଁ ଲକ୍‌ଜରୀ ସ୍ଲିପ ସେଗମେଣ୍ଟ କ୍ଷେତ୍ରରେ ଏକ ନିର୍ଣ୍ଣାୟକ ମୁହୂର୍ତ୍ତକୁ ଚିହ୍ନିତ କରିଛି । ଭୁବନେଶ୍ୱରର ଜନପଥ ରୋଡଠାରେ ୧୯୭୦ରେ ଆରମ୍ଭ ହୋଇଥିବା ଏକ ବିରାସତ ସହିତ ହରିଆନା ହ୍ୟାଣ୍ଡଲୁମ୍‌ସ ହେଉଛି ହୋମ ଫର୍ଣ୍ଣିଶିଙ୍ଗ କ୍ଷେତ୍ରରେ ଓଡିଶାରୁ ସବୁଠାରୁ ପୁରାତନ ଓ ସମ୍ମାନିତ ନାମ। ଲାଜପତ ଚାୱଲାଙ୍କ ଦ୍ୱାରା ସ୍ଥାପିତ ଏହି ବ୍ରାଣ୍ଡ ତାଙ୍କ ପୁଅ ଗୌରବ ଚାୱଲାଙ୍କ ନେତୃତ୍ୱରେ ସାଧାରଣ ଦୋକାନରୁ ଏକ ବିସ୍ତୃତ ଡିଜାଇନ-ଭିତିକ ରିଟେଲ ଡେଷ୍ଟିନେଶନରେ ପରିଣତ ହୋଇଛି । ଓପୁଲେଣ୍ଟ ଡେକୋରର ମାଲିକ ଓ ପରିଚାଳନା ନିର୍ଦ୍ଦେଶକ ଗୌରବ ଚାୱଲା କହିଛନ୍ତି, ଏହା କେବଳ ବଜାରକୁ ଏକ ଉତ୍ପାଦ ଆଣିବା ପାଇଁ ନୁହେଁ, ବରଂ ଏହା ଆମର ଗ୍ରାହକଙ୍କ ପାଇଁ ସମଗ୍ର ନିଦ୍ରା ଅନୁଭୂତିକୁ ଉନ୍ନତ କରିବା ସହ ଜଡିତ । ଭିଏଫଆଇ ଗ୍ରୁପ ସହ ଆମର ସହଭାଗିତା ଗୁଣବତା, ବିଶ୍ୱାସ ଓ ଉତ୍କର୍ଷତା ପ୍ରତି ଏକ ପ୍ରତିଶ୍ରୁତିବଦ୍ଧତାର ମିଳିତ ମୂଲ୍ୟବୋଧ ଉପରେ ନିର୍ମିତ ଅଟେ। ଏହି ଭାବନାକୁ ବ୍ୟକ୍ତ କରି ଭିଏଫଆଇ ଗ୍ରୁପର କାର୍ଯ୍ୟକାରୀ ନିର୍ଦ୍ଦେଶକ ନିତିନ ଗୁପ୍ତା କହିଛନ୍ତି, ଆମେ ଓପୁଲେଣ୍ଟ ଡେକୋରକୁ ଏହାର ମଜବୁତ ବିରାସତ, ନୈତିକ ବ୍ୟବସାୟିକ ଅଭ୍ୟାସ ଓ ପ୍ରିମିୟମ ହୋମ ଡେକୋର ସେଗମେଣ୍ଟରେ ଏହାର ଅତୁଳନୀୟ ଉପସ୍ଥିତି ପାଇଁ ଚୟନ କରିଛୁ। ସିମନ୍ସ ବିୟୁଟିରେଷ୍ଟ ଷ୍ଟୋରରେ ଉପଯୁକ୍ତ ସହଯୋଗୀ ସନ୍ଧାନ କରିଛି । ନିମଜ୍ଜିତ ଇନ୍-ଷ୍ଟୋର ଡିସ୍‌ପ୍ଲେ, ନିଦ୍ରା ପରାମର୍ଶ ଓ ଗ୍ରାହକଙ୍କ ବିଶ୍ୱାସର ଏକ ବିରାସତ ସହ ଓପୁଲେଣ୍ଟ ଡେକୋର ବାଏ ହରିଆନା ହ୍ୟାଣ୍ଡଲୁମ୍‌ସ ଓଡିଶାର ନିଦ୍ରା ଅନୁଭୂତିକୁ ପୁନଃପରିଭାଷିତ କରିବା ଜାରି ରଖିଛି ।

### ଜେଇଇ-ଆଡଭାନ୍ସଡ ରେଜଲ୍ଟ
## ଆଲେନ୍ ଭୁବନେଶ୍ୱରର ହନ୍ସ ୩୯ ଏବଂ ନବନୀତ ୯୭ ର୍‍ୟାଙ୍କରେ




ଭୁବନେଶ୍ୱର, (ଭାସ୍କର ନ୍ୟୁଜ): ଆଇଆଇଟି କାନପୁର ଜେଇଇ-ଆଡଭାନ୍ସଡ ୨୦୨୫ର ଫଳାଫଳ ପ୍ରକାଶ କରିଛି ଯେଉଁଥିରେ ଆଲେନ୍ ଭୁବନେଶ୍ୱର ଓଡ଼ିଶାରେ ଭଲ ଫଳାଫଳ କରିଛି। ଏହି ଅବସରରେ ଆଲେନ୍ ଭୁବନେଶ୍ୱର ସେଣ୍ଟର ହେଡ୍ ରଜନୀଶ ଶ୍ରୀବାସ୍ତବ କହିଛନ୍ତି ଯେ ପ୍ରତିଷ୍ଠାନର ହନ୍ସ ଦାରୁକା ଅଲ ଇଣ୍ଡିଆ ର୍‍ୟାଙ୍କ ୩୯ ପାଇଛନ୍ତି। ନବନୀତ ପ୍ରିୟଦର୍ଶୀ ଅଲ୍ ଇଣ୍ଡିଆ ର୍‍ୟାଙ୍କ ୯୭ ପାଇଛନ୍ତି। ସମାନ ପୌଡ୍‌ୱାର ଅଲ ଇଣ୍ଡିଆ ୭୧୧ ଏବଂ ଶ୍ରେୟସ ସମ୍ପାନ୍ତି ଅଲ୍ ଇଣ୍ଡିଆ ର୍‍ୟାଙ୍କ-୧୦୦୦ ପାଇଛନ୍ତି। ଫଳାଫଳ ପ୍ରକାଶ ସହିତ, ଆଲେନ୍‌ରେ ସଫଳତା ପାଳନ କରାଯାଇଥିଲା ଏବଂ ଟପରଙ୍କୁ ଅଧ୍ୟାପକ ସ୍ୱାଗତ କରିଥିଲେ। ଜାତୀୟ ଫଳାଫଳରେ, ଆଲେନ୍ କ୍ୟାରିଅର୍ ଇନଷ୍ଟିଚ୍ୟୁଟର ସିଇଓ ନୀତିନ କୁକ୍ରେଜା କହିଛନ୍ତି ଯେ, ଆଲେନ୍ ଅଲ୍ ଇଣ୍ଡିଆ ଟପର୍ ସହିତ ଟପ୍-୧୦ରେ ୪ ସ୍ଥାନ ଦେଇଛନ୍ତି। କୋଟା ଲଗାତାର ଦ୍ୱିତୀୟ ବର୍ଷ ପାଇଁ କ୍ଲାସରୁମ୍ ପ୍ରୋଗ୍ରାମରୁ ସର୍ବଭାରତୀୟ ଟପର୍ ଦେଇଛି। ଆଲେନ୍ କ୍ଲାସରୁମ୍ ଛାତ୍ର ରଜିତ ଗୁପ୍ତା ୩୬୦ ରୁ ୩୩୨ ମାର୍କ ପାଇ ସର୍ବଭାରତୀୟ ରାଙ୍କ-୧ ହାସଲ କରିଛନ୍ତି। ସେହିପରି ଆଲେନ୍ କ୍ଲାସରୁମ୍ ଛାତ୍ର ସକ୍ଷମ ଜିନ୍ଦଲ ଏଆଇଆର୍-୨ରେ, ଅକ୍ଷତ କୁମାର ଚୌରାସିଆ ଏଆଇଆର୍- ୦୬ରେ ଏବଂ ଦେବେଶ ପଙ୍କଜ ଭାଇୟା ଏଆଇଆର୍-୦୮ ରେ ଥିଲେ। ଆଲେନ୍ ଟପ୍-୨୦ରେ ୮ ଜଣ, ଟପ୍-୫୦ରେ ୨୧ ଏବଂ ଟପ୍-୧୦୦ ରେ ୪୬ ଜଣ ଅଛନ୍ତି। ଏଥିରେ, ଆଲେନ୍ କ୍ଲାସରୁମ୍‌ରୁ ୪୨ ଜଣ, ଆଲେନ୍ ଅନଲାଇନ୍ ଟେଷ୍ଟ ସିରିଜରୁ ୩ ଏବଂ ଦୂରଶିକ୍ଷାରୁ ଜଣେ ଛାତ୍ର ଥିଲେ। ନୀତିନ କୁକ୍ରେଜା କହିଛନ୍ତି ଯେ ଯଦି ଆମେ ଗୁଣବତ୍ତା ଏବଂ ପରିମାଣ ବିଷୟରେ କଥା ହେବା, ତେବେ ବହୁ ସଂଖ୍ୟକ ଛାତ୍ର ଆଇଆଇଟି ପରାମର୍ଶ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ଗତବର୍ଷ, ଆଇଆଇଟିରେ ପ୍ରବେଶ କରିଥିବା ପ୍ରତ୍ୟେକ ଚତୁର୍ଥ ଛାତ୍ର ଆଲେନ୍‌ରୁ ଥିଲେ, ୧୭୭୪୦ ସିଟ୍ ମଧ୍ୟରୁ, ଆଲେନ୍‌ର ୪୪୨୫ରୁ ଅଧିକ ଛାତ୍ରଙ୍କୁ ଚୟନ କରାଯାଇଥିଲା। ୨୦୨୪ ମସିହାରେ, ଆଲେନର ୬୩ ଜଣ ଛାତ୍ର ଆଇଆଇଟି ମୁମ୍ବାଇର କମ୍ପ୍ୟୁଟର ସାଇନ୍ସ ଶାଖାରେ ପ୍ରବେଶ କରିଥିଲେ, ଯାହାକୁ ଦେଶର ଆଇଆଇଟିଏନ୍‌ଙ୍କ ସ୍ୱପ୍ନର ଗନ୍ତବ୍ୟସ୍ଥଳ ବୋଲି ବିବେଚନା କରାଯାଏ। ସେ କହିଛନ୍ତି ଯେ ଆଲେନ୍ ମଧ୍ୟ ଫଳାଫଳର ପ୍ରାମାଣିକତାରେ ବିଶ୍ୱାସ କରନ୍ତି ଏବଂ ଏହାକୁ ବଜାୟ ରଖିବା ପାଇଁ, ଦେଶର ସର୍ବବୃହତ ଅଡିଟ୍ ଫାର୍ମ ରଣ ଇଣ୍ଡିଆ ଦ୍ୱାରା ଏହାର ଫଳାଫଳକୁ ବୈଧ କରାଇଛନ୍ତି।

## ମିନ୍ତ୍ରାର ବହୁପ୍ରତିକ୍ଷୀତ ଇଓଆର୍‌ଏସ୍‌ର ୨୨ତମ ସଂସ୍କରଣ ଆରମ୍ଭ





ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଭାରତର ଅନ୍ୟତମ ଅଗ୍ରଣୀ ଫ୍ୟାଶନ, ବିୟୁଟି ଓ ଲାଇଫଷ୍ଟାଇଲ ଗନ୍ତବ୍ୟସ୍ଥଳୀ ମିନ୍ତ୍ରା ପକ୍ଷରୁ ଆୟୋଜିତ ଏହାର ଫ୍ଲାଗସିପ ଏଣ୍ଡ ଅଫ ରିଜନ ସେଲ (ଇଓଆରଏସ)ର ୨୨ତମ ସଂସ୍କରଣ ଏବେଠାରୁ ଜୁନ୍ ୧୨ ତାରିଖ ୨୦୨୫ ପର୍ଯ୍ୟନ୍ତ ଲାଇଭ ରହିଛି। ଏହି ବହୁପ୍ରତିକ୍ଷୀତ ସପିଂ ଇଭେଂଟ ଦେଶବ୍ୟାପୀ ଫ୍ୟାଶନ ଓ ସୌନ୍ଦର୍ଯ୍ୟ ପ୍ରେମୀଙ୍କୁ ଆକର୍ଷିତ କରିବ। ଟିୟର ୧, ଟିୟର ୨ ଓ ଉଦୀୟମାନ ସହରଗୁଡିକରୁ ସପରମାନେ ୧୦,୦୦୦ରୁ ଅଧିକ ବ୍ରାଣ୍ଡରୁ ୪ ମିଲିୟନରୁ ଅଧିକ ଷ୍ଟାଇଲର ଏକ ବିସ୍ତୃତ ଚୟନକୁ ଏକ୍ସପ୍ଲୋର କରିପାରିବେ ଯେଉଁଥିରେ ଆନ୍ତର୍ଜାତୀୟ, ଘରୋଇ ଓ ସ୍ୱଦେଶୀ ବ୍ରାଣ୍ଡଗୁଡିକ ସାମିଲ ରହିଛି। ଇଓଆରଏସ ସମୟରେ ଗ୍ରାହକଙ୍କ ଧ୍ୟାନ ଆକର୍ଷିତ କରିବାର ସମ୍ଭାବନା ଥିବା ବର୍ଗଗୁଡିକ ମଧ୍ୟରେ ପୁରୁଷଙ୍କ କାଜୁଆଲ ୱେୟାର, ପୁରୁଷ ଓ ମହିଳାଙ୍କ ଏଥନିକ ୱେୟାର, ମହିଳାଙ୍କ ୱେଷ୍ଟର୍ଣ୍ଣ ୱେୟାର, ବିୟୁଟି ଓ ପର୍ସନାଲ କେୟାର, ୱାଚ ଓ ୱେୟାରେବଲ୍ସ, ଆକ୍‌ସେସରିଜ, ଟ୍ରାଭେଲ ଏସେନ୍ସିଆଲ୍ସ, ସ୍ପୋର୍ଟସ ଫୁଟ୍‌ୱେୟାର, କିଡ୍‌ସ ୱେୟାର ଓ ୱେଡିଂ କଲେକ୍ସନ ଆଦି ସାମିଲ ରହିଛି। ବିଭିନ୍ନ ଲୋକପ୍ରିୟ ବ୍ରାଣ୍ଡଗୁଡିକ ମଧ୍ୟରେ ଲିଭାଇସ, ନାଇକ, ଆଡିଡାସ, ଏଚଆଣ୍ଡଏମ, ମ୍ୟାଙ୍ଗୋ, ଲରିଅଲ, ଲାକ୍‌ମି, ଲିବାସ, ଡିକ୍ୟାଥଲନ, ନ୍ୟୁ ବାଲାନ୍ସ, ରନ୍, ୟୁଏସ ପୋଲୋ ଆସୋସିଏଶନ, ପୁମା ଓ ରେୟାର ରାବିଟ ଆଦି ସାମିଲ ରହିଛି। ଇଓଆରଏସ୍‌ର ୨୨ତମ ସଂସ୍କରଣରେ ଏକାଧିକ ନୂତନ ଲଂଚ ଯେପରିକି ୟୁଏସ୍‌ର ଆଇକୋନିକ ବ୍ରାଣ୍ଡ ଗ୍ୟାପ ଓ ଲୋକପ୍ରିୟ ଡିଜାଇନର ତରୁଣ ତାହିଲିଆନିଙ୍କ ଲକ୍‌ଜରୀ ପ୍ରେଟ ଲାଇନ- ଓଟିଟି, ସାମିଲ ରହିଛି । ଇଓଆରଏସର ୨୨ତମ ସଂସ୍କରଣ ସମ୍ପର୍କରେ ମତପ୍ରକାଶ କରି ମିନ୍ତ୍ରାର ରାଜସ୍ୱ ଓ ଅଭିବୃଦ୍ଧି ବିଭାଗର ମୁଖ୍ୟ ଭାରତ କୁମାର କହିଛନ୍ତି, ଇଓଆର୍‌ଏସର ପ୍ରତ୍ୟେକ ସଂସ୍କରଣ, ଭାରତୀୟଙ୍କର ସପିଙ୍ଗ୍ ମାଧ୍ୟମକୁ ପୁନଃବ୍ୟାଖ୍ୟା କରିବା ନେଇ ମିନ୍ତ୍ରାର ଦୃଷ୍ଟିକୋଣର ଏକ ପ୍ରମାଣ ଅଟେ। ଏହି ସଂସ୍କରଣ ସହିତ ଆମେ ବିଭିନ୍ନ ବର୍ଗରେ ୪ ମିଲିୟନରୁ ଅଧିକ ଷ୍ଟାଇଲଗୁଡିକ ପାଇଁ ପହଂଚକୁ ବିସ୍ତାର କରିଥିବା ବେଳେ ଫ୍ୟାଶନ ମାଧ୍ୟମରେ ସ୍ୱ-ଅଭିବ୍ୟକ୍ତି ପାଇଁ ଗ୍ରାହକଙ୍କୁ ଅନୁପ୍ରାଣିତ କରୁଛୁ। ଆଇସିଆଇସିଆଇ ବ୍ୟାଙ୍କ କ୍ରେଡିଟ, ଡେବିଟ କାର୍ଡ ଓ ନେଟ୍ ବ୍ୟାଙ୍କିଙ୍ଗ ଉପରେ ୧୦%ର ତକ୍ଷା ରିହାତି, କୋଟାକ ମହିନ୍ଦ୍ରା ବ୍ୟାଙ୍କ କ୍ରେଡିଟ କାର୍ଡ ଓ ଇଏମଆଇ ଉପରେ ୧୦%ର ତକ୍ଷାଳ ରିହାତି ଏବଂ ପେଟିଏମ ୟୁପିଆଇରେ ପ୍ରତ୍ୟେକ ଟ୍ରାନ୍ସକ୍ସନ ଉପରେ ୨୦ ଟଙ୍କାର ନିଶ୍ଚିତ କ୍ୟାଶବ୍ୟାକ ରହିଛି ।

## ଇନ୍‌ଫୋସିସ୍ ଫାଉଣ୍ଡେସନ୍ ଇନୋଭେସନ୍ ଆୱାର୍ଡସର ୪ର୍ଥ ସଂସ୍କରଣ ଘୋଷିତ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଇନ୍‌ଫୋସିସର ଜନହିତକାରୀ ଓ ସିଏସ୍‌ଆର ଶାଖା ଇନଫୋସିସ ଫାଉଣ୍ଡେସନ୍ ପକ୍ଷରୁ ଏହାର ଆରୋହଣ ସୋସିଆଲ ଇନୋଭେଶନ ଆୱାର୍ଡସର ୪ର୍ଥ ସଂସ୍କରଣର ଶୁଭାରମ୍ଭ ଘୋଷଣା କରାଯାଇଛି। ଭାରତରେ ସାମାଜିକ ଉଦ୍ଭାବନକୁ ତ୍ୱରାନ୍ୱିତ କରିବା ପ୍ରତି ଏହାର ପ୍ରତିଶ୍ରୁତିବଦ୍ଧତାକୁ ବଜାୟ ରଖି ଇନ୍‌ଫୋସିସ୍ ଫାଉଣ୍ଡେଶନ ଦେଶବ୍ୟାପୀ ଉଦ୍ଭାବନକାରୀ ଓ ସାମାଜିକ ଉଦ୍ୟୋଗୀଙ୍କୁ ଏହି ଆୱାର୍ଡରେ ଅଂଶଗ୍ରହଣ ପାଇଁ ଆମନ୍ତ୍ରଣ କରିଛି। ଆରୋହଣ ସୋସିଆଲ ଇନୋଭେସନ ଆୱାର୍ଡସ୍ ୨୦୨୫, ଭାରତ ଓ ବ୍ୟାପକ ସ୍ତରରେ ବଂଚିତ ସମୁଦାୟଗୁଡିକ ଉପରେ ଏକ ଉଲ୍ଲେଖନୀୟ ପ୍ରଭାବ ସୃଷ୍ଟି ପାଇଁ ସ୍ୱତନ୍ତ୍ର ଟେକ୍ନୋଲୋଜି-ଆଧାରିତ ସମାଧାନ ବିକଶିତ କରିଥିବା ବ୍ୟକ୍ତିବିଶେଷ, ଟିମ୍, ଏନ୍‌ଜିଓ ଓ ସାମାଜିକ ଉଦ୍ୟୋଗଗୁଡିକୁ ସ୍ୱୀକୃତି ଓ ପୁରସ୍କୃତ କରିବାକୁ ଲକ୍ଷ୍ୟ ରଖିଛି । ଇନ୍‌ଫୋସିସ ଫାଉଣ୍ଡେଶନ ମୋଟ ୨ କୋଟି ଟଙ୍କାର ପୁରସ୍କାର ରାଶି ସହିତ ପ୍ରତ୍ୟେକ ବିଜେତାଙ୍କୁ ୫୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ପୁରସ୍କାର ପ୍ରଦାନ କରିବା ପାଇଁ ପ୍ରତିବଦ୍ଧ ରହିଛି। ଏ ସମ୍ପର୍କରେ ଇନ୍‌ଫୋସିସ ଫାଉଣ୍ଡେଶନର ଟ୍ରଷ୍ଟି ସୁମିତ ବିରମାନି କହିଛନ୍ତି, ଆରୋହଣ ସୋସିଆଲ ଇନୋଭେଶନ ଆୱାର୍ଡସ ମାଧ୍ୟମରେ ଆମେ ପରିବର୍ତ୍ତନକାରୀଙ୍କୁ ଚିହ୍ନଟ ଓ ସମର୍ଥନ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ ରହିଛୁ ଯେଉଁମାନେ ଶିକ୍ଷା, ସ୍ୱାସ୍ଥ୍ୟସେବା ଓ ପରିବେଶ ସ୍ଥାୟିତ୍ୱ କ୍ଷେତ୍ରରେ ପ୍ରଭାବଶାଳୀ ସମାଧାନଗୁଡିକୁ ପରିଚାଳନା କରୁଛନ୍ତି। ଆମେ ଭାରତର ସାମାଜିକ ଉଦ୍ଭାବନକାରୀଙ୍କୁ ଆଗକୁ ବଢିବା, ନିଜର ବିଚାରଗୁଡିକୁ ବାଣ୍ଟିବା ଓ ଏକ ବାସ୍ତବ ପରିବର୍ତ୍ତନ ସୃଷ୍ଟି କରିବା ପାଇଁ ପ୍ରୋତ୍ସାହିତ କରୁଛୁ। ଆରୋହଣ ସୋସିଆଲ ଇନୋଭେଶନ ଆୱାର୍ଡସର ୪ର୍ଥ ସଂସ୍କରଣ ପାଇଁ ଦାଖଲ ପ୍ରକ୍ରିୟା ଏପ୍ରିଲ ୨୪ ତାରିଖ ୨୦୨୫ରୁ ଆରମ୍ଭ ହେବ ଏବଂ ଜୁନ ୧୫ ତାରିଖ, ୨୦୨୫ରେ ଶେଷ ହେବ।

## ଶୈଳେଶ ସି.ମେହଟା ଫର୍ଟିଲାଇଜର୍ସ ଆସୋସିଏସନ୍ ଅଫ ଇଣ୍ଡିଆର ଚେୟାରମ୍ୟାନ୍



ନୂଆଦିଲ୍ଲୀ: ରାଷ୍ଟ୍ରାୟତ୍ତ ଉଦ୍ୟୋଗ, ମିଳିତ ଉଦ୍ୟୋଗ ଏବଂ ବେସରକାରୀ ସାର କ୍ଷେତ୍ରରେ ଦେଶର ସାର ଶିଳ୍ପର ପ୍ରତିନିଧିତ୍ୱ କରୁଥିବା ସଂସ୍ଥା ଫର୍ଟିଲାଇଜର ଆସୋସିଏସନ୍ ଅଫ ଇଣ୍ଡିଆ (ଏଫ୍ଏଆଇ) ଦୀପକ ଫର୍ଟିଲାଇଜର୍ସ ଆଣ୍ଡ ପେଟ୍ରୋକେମିକାଲ୍ସ କର୍ପୋରେସନ୍ ଲିମିଟେଡ ଏବଂ ମହାଧନ ଏଗ୍ରିଟେକ୍ ଲିମିଟେଡର ଚେୟାରମ୍ୟାନ ତଥା ମ୍ୟାନେଜିଂ ଡାଇରେକ୍ଟର ଶୈଳେଶ ସି.ମେହଟାଙ୍କୁ ଏହାର ନୂତନ ଚେୟାରମ୍ୟାନ ଭାବରେ ନିର୍ବାଚିତ କରିଛି। ଏହି ଶିଳ୍ପରେ ଚାରି ଦଶନ୍ଧିରୁ ଅଧିକ କାଳ ଅଭିଜ୍ଞତା ଥିବା ଶ୍ରୀ ମେହଟା ମଧ୍ୟ ଫର୍ଟିଲାଇଜର ଆସୋସିଏସନ୍ ଅଫ ଇଣ୍ଡିଆ (ପଶ୍ଚିମାଞ୍ଚଳ)ର ଚେୟାରମ୍ୟାନ୍ ଭାବରେ ପାଞ୍ଚବର୍ଷ କାର୍ଯ୍ୟ କରିଛନ୍ତି। ଗତ ଦୁଇ ଦଶନ୍ଧିରେ ଭାରତର କୃଷି ଉତ୍ପାଦନ ଅଭିବୃଦ୍ଧିରେ ୬୦% ଏବଂ ଉଦ୍ୟାନକୃଷି ଉତ୍ପାଦନରେ ୪୦% ଅଭିବୃଦ୍ଧି ହାସଲ କରିବାରେ ସାର ଶିଳ୍ପ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ଏହି ତାହାର ପରିଚାଳନାଗତ ଦକ୍ଷତାକୁ ବୈଶ୍ୱିକ ସର୍ବୋତ୍ତମ ମାନକ ପ୍ରଦାନ କରିଛି ଏବଂ ନିୟୁତାଧିକ ଭାରତୀୟ କୃଷକଙ୍କୁ ରିହାତି ମୂଲ୍ୟରେ ସାର ସଫଳତାର ସହିତ ଯୋଗାଣରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ଏହି ଅବସରରେ ଶ୍ରୀ ମେହଟା କହିଥିଲେ, ଭାରତର ଖାଦ୍ୟ ନିଅଣ୍ଟସ୍ଥିତିରୁ ବୈଶ୍ୱିକ କୃଷି ରପ୍ତାନିକାରୀ ଭାବରେ ଯାତ୍ରା ଉଲ୍ଲେଖନୀୟ ହୋଇଛି। ଏହି ଯାତ୍ରାରେ ସାର ଶିଳ୍ପ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ ନିରନ୍ତର ଜାରି ରଖିଛି, ଏବଂ ସମ୍ପ୍ରତି ଦୀର୍ଘସ୍ଥାୟୀ ଅଭିବୃଦ୍ଧିକୁ ସମର୍ଥନ କରୁଥିବା ଅଧିକ ସନ୍ତୁଳିତ ଏବଂ ପୋଷକ-ଭରପୂର ସାର ଉପରେ ଦୃଷ୍ଟିନିବଦ୍ଧ କରୁଛି। ସରକାର, ଶିଳ୍ପ ଏବଂ ଆମ କୃଷକଙ୍କ ମଧ୍ୟରେ ଏକ ସେତୁ ଭାବରେ କାର୍ଯ୍ୟକରିବା ନେଇ ମୁଁ ନିଜକୁ ଭାଗ୍ୟବାନ ମନେ କରୁଛି- ବିଶେଷକରି ବିଶ୍ୱ ମାନଚିତ୍ରରେ ଭାରତୀୟ କୃଷକ ଏବଂ କୃଷି ଉତ୍ପାଦିକତାକୁ ଉଚ୍ଚତର ସୋପାନକୁ ନେଇଯିବାରେ ଏକ ରୂପାନ୍ତରଣକାରୀ ଭୂମିକା ନିର୍ବାହ କରୁଛି।



ମୁମ୍ବାଇ: ଏହି ମାମଲାରେ ଫସିଗଲେଭାଙ୍ଗିଛି ମୁମ୍ବାଇର ଧାରା । ବିଜୟ ଟ୍ରାକ୍‌କୁ ଫେରିଛି ପଞ୍ଜାବ କିଙ୍ଗସ୍ । ଦଳ ଏବେ ଫାଇନାଲରେ ଆରସିବି ସହ କରିବ ମୁକାବିଲା । ରବିବାର ଖେଳାଯାଇଥିଲା ଦ୍ୱିତୀୟ କ୍ୱାଲିଫାୟାର । ଯେଉଁଥିରେ ମୁମ୍ବାଇକୁ ୫ ୱିକେଟରେ ହରାଇଛି ଟିମ୍ ଶ୍ରେୟସ । ଜୁନ୍ ୩ରେ ଖେଳାଯିବ ଫାଇନାଲ୍ ଟକ୍କର । ଅହମଦାବାଦ ନରେନ୍ଦ୍ର ମୋଦୀ ଷ୍ଟାଡିୟମରେ ସନ୍ଧ୍ୟା ୭.୩୦ରେ ଖେଳାଯିବ ମ୍ୟାଚ୍ । ତେବେ ହାରିବା ପରେ ଭାଙ୍ଗି ପଡିଥିଲେ କ୍ୟାପଟେନ୍ ହାର୍ଦ୍ଦିକ ପାଣ୍ଡ୍ୟା । ମୈଦାନରେ ଦେଖିବାକୁ ମିଳିଥିଲା ତାଙ୍କର ନିରାଶା ଭାବନା । ମ୍ୟାଚ୍ ସରିବା ପରେ ହାର୍ଦ୍ଦିକ ନିଜ କୋହ ସମ୍ଭାଳି ପାରିନଥିଲେ, ଆଉ ଆଣ୍ଠୁ ମାଡି ବସି କାନ୍ଦିଥିଲେ। ଯାହା ଜଣାପଡୁଥିଲା କି, ସେ ସଂପୂର୍ଣ୍ଣ ରୂପେ ଭାଙ୍ଗିପଡିଥିଲେ । ତେବେ ଏହି ସମୟରେ ହାର୍ଦ୍ଦିକଙ୍କ ସାଥୀ ଖେଳାଳି ଜସ୍‌ପ୍ରୀତ ବୁମରା ହାର୍ଦ୍ଦିକ୍ ପାଣ୍ଡ୍ୟାଙ୍କୁ ଧୀରେ ଧୀରେ ଧରି ଉଠାଇଥିଲେ । ଆହୁରି ବି ପଞ୍ଜାବର ମାର୍କସ ଷ୍ଟଇନିସ୍ ହାର୍ଦ୍ଦିକଙ୍କୁ ଶାନ୍ତ୍ୱନା ଦେବାସହ ବୁଝାଇଥିଲେ । ଯାହାର ଭିଡିଓ ଏବେ ଭାଇରାଲ୍ ହେବାରେ ଲାଗିଛି । ଗ୍ରୁପ୍ ପର୍ଯ୍ୟାୟରେ ପ୍ରଥମ ଦୁଇ ସ୍ଥାନରେ ରହିଥିବା ଦଳ ପଞ୍ଜାବ କିଙ୍ଗ୍ ଓ ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଫାଇନାଲ୍ ଖେଳିବେ । ରବିବାର ବିଳମ୍ବିତ ମଧ୍ୟରାତି ମୁକାବିଲାରେ ମୁମ୍ବାଇ ପ୍ରଥମ ବ୍ୟାଟିଂ କରି ୨୦୪ ରନ୍ ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିଥିଲା। ପଞ୍ଜାବ କିଙ୍ଗ୍‌ର ଅଧିନାୟକ ଶ୍ରେୟସ ଆୟରଙ୍କ ବିସ୍ଫୋରକ ପାଳି ବଳରେ ଗୋଟିଏ ଓଭର ପୂର୍ବରୁ ବିଜୟ ହାସଲ କରି ନେଇଥିଲା ଦଳ । ଶ୍ରେୟସ ୪୧ ବଲ୍‌ରୁ ୮୭ ରନ୍ କରିଥିଲେ । ଅଢ଼େଇ ଘଣ୍ଟା ବିଳମ୍ବରେ ଆରମ୍ଭ ହୋଇଥିବା ଏହି ମ୍ୟାଚ୍ ରାତି ୧.୩୮ରେ ସରିଥିଲା ।

# ଐତିହାସିକ ରେକର୍ଡ କଲେ ଶ୍ରେୟସ୍



ନୂଆଦିଲ୍ଲୀ: ଆଇପିଏଲ-୨୦୨୫ ରେ କ୍ୱାଲିଫାୟର-୨ ଖେଳାଯାଇଥିଲା। ଏଥିରେ ପଞ୍ଜାବ କିଙ୍ଗସ ମୁମ୍ବାଇ ଇଣ୍ଡିଆନ୍ସକୁ ୫ ଉଇକେଟରେ ପରାସ୍ତ କରିଥିଲା। ପଞ୍ଜାବ ଦ୍ୱିତୀୟ ଥର ପାଇଁ ଫାଇନାଲରେ ପହଞ୍ଚିଛି । ପୂର୍ବରୁ ୨୦୧୪ ମସିହାରେ ଦଳ ଟାଇଟଲ ମ୍ୟାଚ ଖେଳିଥିଲା। ଏହି ସିଜିନର ଶେଷ ମ୍ୟାଚ ଜୁନ ୩ରେ ଅହମ୍ମଦାବାଦର ନରେନ୍ଦ୍ର ମୋଦି ଷ୍ଟାଡିୟମରେ ଖେଳାଯିବ। ଏଠାରେ ପଞ୍ଜାବ କିଙ୍ଗସ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁକୁ ଭେଟିବ। ପଞ୍ଜାବ କିଙ୍ଗସର ଐତିହାସିକ ବିଜୟରେ ଅଧିନାୟକ ଆୟର ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ଆୟର ୪୧ ବଲରେ ୮ଟି ଛକା ଏବଂ ୫ଟି ଚୌକା ସହାୟତାରେ ୮୭ ରନର ଅପରାଜିତ ଇନିଂସ ଖେଳିଥିଲେ। ଏହି ଖେଳାଳିଙ୍କୁ ପ୍ଲେୟାର ଅଫ ଦି ମ୍ୟା' ଟାଇଟଲ ଦିଆଯାଇଥିଲା। ଆୟର ଏହି ସିଜିନରେ ଏପର୍ଯ୍ୟନ୍ତ ୧୬ଟି ମ୍ୟାଚ ଖେଳିଛନ୍ତି, ୫୪.୮୨ହାରରେ ମୋଟ ୬୦୩ ରନ କରିଛନ୍ତି। ଏହି ସମୟ ମଧ୍ୟରେ ତାଙ୍କ ବ୍ୟାଟରୁ ୬ଟି ଅର୍ଦ୍ଧଶତକ ଆସିଛି। ଆୟର ଏକମାତ୍ର ଅଧିନାୟକ ହୋଇଛନ୍ତି ଭାବେ ତିନୋଟି ଭିନ୍ନ ଆଇପଏଲ୍ ଦଳକୁ ଫାଇନାଲରେ ପହଞ୍ଚିଛନ୍ତି। ପୂର୍ବରୁ ଆୟର ୨୦୨୦ରେ ଦିଲ୍ଲୀ କ୍ୟାପିଟାଲ୍ସକୁ ଫାଇନାଲରେ ପହଞ୍ଚାଇଥିଲେ ଏବଂ ୨୦୨୪ରେ କେକେଆର ଫାଇନାଲକୁ ଯାଇଥିଲା। ଅହମ୍ମଦାବାଦର ନରେନ୍ଦ୍ର ମୋଦି ଷ୍ଟାଡିୟମରେ ଖେଳାଯାଇଥିବା ଏହି ମ୍ୟାଚ ବର୍ଷା ଯୋଗୁ ବିଳମ୍ବରେ ଆରମ୍ଭ ହୋଇଥିଲା। ଟସ ହାରି ପ୍ରଥମେ ବ୍ୟାଟିଂ କରିବାକୁ ଆସିଥିବା ମୁମ୍ବାଇ ଇଣ୍ଡିଆନ୍ସ ୨୦ ଓଭରରେ ୬ ଉଇକେଟ ହରାଇ ୨୦୩ ରନ କରିଥିଲା। ମୁମ୍ବାଇ ପାଇଁ ତିଳକ ବର୍ମା ଏବଂ ସୂର୍ଯ୍ୟକୁମାର ଯାଦବ ୪୪-୪୪ ରନ ର ଇନିଂସ ଖେଳିଥିଲେ, ଜନି ବେୟାରଷ୍ଟୋ ୩୮ ଏବଂ ନମନ ଦଳ ୩୭ ରନ ଯୋଗଦାନ କରିଥିଲେ। ପ୍ରତିପକ୍ଷ ପକ୍ଷରୁ ଆଜମତୁଲ୍ଲା ଉମରଜାଇ ସର୍ବାଧିକ ଦୁଇଟି ଉଇକେଟ ନେଇଥିଲେ। ଜବାବରେ, ପଞ୍ଜାବ କିଙ୍ଗ୍ସ ମାତ୍ର ୧୯ ଓଭରରେ ବିଜୟୀ ହୋଇଥିଲେ। ଦଳ ପାଇଁ ଅଧିନାୟକ ଆୟର ସର୍ବାଧିକ ୮୭ ରନ କରିଥିଲେ। ଏହି ସମୟରେ, ସେ ନେହାଲ ଭାଡେରାଙ୍କ ସହ ଚତୁର୍ଥ ଉଇକେଟ ପାଇଁ ୮୪ ରନର ଗୁରୁତ୍ୱପୂର୍ଣ୍ଣ ଭାଗୀଦାରି କରିଥିଲେ। ମୁମ୍ବାଇ ପକ୍ଷରୁ ଅଶ୍ୱିନୀ କୁମାର ସର୍ବାଧିକ ୨ ଉଇକେଟ ନେଇଥିଲେ।

# ରାଜୀବ ଶୁକ୍ଲା ବିସିସିଆଇର ଅନ୍ତରୀଣ ଅଧକ୍ଷ



ନୂଆଦିଲ୍ଲୀ: ରାଜୀବ ଶୁକ୍ଳାଙ୍କୁ ଭାରତୀୟ କ୍ରିକେଟ୍ ନିୟନ୍ତ୍ରଣ ବୋର୍ଡର ଅନ୍ତରୀଣ ଅଧକ୍ଷ ଭାବରେ ନିଯୁକ୍ତ କରାଯାଇଛି। ରୋଜର ବିନ୍ନି ଏହି ପଦବୀରୁ ଅବସର ନେବା ପରେ ରାଜୀବ ଶୁକ୍ଲାଙ୍କୁ ବିସିସିଆଇର ଅନ୍ତରୀଣ ଅଧକ୍ଷ କରାଯିବ। ପୂର୍ବତନ କ୍ରିକେଟର ରୋଜର ବିନ୍ନି ୨୦୨୨ରୁ ଏହି ପଦବୀରେ ଅଛନ୍ତି। ବର୍ତ୍ତମାନ ତାଙ୍କର କାର୍ଯ୍ୟକାଳ ୧୯ ଜୁଲାଇ, ୨୦୨୫ରେ ଶେଷ ହେବ, ଯାହା ପରେ ସେ ଅବସର ନେବେ ଏବଂ ନୂତନ ସଭାପତି ଘୋଷଣା ପର୍ଯ୍ୟନ୍ତ ରାଜୀବ ଶୁକ୍ଲା ଏହି ପଦବୀରେ ରହିବେ। ପୂର୍ବତନ ସାମ୍ବାଦିକ ଏବଂ ରାଜ୍ୟସଭା ସାଂସଦ ରାଜୀବ ଶୁକ୍ଲା ବର୍ତ୍ତମାନ ବିସିସିଆଇର ଉପାଧକ୍ଷ ଅଛନ୍ତି । ରୋଜର ବିନ୍ନି ଅବସର ନେବା ପରେ, ସେ ଜୁଲାଇରୁ କାର୍ଯ୍ୟକାରୀ ସଭାପତି ମଧ୍ୟ ରହିବେ। ନୂତନ ସଭାପତି ପାଇଁ ନିର୍ବାଚନ ନହେବା ପର୍ଯ୍ୟନ୍ତ ରାଜୀବ ଶୁକ୍ଲାଙ୍କୁ ଏହି ଦାୟିତ୍ୱ ତୁଲାଇବାକୁ ପଡିବ। ଭାରତୀୟ କ୍ରିକେଟ୍ ନିୟନ୍ତ୍ରଣ ବୋର୍ଡର ସଭାପତି ପଦ ପାଇଁ ନିର୍ବାଚନ ଚଳିତ ବର୍ଷ ସେପଟେମ୍ବରରେ ହୋଇପାରେ। ରୋଜର ବିନ୍ନି ଭାରତର ୧୯୮୩ ବିଶ୍ୱକପ୍ ବିଜୟୀ ଦଳର ଅଂଶ ରହିସାରିଛନ୍ତି। ଭାରତ ସେତେବେଳେ ବିଶ୍ୱକପ୍ ଜିତିଥିଲା ଏବଂ ରୋଜର ବିନ୍ନି ସେହି ଟୁର୍ଣ୍ଣାମେଣ୍ଟରେ ସର୍ବାଧିକ ୱିକେଟ୍ ନେଇଥିବା ବୋଲର ହୋଇଥିଲେ। ୧୯୮୩ ବିଶ୍ୱକପରେ ରୋଜର ବିନ୍ନି ୧୮ ୱିକେଟ୍ ନେଇଥିଲେ ଏବଂ ଭାରତୀୟ ଦଳର ବିଜୟରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିଥିଲେ। ରୋଜର ବିନ୍ନି ୧୮ ଅକ୍ଟୋବର ୨୦୨୨ ଠାରୁ ବିସିସିଆଇର ସଭାପତି ଅଛନ୍ତି ଏବଂ ତାଙ୍କର କାର୍ଯ୍ୟକାଳ ୧୯ ଜୁଲାଇରେ ଶେଷ ହେଉଛି। ପ୍ରକୃତରେ, ଏହି ଦିନ ରୋଜର ବିନ୍ନି ୭୦ ବର୍ଷ ବୟସରେ ପଦାର୍ପଣ କରିବେ। ବିସିସିଆଇରେ ଏକ ନିୟମ ଅଛି ଯେ ୭୦ ବର୍ଷ ବୟସରେ ପହଞ୍ଚିବା ପରେ ପ୍ରତ୍ୟେକ ଅଧିକାରୀ ତାଙ୍କ ପଦବୀରୁ ଅବସର ନେଇଥାନ୍ତି। ସେହି ସମୟରେ, ରାଜୀବ ଶୁକ୍ଲା ଦୀର୍ଘ ସମୟ ଧରି ଭାରତୀୟ କ୍ରିକେଟ୍ ନିୟନ୍ତ୍ରଣ ବୋର୍ଡ ସହିତ ଜଡିତ ଅଛନ୍ତି। ଭାରତର ଅଧିକାଂଶ ମ୍ୟାଚ୍ ?ରେ ରାଜୀବ ଶୁକ୍ଲାଙ୍କୁ ଷ୍ଟାଡିୟମରେ ଦେଖାଯାଏ। ଏପରି ଅନୁମାନ କରାଯାଉଛି ଯେ ରାଜୀବ ଶୁକ୍ଲାଙ୍କୁ ବିସିସିଆଇର ନୂତନ ସଭାପତି କରାଯାଇପାରେ।

# କୋହଲିଙ୍କ ନାଁରେ ମାମଲା ରୁଜୁ

ବେଙ୍ଗାଲୁରୁ: ବେଙ୍ଗାଲୁରୁ ପୋଲିସ କ୍ରିକେଟର ବିରାଟ କୋହଲିଙ୍କ ପବ-ରେଷ୍ଟୁରାଣ୍ଟ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। କୋହଲିଙ୍କ ୱାନ୍୮ କମ୍ୟୁନି ପବ୍ ଏବଂ ରେଷ୍ଟୁରାଣ୍ଟ ବିରୋଧରେ ନୋ ସ୍ମୋକିଂ ଜୋନ ନ ଥିବା ପାଇଁ ପୋଲିସ ଏକ ମାମଲା ରୁଜୁ କରିଛି। ତଥାପି, ଏହି ମାମଲାରେ କ୍ରିକେଟର କିମ୍ବା ରେଷ୍ଟୁରାଣ୍ଟ ପକ୍ଷରୁ ଏପର୍ଯ୍ୟନ୍ତ କୌଣସି ବୟାନ ଜାରି କରାଯାଇ ନାହିଁ। ଏକ ସ୍ୱତନ୍ତ୍ର ଅଭିଯାନ ସମୟରେ ୱାନ୍୮ କମ୍ୟୁନି ବେଙ୍ଗାଲୁରୁର କ୍ୟୁବନ ପାର୍କ ପୋଲିସ ବିରାଟ କୋହଲିଙ୍କ ମାଲିକାନାରେ ଥିବା ୱାନ୍୮ କମ୍ୟୁନି ପବ ଏବଂ ରେଷ୍ଟୁରାଣ୍ଟ ସମେତ ମୋଟ ୫ଟି ବାର ଏବଂ ରେଷ୍ଟୁରାଣ୍ଟ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ପୋଲିସ ଜାଣିପାରିଛି ଯେ, ଏହି ପବ୍‌ରେ ନୋ ଧୂମପାନ ଜୋନ ନାହିଁ, ତେଣୁ ସିଗାରେଟ ଏବଂ ଅନ୍ୟାନ୍ୟ ତମାଖୁ ଉତ୍ପାଦ ଆଇନର ବ୍ୟବସ୍ଥା ଉଲ୍ଲଂଘନ କରିବା ପାଇଁ ନିଜେ ଏକ ମାମଲା ରୁଜୁ କରାଯାଇଛି। କୋହଲିଙ୍କ ପବ ବିରୋଧରେ କୌଣସି ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଏହା ପ୍ରଥମ ଥର ନୁହେଁ। ଗତ ବର୍ଷ ଜୁଲାଇରେ ୱାନ୍୮ କମ୍ୟୁନି ଏବଂ ରେଷ୍ଟୁରାଣ୍ଟ ବିରୋଧରେ ଏକ ମାମଲା ରୁଜୁ କରାଯାଇଥିଲା। ଜୁଲାଇ ୨୦୨୪ରେ, ବନ୍ଦ ସମୟର ନିୟମ ଉଲ୍ଲଂଘନ କରିବା ପାଇଁ ପବ ପରିଚାଳକଙ୍କ ବିରୋଧରେ ଏକ ଏଫଆଇଆର ରୁଜୁ କରାଯାଇଥିଲା।

# ଐତିହାସିକ ବିଜୟ ପରେ ଗୁକେଶଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଅଭିନନ୍ଦନ



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଷ୍ଟାଭାଙ୍ଗରରେ ଚାଲିଥିବା ନରୱେ ଚେସ୍ ୨୦୨୫ ଟୁର୍ଣ୍ଣାମେଣ୍ଟରେ ବିଶ୍ୱ ନମ୍ବର ୧ ମ୍ୟାଗନସ୍ କାର୍ଲସେନଙ୍କ ବିପକ୍ଷରେ ଐତିହାସିକ ବିଜୟ ପାଇଁ ସୋମବାର ଦିନ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭାରତୀୟ ଚେସ୍ ଖେଳାଳି ଡି. ଗୁକେଶଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ପୋଷ୍ଟ କରାଯାଇଥିବା ଏକ ବାର୍ତ୍ତାରେ, ମୁଖ୍ୟମନ୍ତ୍ରୀ ଗୁକେଶଙ୍କ ସଫଳତାକୁ ପ୍ରଶଂସା କରି ଏହାକୁ ସମଗ୍ର ଦେଶ ପାଇଁ ଏକ ଗର୍ବର ମୁହୂର୍ତ୍ତ ବୋଲି କହିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ବିଶ୍ୱ ନମ୍ବର ୧ ମ୍ୟାଗନସ୍ କାର୍ଲସେନଙ୍କ ବିପକ୍ଷରେ ପ୍ରଥମ ଐତିହାସିକ ବିଜୟ ପାଇଁ ଗୁକେଶଙ୍କୁ ହୃଦୟରୁ ଅଭିନନ୍ଦନ। ଏହି ବିଜୟ କେବଳ ଗୁକେଶଙ୍କ ପାଇଁ ଏକ ବ୍ୟକ୍ତିଗତ ମାଇଲଖୁଣ୍ଟ ନୁହେଁ, ବରଂ ସମଗ୍ର ଦେଶ ପାଇଁ ଏକ ଗର୍ବର ମୁହୂର୍ତ୍ତ। ଗୁକେଶ ବିଶ୍ୱକୁ ଦେଖାଇଛନ୍ତି ଯେ, ଆତ୍ମବିଶ୍ୱାସ ଏବଂ ନିଷ୍ଠା କ'ଣ ହାସଲ କରିପାରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଭାରତୀୟ ଚେସରଙ୍କ ଭବିଷ୍ୟତ ହୋଇ ଉଜ୍ଜ୍ୱଳ ହେଉ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସୂଚନାଯୋଗ୍ୟ, ଗୁକେଶଙ୍କ ବିଜୟ ଏହି ପ୍ରତିଷ୍ଠିତ ଟୁର୍ଣ୍ଣାମେଣ୍ଟର ରାଉଣ୍ଡ ୬ ରେ ଆସିଥିଲା। ଖେଳର ଅଧିକାଂଶ ସମୟ ଚାପରେ ରହିବା ସତ୍ତ୍ୱେ, ୧୮ ବର୍ଷୀୟ ଗ୍ରାଣ୍ଡମାଷ୍ଟର ସମୟ ଚାପରେ କାର୍ଲସେନଙ୍କ ଦ୍ୱାରା କରାଯାଇଥିବା ଏକାଧିକ ତ୍ରୁଟିକୁ ପୁଞ୍ଜି କରି ଏକ ଉଲ୍ଲେଖନୀୟ ପ୍ରତ୍ୟାବର୍ତ୍ତନ କରିଥିଲେ। ଏହି ଫଳାଫଳ ପାଞ୍ଚଥର ବିଶ୍ୱ ଚାମ୍ପିଅନଙ୍କ ଉପରେ ଗୁକେଶଙ୍କର ପ୍ରଥମ ଐତିହାସିକ ବିଜୟ ଏବଂ ବିଶ୍ୱ ଚେସ୍‌ରେ ଚହଳ ସୃଷ୍ଟି କରିଛି। ଏହି ବିଜୟ ଆଗାମୀ ଟୁର୍ଣ୍ଣାମେଣ୍ଟ ପାଇଁ ଗୁକେଶଙ୍କ ପ୍ରସ୍ତୁତିକୁ ମଧ୍ୟ ବୃଦ୍ଧି କରିଛି। ଯେଉଁରେ ସେ ବିଶ୍ୱ ଟାଇଟଲ ପାଇଁ ଭାରତର ପ୍ରତିନିଧିତ୍ୱ କରିବେ।

## ୧୫ ବର୍ଷରୁ କମ୍ ସିଏମ୍ କପ୍ ଆନ୍ତଃ ଜିଲ୍ଲା ଫୁଟବଲ୍ ଟୁର୍ଣ୍ଣାମେଣ୍ଟ

# ଫାଇନାଲ୍‌ରେ ଯାଜପୁରକୁ ଭେଟିବ ଅନୁଗୋଳ




କେନ୍ଦୁଝର(ଭାସ୍କର ନ୍ୟୁଜ): ଫୁଟବଲ ଆସୋସିଏସନ ଅଫ ଓଡିଶା, ରାଜ୍ୟ କ୍ରୀଡା ଓ ଯୁବ ସେବା ବିଭାଗ ଏବଂ ଜିଲ୍ଲା କ୍ରୀଡା ସଂସ୍ଥା ମିଳିତ ସହଯୋଗରେ କେନ୍ଦୁଝର ଶଙ୍କରପୁରସ୍ଥିତ ଧରଣୀଧର ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ୧୫ ବର୍ଷରୁ କମ୍ ସିଏମ୍ କପ୍ ଆନ୍ତଃ ଜିଲ୍ଲା ଫୁଟବଲ ପ୍ରତିଯୋଗିତାର ସୋମବାର ପୂର୍ବାହ୍ନରେ ଅନୁଗୋଳ ଏବଂ ମୟୁରଭଞ୍ଜ ମଧ୍ୟରେ ଅନୁଷ୍ଠିତ ଷଷ୍ଠ ଦିବସର ଖେଳ ଗୋଲଶୂନ୍ୟ ଭବେ ଅମୀମାଂଶିତ ରହିବା ଫଳରେ ଉଭୟ ଦଳ ପଏଣ୍ଟ ଭାଗ କରିଛନ୍ତି । ଲିଗ କମ୍ ନକ ଆଉଟ ପଦ୍ଧତିରେ ଅନୁଷ୍ଠିତ ଖେଳ ତୀବ୍ର ପ୍ରତିଦ୍ୱନ୍ଦ୍ୱୀତା ଏବଂ ସଂଘର୍ଷପୂର୍ଣ୍ଣ ବାତାବରଣ ମାଧ୍ୟମରେ ଅନୁଷ୍ଠିତ ହୋଇଥିଲା । ପ୍ରଥମାର୍ଦ୍ଧରେ ଉଭୟ ଦଳ ଗୋଲ ଦେବାର କେତୋଟି ସୁଯୋଗ ସୃଷ୍ଟି କରିଥିଲେ ମଧ୍ୟ ପୁରୋଭାଗର ଖେଳାଳିମାନେ ଶେଷ ସ୍ପର୍ଶ ଦେବାରେ ସଫଳ ହୋଇ ପାରିନଥିଲେ । ଦ୍ୱିତୀୟାର୍ଦ୍ଧରେ ମୟୁରଭଞ୍ଜ ଦଳ ପରସ୍ପର ମଧ୍ୟରେ ଅଧିକ ବୁଝାମଣା ରକ୍ଷାକରି ସଙ୍ଘବଦ୍ଧ ଭାବେ ଆକ୍ରମଣ କରିବା ସହ କେତୋଟି ଗୋଲ ଦେବାର ସୁବର୍ଣ୍ଣ ସୁଯୋଗ ସୃଷ୍ଟି କରିଥିଲେ । ମାତ୍ର ଅନୁଗୋଳର ଦକ୍ଷ ଗୋଲ ରକ୍ଷକ ଅତି ଚମତ୍କାର ଭାବେ ପ୍ରତିପକ୍ଷ ଦଳର ଗୋଲ ସ୍କୋର କରିବାର ସମସ୍ତ ଉଦ୍ୟମକୁ ପଣ୍ଡ କରି ଦେଇ ଦଳକୁ ପରାଜୟରୁ ବଞ୍ଚାଇଥିଲେ ଏବଂ ଏହି ଖେଳ ଗୋଲଶୂନ୍ୟ ଭାବେ ସମାପ୍ତ ହୋଇଥିଲା । ଏହି ଖେଳରେ ଅତି ଉଚ୍ଚ କୋଟୀର ଗୋଲକିପିଙ୍ଗ କରି ଦଳକୁ ପରାଜୟରୁ ରକ୍ଷା କରିଥିବା ଅନୁଗୋଳର ୧ ନମ୍ବର ଖେଳାଳି ବିଦେଶି ଦିଗି ମ୍ୟାନ୍ ଅଫ ଦି ମ୍ୟାଚ୍ ଭାବେ ମନୋନୀତ ହୋଇ ମୁଖ୍ୟ ଅତିଥି କେନ୍ଦୁଝର ଜିଲ୍ଲା କ୍ରୀଡା ସଂସ୍ଥାର ଯୁଗ୍ମ ସମ୍ପାଦକ ତଥା ବରିଷ୍ଠ ସାମ୍ବାଦିକ ସଂଗ୍ରାମ ପଟ୍ଟନାୟକଙ୍କ ଠାରୁ ପୁରସ୍କୃତ ହୋଇଥିଲେ । ଏହି ପ୍ରତିଯୋଗିତାରେ ଗ୍ରୁପ 'ଏ' ରେ ଯାଜପୁର ତିନୋଟି ଲିଗ ମ୍ୟାଚରୁ ଦୁଇଟି ବିଜୟ ଏବଂ ଗୋଟିଏ ଡ୍ର ସହ ୭ ପଏଣ୍ଟ ପାଇଥିବା ବେଳେ ଗ୍ରୁପ 'ବି'ରେ ଅନୁଗୋଳ ମଧ୍ୟ ସମାନ ସଂଖ୍ୟକ ମ୍ୟାଚ ଖେଳି ୭ ପଏଣ୍ଟ ପାଇବା ସହ ପଏଣ୍ଟ ଟେବୁଲର ଶୀର୍ଷରେ ରହିଛନ୍ତି । ଉଭୟ ଦଳ ଆସନ୍ତାକାଲି ଅପରାହ୍ନରେ ଜୋନାଲ ଫାଇନାଲରେ ପରସ୍ପରକୁ ଭେଟିବେ । ଜୋନାଲ ଫାଇନାଲ ପାଇଁ ଦୁଇ ଦଳ ନିଜର ସ୍ଥାନ ସୁରକ୍ଷିତ କରି ସାରିଥିବା ବେଳେ ଅପରାହ୍ନରେ ଅନୁଷ୍ଠିତ ଦ୍ୱିତୀୟ ଲିଗ ଖେଳର କୌଣସି ଗୁରୁତ୍ୱ ନଥିଲା । ବାଲେଶ୍ୱର ଓ ଦେବଗଡ଼ ମଧ୍ୟରେ ଅନୁଷ୍ଠିତ ଏହି ଖେଳଟି ଗତିଶୀଳ ହୋଇଥିଲେ ସୁଦ୍ଧା କୌଣସି ଦଳ ଗୋଲ ଦେବାରେ ସକ୍ଷମ ହୋଇ ପାରିନଥିଲେ । ଶେଷରେ ପ୍ରଥମ ଖେଳ ପରି ଏହି ଖେଳଟି ମଧ୍ୟ ଗୋଲଶୂନ୍ୟ ଭାବେ ସମାପ୍ତ ହୋଇଥିଲା । କୌଣସି ଗୋଲ ନହେବା ସତ୍ତ୍ୱେ ବାଲେଶ୍ୱର ଦଳର ଅଧିନାୟକ ଜର୍ସି ନମ୍ବର ୧୧ ପ୍ରତିପକ୍ଷ ଗୋଲ ଉପରେ କେତୋଟି ଉଲ୍ଲେଖନୀୟ ଆକ୍ରମଣ କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରି ମ୍ୟାନ ଅଫ ଦି ମ୍ୟାଚ ଭାବେ ବିବେଚିତ ହୋଇ ଜିଲ୍ଲା ବିଜେଡି ସଭାପତି ଆଶିଷ ଚକ୍ରବର୍ତ୍ତୀଙ୍କ ଦ୍ୱାରା ପୁରସ୍କୃତ ହୋଇଥିଲେ । ଦ୍ୱିତୀୟ ଖେଳ ଆରମ୍ଭ ପୂର୍ବରୁ କେନ୍ଦୁଝର ସାଂସଦଙ୍କ ବ୍ୟକ୍ତିଗତ ସଚିବ ବରୋଦା ପ୍ରସାଦ ସାହୁ ଏବଂ ବ୍ୟକ୍ତିଗତ ସହାୟକ ସୁଜିତ ସିଂହଙ୍କ ସହ ଉଭୟ ଦଳର ଖେଳାଳିଙ୍କୁ ପରିଚିତ କରାଇ ଦିଆଯାଇଥିଲା । ପ୍ରଥମ ଖେଳରେ ବୁଦ୍ଧିରାମ କେରଇ ରେଫରୀ ଦାୟିତ୍ୱ ତୁଲାଇ ଥିବା ବେଳେ ନୀତିଶ ମାଝୀ ଓ ରାଇମୋହନ ମୁର୍ମୁ ଲାଇନରେ ସହାୟତା କରିଥିଲେ । ଚତୁର୍ଥ ରେଫରୀ ଥିଲେ ମହେଶ ପ୍ରଧାନ କ୍ଷ ସେହିପରି ଦ୍ୱିତୀୟ ଖେଳରେ ମହେଶ ପ୍ରଧାନ ରେଫରୀ ଦାୟିତ୍ୱ ତୁଲାଇ ଥିବା ବେଳେ ସନ୍ତୋଷ ମାଝୀ ଓ ସୀତାରାମ ହାଁସଦା ଲାଇନରେ ସହାୟତା କରିଥିଲେ । ଚତୁର୍ଥ ରେଫରୀ ଥିଲେ ସମ୍ରାଟ ହେମ୍ବ୍ରମ । ଖେଳରେ ଜିଲ୍ଲା କ୍ରୀଡା ସଂସ୍ଥା ପକ୍ଷରୁ ସାଧାରଣ ସମ୍ପାଦକ ଡ.ଜନାର୍ଦ୍ଦନ ଦାଶ, ଯୁଗ୍ମ ସମ୍ପାଦକ ରବୀନ୍ଦ୍ର ପାଢ଼ୀ, ସଂଗ୍ରାମ ପଟ୍ଟନାୟକ, କାଉନସିଲ ମେମ୍ବର ଗିରୀଶ ହୋତା, ସୁରେଶ ରଣା ପ୍ରମୁଖ ଉପସ୍ଥିତ ରହି ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ । ଏହି ଖେଳରେ ଫାଓ ପକ୍ଷରୁ ଶିବ ଶଙ୍କର ପଣ୍ଡା ମ୍ୟାଚ କମିଶନର କାର୍ଯ୍ୟ ତୁଲାଇଥିବା ବେଳେ ବୀରେନ୍ଦ୍ର ମହାନ୍ତ, ରାମକ୍ରୀଷ୍ଣା ବେହେରା, କୃଷ୍ଣ ଚନ୍ଦ୍ର ମହାନ୍ତ, ସଞ୍ଜୟ ନାୟକ ପ୍ରମୁଖ ସିଲେକ୍ଟର ଭାବେ ଦାୟିତ୍ୱ ନିର୍ବାହ କରିଥିଲେ ।


**कार्यालय कार्यपालक अभियन्ता, लघु सिंचाई प्रमण्डल, रामगढ़**
Email-ID-eemidramgarh24408@gmail

**शुद्धि-पत्र**

इस कार्यालय का पत्रांक–584 दिनांक 15.05.2025 के द्वारा आमंत्रित निविदा आमंत्रण सूचना संख्या **WRD/MID/RAMGARH/B.D./M.M.S.L.I - 02/2025-26** को विभिन्न सामाचर पत्र में प्रकाशित हुआ। योजना का नाम– Construction of Mukhya Mantri Solar Lift Irrigation Scheme Dari, Block-Dari, Dist- Hazaribagh जिसका पी० आर० नम्बर– 352552 Minor Irrigation (25-26):D है। जिसे तकनीकी एवं अपरिहार्य कारणवश रद्द की जाती है।

ह०/–
कार्यपालक अभियन्ता,
लघु सिंचाई प्रमण्डल, रामगढ़।

PR.NO.354069
Minor Irrigation(25-26):D



JAP-IT
Jharkhand Agency for Promotion of Information Technology
(An Autonomous body under Department of Information Technology, Govt. of Jharkhand)
Ground Floor, Engineer's Hostel – I, Near Golchakkar, Dhurwa, Ranchi, Jharkhand
Phone. 0651-2401040, 2401067 Fax.- 0651-2401040

**NOTICE INVITING TENDER (NIT)**

On behalf of the MGM Medical College, Jamshedpur, JAP-IT invites Online Bids through Jharkhand e-procurement portal (https:\\Jharkhandtenders.gov.in) for "Selection of System Integrator for Annual Maintenance of Items Installed at MGM Medical College, Jamshedpur". Details are as follows :

| | | |
|---|---|---|
| 1. | **Tender Reference number** | JAP-IT/AMC/01/2025 |
| 2. | Name of Work | Selection of System Integrator for Annual Maintenance of Items Installed at MGM Medical College, Jamshedpur |
| 3. | Tender Fee | INR 10,000/-(Rupees Ten Thousand only) through Jharkhand e-Procurement portal |
| 4. | Earnest Money Deposit (EMD) | INR 1,00,000/- (Rupees One Lakh Only) through Jharkhand e-Procurement portal |
| 5. | Start date/time of downloading Tender document | 03-06-2025, 03:00 PM |
| 6. | Site Visit Schedule | 09-06-2025 to 14-06-2025 (From 11.30 AM at 4.30 PM) |
| 7. | Last Date for sending Pre-Bid Query | 17-06-2025 |
| 8. | Pre-bid meeting | 18-06-2025, 03:00 PM |
| 9. | Start date of bid submission | 25-06-2025, 03:00 PM |
| 10. | Last date and time of Online Bid Submission | 16-07-2025, 03:00 PM |
| 11. | Technical Bid Opening | 17-07-2025, 03:30 PM |
| 12. | Commercial Bid Opening | To be informed later. |
| 13. | Place of Pre-Bid Meeting/ Communication/ Bid Submission/ Bid Opening | JAP-IT, Ground Floor, Engineers Hostel 1, Near Golchakkar, Dhurwa, Ranchi-834004 |
| 14. | Contact for Site Visit | Principal, MGM Medical College, Jamshedpur Dimna Road, Mango, Jamshedpur, East Singhbhum, Jharkhand, Pin -831020 Email ID :- mgmmedicalcollege.jamshedpur@gmail.com |
| 15. | Contact/ Pre-Bid query e-mail ID | Tel: 0651-2401044 Email: ceo.japit@jharkhandmail.gov.in / japit_doit@rediffmail.com |

Note: 1. JAP-IT reserves the right to change the conditions or cancel the tendering process at any stage without assigning any reason thereof. Please visit the portal regularly for the same.
2. The Bidders are advised to submit the Bids well in advance as JAP-IT/GoJ will not be responsible for non-submission of the bids because of any technical glitches

Sd/-
Officer on Special Duty,
JAP-IT

PR 354028 (Information Technology) 25-26 (D)



**कार्यालय जिला परिषद्, कोडरमा।**
निविदा से संबंधित शुद्धि पत्र

इस कार्यालय के पत्रांक 158/जि0प0 दिनांक 21.05.2025 एवं PR No. 353276 तिथि 21.05.2025 के द्वारा प्रकाशित अति अल्पकालीन निविदा आमंत्रण सूचना संख्या–04/2025–26 में अपरिहार्य कारणवश निम्नवत् आंशिक संशोधन किया जाता है।

| क्र0 | ग्रुप संख्या | योजना का नाम | पूर्व में प्रकाशित तिथि | | | वर्तमान में संशोधित तिथि | | |
|---|---|---|---|---|---|---|---|---|
| | | | बेबसाईट में निविदा प्रकाशन की तिथि | ई–निविदा प्राप्ति की तिथि एवं समय | निविदा खोलने की तिथि एवं समय | बेबसाईट में निविदा प्रकाशन की तिथि | ई–निविदा प्राप्ति की तिथि एवं समय | निविदा खोलने की तिथि एवं समय |
| 1 | 01 | Construction of Zila Parishad Koderma Office Building | 30.05.2025 | 31.05.2025 से 06.06.2025 अपराह्न 05:00 बजे तक | 09.06.2025 पूर्वाह्न 11:00 बजे | 05.06.2025 | 06.06.2025 से 12.06.2025 अपराह्न 05:00 बजे तक | 14.06.2025 पूर्वाह्न 11:00 बजे |

निविदा की अन्य शर्तें यथावत रहेंगी।

जिला अभियंता,
जिला परिषद्, कोडरमा।

PR 354065 Panchayati Raj(25-26)D



**कार्यपालक अभियंता का कार्यालय**
**राष्ट्रीय उच्च पथ प्रमंडल, पथ निर्माण विभाग, देवघर, झारखण्ड**
**सर्कुलर रोड, नियर उपायुक्त आवास, देवघर, झारखण्ड (814112)**

**शुद्धि पत्र**

इस कार्यालय द्वारा आमंत्रित ई–निविदा प्रसंग संख्या :– NH/Deoghar/JHR/F2/03/ 2025-26 [PR No. 353518 Deoghar(25-26)_D दिनांक 27.05.2025 को प्रकाशित] को निम्नलिखित संशोधन किया गया है :–

| | | |
|---|---|---|
| 1 | कार्य का नाम | Construction of RCC drain at Km 161.00 to Km 162.00 both side (1600m) of NH-333 for the Sharawani Mela for the year 2025-26. |
| 2 | प्राक्कलित राशि (लाख में) | 150.00 |
| 3 | कार्य समाप्ति की अवधि | 04 माह |
| 4 | बेबसाईट पर निविदा प्रकाशित होने की तिथि एवं समय | 05.06.2025 (10.30 बजे अपराह्न) |
| 5 | निविदा प्राप्ति की अंतिम तिथि एवं समय | 12.06.2025 (12.00 बजे दिन तक) |
| 6 | निविदा खोलने की तिथि एवं समय | 13.06.2025 (12.30 बजे अपराह्न) |

शेष शर्तें यथावत रहेंगी।

ह0/–
कार्यपालक अभियंता
रा0 उ0 पथ प्रमंडल, देवघर

PR 354027 Deoghar(25-26)#D



**Office of the Executive Engineer**
**Drinking Water & Sanitation Division No.-02, Dumka.**

e-Procurement Notice / Short Term Tender
Tender Reference No.- DWSD/DUMKA-2/09/2025-26 (e- Re-Tender) Date- 02.06.2025

| | | |
|---|---|---|
| 1 | Department Name : | Drinking Water & Sanitation Department, Jharkhand, Ranchi. |
| 2 | Name & Address of the Office Inviting Tender | Executive Engineer, D.W.&S. Division No.-02, Dumka. |
| 3 | Date of Publication of Tender/Time on Website : | 06.06.2025/05 : 00 PM |
| 4 | Last date /Time for receipt of Online Bid | 14.06.2025/05 : 00 PM |
| 5 | Last date/time of Online submission of Earnest Money and Cost of BOQ (As per Letter No.-120, dated-03.10.2023 of Secretary to Govt., Information Technology & e-Governance Department, Govt. of Jharkhand) | 14.06.2025/05 : 00 PM |
| 6 | Date of Opening of Tender /Time: | 16.06.2025/05 : 00 AM |
| 7 | Name &Address of Tender Opening Officer : | Executive Engineer, D.W.&S. Division No.-02, Dumka. |
| 8 | Contact no. of Procurement Office : | 9431749737 |
| 9 | Help line No. of e-procurement cell : | 0651-2480345 |

| Sl. No. | Name of Work | Group No. | Estimated Cost (in Rs.) | Earnest Money (in Rs.) | Cost of BOQ (in Rs.) | Time of Completion (in days) |
|---|---|---|---|---|---|---|
| 1 | 2 | 3 | 5 | 6 | 7 | 8 |
| 1 | प्रखण्ड दुमका अन्तर्गत ए0एन0 कॉलेज पिछड़ी जाति कल्याण छात्रावास दुमका में सौर उर्जा आधारित जलापूर्ति अधिष्ठापन | ITDA-DMK-1 | 1432455.00 | 29000.00 | 2500.00 | 90 |
| 2 | प्रखण्ड दुमका अन्तर्गत +2 कन्या उच्च विद्यालय पिछड़ी जाति कल्याण छात्रावास दुमका में सौर उर्जा आधारित जलापूर्ति अधिष्ठापन | ITDA-DMK-2 | 1432455.00 | 29000.00 | 2500.00 | 90 |
| 3 | प्रखण्ड दुमका अन्तर्गत अनुसूचित जाति कल्याण छात्रावास संख्या–01 (एस पी कॉलेज के पास) में सौर उर्जा आधारित जलापूर्ति अधिष्ठापन | ITDA-DMK-3 | 1432455.00 | 29000.00 | 2500.00 | 90 |
| 4 | प्रखण्ड दुमका अन्तर्गत अनुसूचित जाति कल्याण छात्रावास संख्या–02 (एस पी कॉलेज के पास) में सौर उर्जा आधारित जलापूर्ति अधिष्ठापन | ITDA-DMK-4 | 1432455.00 | 29000.00 | 2500.00 | 90 |
| 5 | प्रखण्ड दुमका अन्तर्गत अनुसूचित जाति कल्याण छात्रावास संख्या–03 (एस पी कॉलेज के पास) में सौर उर्जा आधारित जलापूर्ति अधिष्ठापन | ITDA-DMK-5 | 1432455.00 | 29000.00 | 2500.00 | 90 |

Note:-
- No claim shall be entertained because of disputation of internet service being used by the bidders. Bidders are advice to upload their bids well in advance to avoid last minute technical snags.
- Further details can be seen on website http://jharkhandtenders.gov.in
- Estimated Cost may be increase or decrease.
- Work Order will be issued after Administration Approval.

(Ramesh Kumar Lohra)
Executive Engineer
D.W. & S. Division No.-02, Dumka

PR 354058 (Drinking Water and Sanitation) 25-26 (D)



**झारखण्ड सरकार**
**ग्रामीण कार्य विभाग , कार्यपालक अभियंता का कार्यालय**
**कम्बाइंड बिल्डींग, ओल्ड चास कोट एरिया, बोकारो**

**ई– अल्पकालीन पुनर्निविदा आमंत्रण सूचना**

ई– अल्पकालीन निविदा संख्या :- 21/RI/2024-25/RWD/EE/BOKARO दिनांक – 02.06.2025

कार्यपालक अभियंता, ग्रामीण कार्य विभाग, कार्य प्रमंडल, बोकारो द्वारा निम्न विवरण के अनुसार e-procurement पद्धति से निविदा आमंत्रित की जाती है।

| क्र0 सं0 | आईडेन्टी फिकेशन संख्या /पैकेज संख्या | कार्य का नाम | प्राक्कलित राशि (रूपये में) | | कार्य समाप्ति की अवधि | टेण्डर कॉल नं0 |
|---|---|---|---|---|---|---|
| | | | अंक में | अक्षर में | | |
| 1 | RWD/EE/BOKARO/55/2024-25 | डामुडीह टोला भुईयाडीह पी0डब्लू0डी0 रोड से अड़िता तक पथ निर्माण कार्य (लम्बाई– 2.290 कि0मी0)। | 2,72,15,800.00 | दो करोड बहत्तर लाख पन्द्रह हजार आठ सौ रू0 मात्र | 15 माह | द्वितीय |

2. वेबसाईट में निविदा प्रकाशन की तिथि:– 06.06.2025
3. ई–निविदा प्राप्ति की अंतिम तिथि एवं समय :– 17.06.2025 अपराह्न 5.00 बजे तक।
4. निविदा खोलने की तिथि एवं समय :– 19.06.2025 अपराह्न 03.30 बजे।
5. निविदा आमंत्रित करने वाले पदाधिकारी का नाम एवं पता :– कार्यपालक अभियंता, ग्रामीण कार्य विभाग, कार्य प्रमंडल, बोकारो, कम्बाइंड बिल्डींग, सिविल एस0डी0ओ0, ऑफिस ओल्ड चास कोट एरिया, चास बोकारो, झारखंड, पिन– 827013
6. ई–निविदा प्रकोष्ठ का दूरभाष सं0– 9431060119

विस्तृत जानकारी के लिए वेबसाईट jharkhandtenders.gov.in में देखा जा सकता है।

कार्यपालक अभियंता, ग्रामीण कार्य विभाग
कार्य प्रमंडल, बोकारो

PR 354093 Rural Work Department(25-26)#D



**झारखण्ड सरकार**
**ग्रामीण कार्य विभाग, कार्यपालक अभियंता का कार्यालय**
**कम्बाईण्ड बिल्डिंग, प्रथम तल्ला, एल0सी0 रोड, धनबाद**

**ई– निविदा आमंत्रण सूचना**

ई–निविदा संख्या:- 02/**RWD/DHANBAD/25-26** दिनांक :- **29.05.2025**

कार्यपालक अभियंता, ग्रामीण कार्य विभाग, कार्य प्रमण्डल, धनबाद द्वारा निम्न विवरण के अनुसार e-procurement पद्धति से निविदा आमंत्रित की जाती है।

| क्र0 सं0 | आईडेन्टी फिकेशन संख्या/पैकेज संख्या | प्रखण्ड | कार्य का नाम | प्राक्कलित राशि (लाख में) | | कार्य समाप्ति की अवधि | टेण्डर कॉल संख्या |
|---|---|---|---|---|---|---|---|
| | | | | अंक में | अक्षर में | | |
| 1 | DMFT 04/25-26 | निरसा | पगला मोड़ से नगराडीह तक पथ निर्माण (लम्बाई –1.35 कि0मी0) | 131.375 | एक करोड़ एकतीस लाख सैतीस हजार पॉच सौ | 09 माह | प्रथम |
| 2 | DMFT 05/25-26 | निरसा | तालबेड़िया से सुभाष मराण्डी के घर से श्मशान घाट तक पथ निर्माण (लम्बाई –1.70 कि0मी0) | 182.883 | एक करोड़ बेरासी लाख अठासी हजार तीन सौ | 12 माह | प्रथम |
| 3 | DMFT 06/25-26 | निरसा | डांगासाल स्कूल से पहारगढ़ा तक पथ निर्माण कार्य (लम्बाई – 1.25कि0मी0) | 117.997 | एक करोड़ सतरह लाख निनानवे हजार सात सौ | 09 माह | प्रथम |
| 4 | DMFT 07/25-26 | निरसा | भागाबांध पंचायत भवन से उदीरडंगा तक पथ निर्माण कार्य (लम्बाई–1.38कि0मी0) | 120.107 | एक करोड़ बीस लाख दस हजार सात सौ | 09 माह | प्रथम |
| 5 | DMFT 08/25-26 | निरसा | धरमपुर से चैनपुर तक पथ निर्माण कार्य (लम्बाई–1.75 कि0मी0) | 156.551 | एक करोड़ छप्पन लाख पच्चपन हजार एक सौ | 12 माह | प्रथम |
| 6 | DMFT 09/25-26 | निरसा | झोरबुड़ी गरमकुण्ड से बेलडांगा तिलका बाबा मोड़ भैली स्कूल होते हुए बेनागोड़िया सुभाष चौक तक पी0सी0सी0 पथ निर्माण (लम्बाई–1.70 कि0मी0) | 145.592 | एक करोड़ पैतालिस लाख उनसठ हजार दो सौ | 09 माह | प्रथम |
| 7 | DMFT 05/22-23 | बलियापुर | बलियापुर झरिया रोड जयरामपुर मोड़ से चांदकुइयां बस्ती होते हुए भागारामपुर रानी रोड तक पथ निर्माण | 294.961 | दो करोड़ चौरानवे लाख छियानवे हजार एक सौ | 15 माह | द्वितीय |
| 8 | DMFT-09/24-25 | तोपचॉची | जीतपुर दुर्गा मंडप से चैता बस्ती तक पथ | 345.626 | तीन करोड़ पैतालिस लाख बासठ हजार छह सौ | 15 माह | द्वितीय |

2. वेबसाईट में निविदा प्रकाशन की तिथि:– **09.06.2025**
3. ई–निविदा प्राप्ति की अंतिम तिथि एवं समय:– **21.06.2025** अपराह्न 5.00 बजे तक।
4. निविदा खोलने की तिथि एवं समय:– **23.06.2025** अपराह्न 3.30 बजे।
5. निविदा आमंत्रित करने वाले पदाधिकारी का नाम एवं पता:– कार्यपालक अभियंता, ग्रामीण कार्य विभाग, कार्य प्रमण्डल, धनबाद, पिन– 826001
6. ई–निविदा प्रकोष्ठ का दूरभाष सं0– 0326–3554757

विस्तृत जानकारी के लिए वेबसाईट jharkhandtenders.gov.in में देखा जा सकता है।

कार्यपालक अभियंता
ग्रामीण कार्य विभाग, कार्य प्रमण्डल, धनबाद

PR 354112 Rural Work Department(25-26)#D

ଓଡ଼ିଶା ଭାସ୍କର
ODISHA BHASKAR

# ବିବିଧବର୍ଣ୍ଣା



ପ୍ରତ୍ୟେକଙ୍କ ରୋଷେଇ ଘରେ ବିଭିନ୍ନ ପ୍ରକାର ମସଲା ମଧ୍ୟରେ ଲବଙ୍ଗ ନିଶ୍ଚୟ ସାମିଲ ରହିଥାଏ । କେବଳ ଖାଦ୍ୟର ସ୍ୱାଦକୁ ଏହା ଦ୍ୱିଗୁଣିତ କରେ ତାହା ନୁହେଁ ବରଂ ସ୍ୱାସ୍ଥ୍ୟ ପାଇଁ ମଧ୍ୟ ବେଶ ଲାଭଦାୟକ । ଆୟୁର୍ବେଦରେ ଲବଙ୍ଗକୁ ଜଡିବୁଟୀ ଭାବେ ବ୍ୟବହାର କରାଯାଏ । ଲବଙ୍ଗରେ ଥିବା ପୋଷକ ତତ୍ତ୍ୱ ପେଟ ଜନିତ ଅନେକ ରୋଗକୁ ଦୂର କରିବାରେ ସହାୟକ ହୋଇଥାଏ । ମୁଖ୍ୟତଃ ଏଥିରେ ଭିଟାମିନ୍ ସି, ଭିଟାମିନ୍ କେ, ଇ, ବି୬, କ୍ୟାଲସିୟମ, ମାଗ୍ନେସିୟମ, ପୋଟାସିୟମ, ଜିଙ୍କ, ଆଇରନ ଆଦି ରହିଛି । ଯାହା ଶରୀର ପାଇଁ ବେଶ ଲାଭଦାୟକ । ତେବେ ଏହାକୁ ଏକ ନିର୍ଦ୍ଦିଷ୍ଟ ଉପାୟରେ ସେବନ କଲେ ଏହାର ଔଷଧୀୟ ଗୁଣ ଅଧିକ ମିଳିବା ସହ ଶରୀରକୁ ନିରୋଗ ରଖିବାରେ ସହାୟକ ହେବ । ଜାଣନ୍ତୁ.. ଶୀତ ଦିନରେ ଅଧିକାଂଶ ସମୟରେ ଥଣ୍ଡା, କାଶ, ଗଳାରେ ଯନ୍ତ୍ରଣା, ଜ୍ୱର ଆଦି ହୋଇଥାଏ । ଏସବୁ ସଂକ୍ରମଣରୁ ରକ୍ଷା ପାଇବା ପାଇଁ ରାତିରେ ଭୋଜନ ପରେ ଏକ ଚାମଚ ମହୁରେ ଅଳ୍ପ କିଛି ଲବଙ୍ଗ ଗୁଣ୍ଡ ମିଶାଇ ଏହାର ସେବନ କରନ୍ତୁ । ଏହା ଦ୍ୱାରା ଥଣ୍ଡା,କାଶ ଆଦି ସମସ୍ୟା ଦୂର ହୋଇଥାଏ । ବିଭିନ୍ନ ସଂକ୍ରମଣ ଜନିତ ରୋଗରୁ ଏହା ଶରୀରକୁ ରକ୍ଷା କରିଥାଏ ।



## ରୋଷେଇ ଘରେ ଲଗାନ୍ତୁ ଏହି ଫଟୋ ମିଳିବ ସୁଖ ଓ ଶାନ୍ତି



*ହିନ୍ଦୁ ଧର୍ମରେ ଜ୍ୟୋତିଷ ଶାସ୍ତ୍ର ପରି ବାସ୍ତୁ ଶାସ୍ତ୍ରର ମଧ୍ୟ ବିଶେଷ ଗୁରୁତ୍ୱ ରହିଛି । କୁହାଯାଏ ଯେ ଯେଉଁ ବ୍ୟକ୍ତି ବାସ୍ତୁର ପ୍ରତ୍ୟେକ ନୀତିକୁ ମାନି ଘର ତିଆରି କରନ୍ତି, ସେମାନଙ୍କ ଘରେ ସର୍ବଦା ସୁଖ, ଶାନ୍ତି ଓ ସମୃଦ୍ଧି ବଜାୟ ରହିଥାଏ । ଏହା ବ୍ୟତୀତ ଏହା କେବେ ବାସ୍ତୁଗତ କ୍ଷତି କରେ ନାହିଁ ...*

◆ ବାସ୍ତୁ ଶାସ୍ତ୍ର ଅନୁସାରେ ଘରର ସାଜସଜା ଓ ଫଟୋ ଚିତ୍ର ଲଗାଯାଇଥାଏ । ଘରମାନଙ୍କରେ ପ୍ରାୟ ଦେବାଦେବୀଙ୍କ ଫଟୋ ଲଗାଇଥାଉ । କିନ୍ତୁ ଆପଣ ଜାଣିଛନ୍ତି କି ରୋଷଇ ଘରେ କେଉଁ ଦେବାଦେବୀଙ୍କ ଫଟୋ କିପରି ଲଗାଇଲେ ତାହା ଆପଣଙ୍କ ଜୀବନରେ ସୁଖ, ଶାନ୍ତି ଆଣିଦେବ ।

◆ ବାସ୍ତୁ ଶାସ୍ତ୍ର ଅନୁସାରେ ରୋଷେଇ ଘରେ ଯଦି ଦେବୀଙ୍କ ଫଟୋ ଲଗାଯାଏ ତେବେ ଏହା ସୌଭାଗ୍ୟ ଆଣିବା ସହ ଘରେ କେବେ କୌଣସି ଜିନିଷର ଅଭାବ ରହିବ ନାହିଁ ।

◆ ବାସ୍ତୁ ଶାସ୍ତ୍ର ନିୟମ ପାଳନ କରିବା ଦ୍ୱାରା ଆପଣଙ୍କ ଜୀବନରେ ସକାରାତ୍ମକତା ବୃଦ୍ଧି ପାଏ ଏବଂ ଆପଣଙ୍କୁ ପ୍ରଗତି କରିବାରେ ସାହାଯ୍ୟ କରେ ।

◆ ଘରର ରୋଷେଇ ଘରେ ମାତା ଅନ୍ନପୂର୍ଣ୍ଣାଙ୍କ ଫଟୋ ରଖିବା ଅତ୍ୟନ୍ତ ଶୁଭଦାୟକ । ଏହାଦ୍ୱାରା ଆଖପାଖର ପରିବେଶ ସର୍ବଦା ସକାରାତ୍ମକ ରହିବା ସହ ଘରେ ସର୍ବଦା ସୁଖ ଏବଂ ଶାନ୍ତି ରହିଥାଏ ।




## ସଲମାନଙ୍କ ପ୍ରଥମ ପସନ୍ଦ ଥିଲେ ପ୍ରିୟଙ୍କା



ନିକଟରେ ସଲମାନ ଖାନ୍‌ଙ୍କର ଏକ ପୁରୁଣା ସାକ୍ଷାତକାର ବର୍ତ୍ତମାନ ଭାଇରାଲ ହେବାରେ ଲାଗିଛି । ଯେଉଁଥରେ ସେ ପ୍ରିୟଙ୍କାଙ୍କୁ ନେଇ ନିଜ ମତ ପ୍ରକାଶ କରିଛନ୍ତି । ଏଥିରେ ସଲମାନଙ୍କ ମତ ଅନୁସାରେ ପ୍ରିୟଙ୍କା ଭାରତ ଫିଲ୍ମରେ ଅଭିନୟ ପାଇଁ ତାଙ୍କ ଭଉଣୀ ଅର୍ପିତାଙ୍କୁ ହଜାର ଥର ଫୋନ କରିଥିଲେ । ହେଲେ ଫିଲ୍ମର ସୁଟିଂ ଆରମ୍ଭ ହେବା ପରେ ପ୍ରିୟଙ୍କା ଏହି ଫିଲ୍ମ ଛାଡି ଦେଇଥିବା ସଲମାନ ପ୍ରକାଶ କରିଛନ୍ତି । ତେବେ ପ୍ରିୟଙ୍କାଙ୍କ ପାଇଁ ଏହି ଫିଲ୍ମ ଛାଡିବା ଖୁବ କଷ୍ଟ ହୋଇଥିବ ବୋଲି ସଲମାନ ପ୍ରକାଶ କରିଛନ୍ତି, କାରଣ ପ୍ରିୟଙ୍କା ଏଥିରେ ଅଭିନୟ କରିବାକୁ ଖୁବ ଇଚ୍ଛା କରିଥିଲେ । ତେବେ ପ୍ରିୟଙ୍କା ଏହି ଫିଲ୍ମ ନିଜର ବିବାହ ପାଇଁ ଛାଡିଥିବା ପ୍ରକାଶ କରିଥିଲେ । ନିଜ ସିଡ୍ୟୁଲ ଆରମ୍ଭ ହେବାର ମାତ୍ର ୧୦ ଦିନ ପୂର୍ବରୁ ସେ ଏହି ଫିଲ୍ମ ଛାଡିବେ ବୋଲି ପ୍ରକାଶ କରିଥିଲେ । ଏହା ପରେ ଏହି ଫିଲ୍ମ ପାଇଁ କ୍ୟାଟ୍ରିନାଙ୍କୁ ଆପ୍ରୋଚ କରାଯାଇଥିଲା । କ୍ୟାଟ୍ରିନା ସେତେବେଳେ ଖୁବ ବ୍ୟସ୍ତ ଥାଇ ମଧ୍ୟ ଫିଲ୍ମ ପାଇଁ ରାଜି ହୋଇଯାଇଥିଲେ ଏବଂ ଫିଲ୍ମରେ ଅଭିନୟ ମଧ୍ୟ କରିଥିଲେ ।

## ସତରେ କ'ଣ ଦାନ୍ତରେ ପୋକ ଲାଗେ ?

### ଆସନ୍ତୁ ଜାଣିବା ଏହି ବିଷୟରେ...



*ଦାନ୍ତରେ ପୋକ ଲାଗିଛି – ଏହି କଥା ଆମେ ଅନେକ ସମୟରେ ଶୁଣିଥାଉ । ଦାନ୍ତରେ ଯନ୍ତ୍ରଣା ହେଲେ କିମ୍ବା ଦାନ୍ତ କ୍ଷୟ ହେଲେ ଲୋକେ ପ୍ରାୟତଃ ଏହାକୁ "ପୋକ ଲାଗିବା" ସହ ତୁଳନା କରନ୍ତି । କିନ୍ତୁ କ'ଣ ସତରେ ଦାନ୍ତରେ ପୋକ ଲାଗିଥାଏ ? ବିଜ୍ଞାନ ଏହା ବିଷୟରେ କ'ଣ କହୁଛି ? ଆସନ୍ତୁ ଏହାର ରହସ୍ୟ ଜାଣିବା...*

ଦନ୍ତ ଚିକିତ୍ସକମାନେ କହନ୍ତି ଯେ ଦାନ୍ତରେ "ପୋକ" ଲାଗିବା କଥା ସମ୍ପୂର୍ଣ୍ଣ ମିଥ୍ୟା । ପ୍ରକୃତରେ, ଦାନ୍ତରେ ଯେଉଁ କ୍ଷୟ ବା ଗାତ ହୁଏ, ତାହା ବ୍ୟାକ୍ଟେରିଆ ଯୋଗୁ ହୋଇଥାଏ । କୌଣସି ପୋକ କିମ୍ବା କୀଟ ଯୋଗୁଁ ନୁହେଁ । ମୁଖ ଭିତରେ ଥିବା ବ୍ୟାକ୍ଟେରିଆ, ଖାଦ୍ୟରେ ଥିବା ଚିନି ଓ ଷ୍ଟାର୍ଚ୍ଚ ସହ ପ୍ରତିକ୍ରିୟା କରି ଏକ ଅମ୍ଳ ଉତ୍ପନ୍ନ କରେ । ଏହି ଅମ୍ଳ ଦାନ୍ତର ଏନାମେଲ କ୍ଷୟ କରେ, ଯାହା ଫଳରେ ଦାନ୍ତରେ ଗାତ ସୃଷ୍ଟି ହୁଏ । ଏହାକୁ ଲୋକମାନେ ଭୁଲ ଭାବେ "ପୋକ ଲାଗିବା" ବୋଲି କହିଥାନ୍ତି ।

### କାହିଁକି ହୋଇଥାଏ ଦାନ୍ତ କ୍ଷୟ ?

ଡାକ୍ତରୀ ବିଜ୍ଞାନ ଅନୁସାରେ, ଦାନ୍ତ କ୍ଷୟର ମୁଖ୍ୟ କାରଣ ହେଉଛି

**ମୁଖର ଅପରିଚ୍ଛନ୍ନତା:** ନିୟମିତ ଦାନ୍ତ ସଫା ନ କରିବା ଦ୍ୱାରା ଖାଦ୍ୟ ଅବଶେଷ ଓ ବ୍ୟାକ୍ଟେରିଆ ଜମା ହୁଏ, ଯାହା ପ୍ଲାକ (ଚକ୍ଷବକ୍ତଙ୍କର) ସୃଷ୍ଟି କରେ ।

**ଚିନିଯୁକ୍ତ ଖାଦ୍ୟ:** ଅଧିକ ମିଠା, ଚକୋଲେଟ, ସଫ୍ଟ ଡ୍ରିଙ୍କ୍ସ ଆଦି ଖାଇବା ଦ୍ୱାରା ବ୍ୟାକ୍ଟେରିଆ ଅମ୍ଳ ଉତ୍ପନ୍ନ କରେ ।

**ଅନିୟମିତ ଦାନ୍ତ ଯତ୍ନ:** ଦିନକୁ ଦୁଇଥର ବ୍ରସ୍ ନ କରିବା, ମାଉଥୱାସ ବ୍ୟବହାର ନ କରିବା ।

**ଶୁଷ୍କ ମୁଖ:** ଲାଳର ଅଭାବ ହେତୁ ମୁଖରେ ବ୍ୟାକ୍ଟେରିଆ ଅଧିକ ସକ୍ରିୟ ହୁଏ ।

### ଦାନ୍ତ କ୍ଷୟରୁ କିପରି ରକ୍ଷା ପାଇବେ ?

ନିୟମିତ ବ୍ରଶ: ଦିନକୁ ଦୁଇଥର ଫ୍ଲୁଓରାଇଡ ଯୁକ୍ତ ଟୁଥପେଷ୍ଟରେ ଦାନ୍ତ ସଫା କରନ୍ତୁ ।

ଫ୍ଲସ ବ୍ୟବହାର: ଦାନ୍ତ ମଧ୍ୟରେ ଜମା ହେଉଥିବା ଖାଦ୍ୟ ଅବଶେଷ ହଟାଇବା ପାଇଁ ଡେଣ୍ଟାଲ ଫ୍ଲସ ବ୍ୟବହାର କରନ୍ତୁ ।

ମାଉଥୱାସ: ଆଣ୍ଟି-ବ୍ୟାକ୍ଟେରିଆଲ ମାଉଥୱାସ ବ୍ୟବହାର କରି ମୁଖରେ ବ୍ୟାକ୍ଟେରିଆ ନିୟନ୍ତ୍ରଣ କରନ୍ତୁ ।

ସନ୍ତୁଳିତ ଖାଦ୍ୟ: ଚିନିଯୁକ୍ତ ଖାଦ୍ୟ ଓ ପାନୀୟର ସେବନ କମାନ୍ତୁ । ଫଳ, ପନିପରିବା ଓ କ୍ୟାଲସିୟମ ଯୁକ୍ତ ଖାଦ୍ୟ ଖାଆନ୍ତୁ ।

ଡାକ୍ତରୀ ପରାମର୍ଶ: ପ୍ରତି ୬ ମାସରେ ଦନ୍ତ ଚିକିତ୍ସକଙ୍କୁ ଦେଖାନ୍ତୁ ଏବଂ ନିୟମିତ ଦାନ୍ତ ପରୀକ୍ଷା କରାନ୍ତୁ ।

ଲୋକଙ୍କ ମନରୁ ମିଥ୍ୟା ଦୂର କରିବା ଆବଶ୍ୟକ ।

## ୨୫ ଗୁଣା ଫି' ବୃଦ୍ଧି କଲେ ତୃପ୍ତି



ବଲିଉଡ୍ ଅଭିନେତ୍ରୀ ତୃପ୍ତି ଡିମ୍ରି । ବର୍ତ୍ତମାନ ସେ ପ୍ରଭାସଙ୍କ ଅଭିନୀତ ଫିଲ୍ମ 'ସ୍ପିରିଟ୍'ରେ ଦୀପିକା ପାଦୁକୋନଙ୍କୁ ରିପ୍ଲେସ୍ କରିଛନ୍ତି । ଏନେଇ ଅଭିନେତ୍ରୀ ମେ' ୨୪ ତାରିଖରେ ଏକ ପୋଷ୍ଟ ସେୟାର କରି ଫିଲ୍ମର ଏକ ଅଂଶ ହେବାର ଘୋଷଣା କରିଥିଲେ । ଏବେ, ଏପରି ଏକ ଖବର ଆସିଛି ଯେ ଅଭିନେତ୍ରୀ 'ସ୍ପିରିଟ୍' ପାଇଁ ମୋଟା ଅଙ୍କର ଟଙ୍କା ନେଇଛନ୍ତି । ତୃପ୍ତି ଡିମ୍ରି ଶ୍ରୀଦେବୀଙ୍କ ଫିଲ୍ମ 'ମମ୍'ରେ ବଲିଉଡ୍‌ରେ ଡେବ୍ୟୁ କରିଥିଲେ । ଏହା ପରେ, ସେ ଶ୍ରେୟସ ତଲ୍‌ପଡେଙ୍କ ଫିଲ୍ମ 'ପୋଷ୍ଟର ବଏଜ୍'ରେ ମଧ୍ୟ ନଜର ଆସିଥିଲେ । ଏହା ପରେ ତୃପ୍ତି ବାବିଲ ଖାନଙ୍କ ସହିତ 'କାଲା' ଏବଂ ଅଭିନାଶ ତିୱାରୀଙ୍କ ସହିତ 'ବୁଲ୍‌ବୁଲ୍' ଭଳି ଫିଲ୍ମରେ କାମ କରିଥିଲେ । କିନ୍ତୁ ସେ ତାଙ୍କର ଫେମ୍ ୨୦୨୩ ମସିହାରେ ପାଇଥିଲେ । ୨୦୨୩ ମସିହାରେ ରଣବୀର କପୁରଙ୍କ ଫିଲ୍ମ 'ଆନିମଲ୍' ମୁକ୍ତିଲାଭ କରିଥିଲା । ଯାହା ତୃପ୍ତିଙ୍କୁ ରାତାରାତି ଷ୍ଟାର କରି ଦେଇଥିଲା । ରିପୋର୍ଟ ଅନୁଯାୟୀ, ଏହି ଫିଲ୍ମ ପାଇଁ ଅଭିନେତ୍ରୀ ୪୦ ଲକ୍ଷ ଟଙ୍କା ଚାର୍ଜ କରିଥିଲେ । 'ଆନିମଲ୍'ରୁ ଲୋକପ୍ରିୟତା ପାଇବା ପରେ, ତୃପ୍ତି ତାଙ୍କର ଫି' ଦ୍ୱିଗୁଣିତ କରିଦେଲେ । ସେ ଭିକି କୌଶଲଙ୍କ ବିପକ୍ଷରେ 'ବ୍ୟାଡ୍ ନ୍ୟୁଜ୍' ଫିଲ୍ମ ପାଇଁ ୮୦ ଲକ୍ଷ ଟଙ୍କା ଚାର୍ଜ କରିଥିଲେ । ଏହିପରି ଭାବରେ, ୨୦୨୩ ରୁ ୨୦୨୫ ପର୍ଯ୍ୟନ୍ତ, ତୃପ୍ତି ତାଙ୍କର ଗୋଟିଏ ଫିଲ୍ମର ଫିସ୍ ୨୫ ଗୁଣ ବୃଦ୍ଧି କରିଛନ୍ତି । ପ୍ରତ୍ୟେକ ଫିଲ୍ମ ସହିତ, ଅଭିନେତ୍ରୀ ତାଙ୍କର ଫିସ୍ ବୃଦ୍ଧି କରି ଚାଲିଲେ । ଆଉ ଏବେ, ଏହି ଅଭିନେତ୍ରୀ ତାଙ୍କର ଗୋଟିଏ ଫିଲ୍ମ ପାଇଁ ୧୦ କୋଟି ଟଙ୍କା ନେଉଛନ୍ତି । ଫି ମାମଲାରେ, ତୃପ୍ତି ଜାହ୍ନବୀ କପୁର ଏବଂ ଅନନ୍ୟା ପାଣ୍ଡେ ଭଳି ଯୁବ ତାରକାଙ୍କୁ ମଧ୍ୟ ପଛରେ ପକାଇ ଦେଇଛନ୍ତି ।

## ବିପାଶାଙ୍କ କମ୍‌ବ୍ୟାକ୍



ବିପାଶା ବସୁ ନବେ ଦଶକର ଜଣେ ଆଗଧାଡିର ନାୟିକା ଭାବେ ଦର୍ଶକଙ୍କ ଅନେକ ଦିନ ମନୋରଞ୍ଜନ କରିଛନ୍ତି । ତାଙ୍କର ଅନେକ ହିଟ୍ ଫିଲ୍ମ ଏବେ ବି ଦର୍ଶକଙ୍କ ହୃଦୟରେ ରାଜ କରିଥାଏ । ତେବେ ବିବାହ ଓ ସନ୍ତାନ ପରେ ଦୀପିକା ବଡ ପରଦାରୁ ବ୍ରେକ ନେଇଥିଲେ । ହେଲେ ପୁଣି ଫେରିବାକୁ ଯାଉଛନ୍ତି ବିପାଶା । ଏନେଇ ନିଜେ ସେ ହିଣ୍ଟ୍ ଦେଇଥିବା ଚର୍ଚ୍ଚା ହେଉଛି । ଏକ ସାକ୍ଷାତକାରରେ ବିପାଶା କମ୍‌ବ୍ୟାକ କରିବାକୁ ଚାହୁଁଛନ୍ତି, ତେବେ ଏଥିପାଇଁ ସେ ଏକ ଭଲ ସ୍କ୍ରିପଟର ଅପେକ୍ଷା କରିଥିବାନେଇ ପ୍ରକାଶ କରିଛନ୍ତି । ସେହିଭଳି ଦୀର୍ଘ ୨୦ ବର୍ଷ ଧରି ସେ ପ୍ରତିଦିନ ଅଭିନୟ କରୁଥିଲେ ତେଣୁ ବର୍ତ୍ତମାନ ସେ ଅଭିନୟକୁ ମିସ କରୁଛନ୍ତି । ସେହିଭଳି ଭଲ ସ୍କ୍ରିପ୍ଟ ମିଳିଲେ ସେ ଖୁବ ଶୀଘ୍ର ପରଦାକୁ ଫେରିବେ ବୋଲି ପ୍ରକାଶ କରିଛନ୍ତି । ଏହି ଖବର ତାଙ୍କ ଫ୍ୟାନ୍‌ଙ୍କୁ ଖୁବ ଖୁସି ଦେଇଛି, ସେମାନେ ନିଜର ପ୍ରିୟ ହିରୋଇନ୍‌ଙ୍କୁ ପରଦାରେ ଦେଖିବାକୁ ଅପେକ୍ଷା କରିଥିବା ସୋସିଆଲ ମିଡିଆରେ ପ୍ରକାଶ କରିଛନ୍ତି ।

Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com

ମୁଖ୍ୟ ସମ୍ପାଦକ: **ପ୍ରଦୋଷ ପଟ୍ଟନାୟକ**
Chief Editor: Pradosh Pattanaik



କେନ୍ଦୁଝର, (ଭାସ୍କର ନ୍ୟୁଜ): ଜିଲ୍ଲାପାଳ ବିଶାଳ ସିଂହଙ୍କ ନିର୍ଦ୍ଦେଶକ୍ରମେ କେନ୍ଦୁଝର ଜିଲ୍ଲା ସଦର ମହକୁମାସ୍ଥ ଦରବାର ହଲ୍‌ଠାରେ ଜନସାଧାରଣଙ୍କ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ମୋଟ୍ ୧୯୮ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ସମୁଦାୟ ଅଭିଯୋଗ ମଧ୍ୟରୁ ୩୮ଟି ଅଭିଯୋଗ ଗୋଷ୍ଠୀ ସମସ୍ୟା/ଗ୍ରାମ୍ୟ ସମସ୍ୟାମୂଳକ ହୋଇଥିବା ବେଳେ ୧୬୦ଟି ଅଭିଯୋଗ ବ୍ୟକ୍ତିଗତ ସମସ୍ୟା ଉପରେ ପର୍ଯ୍ୟବେସିତ ଥିଲା। ସେଥିମଧ୍ୟରୁ ୫୭ଟି ଅଭିଯୋଗର ତୁରନ୍ତ ଫଇସଲା କରାଯାଇଥିଲା। ଜିଲ୍ଲା ରେଡ଼କ୍ରସ ପାଣ୍ଠିରୁ ସହାୟତା ପାଇଁ ୧୫ଟି ଆବେଦନପତ୍ର ଗ୍ରହଣ କରାଯାଇଥିଲା। ଏହି ଶୁଣାଣିରେ ଆରକ୍ଷୀ ଅଧିକ୍ଷକ ନୀତିନ କୁଶଳକର, ବନଖଣ୍ଡ ଅଧିକାରୀ ଧନରାଜ ଏଚଡ଼ି, ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର କୁମାର ପ୍ରଧାନ, ମନ୍ଦରଧର ମହାଳିକ, ଜିଲ୍ଲାପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ କୁମାର ନାଗଭୂଷଣ, ଜିଲ୍ଲା ମୁଖ୍ୟ ଚିକିତ୍ସା ଏବଂ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡାଃ କିଶୋର କୁମାର ପୃଷ୍ଟି, ଏବଂ ସହକାରୀ ଜିଲ୍ଲାପାଳ ସରୋଜ କୁମାର ମଲ୍ଲିକଙ୍କ ସମେତ ଜିଲ୍ଲାସ୍ତରର ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଏଥିରେ ଯୋଗ ଦେଇଥିଲେ।



## ଖବର ପ୍ରସାରିତ ପରେ ଟିଟୁର ଚିକିତ୍ସା ପାଇଁ ଅଣ୍ଟା ଭିଡ଼ିଲା ପ୍ରଶାସନ

# ପରିବାର ସହ ସାକ୍ଷାତ କଲେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ



ତେନ୍ତୁଳିଖୁଣ୍ଟି, (ଭାସ୍କର ନ୍ୟୁଜ): ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ବ୍ଲକ ଅଞ୍ଚଳ ଗୁମା ପଞ୍ଚାୟତର ଇନ୍ଦିରା କଲୋନୀର ଉଚ୍ଚ ଶିକ୍ଷିତ ଯୁବକ ଟିଟୁ(୩୨) ମାନସିକ ସନ୍ତୁଳନ ହରେଇ ଥିବା ଖବର ଦୁଇଦିନ ପୂର୍ବରୁ ପ୍ରସାରଣ ହୋଇ ଥିଲା। ତେବେ ଖବର ପ୍ରସାରଣ ହେବା ପରେ ଟିଟୁର ସ୍ୱାସ୍ଥ୍ୟବସ୍ଥା ପୁଣି ଥରେ କିଭଳି ଫେରିପାଇବ ସେଥି ପାଇଁ ପ୍ରଶାସନ ଅଣ୍ଟା ଭିଡିଛି। ଉଚ୍ଚଶିକ୍ଷିତ ଯୁବକ ଟିଟୁ ପୂଜାରୀର ମାନସିକ ବିକୃତି ହେବାର ୫ବର୍ଷ ବିତିଯାଇଥିବାକୁ ନେଇ ଖବର ପ୍ରସାରଣ ହେବା ପରେ ପ୍ରଶାସନ ଚେଇଁ ଉଠିଥିଲା। ଖବର ପାଇଲା ପରେ ତେନ୍ତୁଳିଖୁଣ୍ଟି ବ୍ଲକ୍ ଗୋଷ୍ଠି ଉନ୍ନୟନ ଅଧିକାରୀ ମନୋଜ ପାଣିଗ୍ରାହୀଙ୍କ ତତ୍ତ୍ୱାବଧାନରେ ସ୍ୱାସ୍ଥ୍ୟ ବିଭାଗର ଏକ ଟିମ୍ ଓ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀଙ୍କୁ ଟିଟୁଙ୍କ ଘରକୁ ପଠାଇଥିଲେ। ଖବରର ସମ୍ବେଦନଶୀଳତାକୁ ଦେଖି ଆଜି ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ନବରଙ୍ଗପୁର ସାଇ ଅରିଷା ଗଞ୍ଛାୟତ ଟିଟୁଙ୍କ ଘରକୁ ଆସି ପୁଙ୍ଖାନୁପୁଙ୍ଖ ଭାବରେ ପଚାରୁଉଚୁରା କରିଥିଲେ। ସଚିବ ଶ୍ରୀମତି ଗଛାୟତ ଟିଟୁର ପଢାପଢି ତଥା ଚାକିରୀକରିବା, ଖାଇବା, ପିଇବା, ରହିବା, ବ୍ୟବହାର, ପରିବାର ଅବସ୍ଥା, ପୂର୍ବରୁ କରାଯାଇଥିବା ଚିକିତ୍ସା ଆଦି ବିଷୟରେ ପରିବାରର ମା', ଭାଇ ତଥା ସାହି ଲୋକଙ୍କ ସହିତ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ତେବେ କିଭଳି ଟିଟୁର ସୁ ଉପଚାର କରାଯାଇ ପୁଣି ଥରେ ତାହାର ଉଜ୍ଜ୍ୱଳ ଭବିଷ୍ୟତ ନିର୍ମାଣ କରାଯାଇ ପାରିବ ଚିନ୍ତା ବାଞ୍ଛ କରିଥିଲେ। ଆସନ୍ତା କାଲି ଟିଟୁ କୁ ନବରଙ୍ଗପୁର ମୁଖ୍ୟ ଚିକିତ୍ସାଳୟକୁ ପଠା ଯିବ ଓ ପରେ ଉତ୍ତମ ଚିକିତ୍ସା ନିମନ୍ତେ କଟକ ପଠାଯିବ ବୋଲି ସୂଚନା ମିଳିଛି। ଟିଟୁଙ୍କ ସମସ୍ତ ସରକାରୀ ବ୍ୟବସ୍ଥା ଯୋଗାଇ ଦେବା ସହ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ସିଡିଏମଓଙ୍କ ତତ୍ତ୍ୱାବଧାନରେ ଟିଟୁର ଉତ୍ତମ ଚିକିତ୍ସା ବ୍ୟବସ୍ଥା କରାଯିବ ବୋଲି କୁହାଯାଇଛି ଏବଂ ସ୍ଥାନାନ୍ତର କରିବାକୁ ନିଷ୍ପତ୍ତି ନିଆଯାଇଛି। ଏହା ବ୍ୟତିତ ନବରଙ୍ଗପୁର ଲୋକସଭା ସାଂସଦ ଇଂ ବଳଭଦ୍ର ମାଝୀ ତଥା ବିଧାୟକ ଗୌରୀଶଙ୍କର ମାଝୀ ମଧ୍ୟ ସମସ୍ତ ପ୍ରକାର ସାହାଯ୍ୟ ଓ ସହଯୋଗ କରିବାକୁ ପ୍ରତିଶ୍ରୁତି ପ୍ରଦାନ କରିଛନ୍ତି। ପରିବାରର ଆର୍ଥିକ ସ୍ୱଚ୍ଛଳତାକୁ ଦୃଷ୍ଟିରେ ରଖି ଚୌଧୁରୀଙ୍କ ସହ ଅନ୍ୟ ପଟରୁ ମଧ୍ୟ ଆର୍ଥିକ ସାହାଯ୍ୟ କରାଯିବ ବୋଲି ବିଡିଓ, ଓ ତହସିଲଦାରଙ୍କ ପରାମର୍ଶ ନିଆଯାଇଥିଲା। ତେବେ ଟିଟୁର ମାନସିକ ସ୍ଥିତି ପୂର୍ବ ଭଳି ଫେରି ପାଇବାକୁ ପରିବାର ଲୋକେ ଆଶା ସଞ୍ଚାରିତ ହେଉଥିବା ବେଳେ ବ୍ଲକ ଓ ଜିଲ୍ଲା ପ୍ରଶାସନ ସମସ୍ତ ପ୍ରକାର ସାହାଯ୍ୟ ପାଇଁ ଆଗେଇ ଆସିଛି। ସଚିବ ଙ୍କ ଗସ୍ତ ସମୟରେ ଆଇନ ପରାମର୍ଶ ଦାତ୍ରି କିଶୋରୀ ପଟ୍ଟନାୟକ, ଅରୁଣ କୁମାର ସାହୁ, ତେନ୍ତୁଳି ଖୁଣ୍ଟି ତହସିଲଦାର ପୁଷ୍ପାଞ୍ଜଳି ତଡ଼ପାଟ, ଗୋଷ୍ଠି ଉନ୍ନୟନ ଅଧିକାରୀ ମନୋଜ କୁମାର ପାଣିଗ୍ରାହୀ, ଡାକ୍ତର ଅମରେଶ ପ୍ରସାଦ ମହାନ୍ତି, ମହିଳା ସ୍ୱାସ୍ଥ୍ୟ କର୍ମୀ ସୁନିତା ସାନ୍ତା, ସ୍ୱାସ୍ଥ୍ୟ ପରିଦର୍ଶକ ତପନ ନାୟକ, ଆଶା କର୍ମୀ ନବିନା ହରିଜନ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ରବୀନ୍ଦ୍ର ସାହୁ, ସବିର କୁମାର, ସ୍ଥାନୀୟ ବିଶିଷ୍ଟ ବ୍ୟବସାୟୀ ସୁବ୍ରତ ଚୌଧୁରୀ ଉପସ୍ଥିତ ରହି ଥିଲେ।

# ଗ୍ରୀଷ୍ମକାଳୀନ ଓଡ଼ିଶୀ ନୃତ୍ୟ କର୍ମଶାଳା




ମାଲକାନଗିରି, (ଭାସ୍କର ନ୍ୟୁଜ): ପ୍ରତି ବର୍ଷ ପରି ଏହି ବର୍ଷ ମଧ୍ୟ ବାଣୀଶ୍ରୀ କଳାନିକେତନ ଗ୍ରୀଷ୍ମ କାଳିନ ଓଡ଼ିଶୀ ନୃତ୍ୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି ଓଡ଼ିଶୀ ନୃତ୍ୟ କର୍ମଶାଳା ଜୁନ ୦୧ତାରିଖରୁ ୧୦ ତାରିଖ ପର୍ଯ୍ୟନ୍ତ ମାଲକାନଗିରି ଏବଂ ବାଲିମେଳା ଠାରେ ଅନୁଷ୍ଠିତ ହୋଇଯାଇଛି। ପିଲାମାନଙ୍କୁ ନୃତ୍ୟ ଶିକ୍ଷା ଦେବା ନିମନ୍ତେ ସୁଦୂର ଭୁବନେଶ୍ୱରର ନୃତ୍ୟ ଅନୁଷ୍ଠାନ (ଓଡ଼ିଶା ଡ୍ୟାନ୍ସ ଏକାଡେମି)ର ନୃତ୍ୟ ଗୁରୁ ବିନାୟକ ସାମଲ ଉପସ୍ଥିତ ଅଛନ୍ତି ଏବଂ ବାଣୀଶ୍ରୀ କଳାନିକେତନ ଗୁରୁ ଜ୍ଞାନଦେବ ସାହୁ (ବିଟନ ଗୁରୁଜୀ) ଙ୍କ ଅବଦାନରେ ଏହି ନୃତ୍ୟ କର୍ମଶାଳାରେ ପିଲାମାନଙ୍କୁ ପ୍ରଶିକ୍ଷଣ ଦିଆଯାଉଛି। ମାଲକାନଗିରି ଜିଲ୍ଲାରେ ଏହି ନୃତ୍ୟ କର୍ମଶାଳା କରିବା ମୁଖ୍ୟଉଦ୍ଦେଶ୍ୟ ଆମ ଜିଲ୍ଲା ର ନୃତ୍ୟ ଶିକ୍ଷାମାନେ କିପରି ଆମ ଓଡିଶାର ଶାସ୍ତ୍ରୀୟ ନୃତ୍ୟ ଓଡିଶୀକୁ କିପରି ଜାଣିବେ ଏବଂ ଏହି ନୃତ୍ୟ ଉପରେ ପିଲାମାନଙ୍କର କିପରି ରୁଚି ଆହୁରି ଅଧିକ ରହିବ ଏବଂ କିପରି ରାଜ୍ୟ ବାହାରେ ନିଜର କଳାକୁ ନେଇ ପ୍ରଚାର ଏବଂ ପ୍ରସାର କରିବେ ସେହି ଉଦ୍ଦେଶ୍ୟ ନେଇ ଏହି ନୃତ୍ୟ କର୍ମଶାଳା ଅନୁଷ୍ଠିତ କରାଯାଇଛି। ବାଣୀଶ୍ରୀ କଳାନିକେତନ ପିଲାମାନେ ଜିଲ୍ଲା, ରାଜ୍ୟ ତଥା ଜିଲ୍ଲା ବାହାରେ ନିଜର ଶାସ୍ତ୍ରୀୟ ନୃତ୍ୟଓଡ଼ିଶୀକୁ ପ୍ରଦର୍ଶନ କରି ମାଲକାନଗିରିର ନାଁ ରଖିଛନ୍ତି। ବାଣୀଶ୍ରୀ କଳା ନିକେତନ ମାଲକାନଗିରି ନୃତ୍ୟ କର୍ମଶାଳାକୁ କିଛି ପ୍ରଶାସନିକ ସହାୟତା ମିଳିଲେ ନିଶ୍ଚୟ ମାଲକାନଗିରିରୁ ଆହୁରି ଅନେକ ଓଡ଼ିଶୀ ନୃତ୍ୟ ପ୍ରେମୀ ଛାତ୍ରଛାତ୍ରୀ ଜିଲ୍ଲା ତଥା ରାଜ୍ୟ ସ୍ତରରେ ସୁନାମ ଅର୍ଜନ କରିବେ ବୋଲି ବୁଦ୍ଧିଜୀବୀ ମାନେ ମତ ପ୍ରକାଶ କରିଛନ୍ତି।

## ରୁକୁଣୀ ଗାଁ'ରେ ବିକଶିତ କୃଷି ସଂକଳ୍ପ ଅଭିଯାନ ସଚେତନତା

ଛତ୍ରପୁର, (ଭାସ୍କର ନ୍ୟୁଜ): ଛତ୍ରପୁର ବ୍ଲକର ବଉଳଗାଁ ପଞ୍ଚାୟତର ରୁକୁଣି ଗାଁ ଠାରେ ବିକଶିତ କୃଷି ସଂକଳ୍ପ ଅଭିଯାନ ର ଦ୍ୱିତୀୟ ପର୍ଯ୍ୟାୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଭାରତ ସରକାର ଓ ଓଡିଶା ସରକାରଙ୍କ ତରଫରୁ ବିଭିନ୍ନ କୃଷି ଭିତ୍ତିକ ଯୋଜନାର ପ୍ରଚାର ଓ ପ୍ରସାର ସହ ପ୍ରାୟ ପଂଚାୟତର ୨୫୦ ଚାଷୀମାନଙ୍କ ସହ କୃଷି ବୈଜ୍ଞାନିକ ମାନେ ଚାଷୀମାନଙ୍କ ସହ ଆଲୋଚନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ କୃଷି ବୈଜ୍ଞାନିକ ଡ଼. ସୁମନ କୁ ମାର ମିଶ୍ର, ଡଃ ସଙ୍ଘପ କୁମାର ମହାନ୍ତି, ଡଃ ରୈଣଜ ସୌରଭ, ଡଃ ଦେବାଶିଷ ଷଡ଼ଙ୍ଗୀ ଏବଂ କୃଷି ଜିଲ୍ଲା ଅଧିକାରୀ କୃଷ୍ଣମଣି ବାରିକ, ସମିତି ସଭ୍ୟ ରାମଚନ୍ଦ୍ର ପରିଡା ପ୍ରମୁଖ ଯୋଗ ଦେଇଥିଲେ। ଛତ୍ରପୁର ବ୍ଲକ ସମସ୍ତ କୃଷି କର୍ମଚାରୀ ଓ ସୋସାଇଟି ସମ୍ପାଦକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଅନୁଷ୍ଠିତ

ରାୟଗଡ଼, (ଭାସ୍କର ନ୍ୟୁଜ): ରାୟଗଡା ଜିଲ୍ଲା ପ୍ରଶାସନ ତରଫରୁ ରାୟଗଡ ଜିଲ୍ଲାସଦର ମହକୁମାସ୍ଥିତ ଜିଲ୍ଲା ପରିଷଦ ସଦଭାବନା ସଭାଗୃହ ଠାରେ ଯୁଗ୍ମ ଅଭିଯୋଗ ଶୁଣାଣୀ ଅନୁଷ୍ଠିତ ହୋଇଯାଇଛି। ରାୟଗଡା ଜିଲ୍ଲାପାଳ ପାରୁଲ ପାଟାୱରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶୁଣାଣି ଶିବିରରେ ଆରକ୍ଷୀ ଅଧିକାରୀ ସ୍ୱାତୀ ଏସ କୁମାର, ଜିଲ୍ଲା ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ଅକ୍ଷୟ କୁମାର ଖେମୁଣ୍ଡୁ, ଉପ ଜିଲ୍ଲାପାଳ, ରାୟଗଡ, ରଣେଶ କୁମାର ଜେନା,ଜିଲ୍ଲା ମୁଖ୍ୟ ଚିକିତ୍ସା ତଥା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ପ୍ରଫୁଲ୍ଲ କୁମାର ପାଢ଼ୀ ଉପସ୍ଥିତ ରହି ଜନସାଧାରଣଙ୍କୁ ବିଭିନ୍ନ ଅଭିଯୋଗ ଶୁଣାଣି କରିଥିଲେ। ଏଥିରେ ମୋଟ ୫୫ଟି ଅଭିଯୋଗ ଜିଲ୍ଲାପାଳ ଗ୍ରହଣ କରିଥିଲେ। ସେଥିମଧ୍ୟରୁ ୫୩ଟି ବ୍ୟକ୍ତିଗତ ଅଭିଯୋଗ ଥିଲା ବେଳେ ୩ ଗୋଟି ଗ୍ରାମ ବାସୀ ମାନଙ୍କର ସାମୂହିକ ଅଭିଯୋଗ ଥିଲା। ଜଣଙ୍କ ସ୍ୱାସ୍ଥ୍ୟ ସମସ୍ୟା ଅଭିଯୋଗ ଥିଲା। ୧୧ଜଣଙ୍କୁ ୧ଲକ୍ଷ ୧୮ହଜାର ଟଙ୍କା ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡରୁ ଆର୍ଥିକ ସାହାଯ୍ୟ ଜିଲ୍ଲାପାଳ ପ୍ରଦାନ କରିଥିଲେ। ବିଶେଷ କରି ଆବାସ ଯୋଜନାରେ ଘର, ସ୍ୱାସ୍ଥ୍ୟଗତ ସମସ୍ୟା, ଜମାଜମା, ପାରିବାରିକ ସମସ୍ୟା, ଜଳସେଚନ, ଭତ୍ତା, ରାସ୍ତା ନିର୍ମାଣ, ପୋଲ ନିର୍ମାଣ ଓ ଅଙ୍ଗନବାଡ଼ି ଗୃହ ନିର୍ମାଣ ସହ ଅନ୍ୟାନ୍ୟ ସମସ୍ୟା ଅଭିଯୋଗ ପଞ୍ଜିକୃତ ହୋଇଥିଲା। ଜିଲ୍ଲାପାଳ ଆଜିର ଅଭିଯୋଗ ଗୁଡ଼ିକୁ ପାଇଲା ପରେ ବିଭାଗୀୟ ଅଧିକାରୀ ମାନଙ୍କୁ ତୁରନ୍ତ ଫଇସଲା ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ।

# ପୂର୍ବତନ ମନ୍ତ୍ରୀ ବିଜୟଶ୍ରୀ ରାଉତରାୟଙ୍କ ଶ୍ରାଦ୍ଧବାର୍ଷିକରେ ଶ୍ରଦ୍ଧାଞ୍ଜଳି



ତିହିଡ଼ି, (ଭାସ୍କର ନ୍ୟୁଜ): ଭଦ୍ରକ ଜିଲା ତିହିଡ଼ି ବ୍ଲକ ମୁକୁନ୍ଦପୁର ଗ୍ରାମର ପୂର୍ବତନ ମନ୍ତ୍ରୀ ବିଜୟଶ୍ରୀ ରାଉତରାୟଙ୍କ ଚତୁର୍ଥ ଶ୍ରଦ୍ଧବାର୍ଷିକ ଅବସରରେ ବିଜେଡି ପକ୍ଷରୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ସୋମବାର ସକାଳେ ତିହିଡ଼ି ପକ୍କାଘାଟ ପୋଖରୀ ଘାଟରେ ବିଜେଡି ବ୍ଲକ ସଭାପତି ସୁରେନ୍ଦ୍ର କୁମାର ନାୟକ ତିଳତର୍ପଣ କରିଥିଲେ। ପରେ ଏ ନେଇ ବିଜେଡି କାର୍ଯ୍ୟାଳୟ ପରିସରରେ ସଭାପତି ନାୟକଙ୍କ ସଭାପତିତ୍ୱରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ପୂର୍ବତନ ବିଧାୟକ ରାଜେନ୍ଦ୍ର କୁମାର ଦାସ, ବ୍ଲକ ଅଧ୍ୟକ୍ଷା ଅବନ୍ତୀ ଦାସ, ଜିଲାପରିଷଦ ସଭ୍ୟା ସୁଶ୍ରୀ ବିଦ୍ୟୁତଲତା ନାୟକ, ସରପ□ ଗୌରହରି ଜେନା, ତାପସ ବେହେରା, ସମିତିସଭ୍ୟ ପ୍ରିୟବନ୍ଧୁ ମାଝୀ, ପୂର୍ବତନ ସରପଞ୍ଚ ହରେକୃଷ୍ଣ ଜେନା, କମଳକାନ୍ତ ଦାସ, ବିଷ୍ଣୁ କୁଅଁର, ବିପିନ ବିହାରୀ ଦାସ, ପୂର୍ବତନ ସମିତିସଭ୍ୟ ସଂଗ୍ରାମ ଦାସ, ବିଜେଡି ନେତା ଗଣେଶ ନାୟକ, ସୁରେନ୍ଦ୍ର ପ୍ରସାଦ ନାୟକ, କମଳାକାନ୍ତ ସ୍ୱାଇଁ, ନିତ୍ୟାନନ୍ଦ ବେହେରା, ପ୍ରଫୁଲ୍ଲ ଦାସ, ଅଶୋକ ନାୟକ, ବିଜୟ ନାୟକ, ସୌମ୍ୟରଂଜନ ପରିଡ଼ା, ଆଇନଜୀବୀ ଗୌରହାରି ମହାନ୍ତି, ସୁଧାଂଶୁ ମହାଳିକ, ଲଳିତ ମୋହନ ନାୟକ ରାଜେନ୍ଦ୍ର ଜେନା ପ୍ରମୁଖ ଯୋଗଦେଇ ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ରାଉତରାୟ ମନ୍ତ୍ରୀ ଥିବା ସମୟରେ ତିହିଡ଼ି ଅଞ୍ଚଳର ବହୁ ବିକାଶ କରିଛନ୍ତି। ତାଙ୍କରି ଆଦର୍ଶକୁ ପାଥେୟ କରି ଦଳର ସମସ୍ତ ନେତା ଓ କର୍ମୀ ଚାଲିଲେ ଦଳର ଉନ୍ନତି ହୋଇପାରିବ ବୋଲି କହିଥିଲେ। ଏହି ଅବସରରେ ତିହିଡ଼ି ମେଡ଼ିକାଲରେ ରୋଗୀମାନଙ୍କୁ ଫଳ ବଣ୍ଟନ କରାଯାଇଥିଲା।

## ଉପସଭାପତି ପଦରୁ ଶେଖ ଅବଦୁଲ ଗନୀ ହୋସେନଙ୍କ ଇସ୍ତଫା

ଜଳେଶ୍ୱର, (ଭାସ୍କର ନ୍ୟୁଜ): ବିଜୁ ଜନତା ଦଳ ରାଜ୍ୟ ସଂଖ୍ୟାଲଘୁ ସେଲର ଉପ-ସଭାପତି ତଥା ଜଳେଶ୍ୱରର ପୁଅ ଶେଖ ଅବଦୁଲ ଗନୀ ହୋସେନ ବିଜୁ ଜନତା ଦଳରୁ ଇସ୍ତଫା ଦେଇଛନ୍ତି। ହୋସେନ ଦଳର ଜଣେ ସକ୍ରିୟକର୍ମୀ ଭାବେ କାର୍ଯ୍ୟ କରି ଆସୁଥିଲେ। ଦଳ ଯେତେବେଳେ ଯେଉଁ କାମ ଦେଇଛନ୍ତି, ସେ ସୂଚାରୁ ରୂପେ କରି ଆସୁଥିଲେ। କିନ୍ତୁ ଦଳର ବରିଷ୍ଠ ନେତାମାନେ ତାଙ୍କୁ ଅଣଦେଖା କରିବା ଏବଂ ଯେଉଁମାନେ ଦଳ ପାଇଁ କିଛି କାମ କରୁ ନାହାଁନ୍ତି କେବଳ ସାଂସଦ ଓ ବିଧାୟକମାନଙ୍କ ପାଖରେ ଛିଡ଼ାହୋଇ ଫଟୋ ଉଠାଇ ସାମାଜିକ ଗଣମାଧ୍ୟମରେ ଛାଡ଼ି ବାହାବା ନେଉଥିଲେ ଓ ନେତାଙ୍କ ସୁପାରିଶରେ ବିଭିନ୍ନ ଉଚ୍ଚ ପଦବୀରେ ରହି ଫାଇଦା ହାସଲ କରୁଛନ୍ତି। କିନ୍ତୁ ସେମାନେ ଗ୍ରାମରେ ଗୋଟିଏ ସଭା ଡାକିବାର କ୍ଷମତା ନାହିଁ। ସେମାନଙ୍କୁ ଦଳ ଅଗ୍ରାଧିକାର ଦେଉଛି। ହୋସେନ ୧୯୯୦ ମସିହାରୁ ଜନତା ଦଳ ପରେ ବିଜୁ ରବମକ୍ଷ ଦଳରେ ରହି କାମ କରି ଆସୁଥିଲେ। କିନ୍ତୁ ଦଳର ବରିଷ୍ଠ ନେତାମାନଙ୍କ ଅଣଦେଖା ଓ ଦଳର ସଭା ସମିତିକୁ ନ ଡାକିବା କାରଣରୁ ହୋସେନ ବିଜୁ ଜନତା ଦଳର ପ୍ରାଥମିକ ସଦସ୍ୟରୁ ଇସ୍ତଫା ଦେଇଛନ୍ତି। ତାଙ୍କ ଇସ୍ତଫା ପତ୍ରକୁ ଦଳର ସଭାପତି ନବୀନ ପଟ୍ଟନାୟକ ଗ୍ରହଣ କରିବେ ବୋଲି ହୋସେନ ଆଶାବ୍ୟକ୍ତ କରିଛନ୍ତି।

# 'ଅପରାହ୍ନ' ପକ୍ଷରୁ ବିଶ୍ୱନାଥ କିଂକର ରାଉତଙ୍କୁ ସୃଜନଶ୍ରୀ ସମ୍ମାନ



ତିହିଡ଼ି, (ଭାସ୍କର ନ୍ୟୁଜ): ବାଲେଶ୍ୱରରୁ ପ୍ରକାଶିତ ଦୈନିକ ଖବର କାଗଜ 'ଅପରାହ୍ନ'ର ବାର୍ଷିକ ଉତ୍ସବ ଓ ରାଜ୍ୟସ୍ତରୀୟ ସାରସ୍ୱତ ମହୋତ୍ସବରେ କବି ବିଶ୍ୱନାଥ କିଂକର ରାଉତଙ୍କୁ ସୃଜନଶ୍ରୀ ସମ୍ମାନ-୨୦୨୫ ପ୍ରଦାନ କରାଯାଇଛି। ଶନିବାର ବାଲେଶ୍ୱର ସ୍ଥିତ ଗାନ୍ଧି ସ୍ମୃତି ଭବନରେ ଅନୁଷ୍ଠିତ ଉତ୍ସବରେ ସମ୍ପାଦକ ବଂଶୀଧର ଜେନା ଓ ପ୍ରକାଶିକା ଲକ୍ଷ୍ମୀପ୍ରିୟା ଦାସଙ୍କ ସମେତ ଅତିଥିମାନେ ଏହି ସମ୍ମାନ ପ୍ରଦାନ କରିଥିଲେ। କବି ବିଶ୍ୱନାଥ ଜଣେ ଶିକ୍ଷାବିତ୍ ଓ ସୁସଂଗଠକ ଭାବେ ସ୍ୱତନ୍ତ୍ର ପରିଚୟ ଲାଭ କରିଛନ୍ତି। ରାଜ୍ୟର ବହୁ ସାହିତ୍ୟ ଅନୁଷ୍ଠାନ ସହିତ ପ୍ରତ୍ୟେକ୍ଷ ଓ ପରୋକ୍ଷା ଭାବେ ସମ୍ପୃକ୍ତ ଅଛନ୍ତି। ସେ ତିହିଡ଼ି ଓଡ଼ିଆ ସାହିତ୍ୟ ପରିବାରର ସମ୍ପାଦକ, ଭଦ୍ରକ କାନ୍ତକବି ସାହିତ୍ୟ ପରିଷଦର ରାଜ୍ୟ ସଂଯୋଜକ, ବସନ୍ତିଆର ମୋ ଭାଷା ମୋ ସାହିତ୍ୟ ସଂଗଠନର ସଭାପତି ଏବଂ ଯାଜପୁରର ଅଭିମନ୍ୟୁ ସାହିତ୍ୟ ସଂସ୍କୃତି ପରିଷଦର ସହସମ୍ପାଦକ ଭାବେ ରହି ଦାୟିତ୍ୱ ତୁଲାଉଛନ୍ତି। ତାଙ୍କର 'କୃଷ୍ଣାଞ୍ଜଳି' ନାମରେ ତ୍ରିଭାଷୀ କବିତା ଓ ଗଳ୍ପ ସଂକଳନ ମଧ୍ୟ ପ୍ରକାଶିତ ହୋଇଛି। ତାଙ୍କ ଜନ୍ମସ୍ଥାନ ଭଦ୍ରକ ଜିଲ୍ଲା ବେନ୍ତାଳ ଗ୍ରାମରେ।

# ସଚେତନତାଧର୍ମୀ ଚଳଚ୍ଚିତ୍ର ଆସକ୍ତର ସ୍ୱତନ୍ତ୍ର ପ୍ରଦର୍ଶନ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ନିଶା ସେବନ ଆଧୁନିକ ସମାଜର ବିପର୍ଯ୍ୟୟର କାରଣ। ଏହା ଏକ ସାମାଜିକ ବ୍ୟାଧି। ଏହା ସମାଜରେ ଅପରାଧ ବୃଦ୍ଧି ଘଟାଇବା ସହ ଜାତୀୟ ପ୍ରଗତିରେ ବାଧକ ସାଜେ। ଯୁବ ଓ ଛାତ୍ର ସମାଜର ଭବିଷ୍ୟତକୁ ଅନ୍ଧକାରକୁ ଠେଲିଦିଏ। ତେଣୁ ଏ ନେଇ ସଚେତନତା କରାଯିବା ନିହାତି ଜରୁରୀ। ଅଭିନେତା ତଥା କର ଫାଉଣ୍ଡେସନର ଅଧ୍ୟକ୍ଷ ଚନ୍ଦନ କରଙ୍କ ଉଦ୍ୟମ ଏବଂ ଏଫ.ଏମ୍.ଡି. ଫିଲ୍ମ ଦ୍ୱାରା ଏକ ସଚେତନତା ମୂଳକ ଚଳଚ୍ଚିତ୍ର ନ୍ତଆସକ୍ତ'ର ସ୍ୱତନ୍ତ୍ର ପ୍ରଦର୍ଶନ ଭୁବନେଶ୍ୱରସ୍ଥିତ ଜୟଦେବ ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଅଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଓଡ଼ିଶା ପାଇକ ଆଖଡ଼ା ମହାସଂଘର ସଭାପତି ତଥା ଜଣାଶୁଣା ସମାଜସେବୀ ଡ. ପ୍ରକାଶ ଶ୍ରୀଚନ୍ଦନ ଓ ଜଣାଶୁଣା ହାସ୍ୟ ଅଭିନେତା ଜୀବନ ପଣ୍ଡା ଓ ସାମାଜିକ କର୍ମୀ ମୀର ଅହମ୍ମଦ ଅଲ୍ଲୀ ଯୋଗଦେଇ ସାମ୍ପ୍ରତିକ ପରିସ୍ଥିତିରେ ଏହିଭଳି ଚଳଚ୍ଚିତ୍ର ତିଆରି ହେବା ଦରକାର ବୋଲି ମତବ୍ୟକ୍ତ କରିବା ସହ ଅଭିନେତା ଚନ୍ଦନକରଙ୍କ ସାଧୁ ଉଦ୍ୟମକୁ ଭୂୟସୀ ପ୍ରଶଂସା କରିଥିଲେ। ଏହି ଚଳଚ୍ଚିତ୍ରରେ ଅଭିନେତା ଚନ୍ଦନ କର, ଜ୍ଞାନ ବାରିକ, ସୁରଭି ପ୍ରିୟଦର୍ଶିନୀ, ଦୀପକ ମହାରଣା, କୁସୁମ ତ୍ରିପାଠୀ, ମାନସ ମିଶ୍ର ପ୍ରମୁଖ ନିଖୁଣ ଅଭିନୟ କରିଛନ୍ତି। ରାକେଶ ସାମଲ୍ ଏହାର ନିର୍ଦ୍ଦେଶନା ଦେଇଥିବା ବେଳେ ସାଇ ପ୍ରସାଦ ପଣ୍ଡା କ୍ରିଏଟିଭ୍ ଦାୟିତ୍ୱ ତୁଲାଇଛନ୍ତି।

# କରଞ୍ଜିଆରେ ଦୂଷିତ ପରିବେଶରେ ଅପମିଶ୍ରିତ ଖାଦ୍ୟ ଓ ମାଛ-ମାଂସ ବିକ୍ରି

କରଞ୍ଜିଆ, (ଭାସ୍କର ନ୍ୟୁଜ): କରଞ୍ଜିଆ ସହରରେ ଅସ୍ୱାସ୍ଥ୍ୟକର ପରିବେଶ ତଥା ଚଢ଼ା ମୂଲ୍ୟରେ ମାଛ, ମାଂସ ବିକ୍ରି ହେଉଥିବା ସହିତ ଆଖପାଖର ଶହଶହ ଜଳଖିଆ ଦୋକାନରେ ଅପମିଶ୍ରିତ ଖାଦ୍ୟ ବିକ୍ରି ହେଉଥିବା ନଜିର ଅଛି। ତେବେ ସହରରେ ଥିବା ମାର୍କେଟ ଇନ୍ସପେକ୍ଟରଙ୍କ କାର୍ଯ୍ୟାନୁଷ୍ଠାନର ଅଭିଯୋଗ ହେଉଛି। ସୂଚନା ଅନୁଯାୟୀ ସହର ତଥା ଆଖପାଖରେ ଅଛି ଶହଶହ ଜଳଖିଆ ଦୋକାନ ତେବେ ସେଗୁଡିକ ରେଜିଷ୍ଟ୍ରିଭୁକ୍ତ ଅଛି କି ନାହିଁ ତାହାର ଯାଞ୍ଚ ସଠିକ ଭାବେ ହେଉ ନଥିବାରୁ ଅବାଧରେ ପଚାଷଢା ଖାଦ୍ୟ ବିକ୍ର ହେଉଥିବା ସାଧାରଣରେ ଚର୍ଚ୍ଚା ହେଉଛି। ଜିଲ୍ଲା ପ୍ରଶାସନ ଅଧିକାରୀଙ୍କ ସହ ଏଥିପ୍ରତି ସଜାଗ ନହେଲେ ପରିସ୍ଥିତି ଅଣାୟତ୍ତ ହେବ। କରୋନା ମାଡ଼ି ଆସୁଥିବା ବେଳେ ପ୍ରଶାସନ ଏଥିପ୍ରତି ଗୁରୁତ୍ୱ ନ ଦେଲେ ପରିସ୍ଥିତି ଅଣାୟତ ହୋଇପାରେ। ବିକ୍ରି ହେଉଥିବା ଖାଦ୍ୟରେ ମାଛି ବସି ଖାଦ୍ୟକୁ ଆହୁରି ଦୂଷିତ କରୁଛି। କେତେକ ହୋଟେଲ, ଫାଷ୍ଟଫୁଡ ଦୋକାନ ତଥା ରାସ୍ତାକଡ଼ରେ ଥିବା ଛୋଟବଡ କ୍ୟାବିନମାନଙ୍କରେ ଦୂଷିତ ଓ ବାସି ଖାଦ୍ୟ ଲୋକଙ୍କୁ ବିକ୍ରି କରିବା ନିତିଦିନିଆ ଘଟଣା ହୋଇଗଲାଣି। ହେଲେ ବିଭାଗୀୟ କର୍ତ୍ତୃପକ୍ଷ ଏହାକୁ ଅଣଦେଖା କରିବା ସାଧାରଣରେ ବିସ୍ମୟ ସୃଷ୍ଟି କରିଛି। ସେହିପରି ମାଛ ଓ ମାଂସ ମାର୍କେଟରେ ଖାସିମାଂସ କହି ମେଣ୍ଢା ଓ ମାଇ ଛେଳି ମାଂସ ବିକ୍ରି ହେଉଥିବା ଅଭିଯୋଗ ହେଉଛି। ଆନ୍ଧ୍ର ମାଛକୁ ଆଇସରେ ରଖି ପଚାମାଛକୁ ପୋଖରୀ ଦଳ ଦେଇ ଦେଶୀ ମାଛ କହି ବିକ୍ରି ହେଉଥିବା ଅଭିଯୋଗକ୍ରମେ ହେଉଛି। କରଞ୍ଜିଆ ସହରକୁ ପ୍ରତ୍ୟେକ ଦିନ ଜିଲ୍ଲା, ରାଜ୍ୟ, ତଥା ରାଜ୍ୟ ବାହାରୁ ହଜାର ହଜାର ସଂଖ୍ୟାରେ ଲୋକ ବିଭିନ୍ନ କାର୍ଯ୍ୟରେ ଆସିଥାନ୍ତି। ଏହାର ସୁଯୋଗରେ ସହରରେ ବହୁଳ ମାତ୍ରାରେ ନିମ୍ନମାନର ଓ ଅପମିଶ୍ରିତ ଖାଦ୍ୟ ପଦାର୍ଥକୁ ମୁନାଫାଖୋର ବ୍ୟବସାୟୀ ମାନଙ୍କ ଦ୍ୱାରା ଅବାଧରେ ବିକ୍ରି ହେଉଛି। ଏହାକୁ ରୋକିବାକୁ କିମ୍ବା ଯାଞ୍ଚ କରିବାକୁ ପ୍ରଶାସନ ନଜର ଦେଉନି, ଏସବୁ ପାଇଁ ମାନ ନିର୍ଦ୍ଧାରଣ ନିମନ୍ତେ ଏମଆଇ ନିଯୁକ୍ତି ହେଇଛନ୍ତି ତେବେ ଏମଆଇଙ୍କ କାମ କ'ଣ ବୋଲି ବୁଦ୍ଧିଜୀବୀମାନେ ପ୍ରଶ୍ନ ଆଣିଛନ୍ତି। ନିକୃଷ୍ଟମାନ ସାମଗ୍ରୀ ବ୍ୟବହାର କରି ବ୍ୟବସାୟୀମାନେ ଖାଦ୍ୟପଦାର୍ଥ ଓ ମାଛ, ମାଂସ ରାସ୍ତାକଡ଼ରେ କରୁଛନ୍ତି। ଓଡ଼ିଶା ମ୍ୟୁନିସିପାଲ ଆକ୍ଟ ଅନୁଯାୟୀ ଜଳଖିଆ ଦୋକାନ ହୋଟେଲଗୁଡିକ ତଦାରଖ କରିବା ପାଇଁ ସ୍ୱାସ୍ଥ୍ୟ ନିରୀକ୍ଷକ କାର୍ଯ୍ୟ ଠିକ ଭାବେ କରୁନାହାଁନ୍ତି। କମ୍ପାନୀର ଆଇସ୍କ୍ରିମ, ସାଇକେଲ ପଛରେ ଜଳଖିଆ ସିଙ୍ଗଡ଼ା, ଦହିବରା ଆଳୁଚପ, ମିଠା, ଚାଟ, ଗୁପଚୁପ ମୋମୋ, ଚାଓମିନ, ଚିକେନ ଲୋଲିପୋପ, ହୋଟେଲମାନଙ୍କରେ ଦୂଷିତ ପରିବେଶରେ ଅପମିଶ୍ରିତ ଖାଦ୍ୟପଦାର୍ଥ ବିନା ବାଧାବିଘ୍ନରେ ବ୍ୟବସାୟୀମାନେ ବିକୁଛନ୍ତି। ଫଳରେ ପାଟିକୁ ସୁଆଦ ଲାଗୁଥିବା ଏହି ଖାଦ୍ୟପଦାର୍ଥ ଲୋକଙ୍କ ରୋଗର କାରଣ ହେଉଛି। ହେଲେ ଏଭଳି ସ୍ଥିତିରେ ଖାଦ୍ୟ ନିରୀକ୍ଷକ ଏହି ଦୂଷିତ ଓ ଅପମିଶ୍ରିତ ଖାଦ୍ୟର ନମୂନା ସଂଗ୍ରହ କରି ମାନନିର୍ଦ୍ଧାରଣ କରିବା ପାଇଁ ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀଙ୍କ ଅଧୀନରେ ଥିବା ଫୁଡ ଇନ୍ସପେକ୍ଟର କରଞ୍ଜିଆ ସହରରେ ତାଙ୍କର କାର୍ଯ୍ୟ ନିର୍ବାହ କରୁଥିବା ଲୋକଲୋଚନକୁ ଆସୁ ନଥିବା ପରି ଜଣାପଡୁଛି। ଏପରିକି ତାଙ୍କ କାର୍ଯ୍ୟାଳୟ କରଞ୍ଜିଆରେ ଥିବା ଜନସାଧାରଣ ଜାଣିପାରୁ ନାହାନ୍ତି। ଫଳରେ କରଞ୍ଜିଆ ସହର ଓ ଏହାର ନିକଟବର୍ତ୍ତୀ ଅଞ୍ଚଳରେ ଥିବା ଜଳଖିଆ ଦୋକାନଠାରୁ ଆରମ୍ଭ କରି ରାସ୍ତା କଡରେ ଠେଲାଗାଡି, ଗୁପଚୁପ, ପାମ୍ପଡ, ମାଛ ଓ ମାନସ ଖାଇ ଲୋକେ ରୋଗରେ ପଡୁଛନ୍ତି ସ୍ୱାସ୍ଥ୍ୟ ବିଭାଗ ନୀରବଦ୍ରଷ୍ଟା।

## ସୁଭଦ୍ରା ପଦିଲି ଦୁଷ୍କର୍ମ ଓ ହତ୍ୟାକାଣ୍ଡରେ ସମ୍ପୃକ୍ତ ସମସ୍ତ ଅପରାଧୀଙ୍କୁ କଠୋର ଦଣ୍ଡବିଧାନ ଦାବିରେ ଗଣ ସମାବେଶ



କଣିହାଁ, (ଭାସ୍କର ନ୍ୟୁଜ): ସୁଭଦ୍ରା ପଦିଲି ଦୁଷ୍କର୍ମ ଓ ହତ୍ୟାକାଣ୍ଡରେ ସମ୍ପୃକ୍ତ ସମସ୍ତ ଅପରାଧୀଙ୍କୁ କଠୋର ଦଣ୍ଡବିଧାନ ଦାବିରେ କଣିହାଁ ଥାନା ଅନ୍ତର୍ଗତ ନିଆଲୁ ଗ୍ରାମରେ ସୋମବାର ପୂର୍ବାହ୍ନରେ ଏକ ଗଣ ସମାବେଶ ଅନୁଷ୍ଠିତ ହୋଇଯାଇଛି। ନାରୀ ନିର୍ଯାତନା ବିରୋଧୀ ଗଣକମିଟି କଣିହାଁ ଉଦ୍ୟୋଗରେ ଅନୁଷ୍ଠିତ ଏହି ଗଣ ସମାବେଶରେ ନିଆଲୁ, ଲୋଧାଝରି, ସାପକଟା, ଖଜୁରିଆ, ଅନ୍ଧାରି, ଖାଲପାଳ, ବଜ୍ରକୋଟ, ବଳରାମ ପୁର, କାଳିଆଦମା, କତ୍ରାପାଲି, ପୋଡାଗଡ ସମେତ କଣିହାଁ ବ୍ଲକର ବହୁ ଗ୍ରାମର ମହିଳା, ଚାଷୀ, ଶ୍ରମିକ, ଛାତ୍ର, ଯୁବକ ଯୋଗ ଦେଇଥିଲେ। କମିଟିର ଅନ୍ୟତମ ଆବାହିକା ପ୍ରଗତି ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମାବେଶରେ ବିଶିଷ୍ଟ ସମାଜସେବୀ ତଥା ବାଜିରାଉତ ଛାତ୍ରାବାସର ମୁଖ୍ୟ ଉପଦେଷ୍ଟା କ୍ରିଷ୍ଟା ମହାନ୍ତି ମୁଖ୍ୟ ଅତିଥି, ଅନୁଗୁଳ ଜନଜୀବନ ସୁରକ୍ଷା କମିଟି ଆବାହକ ତଥା ଅନୁଗୁଳ ବାର ଆସୋସିଏସନର ବରିଷ୍ଠ ଆଇନଜୀବୀ ପ୍ରମୋଦ କୁମାର ପ୍ରଧାନ ସମ୍ମାନୀତ ଅତିଥି, ଅଲ୍ ଇଣ୍ଡିଆ ମହିଳା ସାଂସ୍କୃତିକ ସଂଗଠନର ସର୍ବଭାରତୀୟ ସାଧାରଣ ସମ୍ପାଦିକା ଛବି ମହାନ୍ତି ମୁଖ୍ୟବକ୍ତା, ଓଡ଼ିଶା ରାଜ୍ୟ ସଭାନେତ୍ରୀ ସ୍ୱୟଂପ୍ରଭା ନାୟକ ଓ ନାରୀ ନିର୍ଯାତନା ବିରୋଧୀ ଗଣ କମିଟି ଅନୁଗୁଳ ଜିଲ୍ଲା ଆବାହିକା ସରୋଜିନୀ ନାୟକ, ବାଲିପଶି ସରପଞ୍ଚ ହାଡିବନ୍ଧୁ ସେଠି, ନିଆଲୁ ଗ୍ରାମ ସଭାପତି ନିରଞ୍ଜନ ସାହୁ ଅନ୍ୟତମ ବକ୍ତା ଭାବେ ଯୋଗଦେଇ ସେମାନଙ୍କର ବକ୍ତବ୍ୟରେ ସୁଭଦ୍ରା ପଦିଲି ଦୁଷ୍କର୍ମ ଓ ହତ୍ୟାକାଣ୍ଡରେ ସମ୍ପୃକ୍ତ ସମସ୍ତ ଅପରାଧୀଙ୍କୁ କଠୋର ଦଣ୍ଡବିଧାନ ନିମନ୍ତେ ପୋଲିସ ପ୍ରଶାସନ ପଦକ୍ଷେପ ଗ୍ରହଣ କରିବାକୁ ଦୃଢ ଦାବି କରିଥିଲେ। କଣିହାଁ ବ୍ଲକର ବିଭିନ୍ନ ଗ୍ରାମରେ ନାରୀ ନିର୍ଯାତନା ବିରୋଧୀ କମିଟିମାନ ଗଠନ କରି ମଦ, ଅପସଂସ୍କୃତି, ନାରୀ ନିର୍ଯାତନା ବିରୁଦ୍ଧରେ ଆନ୍ଦୋଳନ ସଂଗଠିକ କରିବା ପାଇଁ ଏହି ସମାବେଶରେ ଘୋଷଣା କରାଯାଇଛି। କମିଟିର ଅନ୍ୟତମ ଆବାହକ ସଦାଶିବ ସିଂହ, ଟୁନା ନାଏକ, ମିନତୀ ସାମଲ ମଞ୍ଚରେ ସଭାକାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ।

## ଲବଣୀ ପବ୍ଲିକ୍ ସ୍କୁଲ୍‌ରେ ପାଳିତ ହେଲା ବାର୍ଷିକ ଉତ୍ସବ

କରଞ୍ଜିଆ, (ଭାସ୍କର ନ୍ୟୁଜ): ମୟୂରଭଞ୍ଜ ଜିଲ୍ଲା ଶୁକ୍ରୁଳି ବ୍ଲକ୍ ଅନ୍ତର୍ଗତ ହଳଦିଆ ଗ୍ରାମପଞ୍ଚାୟତ ସ୍ଥିତ ଲଙ୍ଗଳ ସାହି ଠାରେ ନୂତନ କରି ଗଢି ଉଠିଥିବା ଲବଣୀ ପବ୍ଲିକ୍ ସ୍କୁଲ୍‌ରେ ଅନୁଷ୍ଠିତ ହୋଇଯାଇଛି ବର୍ଷିକ ଉତ୍ସବ। ଦୁଇ ହଜାର ଏକୋଇଶି ମସିହାରେ ଲବଣୀ ପବ୍ଲିକ ସ୍କୁଲ ଆରମ୍ଭ ହୋଇଛି। ପ୍ରତ୍ୟେକ ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ସ୍କୁଲ୍ ପ୍ରାଙ୍ଗଣ ଅନୁଷ୍ଠିତ ହୋଇଯାଇଛି ବାର୍ଷିକ ଉତ୍ସବ। ଉତ୍ସବରେ ମୁଖ୍ୟ ଅତିଥି ଭାବରେ ବ୍ଲକ୍ ଶିକ୍ଷା ଅଧିକାରୀ ସୁଶାନ୍ତ କୁମାର ସିଂ, ସମ୍ମାନୀୟ ଅତିଥି ଭାବରେ ମତା ସେବାଶ୍ରମର ପ୍ରଧାନ ଶିକ୍ଷକ ପରମେଶ୍ୱର ମହାନ୍ତ, ମୁଖ୍ୟ ବକ୍ତା ବିପିନ୍ ବିହାରୀ ଗିରି ଅବସର ପ୍ରାପ୍ତ ଅଧ୍ୟାପକ ଶୁକ୍ରୁଳି କଲେଜ୍ ଏବଂ ବୁଦ୍ଧଦେବ ମହାକୁଡ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ତା ସହିତ କୁନି କୁନି ଛାତ୍ର ଛାତ୍ରୀଙ୍କ ଅଭିଭାବକ ଅଭିଭାବକ ଯୋଗ ଦେଇଥିଲେ। ସଭା ପରିଚାଳନା କରିଥିଲେ ପରେଶ୍ ଚନ୍ଦ୍ର ମହାନ୍ତ। ଆଜିର କୁନି କୁନି କାଲିର ଭବିଷ୍ୟତ ଏମାନେ ବର୍ତ୍ତମାନ ଗୋଟିଏ କଞ୍ଚା ମାଟି ପିଣ୍ଡୁଳା ଯେମିତି ଗଢିବେ ସେମିତି ଗଢି ଉଠିବେ ବୋଲି ଉଦ୍ବୋଧନ ଦେଇଥିଲେ ଅତିଥି। ସେହିଭଳି ପ୍ରତେକ ଛାତ୍ର ଛାତ୍ରୀଙ୍କୁ ଗଛର ଉପକାରିତା ବିଷୟରେ ବୁଝାଇବା ସହିତ ଗଛ ଲଗାଇବାକୁ ପରାମର୍ଶ ଦେଇଥିଲେ ବ୍ଲକ୍ ଶିକ୍ଷା ଅଧିକାରୀ। ବିଭିନ୍ନ ବର୍ଗରେ ପାରଦର୍ଶିତା ହାସଲ କରିଥିବା ଛାତ୍ର ଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ ଅତିଥି ବୃନ୍ଦ। ସଭା ସାଙ୍ଗ ପରେ କୁନି କୁନି ଛାତ୍ର ଛାତ୍ରୀଙ୍କ ଦ୍ୱାରା ରଙ୍ଗା ରଙ୍ଗ କାର୍ଯ୍ୟ କ୍ରମ ସମସ୍ତଙ୍କ ମନ ମହିଥିଲା।

## ଦେବସ୍ନାନ ପୂର୍ଣ୍ଣିମା ପାଇଁ ପ୍ରଶାସନିକ ପ୍ରସ୍ତୁତି ବୈଠକ

ନିଶ୍ଚିନ୍ତକୋଇଲି, (ଭାସ୍କର ନ୍ୟୁଜ): ମହାପୁରୁଷ ଅଚ୍ୟୁତାନନ୍ଦଙ୍କ ପବିତ୍ର ପୀଠ ନେମାଳ ଠାରେ ଆସନ୍ତା ୧୧ ତାରିଖରେ ଅନୁଷ୍ଠିତ ହେବାକୁ ଯାଉଥିବା ଦେବସ୍ନାନ ପୂର୍ଣ୍ଣିମାକୁ ଶାନ୍ତି ଶୃଙ୍ଖଳାର ଶହ ସମାପନ କରିବା ନିମନ୍ତେ ଆଜି କଟକ ଉପ-ଜିଲ୍ଲାପାଳଙ୍କ ସଭା ପତିତ୍ୱରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ କଟକ ସଦର ବିଧାୟକ ଇ. ପ୍ରକାଶ ସେଠୀ ଯୋଗଦେଇ ଚଳିତ ବର୍ଷ କିଭଳି ଶାନ୍ତି ଶୃଙ୍ଖଳା ସହ ଉତ୍ସବ ପାଳନ କରାଯିବ ସେନେଇ ସମସ୍ତଙ୍କୁ ନିବେଦନ କରିଥିଲେ। ଏହି ବୈଠକରେ ତହସିଲଦାର ଅନିତା ନାୟକ,ଏସଡିପିଓ ବିରଂଚି ନାରାୟଣ ପତି, ନେମାଳ ଥାନା ଅଧିକାରୀ ସୁଶିଲ କୁମାର ନାୟକ, ପ୍ରାକ୍ତନ ଜିଲ୍ଲାପରିଷଦ ସଭ୍ୟ ଅଚ୍ୟୁତାନନ୍ଦ ଦାସଙ୍କ ସମେତ ବହୁ ଜନ ପ୍ରତିନିଧି ଯୋଗଦେଇଥିଲେ।

# ହସ୍ପିଟାଲରେ ନାହାନ୍ତି ଡାକ୍ତର ଓ ଷ୍ଟାଫ୍, ଭଗବାନଙ୍କ ଭରସାରେ ରୋଗୀ

ସୋରଡ଼ା, (ଭାସ୍କର ନ୍ୟୁଜ): ସୋରଡ଼ା ହସ୍ପିଟାଲରେ ରୋଗୀ ଅଛନ୍ତି କିନ୍ତୁ ଡାକ୍ତର କି ଷ୍ଟାଫ ନାହାନ୍ତି। ଡାକ୍ତର ଖାନ ଚାଲିଛି ଭଗବାନଙ୍କ ଭରସାରେ। ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସ୍ୱାସ୍ଥ୍ୟ ସେବା ଯୋଗାଇଦେବା ପାଇଁ କୋଟି କୋଟି ଟଙ୍କା ଅର୍ଥ ବ୍ୟୟସହ ବିଭିର୍ଣ ଯୋଜୋନରେ ନିରାମୟ, ତିନିମହଲା କୋଠା ଆମ୍ବୁଲସ, ଡାକ୍ତର ଓ ଷ୍ଟାଫ ରହିବା ପାଇଁ ସମସ୍ତ ସୁବିଧା, ସବବୁହା ଗାଡି ସମେତ ବିଭିର୍ଣ ଯୋଜୋନ କରୁଛନ୍ତିକିନ୍ତୁ ବାସ୍ତବ ଚିତ୍ର ଭିନ୍ନ। ସୋରଡା ସହର ଓବିଭିର୍ନ ଗ୍ରାମପଞ୍ଚାୟତ ଗୁଡିକରୁ ରୋଗୀଙ୍କ ଭିଡ ଲାଗୁଥିବା ବେଳେ ସରକାରୀ ଡାକ୍ତର ଖାନାରେ ରୋଗୀଙ୍କ ଭିଡ ଲାଗୁଥିବା ବେଳେ ଡାକ୍ତର ମାନଙ୍କ ବେସରକାରୀ ଡାକ୍ତରଖାନା ପ୍ରୀତି ରୋଗୀଙ୍କ ଜୀବନକୁ ଦୁର୍ବିଶହ କରୁଛିଏପରି ଖୋଲା ଖୋଲି ଦେଖିବାକୁ ମିଳିଛି ସୋରୋଡ। ଗୋଷ୍ଠି ସ୍ୱସ୍ତ୍ୟ କେନ୍ଦ୍ର ରେ। ଏହି ସ୍ୱାସ୍ଥ୍ୟ କେନ୍ଦ୍ର ଉପରେ ସୋରୋଡ। ବ୍ଲକ ର ପ୍ରାୟ କୋଡିଏଟି ପଞ୍ଚାୟତ ସମେତ ସୋରଡା ଏନ.ଏ.ସି ର ଏଗାରଟି ୱାର୍ଡ ସମେତ ପୋଡୋଶୀ ଜିଲ୍ଲା କନ୍ଧ ମାଳ, ଫୁଲବାଣୀ, ଜିଲ୍ଲା, ଗୁଡିକର ଦାରିଙ୍ଗ ବାଡି ବ୍ଲକ,ରାକିଆ ବ୍ଲକ ଗୁଡିକର କିଛି ଗ୍ରାମ ପାଞ୍ଚାୟତବାସୀ ନିର୍ଭର କରନ୍ତି। ମାତ୍ର ଏଠାରେ ଦେଖିବାକୁ ମିଳୁଛି ଅନେକ ସମୟରେ ଡାକ୍ତର ଓ କର୍ମଚାରୀ ରାହୁନାହାନ୍ତି। କିଛି ଷ୍ଟାଫ ମଧ୍ୟରେ ପୁରୁଷଓ ମହିଳା,କିଛି ମହିଳା ସେକୁରିଟି ଡାକ୍ତରମାନଙ୍କ ତୋସାମଦକାରି ଭାବେ ବୀନା ଶିକୁରୀଟି ଡ୍ରେସ ରେ ରୋଗୀମାନଙ୍କୁ ଶୋଷଣ କରିବା ପାଇଁ ଡାକ୍ତର ଲେଖିଥିବା ବାହାରେ କିଣିନବା ପାଇଁ ଔଷଧ ଚିଠା ରୋଗୀଙ୍କୁ ମାଗି କମିସନୀ କାରବାର କରାଯାଇଥିବା କିଛି ଔଷଧ ଦୋକାନକୁ ଡାକିନେଇ ଜୋର ଜବରଦସ୍ତ ଔଷଧ କିଣାନ୍ତି ଓ ଡାକ୍ତରମାନେ ଯାହା ଔଷଧ ଲେଖନ୍ତି ତାହା ନିରାମୟ କେନ୍ଦ୍ରରେ ନଥାଏ। ଡାକ୍ତରମାନେ ମନଇଛା କମିଶନ ଆଶାରେ ହଜାର ହଜାର ଟଙ୍କାର ଔଷଧ ଲେଖି କିଣିବା ପାଇଁ ବାହାରକୁ ପଠାଉଛନ୍ତି ଯାହାରି ଫଳରେ ରୋଗିସେବାପ୍ରଭାଭୀତ ହେଉଛି। ବର୍ତ୍ତମାନ ନୂତନ ଭାବେ ନିର୍ମାଣ କରାଯାଇଥିବା ନୂତନ ତିନିମହଲା ବିଶିଷ୍ଟ କୋଠା ବର୍ତମାନ ଖାଲି ପଡିଛି। ଯେମିତି ଏକ ଭୁତ କୋଠି ପାଲଟିଛି କିଛି ବିଭାଗ ବହୁତ କଷ୍ଟରେ ଦିନେ ଅଧେ ଖୋଲାଯଯାଉଛି ବୋଲି ଲୋକେ କହୁଛନ୍ତି। ମେଡିକାଲ ପରିଚାଳନା ବିଭାଗ ଆସିଲା ବେଳେ ମୁଖ୍ୟ ଫାଟକ ତାଲା ସହ ସମସ୍ତ ଅଫିସ ବନ୍ଦ ଖବର ନେବାରୁ ଜଣାଗଲା ଯେଏହିଭଳି ସବୁସମୟ ବନ୍ଦ ସହ ନିଯୁକ୍ତ କର୍ମଚାରୀ ଜଣଙ୍କ ଏହି ଡାକ୍ତର ଖାନସହ ବଡଗଡ ମେଡିକଲର ଦାୟିତ୍ୱ ନେଇଛନ୍ତି ଉକ୍ତ କର୍ମଚାରୀ ଜଣଙ୍କ ତେଣୁ ଏଠାରେ କେବେବି ରାହୁନଥିଲା ବେଳେନିଜ ମନଇଛା କମ କରୁଥିବା ନେଇ କିଛି ପ୍ରସୂତି ମହିଳା ମାନେ ଅଭିଯୋଗ କରିଛନ୍ତି। ଏଣୁବିଭାଗୀୟ ସଚିବ,ଗଞ୍ଜାମ ଉ.ଉ.ଗ.ଙ,ଗଞ୍ଜାମ ଜିଲ୍ଲାପାଳ ଅଚାନକ ପରିଦର୍ଶନ କଲେ ପ୍ରକୃତ ଘଟନା ପଦାକୁ ଆସିବ ବୋଲି ସୋରଡା ପ୍ରେସ କ୍ଲବ ର ଉପଦେଷ୍ଟା ଆରପଲି ସାରଥି ଦାବିକରିଛନ୍ତି।

## ଟାଙ୍ଗୀ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ପୋଷ୍ଟକାର୍ଡ ଅଭିଯାନ

ଟାଙ୍ଗୀ, (ଭାସ୍କର ନ୍ୟୁଜ): ସର୍ବ ଭାରତୀୟ ବରିଷ୍ଠ ନାଗରିକ ମହାସଂଘର ଆହ୍ୱାନ କ୍ରମେ ଟାଙ୍ଗୀ ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ପୋଷ୍ଟକାର୍ଡ ଅଭିଯାନ ଆରମ୍ଭ କରାଯାଇଛି। କୋଭିଡ -୧୯ ସମୟରେ ବରିଷ୍ଠ ନାଗରିକ ମାନଙ୍କୁ ରେଳଭଡା ରିହାତି ମିଳୁଥିଲା , ମାତ୍ର ପରବର୍ତ୍ତୀ ସମୟରେ ରେଳ ମନ୍ତ୍ରଣାଳୟ ଏହାକୁ ପ୍ରତ୍ୟାହାର କରିନେଇଥିଲେ। ଏବେ ଏହି ରିହାତି ସୁବିଧା ପୁନଃ ପ୍ରଚଳନ କରିବା ପାଇଁ ସମସ୍ତ ରାଜ୍ୟର ବରିଷ୍ଠ ନାଗରିକ ସଂଘ ପକ୍ଷରୁ ପୋଷ୍ଟକାର୍ଡ ମାଧ୍ୟମରେ ଚିଠି ଲେଖାଯାଇ ମାନ୍ୟବର ପ୍ରଧାନମନ୍ତ୍ରୀଙ୍କୁ ଅନୁରୋଧ କରାଯାଉଛି। ଖୋର୍ଦ୍ଧା ଜିଲ୍ଲାର ଟାଙ୍ଗୀ ବଳରାମ ଦେବ ମନ୍ଦିର ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀଙ୍କୁ ନିଜର ଦାବି ସମ୍ପର୍କରେ ଅବଗତ କରାଇବା ପାଇଁ ପୋଷ୍ଟକାର୍ଡ ଅଭିଯାନ ଅବସରରେ ଟାଙ୍ଗୀ ବରିଷ୍ଠ ନାଗରିକ ମଞ୍ଚର ସଭାପତି ନାରାୟଣ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସଂପାଦକ ବିଜୟ କୁମାର ରାଉତ, ଉପସଭାପତି ଡଃ ଚନ୍ଦ୍ର ଶେଖର ଦାଶ, ଡାକ୍ତର ମଧୁସୂଦନ ସେନାପତି, ରମେଶ ଚନ୍ଦ୍ର ରାଉତ, ପୂର୍ଣଚନ୍ଦ୍ର ଛୋଟରାୟ ଏବଂ ବଡପାରୀ କମିଟି ସଭାପତି ବିଚ୍ଛେଦ ଜୟ ସିଂ, ସଂପାଦକ ସାରଙ୍ଗଧର ପାଲଟା ସିଂ, ଉପସଭାପତି ଶରତ ଚନ୍ଦ୍ର ପଟ୍ଟନାୟକ ଓ ନୟାଗଡ଼ ଜିଲ୍ଲା ଚାନ୍ଦପୁର କମିଟି କୋଷାଧ୍ୟକ୍ଷ ପଦ୍ମ ଚରଣ ସେଠୀ, ତାରା ପ୍ରସାଦ ପଟ୍ଟନାୟକ, ଲକ୍ଷ୍ମୀ ଧର ପାଇକରାୟ, ଘନଶ୍ୟାମ ମହାନ୍ତି, ସାମ୍ବାଦିକ ରଘୁନାଥ ସାହୁ ପ୍ରମୁଖ ସାମିଲ ହୋଇଥିଲେ । ସମସ୍ତ ସଦସ୍ୟ ମାନେ ପୋଷ୍ଟକାର୍ଡ ରେ ଚିଠି ଲେଖି ପ୍ରଧାନମନ୍ତ୍ରୀଙ୍କ ନିକଟକୁ ପଠାଇଥିଲେ।



# ଆମ କଳାହାଣ୍ଡି



ପୃଷ୍ଠା-୧୦
Page-10
ମଙ୍ଗଳବାର, ୦୩ ଜୁନ୍ ୨୦୨୫
ଓଡ଼ିଶା ଭାସ୍କର, ଭୁବନେଶ୍ୱର

## ବକ୍ସାଇଟ୍ ଖଣି କାର୍ଯ୍ୟ ତ୍ୱରାନ୍ୱିତ ଦାବି

# ମୁଖ୍ୟମନ୍ତ୍ରୀଙ୍କୁ କଳାହାଣ୍ଡି ନାଗରିକ ଫୋରମ୍ ପକ୍ଷରୁ ସ୍ମାରକପତ୍ର



ଭବାନୀପାଟଣା, (ଭାସ୍କର ନ୍ୟୁଜ୍) : କଳାହାଣ୍ଡି ଜିଲ୍ଲାର ବିକାଶ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେବା ନିମନ୍ତେ ଜିଲ୍ଲାର ବିଶିଷ୍ଟ ନାଗରିକ ମାନଙ୍କର ଏକ ୧୩ ଜଣିଆ ପ୍ରତିନିଧି ଦଳ ଭୁବନେଶ୍ୱରରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟି ଲାଞ୍ଜିଗଡ଼ ବକ୍ସାଇଟ୍ ଖଣି ପାଇଁ ଗ୍ରାମସଭା ପ୍ରକ୍ରିୟା ତୁରନ୍ତ ଆରମ୍ଭ କରିବାକୁ ସରକାରଙ୍କୁ ଅନୁରୋଧ ପୂର୍ବକ ଏକ ସ୍ମାରକପତ୍ର ପ୍ରଦାନ କରିଥିବା ଓ ମୁଖ୍ୟମନ୍ତ୍ରୀ ପୂର୍ଣ୍ଣ ସମର୍ଥନର ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି। ବିଜେପି ଦଳର ବରିଷ୍ଠ ନେତା ତଥା ପୂର୍ବତନ ବିଧାୟକ ପ୍ରଦୀପ୍ତ ନାୟକଙ୍କ ନେତୃତ୍ୱରେ ପ୍ରତିନିଧି ଦଳ ରାଜ୍ୟ ସରକାରଙ୍କ ପାଖରେ ଉପଲବ୍ଧ ସ୍ୱତନ୍ତ୍ର କ୍ଷମତା ବ୍ୟବହାର କରି ଗ୍ରାମସଭାକୁ ମୁକ୍ତ, ନିରପେକ୍ଷ ଏବଂ ସ୍ୱଚ୍ଛ ଭାବରେ ପରିଚାଳନା କରିବା ପାଇଁ ଅନୁରୋଧ କରିଥିଲେ। ସ୍ମାରକପତ୍ରରେ ସେମାନେ ଆହୁରି ମଧ୍ୟ ଉଲ୍ଲେଖ କରିଥିଲେ ଯେ ଖଣି କ୍ଷେତ୍ର ଅନ୍ତର୍ଗତ ୧୨ଟି ଗ୍ରାମମଧ୍ୟରୁ କୌଣସି ସ୍ଥାନରେ ସ୍ଥାନୀୟ ସମ୍ପ୍ରଦାୟ ବିସ୍ଥାପନ ଘଟିବ ନାହିଁ ଯାହା ସମ୍ପ୍ରଦାୟ ଅଧିକାରକୁ ସୁରକ୍ଷା ଦେଉଥିବା ଦାୟିତ୍ୱପୂର୍ଣ୍ଣ ବିକାଶ ପ୍ରତି ପ୍ରତିବଦ୍ଧତାକୁ ଦୃଢ଼ କରିବ। ସେମାନଙ୍କ ସ୍ମାରକପତ୍ରରେ, ପ୍ରତିନିଧିମାନେ ଉଲ୍ଲେଖ କରିଥିଲେ ଯେ ୨୦୦୩ରୁ କାର୍ଯ୍ୟକ୍ଷମ ଲାଞ୍ଜିଗଡ଼ ବେଦାନ୍ତ ଆଲୁମିନା ରିଫାଇନାରୀ ନିଯୁକ୍ତି, ଜୀବିକା ସହାୟତା ଏବଂ ସମ୍ପ୍ରଦାୟ ବିକାଶ କାର୍ଯ୍ୟକ୍ରମ ମାଧ୍ୟମରେ ବହୁ ପରିବାରଙ୍କ ଜୀବନର ଗୁଣବତ୍ତା ଉନ୍ନତ କରିଛି। ତଥାପି, କ୍ୟାପ୍ଟିଭ୍ ବକ୍ସାଇଟ୍ ସଂଯୋଗର କ୍ରମାଗତ ଅଭାବ ରିଫାଇନାରୀର ପୂର୍ଣ୍ଣ ସମ୍ଭାବନାକୁ ସୀମିତ କରିଛି, ଯାହା ଫଳରେ ସ୍ଥାନୀୟ ଅର୍ଥନୈତିକ ଅଭିବୃଦ୍ଧିରେ ଏହାର ଅବଦାନକୁ ସୀମିତ କରିଛି। 'ରାୟଗଡା ଏବଂ କୋରାପୁଟ ପରି ଅନ୍ୟ ଜିଲ୍ଲାଗୁଡ଼ିକ ଆଗକୁ ବଢୁଥିବା ବେଳେ, କଳାହାଣ୍ଡି ଏବେ ବି ଅନ୍ତର୍ଭୁକ୍ତିମୂଳକ ବିକାଶର ପ୍ରତିଶ୍ରୁତି ପୂରଣ ହେବା ପାଇଁ ଅପେକ୍ଷା କରିଛି' ବୋଲି କଳାହାଣ୍ଡି ନାଗରିକ ମଂଚର ସଭାପତି ଡକ୍ଟର ଅଜୟ ମିଶ୍ର କହିଛନ୍ତି। ମୁଖ୍ୟମନ୍ତ୍ରୀ ଆମର ପ୍ରତ୍ୟେକ କଥାକୁ ଧ୍ୟାନର ସହିତ ଶୁଣିଲେ ଏବଂ ଆମକୁ ଆଶ୍ୱାସନା ଦେଲେ ଯେ ସେ ସଠିକ୍ ପଥ ଅନୁସରଣ କରିବା ପାଇଁ ସମସ୍ତ ପ୍ରକାରର ପଦକ୍ଷେପ ନେବେ। ନାଗରିକ ମଂଚ ଗୁରୁତ୍ୱାରୋପ କରିଥିଲା ଯେ ଏହି ଦୃଷ୍ଟିକୋଣ ହାସଲ କରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ପରବର୍ତ୍ତୀ ଗ୍ରାମସଭାର ସମୟସୀମା ସହିତ ସକ୍ରିୟ ପଦକ୍ଷେପ ନେବା ଆବଶ୍ୟକ। ଏପରି ପଦକ୍ଷେପ ଶିଳ୍ପ ନିବେଶକୁ ଅଧିକ ଆକର୍ଷିତ କରିବାରେ ସାହାଯ୍ୟ କରିବ। ମୁଖ୍ୟମନ୍ତ୍ରୀଙ୍କ ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱରେ, ଓଡ଼ିଶା କଳାହାଣ୍ଡିର ସମ୍ଭାବନାକୁ ଉନ୍ମୁକ୍ତ କରିବା ଏବଂ ଆଗାମୀ ପିଢ଼ି ପାଇଁ ସମୃଦ୍ଧ ସୁରକ୍ଷିତ ଯୁଗ ସୃଷ୍ଟି କରିବା ପାଇଁ ସାହସିକ ଏବଂ ଅନ୍ତର୍ଭୁକ୍ତିମୂଳକ ପଦକ୍ଷେପ ନେବେ ବୋଲି ନାଗରିକମଂଚ ବିଶ୍ୱାସ ପ୍ରକଟ କରିଛି।

# ଦଶମ ପରୀକ୍ଷା କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା



ଲାଞ୍ଜିଗଡ, (ଭାସ୍କର ନ୍ୟୁଜ୍) : ଚଳିତ ଶିକ୍ଷାବର୍ଷରେ ଦଶମ ବୋର୍ଡ ପରୀକ୍ଷାରେ କୃତୀତ୍ୱ ଅର୍ଜନ କରିବା ସହିତ ଶ୍ରେଷ୍ଠତ୍ୱ ପ୍ରଦର୍ଶନ କରିଥିବା ଦୁଇଜଣ ଛାତ୍ର ଓ ଜଣେ ଛାତ୍ରୀଙ୍କୁ ଲାଞ୍ଜିଗଡ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ତରଫରୁ ସମ୍ବର୍ଦ୍ଧିତ କରାଯାଇଛି। ଆଜି ବିଶ୍ୱନାଥପୁରସ୍ଥିତ ଗୋପବନ୍ଧୁ ହାଇସ୍କୁଲ ପରିସରରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଲାଞ୍ଜିଗଡ ବ୍ଲକ ଅଧ୍ୟକ୍ଷା କମଳା ପାତ୍ର ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ଲାଞ୍ଜିଗଡ ବିଡିଓ ଶଶାଙ୍କ ପାତ୍ର ଯୋଗ ଦେଇଥିଲେ। ଗୋଷ୍ଠୀ ଶିକ୍ଷାଧିକାରୀ ଋଷିଆ ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ଅନ୍ୟତମ ଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ସୁବଳଦେବ ମୁଣ୍ଡ, ଭାରତ ଭୂଷଣ ସାହୁ, ଲକ୍ଷ୍ମୀପ୍ରିୟା ମୁଦୁଲି ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ବ୍ଲକ ଟପ୍ପର ହୋଇଥିବା ଦୋରାସାର୍ଲି ଭଳି ଅଖ୍ୟାତ ଗାଁ ତଥା ବେନଗାଁ ହାଇସ୍କୁଲର ଛାତ୍ର କ୍ଷେତ୍ରମଣି ସାହୁ, ଏ-୨ ଗ୍ରେଡ୍ ପାଇଥିବା ମଧୁପୁର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର କୃତୀ ଛାତ୍ରୀ ନିହାରୀକା ବିଶ୍ୱାଳ ଓ ବିଶ୍ୱନାଥପୁରସ୍ଥିତ ଗୋପବନ୍ଧୁ ହାଇସ୍କୁଲର ସୂରଜ ନାଗଙ୍କୁ ଟ୍ରଫି ଓ ମାନପତ୍ର ସହିତ ସମ୍ବର୍ଦ୍ଧିତ କରାଯାଇଥିଲା। ମଧୁପୁର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ବେଦବ୍ୟାସ ପ୍ରଧାନ ସଭା ପରିଚାଳନା କରିଥିବାବେଳେ କ୍ଲଷ୍ଟର ସଂଯୋଜକ ଦୁଃଖିଶ୍ୟାମ ବାରିକ, ପ୍ରକାଶ ପ୍ରଧାନ, କୁମାର ଗୌରବ ପରିଡ଼ା, ଘାସିରାମ ମାଝୀ, ଶ୍ରବଣ କୁମାର ସରାଫ, ଶିକ୍ଷୟିତ୍ରୀ ଧରିତ୍ରୀ ବିଷୋୟୀ, ବେନଗାଁ ହାଇସ୍କୁଲର ପ୍ରଧାନଶିକ୍ଷକ ଭବାନୀଶଙ୍କର ନାଗ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ସଭା

ଗୋଲାମୁଣ୍ଡା, (ଭାସ୍କର ନ୍ୟୁଜ୍) : କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ କେଗାଁ ବନ ବିଭାଗ ତରଫରୁ ଉପ ବନାଞ୍ଚଳ ଅଧିକାରୀ ଗୌରଚନ୍ଦ୍ର ସାହୁଙ୍କ ଅବସର କାଳୀନ ବିଦାୟ ସମ୍ବର୍ଦ୍ଧନା ସଭା ପାଳିତ ହୋଇଯାଇଛି। ଉକ୍ତ ସମ୍ବର୍ଦ୍ଧନା ସଭାରେ କେଗାଁ ବନାଞ୍ଚଳ ଅଧିକାରୀ ଶ୍ରୀ ଚିନ୍ମୟ କୁମାର ଗର୍ତିଆ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଶ୍ରୀ ସାହୁଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦେଇଥିଲେ। ଏଥିରେ ଉପସ୍ଥିତ ଥିବା କେଗାଁ ରେଞ୍ଜ ଅଧିନସ୍ଥ ବନପାଳ ମଧୁକର ପୁଟେଲ, ପ୍ରଦୀପ କୁମାର୍ ବିଶି, ରୁଦ୍ର ପ୍ରସାଦ ଗହିର, ରମେଶ କୁମାର ପଣ୍ଡା, ରମେଶ ବାଗ, ଯଯାତୀ କେଶରୀ ବଗର୍ତ୍ତି, ବିଶ୍ୱଜିତ ଠାକୁର,, ବନରକ୍ଷୀ, ଦିନେଶ ଚନ୍ଦ୍ର ଦୋରା, ଆଦିତ୍ୟ ବାଗ, ମୃତ୍ୟୁଞ୍ଜୟ କବିର, ବିଭୁତି ବାଗ, ସୁନୀତା ପୁଟେଲଙ୍କ ଶହ ପିଏନଜିଓ ଦଳପତି ବିକାଶ କୁମାର ତାଣ୍ଡି,ମହେଶ୍ୱର ମିଶ୍ର, ରୋମାଞ୍ଚଳ ବାଗ, ପାରା ଷ୍ଟାଫ ତରଫରୁ ଗଜିନ୍ଦ୍ର ପଣ୍ଡା, ସଞ୍ଜିପ ପୁଟଲ, ହରିଶ ପୁଟଲ, ଦେବାନନ୍ଦ ଦୀପ, ସୂର୍ଯ୍ୟନାରାୟଣ ଚଣ୍ଡି, ଧର୍ମେନ୍ଦ୍ର ପୁଟେଲ, ପ୍ରକାଶ ସାହୁ, ଗିରିଧାରୀ ପୁଟଲ, କୁଷ୍ଟ ଚଣ୍ଡି, ବିନୋଦ ମହାଳିକ, ସମସ୍ତ କର୍ମଚାରୀ ସହ ୱାଚର ଉପସ୍ଥିତ ରହି ଶ୍ରୀ ସାହୁଙ୍କୁ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଉକ୍ତ ସମୟ ମଧ୍ୟରେ ବନପାଳ ଓ ବନରକ୍ଷୀଙ୍କ ମଧ୍ୟରେ ଦୀର୍ଘଦିନ ଧରି ଯେଉଁ ସମ୍ପର୍କ ଗଢି ଉଠିଥିଲା, ଏହାକୁ ନେଇ ଉଭୟଙ୍କ ମଧ୍ୟରେ ଭାବ ବିହଳ ହେବା ସହ ଶୋକାକୁଳ ପରିବେଶ ଦେଖା ଦେଇଥିଲା। ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଖୁସିରଲହରୀ ଖେଳିଯାଇଛି।

# ବିକଶିତ କୃଷି ସଂକଳ୍ପ ଅଭିଯାନ




ଗୋଲାମୁଣ୍ଡା, (ଭାସ୍କର ନ୍ୟୁଜ୍): କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ମହାଲିଙ୍ଗ ଧାନମଣ୍ଡି ଠାରେ ବିକଶିତ କୃଷି ସଂକଳ୍ପ ଅଭିଯାନ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମଟି ଗୋଲାମୁଣ୍ଡା କୃଷି ବିଭାଗ ଅଧିକାରୀ ନୌକେଶ୍ୱର ନାଗଙ୍କ ଦ୍ୱାରା ପରିଚାଳିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥିଭାବେ ମହାଲିଙ୍ଗ ସମିତି କିରାଣ ସିଂହ, ଗୋଲାମୁଣ୍ଡା ବିଡ଼ିଓ ଶ୍ରୀ ବିଶ୍ୱନାଥ ରାଉତ, ଗୋଲାମୁଣ୍ଡା ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ବୃଷଭ ନାଏକ, ଜିଲ୍ଲା କୃଷି ଅଧିକାରୀ ସଞ୍ଜୟ କୁମାର ପାତ୍ର, ପଶୁ ସମ୍ପଦ ବିଭାଗ ଅଧିକାରୀ ନେତ୍ର ଭାରତୀ, ସମାଜସେବୀ ଶ୍ୟାମସୁନ୍ଦର ଅଗ୍ରୱାଲ, ପ୍ରସନ୍ନ ରାଉତ ପ୍ରମୁଖ ଯୋଗ ଦେଇଥିଲେ। ମଞ୍ଚାସିନ ଅତିଥିମାନେ ପ୍ରଥମେ ଗଣେଶ ମହାପ୍ରଭୁଙ୍କୁ ପୁଷ୍ପମାଲ୍ୟ ଅର୍ପଣ କରି ବିକଶିତ କୃଷି ସଂକଳ୍ପ ଅଭିଯାନ ସମ୍ପର୍କରେ ନିଜ ନିଜ ଅଭିଭାଷଣ ରଖିଥିଲେ। ମୁଖ୍ୟତଃ କୃଷି ବିଭାଗ ଜରିଆରେ ସରକାରୀ ଯୋଜନା ଆସୁଛି। ଚାଷୀମାନେ ଠିକ ରୂପେ ତାର ଫାଇଦା ପାଉଛନ୍ତି ନା ନେଇ ଏ ବିଷୟରେ ପୁଙ୍ଖାନୁପୁଙ୍ଖ ଭାବରେ ଜିଲ୍ଲା କୃଷି ଅଧିକାରୀ ଶ୍ରୀ ପାତ୍ର ଉପସ୍ଥିତ ଥିବା ସମସ୍ତ ଚାଷୀଭାଇ ମାନଙ୍କୁ ବୁଝାଇଥିଲେ। ପ୍ରାୟତଃ ଚାଷୀଙ୍କ ଫସଲ କିପରି ଦିଗୁଣିତ ହେବ ସେ ନେଇ ବିଭିନ୍ନ ପ୍ରକାର କୃଷି ଯନ୍ତ୍ରପାତି ମଧ୍ୟ ସରକାର ନିର୍ମାଣ କରିଛନ୍ତି। ଏହି କୃଷି ଯନ୍ତ୍ରପାତି ଗୁଡିକ ସବସିଡ଼ି ଅନେକ କ୍ଷେତ୍ରରେ ମିଳୁଛି। ତାର ଫାଇଦା ଚାଷୀମାନେ ସମ୍ପୂର୍ଣ୍ଣ ଉଠାଇ ଚାଷରେ ଦିଗୁଣିତ କରି ପାରିବେ ବୋଲି କୃଷି ବୈଜ୍ଞାନିକମାନେ ଉପସ୍ଥିତ ଚାଷୀମାନଙ୍କୁ ତାଲିମ ଦେଇଥିଲେ । ଚାଷ କରିବା ପୂର୍ବରୁ ମାଟି ପରୀକ୍ଷା କରିନେବା କଥା ମଧ୍ୟ କହିଥିଲେ । ଏହି କାର୍ଯ୍ୟକ୍ରମରେ କେଗାଁ ମଣ୍ଡଳ ସଭାପତି ଜୟକୃଷ୍ଣ ସାହୁ ରଜତ କୁମାର ପୁଟେଲ, ଲିଙ୍ଗରାଜ ଭୋଇ,ଜୟନ୍ତ ସିଂ ସମେତ ଅଞ୍ଚଳର ଅନେକ ଚାଷୀ, ସିଆରପି, ଏସଏଚଜି ମହିଳାମାନେ ଉପସ୍ଥିତ ଥିଲେ ।

## ବିଦାୟକାଳୀନ ସମ୍ବର୍ଦ୍ଧନା ସଭା

ଜୁନାଗଡ଼, (ଭାସ୍କର ନ୍ୟୁଜ୍) : କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ଗୋଷ୍ଠି ଶିକ୍ଷା ଅଧୀନସ୍ଥ ଚାରବାହାଲ କ୍ଲଷ୍ଟର ଅନ୍ତର୍ଗତ ଘୁମେରଗୁଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଠାରେ ଅବସର ପ୍ରାପ୍ତ ଦୁଇ ଜଣ ଶିକ୍ଷକଙ୍କୁ ନେଇ ବିଦାୟ କାଳୀନ ସମ୍ବର୍ଦ୍ଧନା ସଭା ମହା ଆଡ଼ମ୍ବରରେ ଶନିବାର ପାଳିତ ହୋଇଛି। ପ୍ରଧାନ ଶିକ୍ଷକ ବିଭୁ ରଞ୍ଜନ ମାଝୀ ଘୁମେରଗୁଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ କାର୍ଯ୍ୟରତ ଥାଇ ଆଜି ଅବସର ନେଇଛନ୍ତି ଓ ପ୍ରମିଲ କୁମାର ମାଝୀ ରାଧାକୃଷ୍ଣ ମଧ୍ୟ ଇଂରାଜୀ ବିଦ୍ୟାଳୟରେ ସହ ଶିକ୍ଷକ ଗତ ମାର୍ଚ୍ଚ ମାସ ୩୦ ତାରିଖ ୨୦୨୫ ମସିହାରେ ଅବସର ନେଇଥିଲେ। ସଂପୃକ୍ତ ଅବସପ୍ରାପ୍ତ ଶିକ୍ଷକ ମାନଙ୍କୁ ନେଇ ପୂର୍ବତନ ଛାତ୍ର ମାନଙ୍କ ମଧ୍ୟରେ ଆଖିରେ ଲୁହ ଦେଖିବାକୁ ମିଳିଥିଲା। ଦୁଇ ଜଣ ଶିକ୍ଷକଙ୍କୁ ନେଇ ପୂର୍ବତନ ଛାତ୍ର ତଥା ଜୀପି ୟୁଥ୍ କ୍ଲବର କର୍ମକର୍ତ୍ତା ମାନେ ଏହି କାର୍ଯ୍ୟକ୍ରମ କରିଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ସଂପୃକ୍ତ ବିଦ୍ୟାଳୟର ପୂର୍ବତନ ଛାତ୍ର ତଥା ଅରେବେଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସହ ଶିକ୍ଷକ ଜଗନ୍ନାଥ ଦୂର୍ଗା ସଭା ପରିଚାଳନା କରିଥିବା ବେଳେ ମୂଖ୍ୟ ଅତିଥି ଭାବେ ପ୍ରଧାନ ଶିକ୍ଷକ ଭୂର୍ସିଗୁଡା ଉପେନ୍ଦ୍ର ସାହୁ ଯୋଗ ଦେଇଥିଲେ। ସମ୍ମାନୀତ ଅତିଥି ରୂପେ ସଂପୃକ୍ତ ବିଦ୍ୟାଳୟର ସହ ଶିକ୍ଷୀୟତ୍ରି ତୁଳସୀ ମଞ୍ଜରୀ ଖୁଣ୍ଟିଆ, ସହ ଶିକ୍ଷକ ରସାନନ୍ଦ ପଣ୍ଡା, ଧନେର ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସୁଧାଂଶୁ ଶେଖର ସାହୁ , ପ୍ରଧାନ ଶିକ୍ଷୟିତ୍ରୀ କୁମାରୀ ଅମିତା ସାହୁ, ଅବସରପ୍ରାପ୍ତ ଶିକ୍ଷକ ଚକ୍ରଧର ପାନ, ଶାଗର ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଦେବେନ୍ଦ୍ର ଶବର, ପ୍ରମୁଖ ମଞ୍ଚାସିନ ଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଯିପି ୟୁଥ୍ କମିଟି ସଭାପତି ଧର୍ମେନ୍ଦ୍ର ଦୂର୍ଗା ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମ ସହ ସମସ୍ତଙ୍କ ପାଇଁ ଖାଇବା ବ୍ୟବସ୍ଥା କରାଯାଇଥିଲା। ଜିପୀ ୟୁଥ୍ କମିଟିର ଏହିଭଳି କାର୍ଯ୍ୟକୁ ଶିକ୍ଷକ ମାନେ ଏକ ପ୍ରକାର ସମସ୍ତଙ୍କ ପାଇଁ ଉଦାହରଣ ଆଣିବ ବୋଲି ମନ୍ତବ୍ୟ ଦେଇଥିଲେ । ଏହି ବିଦାୟ କାଳୀନ ସମ୍ବର୍ଦ୍ଧନା ସଭା କାର୍ଯ୍ୟକ୍ରମରେ ଗ୍ରାମର ତଥା ଆଖ ପାଖ ଅଞ୍ଚଳରୁ ଅଭିଭାବକ ଓ ସମସ୍ତ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

## ଆଦ୍ୟା ଏଣ୍ଟରପ୍ରାଇଜେସ୍‌ର ପୁରସ୍କାର ବଣ୍ଟନ କାର୍ଯ୍ୟକ୍ରମ

# ସିଙ୍ଗାପୁରରେ ଆଇଟି ଚାକିରୀ ଛାଡ଼ି ବ୍ୟବସାୟ ବାଛିଛନ୍ତି ଇଂ ଆଶିଷ

ଭବାନୀପାଟଣା, (ଭାସ୍କର ନ୍ୟୁଜ୍) : ନିଜର ପ୍ରିୟ ଗ୍ରାହକମାନଙ୍କୁ ଅଧିକରୁ ଅଧିକ ଆକର୍ଷିତ କରିବା ପାଇଁ ବିଭିନ୍ନ ବ୍ୟବସାୟିକ ପ୍ରତିଷ୍ଠାନ ପକ୍ଷରୁ ଆକର୍ଷଣୀୟ ପୁରସ୍କାର, ରିହାତି ଓ ବିଦେଶ ଭ୍ରମଣ ଭଳି ବହୁ ବ୍ୟବସ୍ଥା ରହିଥାଏ। ଏହାକୁ ଆଖି ଆଗରେ ରଖି ଗ୍ରାହକମାନେ ମଧ୍ୟ ପ୍ରଲୋଭିତ ହୋଇ ବିଭିନ୍ନ ଜିନିଷପତ୍ର କିଣା କିଣି କରିଥାଆନ୍ତି। ଭବାନୀପାଟଣା ସହରର ଯୁବ ଉଦ୍ୟୋଗୀ ଆଶିଷ ଗୁପ୍ତା ସଂପ୍ରତି ସ୍ଥାନୀୟ ବାହାଦୂର ବଗିଚାପଡ଼ା ମୁଖ୍ୟ ରାସ୍ତାରେ ଆଦ୍ୟା ଇଣ୍ଟରପ୍ରାଇସର୍ସ ନାମକ ଏକ ବ୍ୟବସାୟ ପ୍ରତିଷ୍ଠାନ ଖୋଲି ଗ୍ରାହକ ମାନଙ୍କୁ ବିଭିନ୍ନ ଗୃହୋପଯୋଗୀ ଜିନିଷ ସୁଲଭ ମୂଲ୍ୟରେ ଯୋଗାଇ ଦେବା ସହ ଏକ ଲଟେରୀ କୁପନ ମଧ୍ୟ ଦେଉଛନ୍ତି। ଏଥି ସହିତ ପ୍ରତି ମାସ ଶେଷରେ ଏଥିପାଇଁ ଏକ ଲକି ଡ୍ର ବ୍ୟବସ୍ଥା କରାଯାଇଛି। ଗତ ମାସ ୩୧ ତାରିଖ ଶନିବାର ଦିନ ଲକି ଡ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଯୁବ ଉଦ୍ୟୋଗୀ ଆଶିଷ ଗୁପ୍ତାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଶିକ୍ଷକ ନେତା ପ୍ରଦୀପ କୁମାର ସାହୁ, ପ୍ରଧାନ ଶିକ୍ଷକ ପ୍ରକାଶ ନିଶଙ୍କ, ପ୍ରଧାନ ଶିକ୍ଷକ ବିଜୟାନନ୍ଦ ହୋତା, ସାମ୍ବାଦିକ ଲଳିତ କାନୁନଗୋ ଓ ଚକ୍ଷୁ ବିଶେଷଜ୍ଞ ଡାକ୍ତର ସତ୍ୟ ପ୍ରକାଶ ପ୍ରମୁଖ ଉପସ୍ଥିତ ରହି ଲକି ଡ୍ର ବିଜେତା ମାନଙ୍କୁ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମରେ ବହୁ ନିମନ୍ତ୍ରିତ ଅତିଥି ଓ ଗ୍ରାହକ ଉପସ୍ଥିତ ଥିଲେ। ଏଠାରେ ପ୍ରକାଶ ଯୋଗ୍ୟ ଯେ ଆଦ୍ୟା




ଏଣ୍ଟରପ୍ରାଇଜେସ୍‌ର ଯୁବ ଉଦ୍ୟୋଗୀ ଆଶିଷ ଗୁପ୍ତା ଜଣେ ଇଞ୍ଜିନିୟର ଭାବେ ସିଙ୍ଗାପୁର ଠାରେ କାର୍ଯ୍ୟରତ ଥିଲେ ମଧ୍ୟ ବ୍ୟକ୍ତିଗତ ଭାବେ ବ୍ୟବସାୟ କରିବା ପାଇଁ ନିଜ ଜନ୍ମମାଟିର ମୋହରେ କଳାହାଣ୍ଡି ଫେରି ଆସିଥିଲେ। ଜଣେ ଦକ୍ଷ ବିଜ୍ଞାନ ଛାତ୍ର ରୂପେ ସେ ସ୍ଥାନୀୟ ପୋଲିସ ହାଇସ୍କୁଲର ଛାତ୍ର ଥାଇ ଉନ୍ନତମାନର ପ୍ରକଳ୍ପ ପ୍ରସ୍ତୁତ କରି ଜାତୀୟ ସ୍ତରରେ ସମ୍ମାନିତ ହୋଇଥିଲେ। ଯୁବ ଉଦ୍ୟୋଗୀ ଆଶିଷ ଗୁପ୍ତାଙ୍କ ଧର୍ମପତ୍ନୀ ଦିପାଳୀ ଗୁପ୍ତା ମଧ୍ୟ ସିଙ୍ଗାପୁରରେ ଜଣେ ବରିଷ୍ଠ ଶିକ୍ଷୟିତ୍ରୀ ଥିଲେ। ଏବେ କିନ୍ତୁ ସେ ମଧ୍ୟ ଚାକିରି ଛାଡ଼ି ଆଶିଷଙ୍କୁ ବ୍ୟବସାୟରେ ସହଯୋଗ କରୁଛନ୍ତି।

## ବାଆଦି ଠାକୁରଙ୍କ ତେଲ ହଳଦି ଯାତ୍ରା

# ଭଲ ବର୍ଷା ହେବା ରହିଛି ବିଶ୍ୱାସ



କୋକସରା, (ଭାସ୍କର ନ୍ୟୁଜ୍) : କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ସର୍ଗିଗୁଡାଠାରେ ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ରବିବାର ବାଆଦି ଠାକୁରଙ୍କ ବାର୍ଷିକ ତେଲ ହଳଦି ଯାତ୍ରା ପାରମ୍ପାରିକ ରିତିନୀତି ଅନୁସାରେ ପାଳିତ ହୋଇଛି। ଆଦିବାସୀ ବହୁଳ ଅଞ୍ଚଳ ହୋଇଥିବାରୁ ଏଠାରେ ଦେବା ଦେବୀଙ୍କ ସ୍ଥାନ ସ୍ୱତନ୍ତ୍ର ରହିଥିବାବେଳେ ପୁରୁଷ ପୁରୁଷ ଧରି ଏହି ଯାତ୍ରାକୁ ଅଞ୍ଚଳବାସୀ ବିଭିନ୍ନ ଅଭାବ ଅନାଟନରେ ମଧ୍ୟ ବଜାୟ ରଖିଛନ୍ତି। ଅଞ୍ଚଳର ବରିଷ୍ଠ ବ୍ୟକ୍ତି ମାନଙ୍କ କହିବା ଅନୁସାରେ ପୂର୍ବରୁ ବୈଶାଖ ମାସ ତୃତୀୟା ଆରମ୍ଭ ଠାରୁ ୧୨ଟି ରବିବାର ଗଲାପରେ ଏହି ତେଲ ହଳଦି ଯାତ୍ରା ସମ୍ପନ କରାଯାଉଥିଲା। କାଳକ୍ରମେ ଏହା ବୈଶାଖ ମାସ ତୃତୀୟା ଠାରୁ ସପ୍ତମ ରବିବାରରେ ଏହି ତେଲ ହଳଦି ଯାତ୍ରା ସମ୍ପନ କରାଯାଉଛି। ଏଠାରେ ବାଆଦି ଠାକୁର ମୂଖ୍ୟ ଦେବାତା ଭାବେ ପୂଜା ପାଉଥିବାବେଳେ ଠାକୁରାଣୀ, ମାଟି ଦେବତା ଓ ବାରଭାଇ ଡିମସ୍ୱେନଙ୍କୁ ପଜାର୍ଚ୍ଚନା କରାଯାଇଥାଏ। ଏହି ଯାତ୍ରା ପାଳନ କଲେ ଚାଷ କାର୍ଯ୍ୟ ଆରମ୍ଭ କରିବା ପୂର୍ବରୁ ଭଲ ବର୍ଷା ହେବା ସହିତ ଆଗାମୀ ଋତୁରେ ଭଲ ଚାଷ ଓ ଅଞ୍ଚଳର ସମସ୍ତେ ସୁଖ ଶାନ୍ତିରେ ରହିବେ ବୋଲି ବିଶ୍ୱାସ ରହିଛି। ପ୍ରତି ବର୍ଷ ଏହି ତେଲ ହଳଦି ଯାତ୍ରାଟି ମହା ସମାରୋହରେ ପାଳିତ ହୋଉଥିବାବେଳେ ଚଳିତ ବର୍ଷ ମଧ ରୀତିନୀତି ଅନୁସାରେ ପାଳିତ ହୋଇଛି। ତେଲ ହଳଦି ବିଧି ସମାପନ ହେବାପାରେ ଡାଲ ବୋହଲେନ କରାଯାଇଥିଲା। ଏହି ସମୟରେ ଖୁସି ମାନରେ ଅଞ୍ଚଳବାସୀ ଉତ୍ସବ ମନାଇ ନାଚି ଉଠିଥିଲେ। ଏହି ଯାତ୍ରାରେ କୋକସରା ବ୍ଲକ ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲ ସାମିଲ ହୋଇ ବାଆଦୀ ଠାକୁରଙ୍କଠାରେ ଅଞ୍ଚଳବାସୀଙ୍କ ମଙ୍ଗଳ କାମନା କରି ପୂଜାର୍ଚ୍ଚନା କରିଥିଲେ। ଏଥିସହ ମନ୍ଦିର ନିକଟରୁ ଯିବା ପାଇଁ ଭଲ ରାସ୍ତା ନଥିବାରୁ ଆଗାମୀ ଦିନରେ ରାସ୍ତା ନିର୍ମାଣ ଦିଗରେ ଦୃଷ୍ଟି ଦେବାକୁ ପ୍ରତିଶୃତି ଦେଇଛନ୍ତି। ପୁଜକ ଦେବ ପୁଝାରୀ, ପାରେଶ୍ୱର ପୁଝାରୀ, ପିତାମ୍ବର ପୁଝାରୀ ପୂଜାକାର୍ଯ୍ୟ ସମ୍ପାଦନ କରିଥିଲେ। କମିଟି ସଭାପତି ଧନବଳ ମାଝୀ, ଭୁଦେବ ବାଣୁଆ, ଉଦ୍ଧବ ନାଏକ, ଋଷି ମାଝୀ, ଲଳିତ ନାଏକ, ସହଦେବ ମାଝୀ, ଡମ୍ବରୁଧର ଧଙ୍ଗଡାମାଝୀ, ଗଙ୍ଗାଧର ମାଝୀ, ହିରଣ୍ୟ ମାଝୀ, ଧର୍ମାନନ୍ଦ ନାଏକ, ଯୁଗେଶ୍ୱର ରାଉତ, ମର୍ଦ ପୁଝାରୀ, ସୋନୁ ଗୁରୁମେ, ନକୁଳ ମାଝୀ, ନିରନ ଦିଶାରୀ, ରାମକୃଷ୍ଣ ମାଝୀ, ଭୁଜବଳ ବାଗ, ତ୍ରିଲୋଚନ ବେଶ୍ରା, ପରିକ୍ଷିତ ବେଶ୍ରା, ଯୁଗଲ ନାଏକ, ମଧ ବେଶ୍ରା, ଚନ୍ଦ୍ରମଣି ବେଶ୍ରା, ସେବକ ଟେବା ରାଉତ ସମେତ ସର୍ଗିଗୁଡା ଗ୍ରାମବାସୀ ବିଭିନ୍ନ କାର୍ଯ୍ୟରେ ସହେଯାଗ କରିଥିଲେ।


# ଶିବ ବିବାହ ଉତ୍ସବ ପାଳିତ




ଧର୍ମଗଡ଼, (ଭାସ୍କର ନ୍ୟୁଜ): କଳାହାଣ୍ଡି ଜିଲ୍ଲା ପଣ୍ଡରାମାଳି ସମାଜ ପକ୍ଷରୁ ଧର୍ମଗଡ ସ୍ଥିତ ବିଜୁକଲ୍ୟାଣ ମଣ୍ଡପ ଠାରେ ଶୀତଳଷଷ୍ଠୀ ବା ଶିବ ବିବାହ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଧର୍ମଗଡ ପାରଦେଶ୍ୱର ମନ୍ଦିରରୁ ବରଯାତ୍ରୀ ବାହାରି ବିଜୁ କଲ୍ୟାଣ ମଣ୍ଡପକୁ ଆସିଥିଲା ଓ ବିଜୁ କଲ୍ୟାଣ ମଣ୍ଡପରେ ଦେବ ଦେବ ମହାଦେବ ଓ ଦେବୀ ପାର୍ବତୀଙ୍କ ଯଥା ରୀତି ନୀତି ଅନୁସାରେ ବିବାହ ଅନୁଷ୍ଠିତ ହୋଇଥିଲା। ଟିପିଗୁଡା ଗ୍ରାମର ଡମ୍ବରୁ ନାଏକ ଓ ତାଙ୍କ ସ୍ତ୍ରୀ ପଙ୍କଜିନି ନାଏକ ବର କର୍ତ୍ତା ହୋଇଥିବା ବେଳେ ଧର୍ମଗଡ଼ ବସ୍ତିପଡ଼ାର ରାଜେନ୍ଦ୍ର ଭୋଇ ଓ ତାଙ୍କ ସ୍ତ୍ରୀ ଅଞ୍ଜଳି ଭୋଇ କନ୍ୟା କର୍ତ୍ତା ହୋଇଥିଲେ। କଳାହାଣ୍ଡି, ନୂଆପଡା ଓ ପଡ଼ୋଶୀ ନବରଙ୍ଗପୁର ଜିଲ୍ଲା ଅଞ୍ଚଳରେ ରହୁଥିବା ୩୬ବର୍ଗର ମାଳିଙ୍କୁ ନେଇ ପଣ୍ଡରାମାଳି ସମାଜ ଗଠନ ହୋଇଥିବା ବେଳେ ପ୍ରଥମଥର ଶିବ ବିବାହ କରାଯାଇଛି। ବାଜା, ବାଣ ସହ ଭଜନ କୀର୍ତ୍ତନରେ ପୁରା ପରିବେଶ ପ୍ରକମ୍ପିତ ହୋଇ ଉଠିଥିବା ବେଳେ ଉପେନ୍ଦ୍ର କୁମାର ପଣ୍ଡା ଦ୍ୱାରା ବୈଦିକ ରୀତିରେ ବିବାହ କାର୍ଯ୍ୟ କରାଯାଇଥିଲା। ଏହି ଅବସରରେ ସ୍ଥାନୀୟ ବିଜୁ କଲ୍ୟାଣ ମଣ୍ଡପ ଠାରେ ଏକ ସମ୍ବର୍ଦ୍ଧନା ସଭା ମଧ ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ମୁଖ୍ୟ ଅତିଥି ଭାବରେ ସମାଜସେବୀ ଭଜମନ ବୋଡ଼େକ, ସମ୍ମାନିତ ଅତିଥି ଭାବରେ କୁଳପତି ପ୍ରକାଶଚନ୍ଦ୍ର ନାଏକ, ସଭାପତି ଈଶ୍ୱରଚନ୍ଦ୍ର ପୂଜାରୀ, ପଣ୍ଡରାମାଳି ଯୁବ ବାହିନୀ ସଭାପତି ଦୁର୍ଗା ପ୍ରସାଦ ନାଏକ, ଯୁବ ବାହିନୀ ସଭାପତି ଭବାନୀ ଶଙ୍କର ବଣିଆ, ସମ୍ପାଦକ ରତନ ନାଏକ, ଲୋକେଶ୍ୱର ପାରି, ରଞ୍ଜନ ନାଏକ, ଖୁସିରାମ ଟୋଲଟିଆ, ଜୁନାଗଡ଼ ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧ୍ୟକ୍ଷା ହିମାଦ୍ରୀ ନାଏକ, ଆଇନଜୀବୀ କଲ୍ୟାଣୀ ନାଏକ, ମିନତୀ ପୁଝାରି, ଲୋଚନ ନାଏକ, କୁନ୍ତବଟ ନାଏକ, ଭଜମନ ନାଏକ ପ୍ରମୁଖ ଯୋଗ ଦେଇଥିଲେ। ଚଳିତବର୍ଷ ଓଡ଼ିଶା ମାଧ୍ୟମିକ ଓ ସିବିଏସି ଦଶମ ଦ୍ୱାଦଶ ଓ ସ୍ନାତକରେ କୃତିତ୍ୱ ଅର୍ଜନ କରିଥିବା ୩୩ଜଣ ଛାତ୍ରଛାତ୍ରୀଙ୍କୁ ଗଣପତି ମେମୋରିଆଲ ଓ ସମତା ଚୌହାନ ମେମୋରିଆଲ ଜରିଆରେ ତିନି ଡାକ୍ତରୀ ଛାତ୍ର ଲିପସୁ ରଞ୍ଜନ ବୋଡେକ, ବିଜୟ ନାଏକ, ଭୋଲେଶ୍ୱର ନାଏକଙ୍କୁ ମାନପତ୍ର ଓ ଔପଢକନ ଶହ ନଗଦ ଦଶ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରାନ୍ତରୁ ମାଳି ସମାଜର କର୍ମକର୍ତ୍ତା ଓ ଶତାଧିକ ମହିଳା ସାମିଲ ହୋଇଥିଲେ ।

## ରାଶିଫଳ

ମଙ୍ଗଳବାର, ୦୩ ଜୁନ୍ ୨୦୨୫



**ମେଷ:** ଆଜି କୈଣସି ପ୍ରକାରର ନୂତନ କାର୍ଯ୍ୟ ଆରମ୍ଭ କରନ୍ତୁ ନାହିଁ। ଆପଣଙ୍କ ସ୍ୱାସ୍ଥ୍ୟ ଖରାପ ହୋଇପାରେ। ଖାଦ୍ୟ ଏବଂ ପାନୀୟରେ ବିଶେଷ ଯତ୍ନ ନେବା ଲାଭଦାୟକ ଅଟେ। ଆପଣ ଶାରୀରିକ ଥକ୍କା ଏବଂ ମାନସିକ ବିଭ୍ରାଟ ଅନୁଭବ କରିବେ। ଅଫିସରେ କାର୍ଯ୍ୟଭାର ହେତୁ ଆପଣ ଅଧିକ ଥକ୍କା ଅନୁଭବ କରିବେ।




**ବୃଷ:** ଆଜି ଆପଣ ଅସୁସ୍ଥତା ଏବଂ ଚିନ୍ତା ଅନୁଭବ କରିବେ। ଶରୀରରେ ଥକାପଣ ଏବଂ ଅଳସୁଆତା ଏବଂ ମନରେ ବ୍ୟାକୁଳତା ଅନୁଭବ ହେବ। ଆଜି ଆପଣ ଟିକେ କ୍ରୋଧିତ ହେବେ ଯାହା ହେତୁ ଜିନିଷ ନଷ୍ଟ ହୋଇପାରେ। ଅଭ୍ୟାସରେ ନ୍ୟାୟ ଆଣିବାକୁ ଚେଷ୍ଟା କରନ୍ତୁ।



**ମିଥୁନ:** ଘରେ ଶାନ୍ତି ଏବଂ ଆନନ୍ଦର ପରିବେଶ ରହିବ ଏବଂ ଏକ ସୁଖଦ ସମ୍ପର୍କ ଗଢି ଉଠିବ। ଆପଣ ଯାହା ବି କରନ୍ତି ସେଥିରେ ଆପଣ ଖ୍ୟାତି ଅର୍ଜନ କରିବେ। ପରିବାର ସଦସ୍ୟଙ୍କ ସହିତ ଘରେ ସମୟ ବିତାଇବେ। ଚାକିରିରେ ଲୋକଙ୍କୁ ଉପକୃତ କରିବେ।



**କର୍କଟ:** ଆଜି ଆପଣଙ୍କର ଦିନ ଆନନ୍ଦ ଏବଂ ଭୋଗରେ ଅତିବାହିତ ହେବ। ବିପରୀତ ଲିଙ୍ଗର ଲୋକଙ୍କୁ ଭେଟିବେ। ବନ୍ଧୁ ଏବଂ ପ୍ରିୟଜନଙ୍କ ସହିତ ଏକ ଉପଭୋଗ୍ୟ ରହଣି ହୋଇପାରେ। ଯାନ ଆନନ୍ଦ ପାଇବେ। ନୂତନ ପୋଷାକ କିଣିଲେ ଏବଂ ଏହାକୁ ପିନ୍ଧିବାର ସୁଯୋଗ ପାଇବେ।



**ସିଂହ:** ଆପଣଙ୍କ ଦିନ ଶୁଭ ହେବ। ଭାଇମାନଙ୍କ ସହିତ ଭଲ ସମ୍ପର୍କ ରହିବ ଏବଂ ଘର ସେମାନଙ୍କ ସହିତ ପ୍ରଶ୍ନ ଉପରେ ଆଲୋଚନା କରିବେ। ଏକ ଛୋଟ ଧାର୍ମିକ ସ୍ଥାନ ପରିଦର୍ଶନ କରିବା ଏକ ସଫଳ କାର୍ଯ୍ୟକ୍ରମ ହେବ। ଧନ ଲାଭର ସମ୍ଭାବନା। ବିଦେଶରୁ ଭଲ ଖବର ଆସିବ। ବ୍ୟବହାରିକ ପ୍ରସଙ୍ଗ ହେତୁ ଯାତ୍ରା କରିପାରିବ।



**କନ୍ୟା:** ଆଜି ଆପଣ ଅଧିକ କଳ୍ପନାକାରୀ ହେବେ। ସାହିତ୍ୟର ସୃଷ୍ଟି କବିତା ସୃଷ୍ଟିର ପ୍ରେରଣା ହେବ। ପ୍ରିୟଙ୍କ ସହିତ ସାକ୍ଷାତ ଶୁଭ ହେବ, ଫଳସ୍ୱରୂପ ଦିନସାରା ମନ ଖୁସି ରହିବ । ଆପଣ ପିଲାମାନଙ୍କର ଅଗ୍ରଗତି ବିଷୟରେ ଖବର ପାଇବେ। ଛାତ୍ରମାନେ ଅଭ୍ୟାସ କରିବା ପାଇଁ ଏହା ଏକ ଭଲ ସମୟ।



**ତୁଳା:** ଆଜି ଆପଣଙ୍କ ପାଇଁ ଭଲ ଦିନ ନୁହେଁ। ଶାରୀରିକ ଏବଂ ମାନସିକ ସ୍ୱାସ୍ଥ୍ୟ ଭଲ ହେବ ନାହିଁ। ଅନେକ ସମସ୍ୟା ହେତୁ ମନ ବିବ୍ରତ ରହିବ। ଶକ୍ତିର ଅଭାବ ରହିବ। ସମ୍ପର୍କୀୟମାନଙ୍କ ସହିତ ମତଭେଦ ହେବ। ମାଆର ସ୍ୱାସ୍ଥ୍ୟ ବିଷୟରେ ଚିନ୍ତା କରିବେ।




**ବିଛା:** ଆଜି ସାଧାରଣ ଲାଭର ଦିନ। ଅଯଥା ଖର୍ଚ୍ଚ ବନ୍ଦ କରିବାକୁ ପଡିବ। ବିଶେଷ ଧ୍ୟାନ ଦିଅନ୍ତୁ ଯେ ପରିବାରରେ ଝଗଡ଼ା ନହୁଏ। ପରିବାରର ସଦସ୍ୟଙ୍କ ମଧ୍ୟରେ ଥିବା ଭୁଲ ବୁଝାମଣାକୁ ଦୂରେଇ ରଖନ୍ତୁ। ଶାରୀରିକ ସମସ୍ୟା ମନରେ ଚିନ୍ତା ଆଣିବ। ଏକ ନକାରାତ୍ମକ ମାନସିକତା ରଖନ୍ତୁ ନାହିଁ । ଅନୈତିକ ପ୍ରବୃତ୍ତିଠାରୁ ଦୂରରେ ରୁହନ୍ତୁ । ଛାତ୍ରମାନଙ୍କ ଶିକ୍ଷଣରେ ବାଧା ଉପୁଜିବ।



**ଧନୁ:** ଆଜି ଆପଣ ସତର୍କ ରହିବାକୁ ସୂଚନା ଆସିଛି। ଆଜି, ବ୍ୟବସାୟିକ କାର୍ଯ୍ୟରେ ସହଯୋଗୀ ହସ୍ତକ୍ଷେପ ବୃଦ୍ଧି ପାଇବ। ଖର୍ଚ୍ଚ ସାଧାରଣ ଅପେକ୍ଷା ଅଧିକ ହେବ। ଧାର୍ମିକ, ସାମାଜିକ କାର୍ଯ୍ୟରେ ଯୋଗଦାନ ବୃଦ୍ଧି ପାଇବ ଏବଂ ଖର୍ଚ୍ଚ ମଧ୍ୟ ହୋଇପାରେ। ସ୍ୱାସ୍ଥ୍ୟ ବିଷୟରେ ଚିନ୍ତା ହେବ। ପୁଅ ଏବଂ ସମ୍ପର୍କୀୟଙ୍କ ମଧ୍ୟରେ ପାର୍ଥକ୍ୟ ହୋଇପାରେ।




**ମକର:** ଆପଣ ଶାରୀରିକ ଏବଂ ମାନସିକ ସ୍ୱାସ୍ଥ୍ୟର ଯତ୍ନ ନିଅନ୍ତୁ। ଆଜି ଆପଣ ନିର୍ଦ୍ଦିଷ୍ଟ କାର୍ଯ୍ୟ କରିବାକୁ ସକ୍ଷମ ହେବେ। ଆର୍ଥିକ ଲାଭ ହାସଲ ହେବ। ସ୍ଥାନାନ୍ତରଣର ସମ୍ଭାବନା, ବିଶେଷକରି ଧାର୍ମିକ ଯାତ୍ରା ସମ୍ଭାବନା ଅଛି। ସମ୍ପର୍କୀୟଙ୍କ ଘରେ ଏକ ମଙ୍ଗଳ ପ୍ରସଙ୍ଗରେ ଉପସ୍ଥିତ ହେବାର ଏକ ସୁଯୋଗ ଥାଇପାରେ। ଆପଣ ବିବାହିତ ଜୀବନର ସୁଖ ଏବଂ ଆନନ୍ଦ ପାଇବେ।



**କୁମ୍ଭ:** ଆଜି ଆପଣଙ୍କ ଦିନ ବହୁତ ଶୁଭ ହେବ। ଆପଣ ସଫଳତା ଏବଂ ଉଚ୍ଚ ପଦାଧିକାରୀଙ୍କ ଇଚ୍ଛା ହେତୁ ଆଜି ଆପଣଙ୍କ ପାଇଁ ଖୁସିର ଦିନ ହେବ। ବ୍ୟବସାୟୀମାନେ ବ୍ୟବସାୟରେ ଅଭିବୃଦ୍ଧି ଏବଂ ସଫଳତା ପାଇବେ। ପିତା ଏବଂ ବରିଷ୍ଠମାନେ ଉପକୃତ ହେବେ। ଲକ୍ଷ୍ମୀଦେବୀଙ୍କ ଆଶୀର୍ବାଦ ରହିବ। ପରିବାରରେ ଖୁସିର ପରିବେଶ ରହିବ।



**ମୀନ:** ଆପଣ ନୂତନ କାର୍ଯ୍ୟ ଆୟୋଜନ ଆରମ୍ଭ କରିବା ପାଇଁ ଆଜି ଶୁଭ ଦିନ। ଚାକିରୀ ଏବଂ ବ୍ୟବସାୟରେ ଲାଭ ହେବାର ସମ୍ଭାବନା ଅଛି। ଆପଣ ମହିଳା ସାଙ୍ଗମାନଙ୍କଠାରୁ କାମ ପାଇପାରିବେ। ଲକ୍ଷ୍ମୀ ଦେବୀଙ୍କ ଆଶୀର୍ବାଦ ଆଜି ଆପଣଙ୍କ ଉପରେ ଅଛି। ସାମାଜିକ କ୍ଷେତ୍ରରେ ଆପଣଙ୍କର ଖ୍ୟାତି ବୃଦ୍ଧି ପାଇବ। ପତ୍ନୀ ଏବଂ ପୁଅଙ୍କଠାରୁ ଆନନ୍ଦଙ୍କ ଖବର ଆସିବ।



ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯